ସୁବର୍ଣ୍ଣ ଜୟନ୍ତୀ ପ୍ରକାଶନ ମାଳା

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା

ଡକ୍‌ଟର ସତ୍ୟପ୍ରସାଦ ଦାସ

BVP-712
(ଘ) - 417 -
831

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା

ଡକ୍ଟର ସତ୍ୟପ୍ରସାଦ ଦାସ

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା
ଲେଖକ : **ଡକ୍ଟର ସତ୍ୟପ୍ରସାଦ ଦାସ**
ପ୍ରକାଶକ : **ଓଡ଼ିଶା ସାହିତ୍ୟ ଏକାଡେମୀ,**
ସଂସ୍କୃତି ଭବନ, ଭୁବନେଶ୍ୱର- ୭୫୧୦୧୪
ପ୍ରଥମ ପ୍ରକାଶ : ୧୯୮୮
ଦ୍ୱିତୀୟ ପ୍ରକାଶ : ୨୦୦୮
ମୁଦ୍ରଣ : **ଏଥେନା ବୁକ୍ସ୍,** ଭୁବନେଶ୍ୱର-୨
ମୂଲ୍ୟ : ଟ.୯୦.୦୦ (ନବେ ଟଙ୍କା ମାତ୍ର)

DAKHINA ODISARA KATHITA ODIA BHASA
Written by : **Dr. Satyaprasad Das**
Published by :
Odisha Sahitya Akademi
Sanskruti Bhawan, Bhubaneswar- 751014
First Edition : 1988
2nd Edition : 2008
Printed at : **Athena Books,** Bhubaneswar-2
Price : Rs. 90.00 (Rupees Ninty Only)

ISBN : 81-7586-174-6

ଦ୍ୱିତୀୟ ସଂସ୍କରଣ ସଂପର୍କରେ

ଲୋକମାନଙ୍କ ମୁଖରେ ପୁରୁଷ ପୁରୁଷ ଧରି ଭାଷା ବଂଚିରହେ । ଲୋକ ତୁଣ୍ଡର ଭାଷା ବାସ୍ତବରେ ତା ହୃଦୟର ଭାବକୁ ଅତି ସହଜରେ ପ୍ରକାଶ କରୁଥିବାରୁ ଭାଷାର ଚଳ ପ୍ରଚଳର ସର୍ବୋତ୍କୃଷ୍ଟ ମାଧ୍ୟମ ହେଉଛି ଲୋକତୁଣ୍ଡ । ସମୟର ସ୍ରୋତରେ ଏବଂ ସଂସ୍କୃତି କଡଲେଉଟାଇବା ବେଳେ ଧୀରେ ଧୀରେ ଅନେକ ଶବ୍ଦ ଭାଷା ଭଣ୍ଡାରରୁ ଅପସରି ଯାଇଥାଏ ଏବଂ କିଛି ନୂତନ ଶବ୍ଦ ସଂଯୋଗ ହୋଇଥାଏ । ଅପସରି ଯାଇଥିବା ଶବ୍ଦଗୁଡ଼ିକ ଭାଷାର ଅମୂଲ୍ୟ ସଂପଦ । ଇତଃସ୍ତତଃ ନିକ୍ଷିପ୍ତ ହୋଇପଡ଼ିଥିବା ସେହି ସଂପଦ ଗୁଡ଼ିକୁ ସାଉଁଟି ଆଣି ଗୋଟିଏ ଭଣ୍ଡାରରେ ସଂରକ୍ଷଣ କଲେ ତାହା ହେବ ବାଣୀଭଣ୍ଡାରର ଚିର ମୋହିତ ଶାଶ୍ୱତ ସଂପଦ, ଯାହା ସଂପୃକ୍ତ ଭାଷାକୁ ଋଦ୍ଧିମନ୍ତ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ । ଓଡ଼ିଶାର ଦକ୍ଷିଣ ଅଞ୍ଚଳରେ ଲୋକମାନଙ୍କ ମୁଖରେ ବ୍ୟବହୃତ ହୋଇଆସୁଥିବା ଓଡ଼ିଆ ଭାଷା ଆମ ଭାଷାର ପ୍ରମୁଖ ବୈଭବ ଭାବରେ ବହୁକାଳରୁ ସ୍ୱୀକୃତି ଲାଭ କରିଛି । ଓଡ଼ିଶାର ଭାଷା ସଂପର୍କରେ ଅନେକ ପୁସ୍ତକ ଏକାଡେମୀରେ ଏବଂ ଅନ୍ୟାନ୍ୟ ପୁସ୍ତକ ପ୍ରକାଶକମାନଙ୍କ ନିକଟରେ ସହଜରେ ଉପଲବ୍ଧ ହେଉଅଛି । ତଥାପି ଆମ ଭାଷାର ଉତ୍ପତ୍ତି ଓ କ୍ରମବିକାଶର ସଂବଧରେ ଅଧିକରୁ ଅଧିକ ଗବେଷଣା ସାପେକ୍ଷ । ଏକାଡେମୀରେ ଏଥିପାଇଁ ମଧ୍ୟ ଅତୀତରେ ଅନେକବାର ଉଦ୍ୟମ କରାଯାଇଛି । ବିଶେଷ କରି ଆମ ରାଜ୍ୟର ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳରେ ବ୍ୟବହୃତ ହେଉଥିବା କଥିତ ଓଡ଼ିଆ ଭାଷାର ସ୍ୱରୂପ ଓ ବିଶେଷତ୍ୱ ଉପରେ ଗବେଷଣା କରି ଏକ ଏକ ସଂନ୍ଦର୍ଭ ପ୍ରସ୍ତୁତ କରିବାକୁ ଦୁଇଜଣ ଗବେଷକଙ୍କୁ ଏକାଡେମୀ ପକ୍ଷରୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଓଡ଼ିଶାର ଦକ୍ଷିଣ ଅଞ୍ଚଳର ଭାଷା ଉପରେ ସର୍ବେକ୍ଷଣ କରିବାକୁ ଡକ୍ଟର ସତ୍ୟ ପ୍ରକାଶ ଦାସ ସମ୍ମତ ହୋଇ ଏ ଦିଗରେ କାର୍ଯ୍ୟ କରିଥିଲେ । ଏଥିପାଇଁ ଡକ୍ଟର ଦାସ ବହୁ ପରିଶ୍ରମ କରି ଓଡ଼ିଶାର ଦକ୍ଷିଣାଞ୍ଚଳକୁ ତନ୍ନ ତନ୍ନ ଗସ୍ତ କରି ଏବଂ ପୁରୁଖା ଲୋକମାନଙ୍କୁ ଭେଟି ଭାଷାର ଉତ୍ପତ୍ତି ଓ ପ୍ରସାର ସଂପର୍କରେ ଗବେଷଣା କରି ଅଧିକରୁ

ଅଧିକ ତଥ୍ୟ ସଂଗ୍ରହ କରିଥିଲେ । ତାଙ୍କ ଗବେଷଣା ପ୍ରସୂତ ସନ୍ଦର୍ଭ "ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା" ଶୀର୍ଷକରେ ଏକାଡେମୀ ପକ୍ଷରୁ ୧୯୮୮ ମସିହାରେ ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା । ଓଡ଼ିଆ ଭାଷା ଉପରେ ଏକ ଅନନ୍ୟ ପୁସ୍ତକ ଭାବରେ ଏହି ଗ୍ରନ୍ଥଟି ପାଠକ ମହଲରେ ବିଶେଷ ଭାବରେ ଆଦୃତ ଲାଭ କରିଛି । ପୁସ୍ତକଟିର ପ୍ରଥମ ସଂସ୍କରଣ ଇତିମଧ୍ୟରେ ସଂପୂର୍ଣ୍ଣ ହୋଇଯାଇଥିବାରୁ ଏବଂ ପାଠକୀୟ ଚାହିଦା ଦୃଷ୍ଟିରୁ ଏହାର ଦ୍ୱିତୀୟ ମୁଦ୍ରଣ ଏକାଡେମୀ ପକ୍ଷରୁ କରାଯାଉଅଛି ।

ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠାର ପଚାଶବର୍ଷ ପୂର୍ତ୍ତୀ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବକାଶରେ ଓଡ଼ିଆ ଭାଷା ସଂପର୍କରେ ଏହି ଆଲୋଚନା ପୁସ୍ତକ ପ୍ରକାଶ ପାଉଥିବା ଅତି ଆନନ୍ଦର ବିଷୟ । ଉକ୍ତ ପୁସ୍ତକଟି ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ ସଂପର୍କରେ ଏକ ଉଲ୍ଲେଖନୀୟ ପୁସ୍ତକ ଭାବରେ ଓଡ଼ିଆ ସାହିତ୍ୟରେ ରୁଚି ରଖିଥିବା ପାଠକ ପାଠିକାମାନଙ୍କୁ ଅନୁପ୍ରାଣିତ କରିବ ଏଥିରେ ସନ୍ଦେହ ନାହିଁ । ଏହି ଗ୍ରନ୍ଥଟି ପୂର୍ବଭଳି ପାଠକୀୟ ଆଦୃତି ଲାଭ କଲେ ଏକାଡେମୀର ଶ୍ରମ ସାର୍ଥକ ହେବ ବୋଲି ଆଶା କରୁଛି ।

ଡକ୍ଟର ହରପ୍ରସାଦ ପରିଛା ପଟ୍ଟନାୟକ
ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର
ତା ୨୪. ୧୨. ୨୦୦୮

ଅଗ୍ରଲେଖ

ଓଡ଼ିଶାର ଦକ୍ଷିଣାଞ୍ଚଳ ମୁଖ୍ୟତଃ ଗଞ୍ଜାମ ଓ କୋରାପୁଟ ଜିଲ୍ଲାକୁ ନେଇ ଗଠିତ । ସେହି ଅଞ୍ଚଳର ଲୋକମୁଖରେ ବ୍ୟବହୃତ ଓଡ଼ିଆଭାଷା ଦକ୍ଷିଣୀ ଓଡ଼ିଆ କଥିତଭାଷା ନାମରେ ପରିଚିତ । ଭୌଗୋଳିକ ପରିସ୍ଥିତି ଦୃଷ୍ଟିରୁ ଏହି ଅଞ୍ଚଳ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଓ ମଧ୍ୟପ୍ରଦେଶ ସୀମାକୁ ସ୍ପର୍ଶ କରିଥିବାରୁ କଥିତ ଓଡ଼ିଆଭାଷାରେ ତେଲୁଗୁ ଓ ହିନ୍ଦୀଭାଷାର ପ୍ରଭାବ ଅନୁଭୂତ ହେବା ସ୍ୱାଭାବିକ । ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାର କଥିତ ଓଡ଼ିଆଭାଷା ଆଦିବାସୀଭାଷା ଦ୍ୱାରା ମଧ୍ୟ ପରିପୁଷ୍ଟ । ବିଶେଷତଃ ମୁଣ୍ଡା, ଦେଶୀୟା, ସଉରା ଓ ରେଲୀ ଭାଷାର ସ୍ପଷ୍ଟ ସାକ୍ଷର ରହିଛି ଏହି ଦକ୍ଷିଣୀ ଓଡ଼ିଆ କଥିତ ଭାଷାରେ । ପୁଣି ଅଞ୍ଚଳ ଭେଦରେ କଥିତଭାଷାର ସ୍ୱରୂପ ମଧ୍ୟ ଭିନ୍ନଭିନ୍ନ । ଲୋକମୁଖ-ନିସୃତ ଏହି କଥିତଭାଷା ବ୍ୟାକରଣର ସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ଆବଦ୍ଧ ନୁହେଁ; ଏହା ସମଧିକ ପରିବ୍ୟାପ୍ତ । ମଣିଷର ସ୍ୱତସ୍ଫୂର୍ତ୍ତ ଅଭିବ୍ୟକ୍ତି ଯାହା ଭାବପ୍ରକାଶର ସହଜପନ୍ଥା ଭାବରେ ଅନୁସୃତ ହେଉଅଛି, ତାହାହିଁ ପରିପ୍ରକାଶ ଲାଭ କରିଛି ଏହି କଥିତ ଓଡ଼ିଆଭାଷାରେ । ସାମାଜିକ, ଆର୍ଥନୀତିକ ଓ ସାଂସ୍କୃତିକ ଜୀବନ-ଧାରାର ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହୃତ ଭାଷାର ଶବ୍ଦ-ସମ୍ପଦରେ ଏହି କଥିତ ଓଡ଼ିଆଭାଷା ରୁଦ୍ଧିମନ୍ତ ଓ ପୁଷ୍ଟଳ ।

ଓଡ଼ିଶାର ଦକ୍ଷିଣାଞ୍ଚଳର କଥିତ ଓଡ଼ିଆଭାଷା ଉପରେ ଗବେଷଣା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ପୁସ୍ତକର ରଚୟିତା ଡକ୍ଟର ସତ୍ୟପ୍ରସାଦ ଦାସଙ୍କୁ ବୃତ୍ତି (Fellowship) ପ୍ରଦାନ କରାଯାଇଥିଲା । ତାଙ୍କର ଗବେଷଣାଲବ୍ଧ ତଥ୍ୟ ଉପରେ ଏହି ସମୀକ୍ଷାଧର୍ମୀ ପୁସ୍ତକଟି ରଚିତ । କଥିତଭାଷାର ଶବ୍ଦ-ସଂଗ୍ରହ ପାଇଁ ଡକ୍ଟର ଦାସଙ୍କୁ ଦକ୍ଷିଣାଞ୍ଚଳର ବିଭିନ୍ନ ସ୍ଥାନ ଗସ୍ତକରିବାକୁ ପଡ଼ିଛି । ବହୁ କଷ୍ଟ ସ୍ୱୀକାରପୂର୍ବକ ସେ ଏପରି ଏକ ଉପାଦେୟ ନିବନ୍ଧ ପ୍ରସ୍ତୁତ କରିଥିବାରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି । ଏପରି ଏକ ସମୀକ୍ଷାଧର୍ମୀ ପୁସ୍ତକ ଭାଷାନୁରକ୍ତ ଅନୁସନ୍ଧିସୁ ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା ଓ ବିଶ୍ୱାସ ।

ସୁରେନ୍ଦ୍ରନାଥ ଶତପଥୀ
ସମ୍ପାଦକ
ଓଡ଼ିଶା ସାହିତ୍ୟ ଏକାଡେମୀ

ମୁଖବନ୍ଧ

'ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା' ନିବନ୍ଧ ପ୍ରସ୍ତୁତି ନିମିତ୍ତ ମୁଁ ଓଡ଼ିଶା ସାହିତ୍ୟ ଏକାଡେମୀ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି। କାରଣ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ନିମିତ୍ତ ଏହା ଯଥେଷ୍ଟ ସାହାଯ୍ୟ କରିବ।

ଆଲୋଚ୍ୟ ଗ୍ରନ୍ଥରେ ଦକ୍ଷିଣ ଓଡ଼ିଶାରେ ପ୍ରଚଳିତ କଥିତ ଓଡ଼ିଆ ଭାଷାର ସ୍ୱରୂପ ଓ ଆଞ୍ଚଳିକ ବିଶେଷତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଅଛି। ଏହାକୁ ମୁଁ ଦଶଟି ଅଧ୍ୟାୟରେ ବିଭକ୍ତ କରିଛି। ପ୍ରଥମ ଅଧ୍ୟାୟରେ ବିଷୟବସ୍ତୁର ସ୍ୱଷ୍ଟୀକରଣ ପାଇଁ ଉପକ୍ରମ ସନ୍ନିବେଶିତ। ଦ୍ୱିତୀୟ ଅଧ୍ୟାୟରେ ଦକ୍ଷିଣାଞ୍ଚଳ ଓଡ଼ିଶାରେ ବୈଦେଶିକ ଓ ପ୍ରାଦେଶିକ ଭାଷାର ପ୍ରଭାବ ସମ୍ପର୍କରେ ସାମାନ୍ୟ ସୂଚନା ପ୍ରଦାନ କରିଛି। ତୃତୀୟ ଅଧ୍ୟାୟରେ ପଡ଼ୋଶୀ ତେଲୁଗୁ ଭାଷାର ପ୍ରଭାବ ଅନ୍ତର୍ଭୁକ୍ତ କରିଛି। ଚତୁର୍ଥ ଅଧ୍ୟାୟରେ ଗଞ୍ଜାମଜିଲ୍ଲାର ରେଲୀ ଉପଭାଷା ଏବଂ କୋରାପୁଟ ଜିଲ୍ଲାର ଦେଶିଆ ଉପଭାଷାର ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ପଞ୍ଚମ ଅଧ୍ୟାୟରେ ଦକ୍ଷିଣ ଓଡ଼ିଶାର ଲୋକଗୀତ ଓ ଲୋକକଥାର ଦୃଷ୍ଟାନ୍ତ ରହିଛି। ଷଷ୍ଠ ଅଧ୍ୟାୟରେ ଦକ୍ଷିଣୀ ଓଡ଼ିଆର ଶବ୍ଦସୂଚୀ ବର୍ଣ୍ଣାନୁକ୍ରମରେ ସଜ୍ଜିକରଣ ହୋଇଛି। ସପ୍ତମ ଅଧ୍ୟାୟରେ ଦକ୍ଷିଣ ଓଡ଼ିଶାର କଥିତଭାଷାର କ୍ରିୟାରୂପ ଓ କ୍ରିୟା ଶବ୍ଦସୂଚୀ ପ୍ରଦାନ କରିଛି। ଅଷ୍ଟମ ଅଧ୍ୟାୟରେ ଦକ୍ଷିଣ ଓଡ଼ିଶାର ବହୁ ଲୋକପ୍ରଚଳିତ ଅବ୍ୟୟପଦ, ସର୍ବନାମ ଓ କେତେକ ଯୁଗ୍ମଶବ୍ଦାବଳୀର ସୂଚନା ଦେଇଛି। ନବମ ଅଧ୍ୟାୟରେ ଲିଖିତ ଭାଷାରେ କଥିତ ଭାଷାର ମୁକ୍ତ ପ୍ରବେଶକୁ ସ୍ୱୀକାର କରି, ଓଡ଼ିଆ ସାହିତ୍ୟରେ ଦକ୍ଷିଣାଞ୍ଚଳ ଓଡ଼ିଆର କେତେକ ପ୍ରୟୋଗାତ୍ମକ ଦୃଷ୍ଟାନ୍ତ ପ୍ରଦାନ କରିଛି। ଦଶମ ଅଧ୍ୟାୟରେ ଦକ୍ଷିଣ ଓଡିଶାର କଥିତ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରଦର୍ଶିତ।

ଆବଶ୍ୟକ ଉପଲବ୍ଧିକରି ଏହି ଗ୍ରନ୍ଥରେ ଭାଷାବିତ୍‌ମାନଙ୍କ ଯେଉଁ ମତଗୁଡିକ ଉଦ୍ଧାର କରିଛି, ସେହିଠାରେ ମୁଁ ସେମାନଙ୍କ ମନ୍ତବ୍ୟକୁ ସ୍ୱୀକାର କରୁଛି ଏବଂ କେତେକ ସ୍ଥଳରେ ଭାଷାବିତ୍‌ଙ୍କ କେତେକ ମତ ମଧ୍ୟ ଯୁକ୍ତିସହ ଖଣ୍ଡନ କରିଛି । ପାଦଟୀକାରେ ଏଗୁଡିକର ନାମୋଲ୍ଲେଖ କରାଯାଇଛି । ଅବଶ୍ୟ ଭାଷାବିଜ୍ଞାନରେ କୌଣସି ସ୍ୱତନ୍ତ୍ର ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ମୁଁ ହାସଲ କରିନାହିଁ ଏବଂ ଧ୍ୱନିବିଜ୍ଞାନର ପ୍ରୟୋଗାତ୍ମକ ପ୍ରତ୍ୟକ୍ଷ ଜ୍ଞାନ ମୋର ଅଭାବ, ସ୍ୱୀକାର କରୁଛି । ତଥାପି ଏହି ଗ୍ରନ୍ଥରେ, ନିର୍ଦ୍ଦିଷ୍ଟ ଅଞ୍ଚଳର କଥିତଭାଷାର ସ୍ୱରୂପ ଉଦ୍‌ଘାଟନ ନିମିତ୍ତ ମୁଁ ଯଥାସାଧ୍ୟ ଚେଷ୍ଟା କରିଛି । ଏଥିପାଇଁ ବିଭିନ୍ନ ସ୍ଥାନକୁ ଗସ୍ତ କରି ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ନାନା ଲୋକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖି, ଅନେକ ନୂତନ ତଥ୍ୟ ଏଥିରେ ସଂଯୋଜନା କରିଛି । ଏହି ନିବନ୍ଧ ପ୍ରସ୍ତୁତି ପାଇଁ ଏକ ବର୍ଷ ବ୍ୟବଧାନ ଥିଲା । ତେଣୁ ଏତେ କମ୍ ସମୟରେ ଭାଷା-ସମ୍ପଦ ସଂଗ୍ରହକରି ସମୀକ୍ଷା କରିବା ସହଜ ନୁହେଁ ।

ତଥ୍ୟ ସଂଗ୍ରହ ନିମିତ୍ତ ବହୁ ବୁଦ୍ଧିଜୀବୀ, ସହୃଦୟ ବ୍ୟକ୍ତି ଓ ପରିଚିତ ଅପରିଚିତ ଅନେକ ସାଧାରଣଲୋକ ମୋତେ ଯେଉଁଭଳି ଭାବେ ସାହାଯ୍ୟ ଓ ସହାନୁଭୂତି ପ୍ରକାଶ କରିଛନ୍ତି ମୁଁ ସେମାନଙ୍କୁ କଦାପି ଭୁଲିପାରିବି ନାହିଁ । ସେମାନଙ୍କଠାରେ ମୁଁ ଚିର କୃତଜ୍ଞ ।

ଡକ୍‌ଟର ସତ୍ୟପ୍ରସାଦ ଦାସ
ଅଧ୍ୟାପକ, ଓଡ଼ିଆ ବିଭାଗ
କୋଟପାଡ଼ ମହାବିଦ୍ୟାଳୟ

ସୂଚୀପତ୍ର

ପ୍ରଥମ ଅଧ୍ୟାୟ	କଥିତ ଭାଷାର ସ୍ୱରୂପ- କଥିତ ଭାଷାର କ୍ଷେତ୍ର- ଲିଖିତ ଭାଷା ଓ କଥିତ ଭାଷାର ପାର୍ଥକ୍ୟ- ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା, ଦକ୍ଷିଣ ଓଡ଼ିଶା : କୋରାପୁଟ ଓ ଗଞ୍ଜାମ	୧୧-୨୨
ଦ୍ୱିତୀୟ ଅଧ୍ୟାୟ	ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ ବୈଦେଶିକ ଓ ପ୍ରାଦେଶିକ ଭାଷାର ପ୍ରଭାବ ।	୨୩-୨୮
ତୃତୀୟ ଅଧ୍ୟାୟ	ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାରେ ତେଲୁଗୁ ଭାଷାର ପ୍ରଭାବ- ଆନ୍ଧ୍ରପ୍ରବାସୀ ଓଡ଼ିଆମାନଙ୍କ କଥିତ ଭାଷାର ସ୍ୱାତନ୍ତ୍ର୍ୟ- ଉଚ୍ଚାରଣଗତ ସ୍ୱାତନ୍ତ୍ର୍ୟ-ଆନ୍ଧ୍ରପ୍ରବାସୀ ଓଡ଼ିଆଙ୍କ ଲୋକକଥାର ଦୃଷ୍ଟାନ୍ତ (ସ୍ନେହକା ବଡ଼ ଭାଗ୍ୟ, ଖିରର ପଇସା ଖିରରେ ପାଣିର ପଇସା ପାଣିରେ)- ଦକ୍ଷିଣ ଓଡ଼ିଶାର କଥିତ ଭାଷାରେ ପ୍ରଚଳିତ କେତେକ ତେଲୁଗୁ ପ୍ରବାଦ ପ୍ରବଚନ-	୨୯-୪୧
ଚତୁର୍ଥ ଅଧ୍ୟାୟ	ଦକ୍ଷିଣ ଓଡ଼ିଶାରେ ପ୍ରଚଳିତ ଦୁଇଟି ଉପଭାଷାର ସାମାନ୍ୟ ପରିଚୟ ଆଞ୍ଚଳିକ ଭାଷା, ଉପଭାଷା ନୁହେଁ- ଉପଭାଷା- ଆଞ୍ଚଳିକ ଭାଷା- ଦେଶିଆ ଭାଷା- ଦେଶିଆ ଶବ୍ଦସୂଚୀ- କ୍ରିୟା ପଦ- ଦେଶିଆ ଲୋକଗୀତର କେତୋଟି ଦୃଷ୍ଟାନ୍ତ-ରେଲୀଭାଷା- ରେଲୀଭାଷାର	

	ଶବ୍ଦସୂଚୀ- ରେଲୀଭାଷାର ଉଚ୍ଚାରଣଗତ ସ୍ୱାତନ୍ତ୍ର୍ୟ- ରେଲୀଭାଷାର ଲୋକଗୀତର ଦୃଷ୍ଟାନ୍ତ - ଲୋକକଥାର ଦୃଷ୍ଟାନ୍ତ (ଛଟା ଗୁଡୁରି ଭାକାନା : ଓଡ଼ିଆରେ ଏହାର ରୂପାନ୍ତର)-	୪୨-୬୮
ପଞ୍ଚମ ଅଧ୍ୟାୟ	ଦକ୍ଷିଣ ଓଡ଼ିଶାର ଲୋକଗୀତ ଓ ଲୋକକଥା- ଦକ୍ଷିଣ ଓଡ଼ିଶାର ଲୋକଗୀତ-ଲୋକକଥାର ଦୃଷ୍ଟାନ୍ତ-(ଟିପି ଚଢ଼େଇ)	୬୯-୮୦
ଷଷ୍ଠ ଅଧ୍ୟାୟ	ଶବ୍ଦ ସମ୍ଭାର : ପାରିବାରିକ-ଖାଦ୍ୟ ବିଷୟକ- କ୍ରୀଡ଼ା ସମ୍ବନ୍ଧୀୟ ଧର୍ମ ଓ ସଂସ୍କୃତି ସମ୍ପର୍କୀୟ ଶାସନ ସମ୍ପର୍କୀୟ- ମଣିଷର ପ୍ରକୃତି- ପୋଷାକ ପରିଚ୍ଛଦ- ଜୀଟପତଙ୍ଗ, ପଶୁପକ୍ଷୀ-ବୃକ୍ଷ, ଫଳଫୁଲ- ଅନ୍ୟାନ୍ୟ ଶବ୍ଦସମୂହ	୮୧-୧୨୬
ସପ୍ତମ ଅଧ୍ୟାୟ	କ୍ରିୟାରୂପ ଓ ଧାତୁ ସମ୍ଭାର	୧୨୭-୧୩୯
ଅଷ୍ଟମ ଅଧ୍ୟାୟ	ଅବ୍ୟୟ, ସର୍ବନାମ ଓ ଯୁଗ୍ମଶବ୍ଦ	୧୪୦-୧୪୯
ନବମ ଅଧ୍ୟାୟ	ସାହିତ୍ୟ ସୃଷ୍ଟିରେ ଦକ୍ଷିଣାଞ୍ଚଳ ଶବ୍ଦ ପ୍ରୟୋଗର ଦୃଷ୍ଟାନ୍ତ : ଅଭିଲେଖ ସାହିତ୍ୟ- ଗଦ୍ୟ ସାହିତ୍ୟ- ପଦ୍ୟ ସାହିତ୍ୟ- କବିସୂର୍ଯ୍ୟ ବଳଦେବ ରଥ- ଗୋପାଳକୃଷ୍ଣ ପଟ୍ଟନାୟକ	୧୫୦-୧୬୨
ଦଶମ ଅଧ୍ୟାୟ	ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ	୧୬୩-୧୭୨

ପ୍ରଥମ ଅଧ୍ୟାୟ

ଉପକ୍ରମ

କଥିତ ଭାଷାର ସ୍ୱରୂପ :

ସୃଷ୍ଟିର ପରମ ବୈଚିତ୍ର୍ୟ ହେଉଛି-ଲୋକ ପ୍ରଚଳିତ ଭାଷା, ଯାହା ସଂପୂର୍ଣ୍ଣ ଅନୁକରଣୀୟ। ପୁଣି ଏହି ବିରାଟ ଭାଷା-ମହାଦ୍ରୁମ ବିଶ୍ୱର ଚତୁର୍ଦ୍ଦିଗରେ ନିଜର ଛାୟା ବିସ୍ତାର କରିଛି। ପଶୁପକ୍ଷୀ ପ୍ରଭୃତିଙ୍କ କଣ୍ଠରେ ରହିଛି କିଛି ନା କିଛି ସ୍ୱର/ଧ୍ୱନି। ସମସ୍ତଙ୍କଠାରୁ ମଣିଷଙ୍କ ଭାଷା ପୂରାପୂରି ଭିନ୍ନ। ଏ ଭିନ୍ନତାର ରୂପରେଖ ଅତ୍ୟନ୍ତ ବ୍ୟାପକ। କାରଣ ଅଞ୍ଚଳ ଭେଦରେ, ଗୋଷ୍ଠୀ ଭେଦରେ, ଜାତି ଭେଦରେ, ଶିକ୍ଷିତ ଅଶିକ୍ଷିତ ଭେଦରେ ଏହା ବିସ୍ତୃତ। ଲିଖିତ ଓ କଥିତ ଭାଷାରେ ମଧ୍ୟ ଏହା ବିଭକ୍ତ।

ମନୁଷ୍ୟ ପାଟିରୁ ଯେଉଁ କଥା ବାହାରେ-ତାହାହିଁ ପ୍ରକୃତ ଭାଷା। ପୁସ୍ତକରେ ଯାହା ଲେଖାଯାଇଛି, ତାହା ଭାଷାର ପ୍ରତିଚିତ୍ର। ଜୀବନ୍ତ ମନୁଷ୍ୟ ଓ ତା'ର ଚିତ୍ର ଭିତରେ ଯେଉଁ ତଫାତ୍, କହିବା ଭାଷା ଓ ବହି ଲେଖା ଭାଷା ଭିତରେ ସେହି ତଫାତ୍ (୧) ଲୋକମୁଖର କଥିତ ଭାଷାହିଁ ଭାଷାର ସଂପତ୍ତି। ଏହି କଥିତ ଭାଷାର ସ୍ୱରୂପ ଉଦ୍‌ଘାଟନ କରିବା ସହଜ ନୁହେଁ। କାରଣ ସାଧାରଣତଃ ଆମେ ଯେଉଁ ଭାଷା ବ୍ୟବହାର କରୁଛୁ,ତାହା ବ୍ୟକ୍ତିବିଶେଷ, ସମୟ ଓ ପରିବେଶ ଅନୁଯାୟୀ ପରିବର୍ତ୍ତିତ ହୋଇଥାଏ।

ଜଣେ ବ୍ୟକ୍ତି ସବୁ ସମୟରେ ଏକପ୍ରକାର ଭାଷା ବ୍ୟବହାର କରେ ନାହିଁ। ଘରେ ସ୍ତ୍ରୀ ସହ କଥାବାର୍ତ୍ତା କରିବା ଭାଷାର ସ୍ୱରୂପ ପରିବାରର ବାପା, ମା ଓ ଅନ୍ୟାନ୍ୟ ବନ୍ଧୁବାନ୍ଧବମାନଙ୍କ ସହ କଥାବାର୍ତ୍ତା କରିବା ଭାଷାର ସ୍ୱରୂପ ଭିନ୍ନ। ଶିକ୍ଷକ ହିସାବରେ ଶ୍ରେଣୀରେ ଅଧ୍ୟାପନା କରିବା ଭାଷାର ସ୍ୱରୂପ ସହ ବଜାରରେ ସଉଦାକିଣିବା ବେଳେ ବ୍ୟବହାର କରିବା ଭାଷାର ସ୍ୱରୂପ ମଧ୍ୟ ଅଲଗା।

ମଣିଷର ବାଲ୍ୟ, କୈଶୋର, ଯୌବନ ଓ ବୃଦ୍ଧାବସ୍ଥାର ଭାଷାର ସ୍ୱରୂପ ମଧ୍ୟ ସମାନ ନୁହେଁ। ପୁନଶ୍ଚ ଜୀବନର ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ କରି ଆବଶ୍ୟକ ଅନୁସାରେ ସେ ଭିନ୍ନ ରୂପେ ଭାଷାର ବ୍ୟବହାର କରିଥାଏ। ମନର ରାଗ, ହର୍ଷ, ବିମର୍ଷ, ମାନ, ଅଭିମାନ, ଦୁଃଖ, ଶୋକ ସମୟରେ ସେ ବ୍ୟବହୃତ ଭାଷାର ସ୍ୱରୂପକୁ ପରିବର୍ତ୍ତିତ କରିଥାଏ।

କଥିତ ଭାଷା ଜଳ, ବାୟୁ ଓ ଜୀବନ ଭଳି ବିସ୍ତୃତ ଓ ଗଭୀର ମଧ୍ୟ। ଆନୁମାନିକ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକମାନଙ୍କ ସ୍ୱତନ୍ତ୍ର ଭାଷା ବ୍ୟବହାର ପଦ୍ଧତିକୁ ଅନୁକରଣ କରି କଥିତ ଭାଷା ଆଲୋଚନାରେ ପ୍ରବେଶ କରିବା ସମୀଚୀନ। ପୁଣି ପ୍ରବେଶାଧିକାରର ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତାରେ ପରିଣତ କରିବା ଆଲୋଚକର ଅନଧିକାର ଚର୍ଚ୍ଚା ବୋଲି କୁହାଯାଇପାରେ। ଏହାର ଅର୍ଥ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କ କଥିତ ଭାଷା-ବ୍ୟବହାରର ନିର୍ଦ୍ଦିଷ୍ଟ ଅନାବିଷ୍କୃତ ଦିଗକୁ ଆବିଷ୍କାର କରିବା ହେଲା ଆଲୋଚକର ଧର୍ମ ।

କଥିତ ଭାଷାର (ପରିସର) କ୍ଷେତ୍ର :

ଉପଭାଷା ଆଲୋଚନା ସମୟରେ ଭାଷାକ୍ଷେତ୍ରର ଯେଉଁଭଳି ଆବଶ୍ୟକତା ପଡିଥାଏ, ସେହିଭଳି ଆଞ୍ଚଳିକ କଥିତଭାଷା ପର୍ଯ୍ୟାଲୋଚନାବେଳେ ମଧ୍ୟ ଏହି ଭାଷାକ୍ଷେତ୍ରର ସୀମା ନିର୍ଦ୍ଧାରିତ କରାଯାଇଥାଏ। ଏହାର ମୁଖ୍ୟ କାରଣ ହେଲା-କୌଣସି ଗୋଟିଏ ଭାଷା କହୁଥିବା ଦୁଇଟି ଲୋକଙ୍କର କହିବା କଥାକୁ ତନଖି କରି ଦେଖିଲେ ସେମାନଙ୍କ କଥାରେ ପାର୍ଥକ୍ୟ ଧରିହେବ। ଶହ ଶହ, ହଜାର ହଜାର ଓ ଲକ୍ଷ ଲକ୍ଷ ଲୋକ ବ୍ୟବହାର କରୁଥିବା ଭାଷାରେ ଯେ ପାର୍ଥକ୍ୟ ସୃଷ୍ଟି ହେବ ଏଥିରେ ତିଳେମାତ୍ର ସଂନ୍ଦେହ ନାହିଁ। ଟିକିଏ ଭଲ କରି ତଳେଇ ଦେଖିଲେ ଏହି ପାର୍ଥକ୍ୟ ଗୋଟିଏ ଗୋଟିଏ ଅଞ୍ଚଳକୁ ଧରି ସୃଷ୍ଟି ହେଉଥିବାର ଜଣାଯିବ। କଥା ହେଉଛି, ପାରସ୍ପରିକ ବ୍ୟବସାୟ ବାଣିଜ୍ୟ ବା ଅନ୍ୟାନ୍ୟ କାର୍ଯ୍ୟସୂତ୍ରରେ ସମ୍ବନ୍ଧିତ କୌଣସି ଏକ ଅଞ୍ଚଳରେ ଲୋକେ ବହୁ ପରିମାଣରେ ମିଳାମିଶା କରିବା ଫଳରେ ଭାଷାରେ ଏକ ପ୍ରକାର ସମତା ସୃଷ୍ଟି ହୋଇଥାଏ। କିନ୍ତୁ ନଦୀ, ପର୍ବତ ବା ଅନ୍ୟକୌଣସି ଭୌଗୋଳିକ ପ୍ରତିବନ୍ଧକ ଦ୍ୱାରା ବିଚ୍ଛିନ୍ନ ଅଞ୍ଚଳରେ ସେହି ଏକ ଭାଷା ବ୍ୟବହୃତ ହେଲେ ହେଁ ତହିଁରେ ଆଞ୍ଚଳିକ ସ୍ୱାତନ୍ତ୍ର୍ୟ ପ୍ରକାଶ ପାଇଥାଏ। ମିଳାମିଶାର ଅଭାବ ଓ ଭାବ ଆଦାନପ୍ରଦାନର ସଙ୍କଟତା ହେତୁ ଭାଷା ବ୍ୟବହାରରେ ଆଞ୍ଚଳିକ ଭିନ୍ନତା ପରିଦୃଷ୍ଟ ହୁଏ। ଏହିପରି ଦୁଇ ଅଞ୍ଚଳ ମଧ୍ୟରେ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହେଲେ ତାହା ଦୁଇ ସ୍ୱତନ୍ତ୍ର ଭାଷା ରୂପେ ଆତ୍ମପ୍ରକାଶ କରିବା ଦୃଷ୍ଟାନ୍ତ ବିରଳ ନୁହେଁ।

ତୁଳନାତ୍ମକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ଦୁଇଟି ପୃଥକ୍ ଅଞ୍ଚଳରେ ଗୋଟିଏ ଭାଷା ଭିନ୍ନ ଭିନ୍ନ ରୂପେ ପ୍ରକାଶ ପାଇଥାଏ। ଏହି ଉଚ୍ଚାରଣଗତ ପାର୍ଥକ୍ୟ ଓ ଭାଷାର ପ୍ରୟୋଗାତ୍ମକ ଦୃଷ୍ଟାନ୍ତଗୁଡ଼ିକୁ ଆଗି ଆଗରେ ରଖି କଥିତ ଭାଷାର ମାନଚିତ୍ର ବା କ୍ଷେତ୍ର ପ୍ରସ୍ତୁତ କରାଯାଇଥାଏ। ଅବଶ୍ୟ ଆଧୁନିକ ଭାଷା-ବିଜ୍ଞାନୀମାନେ ଭାଷାକ୍ଷେତ୍ର, ମାନଚିତ୍ର ଅଙ୍କନ ନିମିତ୍ତ ନୂତନ ପଦ୍ଧତି ଆବିଷ୍କାର କଲେଣି। କଥିତଭାଷା ଆଲୋଚନାବେଳେ କେତେକ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ।

ପ୍ରଥମତଃ କ୍ଷେତ୍ର ବା ଅଞ୍ଚଳର ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ। ଏହି ଭାଷା ଚଳଣିରେ ଭିନ୍ନତା ଭିତ୍ତିରେ ସ୍ଥାନ ନିର୍ଣ୍ଣୟ କରାଯାଏ। ପୁଣି ନିର୍ଦ୍ଧାରିତ କ୍ଷେତ୍ରର ପ୍ରତ୍ୟେକ ଅଞ୍ଚଳ ଗମନ କରି କଥିତଭାଷା ନିରୀକ୍ଷଣ କରିବା ଉଚିତ। କାରଣ ସେହି ଅଞ୍ଚଳରେ ବହୁ ଲୋକଙ୍କ ଦ୍ୱାରା ଏକ

ପ୍ରକାର ଭାଷା କରିବା ଉଚିତ । କାରଣ ସେହି ଅଞ୍ଚଳରେ ବହୁ ଲୋକଙ୍କ ଦ୍ୱାରା ଏକ ପ୍ରକାର ଭାଷା ବ୍ୟବହାର ହୋଇଥାଏ । ଏତଦ୍‌ବ୍ୟତୀତ ସେଠାରେ ଯଦି ଆଉ କିଛି ଉପଭାଷା ପ୍ରଚଳନ ହେଉଥାଏ ସେଥିପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ଦ୍ୱିତୀୟତଃ ସ୍ଥିରୀକୃତ ଅଞ୍ଚଳରେ ପ୍ରଚଳିତ ହେଉଥିବା ଶବ୍ଦ ତାଲିକା ପ୍ରସ୍ତୁତି । ତୃତୀୟତଃ, ସେହି ଅଞ୍ଚଳରେ ବ୍ୟବହୃତ କଥିତଭାଷା ସହ ଅନ୍ୟାନ୍ୟ ଉପଭାଷାର ପାର୍ଥକ୍ୟ ପ୍ରଦର୍ଶନ ।

କଥିତଭାଷାର ଶବ୍ଦସଂଗ୍ରହ ସମୟରେ କେତେକ କୌତୂହଳ ଘଟଣା ପରିଲକ୍ଷିତ ହୋଇଥାଏ । ଭାଷାର ବ୍ୟବହାର ଭେଦରେ ଏକଭାଷାଭାଷୀ ଅଞ୍ଚଳର ଲୋକେ ଅନ୍ୟାନ୍ୟ ଅଞ୍ଚଳର କଥିତଭାଷା ପ୍ରତି ତାତ୍ସଲ୍ୟ ମନୋଭାବ ପ୍ରକାଶ କରିଥାନ୍ତି । ପୁଣି ଶିକ୍ଷିତ ଅଶିକ୍ଷିତ ମନୁଷ୍ୟ ମାତ୍ରେ ସମସ୍ତେ ନିଜ ଭାଷା, ନିଜ ଉଚ୍ଚାରଣକୁ ଶୁଦ୍ଧ ମନେକରି ନିଜଠାରୁ ଭିନ୍ନ ଉଚ୍ଚାରଣ କରୁଥିବା ଲୋକଙ୍କୁ ପରିହାସ କରନ୍ତି । ଏପରିକି ଭିନ୍ନଭାବରେ କଥାବାର୍ତ୍ତା କରୁଥିବା ଲୋକ ପ୍ରତି ଏକ ପ୍ରକାର ମାନସିକ ଘୃଣା ପୋଷଣ କରନ୍ତି । ଏ ପ୍ରକାର ଲୋକ, ନିଜଭାଷା ଭଲ, ଅନ୍ୟ ଭାଷା ଖରାପ- ଏ ପ୍ରକାର ଭ୍ରମ ଧାରଣା ନେଇ ଭାଷା ଆଲୋଚନା କରିଥା'ନ୍ତି । ଗୋଟିଏ ଗାଁ ଲୋକ ଅନ୍ୟ ଗାଁ ଲୋକଙ୍କୁ, ଏକ ଜାତିର ଲୋକ ଅନ୍ୟ ଜାତିର ଲୋକଙ୍କ ଭାଷାକୁ ହତାଦର ଚକ୍ଷୁରେ ଦେଖିଥାନ୍ତି । (୩) ଏହିଭଳି ମନନେଇ (ଚିନ୍ତା କରି) ଯେଉଁମାନେ କଥିତଭାଷା ଆଲୋଚନାରେ ଅଂଶ ଗ୍ରହଣ କରି ନିଜେ ଆତ୍ମପ୍ରସାଦ ଲାଭ କରିଥା'ନ୍ତି, ସେମାନେ ଭଲ କରୁଛନ୍ତି ବୋଲି ନିଃସନ୍ଦେହରେ କୁହାଯାଇପାରେ ନାହିଁ କାରଣ ଏହା ଦ୍ୱାରା ଭାଷା ସଂକୋଚନ ବୃଦ୍ଧି ହେଉଛି ଏବଂ ତତ୍ ସଙ୍ଗେସଙ୍ଗେ ସାମାଜିକ ସହିଷ୍ଣୁତା ଗୁଣ ହ୍ରାସ ପାଉଅଛି । ଏହି କୁତ୍ସିତ ଧାରଣା ସମାଜରେ ସଂକ୍ରାମକ ରୋଗ ସଦୃଶ୍ୟ ବ୍ୟାପିପାରେ । ତେଣୁ ଭାଷା ଅଧ୍ୟୟନକାରୀମାନେ ଭାଷା ଉପରେ ବ୍ୟାପକ ଓ ସ୍ପଷ୍ଟ ଧାରଣା ସୃଷ୍ଟି କରି ପ୍ରତ୍ୟେକ ଭାଷାକୁ ସମ୍ମାନ ଓ ଉଦାରତା ଭାବ ପ୍ରକାଶ କରିବା ଉଚିତ ।

ଲିଖିତ ଭାଷା ଓ କଥିତ ଭାଷାର ପାର୍ଥକ୍ୟ :

ଭାଷା ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ-ଲିଖିତଭାଷା ଓ କଥିତଭାଷା । ଲିଖିତ ଭାଷା ବ୍ୟବହୃତ ଭାଷାର ବ୍ୟାକରଣ-ଶୃଙ୍ଖଳା ମଧ୍ୟରେ ଆବଦ୍ଧ । କିନ୍ତୁ ଲୋକମୁଖରୁ ପ୍ରଚଳିତ କଥିତଭାଷାର ସ୍ୱରୂପ ଲିଖିତଭାଷାଠାରୁ ଭିନ୍ନ । କଥିତଭାଷାରେ ବ୍ୟକ୍ତି ସ୍ୱକୀୟ ଭାବଧାରାକୁ ପରିପ୍ରକାଶ କରିବାପାଇଁ ଆଞ୍ଚଳିକ ସତଃସ୍ଫୂର୍ତତାର ପ୍ରଭାବରେ ପ୍ରଭାବିତ ହୋଇଥାଏ । ସେ ସ୍ୱଚ୍ଛନ୍ଦରେ ନିଜ ଭାବ ଅନ୍ୟ ନିକଟରେ ବ୍ୟକ୍ତ କରିଥାଏ । ଲିଖିତଭାଷା ଅତି ସଂଯତ । କଥିତଭାଷାରେ ଏହି ସଂଯମଗୁଣକୁ ରକ୍ଷାକରାଯାଇ ନଥାଏ । ଲିଖିତଭାଷାକୁ ସତନ୍ତ୍ରରୂପ ପ୍ରଦାନ କରିବା ପାଇଁ ଆଳଂକାରିକ ଓ ଭାଷାସମୀକ୍ଷକଗଣ ଅନେକ କୃତ୍ରିମ ମାର୍ଗର ଅନୁସରଣ କରିଥା'ନ୍ତି । ଏମାନେ ଲୋକମୁଖର କଥିତ ଭାଷାକୁ ନଗଣ୍ୟ ମନେକରି ଭାଷା ସମ୍ପର୍କୀୟ ଆଲୋଚନାରୁ ବାଦ୍‌ଦେଇଥା'ନ୍ତି । କିନ୍ତୁ ସଂପ୍ରତି ଭାଷାସମୀକ୍ଷକଗଣ ଭାଷାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ

ଆଲୋଚନା କରିବା ଯୋଗୁଁ କଥିତଭାଷାର ଗୁରୁତ୍ୱକୁ ସେମାନେ ପ୍ରକୃତରେ ଉପଲବ୍ଧି କରିପାରିଛନ୍ତି । ଏଣୁକରି ଆଜି ଏହାର ମହତ୍ତ୍ୱ ଶତଗୁଣେ ବର୍ଦ୍ଧିତ ହୋଇଅଛି । ଲିଖିତଭାଷାର ସ୍ୱରୂପ ଯେଉଁଭଳି ଭାବେ ବିସ୍ତୃତ, କଥିତଭାଷା ଆଲୋଚନାର ପରିସର ମଧ୍ୟ ସେହିପରି ବ୍ୟାପକ ।

ଯେକୌଣସି ଭାଷାର ବ୍ୟବହାର ପ୍ରାୟତଃ ଚାରୋଟି ଦିଗକୁ ଆଶ୍ରୟ କରିଥାଏ, ସେଗୁଡିକ ହେଲା-ଲେଖିବା, ପଢିବା, କହିବା ଓ ଶୁଣିବା । ଲେଖିବା ଓ କହିବା ଏ ଦୁଇ ଦିଗ ଭାଷାର ଲିଖିତ ଓ କଥିତ ରୂପକୁ ପ୍ରତିନିଧିତ୍ୱ କରିଥାଏ ।ଏହାର ଅନ୍ତରାଳରେ ପଢିବା ଓ ଶୁଣିବା ଉଭୟ କ୍ରିୟା କାର୍ଯ୍ୟ କରିଥାଏ। ସାଧାରଣତଃ ଲିଖିତ ଭାଷାକୁ ଅନୁଧ୍ୟାନ କଲାବେଳେ ପଢିବା କ୍ରିୟାର ଆବଶ୍ୟକତା ଉପଲବ୍ଧି କରିଥାଉ । ଠିକ୍ ସେହିଭଳି କଥିତ ଭାଷାର ଅଧ୍ୟୟନ ସମୟରେ ଶୁଣିବା କ୍ରିୟାର ଗୁରୁତ୍ୱକୁ ହୃଦୟଙ୍ଗମ କରିଥାଉ । ତେଣୁକରି ପଢିବା ଓ ଶୁଣିବା ଦୁଇଟି କ୍ରିୟା, ଲିଖିତ ଓ କଥିତ ଭାଷାଲୋଚନାର ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ।

ଲିଖିତଭାଷାର ସ୍ୱରୂପ ଭିନ୍ନ ଭିନ୍ନ ରୂପେ ପ୍ରତିଭାତ ହୋଇଥାଏ । କାର୍ଯ୍ୟାଳୟରେ ବ୍ୟବହୃତ ରସିଦପତ୍ରଠାରୁ ଆମ୍ଭେ କରି ଦୈନିକ ସମ୍ବାଦପତ୍ରର ବିଜ୍ଞାପ୍ତି ଓ ଘୋଷଣାପତ୍ର ପର୍ଯ୍ୟନ୍ତ ଲିଖିତ ଭାଷାର ପର୍ଯ୍ୟାୟଭୁକ୍ତ । ପ୍ରତ୍ୟେକଟିର ଭାଷା ଓ ଶବ୍ଦ ସଂଯୋଜନା ସ୍ୱତନ୍ତ୍ର ଏବଂ ଏହା ଉଦ୍ଦେଶ୍ୟମୂଳକ ମଧ୍ୟ । ଏତଦ୍‌ବ୍ୟତୀତ ଲିଖିତ ଭାଷାର ସୃଷ୍ଟିସମ୍ଭାର ବିଷୟବସ୍ତୁକୁ ଭିତ୍ତିକରି ବିଭିନ୍ନ ବିଭାଗରେ ବିଭକ୍ତ ଯଥା: ସାହିତ୍ୟ, ଇତିହାସ, ବିଜ୍ଞାନ, ଭୂଗୋଳ, ଗଣିତ, ଧର୍ମ, ଚିକିତ୍ସା, ଜ୍ୟୋତିଷଶାସ୍ତ୍ର ପ୍ରଭୃତି । ଲିଖିତଭାଷାର ଉପରୋକ୍ତ ଦିଗରେ ସ୍ରଷ୍ଟା ସାଧାରଣତଃ ଶୈଳୀ ଓ ଉପସ୍ଥାପନା-କୌଶଳ ଉପରେ ଗୁରୁତ୍ୱ ଆରୋପ କରିଥା'ନ୍ତି ।

କିନ୍ତୁ ଲୋକମୁଖ-ନିସୃତ କଥିତଭାଷାର ପରିସୀମା ବ୍ୟାକରଣର ସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ଆବଦ୍ଧ ନୁହେଁ, ବରଂ ବ୍ୟାପକ କହିବା ଅଧିକ ଯୁକ୍ତିଯୁକ୍ତ । କଥା କହିଲାବେଳେ ବ୍ୟକ୍ତି ଶୈଳୀ ଉପରେ ଗୁରୁତ୍ୱ ନ ଦେଇ ଭାବ ପ୍ରକାଶର ସହଜପନ୍ଥାକୁ ଆଶ୍ରୟ କରିଥା'ନ୍ତି । ବୟସାନୁପାତରେ ଭାଷା ଉଚ୍ଚାରଣର ପାର୍ଥକ୍ୟ ଅତ୍ୟନ୍ତ ସ୍ୱାଭାବିକ । ଏପରିକି ଜାତିଭେଦରେ ମଧ୍ୟ ଉଚ୍ଚାରଣର ପରିବର୍ତ୍ତନ ଘଟିଥାଏ । ପୁଣି ପରିସ୍ଥିତି ଓ ପରିବେଶ ଅନୁଯାୟୀ କଥିତଭାଷାର ବିଭିନ୍ନତା ଦେଖା ଦେଇଥାଏ । ପ୍ରଥମତଃ ଅଞ୍ଚଳ ଭେଦରେ ଭାଷାର ସ୍ୱରୂପ ଏବଂ ଦ୍ୱିତୀୟରେ ବିଭିନ୍ନ ଉପଭାଷା ମଧ୍ୟରେ କଥିତ ଓଡ଼ିଆ ଭାଷାର ନିର୍ଦ୍ଦିଷ୍ଟ ରେଖାସୂଚୀତ କରିବା, 'ଦକ୍ଷିଣ ଓଡିଶାର କଥିତ ଓଡ଼ିଆ ଭାଷା' ଆଲୋଚନାର ଉଦ୍ଦେଶ୍ୟ ।

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା :

ଓଡ଼ିଶାର ପ୍ରଧାନ ଭାଷା ହେଲା ସମଗ୍ର ପ୍ରଦେଶରେ ଓଡ଼ିଆ ଲିଖିତ ଭାଷା ରୂପେ ସମାନଭାବେ ବ୍ୟବହୃତ ହେଉଥିଲେ ସୁଦ୍ଧା ଆଞ୍ଚଳିକ ଭେଦରେ କଥିତ ଓଡ଼ିଆ ଭାଷାର ବିଭିନ୍ନତା ଏଠାରେ ପରିଲକ୍ଷିତ ହୋଇଥାଏ । ଓଡ଼ିଶାର କଥିତ ଓଡ଼ିଆ ଭାଷା (କେତେକ ଭାଷାବିତ୍‌ଙ୍କ ମତରେ

ଏହା ଉପଭାଷା ରୂପେ ବିବେଚିତ) ସାଧାରଣତଃ ତିନିଭାଗରେ ବିଭକ୍ତ ହୋଇଥାଏ, ଯଥା:- ଉତ୍ତରାଞ୍ଚଳର କଥିତ ଓଡ଼ିଆଭାଷା, ପଶ୍ଚିମାଞ୍ଚଳର କଥିତ ଓଡ଼ିଆଭାଷା ଓ ଦକ୍ଷିଣାଞ୍ଚଳର କଥିତ ଓଡ଼ିଆଭାଷା । ଉତ୍ତରାଞ୍ଚଳରେ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲ୍ଲାଗୁଡ଼ିକ ଅନ୍ତର୍ଭୁକ୍ତ । ପଶ୍ଚିମାଞ୍ଚଳରେ ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ବୌଦ, ଫୁଲବାଣୀ ଜିଲ୍ଲାଗୁଡ଼ିକ ଅନ୍ତର୍ଭୁକ୍ତ । ଦକ୍ଷିଣାଞ୍ଚଳରେ ଗଞ୍ଜାମ ଓ କୋରାପୁଟ ଜିଲ୍ଲା ହିଁ ଅନ୍ତର୍ଭୁକ୍ତ ।

ଗଞ୍ଜାମ ଓ କୋରାପୁଟ ଉଭୟ ଜିଲ୍ଲାରେ ବ୍ୟବହୃତ କଥିତ ଓଡ଼ିଆ ଭାଷାକୁ ଏଠାରେ ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା ଭାବରେ ଗ୍ରହଣ କରାଯାଇଅଛି । ଏହି ଦୁଇଟି ଜିଲ୍ଲାର ପ୍ରଚଳିତ ଭାଷାର ଶବ୍ଦ ପ୍ରକୃତି ଓ ଉଚ୍ଚାରଣ ବିଧିରେ କେତେକ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ, ଯାହା ଉତ୍ତରାଞ୍ଚଳ କିମ୍ବା ପଶ୍ଚିମାଞ୍ଚଳ କଥିତ ଓଡ଼ିଆ ଭାଷାରେ ଆମେ ଦେଖିବାକୁ ପାଉନାହୁଁ।

ଦେଶର କୌଣସି ବିଷୟ ଆଲୋଚନା କରିବା ପୂର୍ବରୁ ଏହାର ଭୌଗୋଳିକ ପରିସ୍ଥିତି ବିଷୟରେ ଜାଣିବା ସର୍ବାଦୌ ଆବଶ୍ୟକ। ଦେଶର ସ୍ଥିତି, ପର୍ବତ, ନଦନଦୀ, ନଗରାଦିର ଏକ ସାଧାରଣ ତାଲିକା ପ୍ରସ୍ତୁତ କରିବା ଭୂଗୋଳଶାସ୍ତ୍ରର ବାସ୍ତବିକ ପ୍ରୟୋଜନ ନୁହେଁ। ମନୁଷ୍ୟ ପ୍ରାକୃତିକ ପରିବେଶର ବିଭିନ୍ନ ବାତାବରଣ ମଧ୍ୟରେ କୌଣସି ପ୍ରକାରେ ନିଜେ ପ୍ରଭାବିତ ହୋଇଥାଏ କିମ୍ବା ନିଜ ବୁଦ୍ଧିବୃତ୍ତି ଦ୍ୱାରା ଏହାକୁ ପରିବର୍ତ୍ତନ କରି ପ୍ରଭାବିତ କରିଥାଏ- ଏହି ଜ୍ଞାନ ହିଁ ଭୂଗୋଳର ପ୍ରକୃତ ରୂପଜ୍ଞାନ ବା ସ୍ୱରୂପ। (୪) ଏହି ଦୃଷ୍ଟିକୋଣରୁ ଦକ୍ଷିଣ ଓଡ଼ିଶାରେ ଅନ୍ତର୍ଭୁକ୍ତ ହୋଇଥିବା ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ଭୌଗୋଳିକ ପରିସ୍ଥିତି ଉପରେ ସ୍ପଷ୍ଟ ଧାରଣା ସୃଷ୍ଟି କରିବା ପରେ, ଏଠାରେ ପ୍ରଚଳିତ ଅନ୍ୟାନ୍ୟ ଆଦିବାସୀ ଭାଷାଗୁଡ଼ିକ ବ୍ୟତୀତ କେବଳ ଏଠାକାର କଥିତ ଓଡ଼ିଆ ଭାଷା ହିଁ ଆଲୋଚନାର ବିଷୟବସ୍ତୁ।

ଭାଷା ଜୀବନ୍ତ ଓ ପରିବର୍ତ୍ତନଶୀଳ ମଧ୍ୟ। ଲିଖିତ ଭାଷା ତୁଳନାରେ କଥିତଭାଷାହିଁ ବାସ୍ତବରେ ଭାଷାର ମୌଳିକ ସଂପତ୍ତି ରୂପେ ଗ୍ରହଣଯୋଗ୍ୟ। ଗଞ୍ଜାମ ଜିଲ୍ଲାର ଏକ ପ୍ରାନ୍ତରେ ଆନ୍ଧ୍ରପ୍ରଦେଶ ଅବସ୍ଥିତ। କୋରାପୁଟ ଜିଲ୍ଲାର ଦୁଇଟି ପାର୍ଶ୍ୱରେ ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ଦଣ୍ଡାୟମାନ। ତେଣୁକରି ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ ପଡ଼ୋଶୀ ରାଜ୍ୟ ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶର ହିନ୍ଦୀ ଓ ତେଲୁଗୁ ଭାଷାର ପ୍ରଭାବ ସ୍ୱାଭାବିକ। ପୁନଶ୍ଚ ଦକ୍ଷିଣ ଓଡ଼ିଶାରେ ଓଡ଼ିଆ ଭାଷା ବ୍ୟତୀତ ଅନେକ ଭିନ୍ନ ଭିନ୍ନ ଉପଭାଷାର ପ୍ରଚଳନ ଆମେ ଦେଖିବାକୁ ପାଇଥାଉ।

ଭିନ୍ନ ଭିନ୍ନ ଭାବରେ ଦୁଇଟି ଜିଲ୍ଲାର କଥିତଭାଷାକୁ ଆଲୋଚନା କରାଯିବ ନାହିଁ। ଏହାର ମୁଖ୍ୟ କାରଣ ହେଲା- ଦୁଇଟି ଜିଲ୍ଲାର କଥିତ ଓଡ଼ିଆ ଭାଷା ପ୍ରାୟତଃ ସମାନ। ଗଞ୍ଜାମର କଥିତଭାଷାରେ ତେଲୁଗୁ ଭାଷାର ପ୍ରଭାବ ଯେଉଁଭଳି ପଡ଼ିଥାଏ କୋରାପୁଟ ଜିଲ୍ଲାର କଥିତଭାଷାରେ ଆଦିବାସୀ ଭାଷାର ପ୍ରଭାବ ଠିକ୍ ସେହି ପରିମାଣରେ ସ୍ପଷ୍ଟ। ଆଲୋଚନାର ସୁବିଧା ଦୃଷ୍ଟିରୁ ଏଠାରେ ସାମଗ୍ରିକ ଭାବରେ ଦୁଇଟି ଜିଲ୍ଲାର କଥିତଭାଷା ଆଲୋଚନା

କରାଯାଉଅଛି। ପୁନଶ୍ଚ କୋରାପୁଟରେ ଥିବା ଆଦିବାସୀମାନଙ୍କୁ ବାଦ୍‌ଦେଲେ ଏଠାର ଅଧିକାଂଶ ସ୍ଥାୟୀ ବାସିନ୍ଦାଙ୍କ ପୂର୍ବପୁରୁଷ ଗଞ୍ଜାମ ଜିଲ୍ଲାର ଅଟନ୍ତି। ନିତିଦିନିଆ ଚାଲିଚଳଣୀଠାରୁ ଆରମ୍ଭକରି ଜୀବନଯାପନ ପ୍ରଣାଳୀର ପ୍ରତ୍ୟେକ କ୍ଷେତ୍ରରେ ଉଭୟ ଜିଲ୍ଲାର ଲୋକଚରିତ୍ର ପ୍ରାୟ ସମାନ।

ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଭାଷା ବ୍ୟତୀତ ଆଉ କେତୋଟି କଥିତଭାଷାର ବ୍ୟବହାର ଦେଖାଯାଏ ଯଥା : ରେଲି, କନ୍ଧ, ପାଣ, ସଉରା ଇତ୍ୟାଦି। କେବଳ ସଉରା ଭାଷାର ଦୃଷ୍ଟାନ୍ତ ଏଠାରେ ପ୍ରଦାନ କରିବା ଅପ୍ରାସଙ୍ଗିକ ମନେହେବ ନାହିଁ। ସୋରା(ସଉରା) ଭାଷାଗୋଷ୍ଠୀ ଶବରଗଣ ଗଞ୍ଜାମର ପାର୍ବତ୍ୟାଞ୍ଚଳଗୁଡ଼ିକରେ ବାସ କରିଥାନ୍ତି ଏବଂ ଏହି ଗୋଷ୍ଠୀ କୋରାପୁଟ ଜିଲ୍ଲାର ଗୁଣୁପୁର ସବ୍‌ଡିଭିଜନରେ ଅଧିକ ରହିଛନ୍ତି। ଶ୍ରୀ ମଙ୍ଗେଇ ଗମାଙ୍ଗ ନିଜ ସାଧନା ବଳରେ ସଉରାଭାଷାର ଲିପି ଉଦ୍ଭାବନ କରିଥିଲେ। ଏହି ଲିପିରେ ଅନେକ ପୁସ୍ତକ ପ୍ରକାଶ ପାଇଲାଣି। ସଉରା ଭାଷାର ଲିପି ସ୍ୱତନ୍ତ୍ର ଏବଂ ଏହାର ଧ୍ୱନି ଆର୍ଯ୍ୟ ଓ ଦ୍ରାବିଡ଼ ଭାଷା ପରିବାରଠାରୁ ସଂପୂର୍ଣ୍ଣ ଭିନ୍ନ।

କୋରାପୁଟ ଜିଲ୍ଲାର ଭାଷା ମଧ୍ୟ ଗଞ୍ଜାମ ଜିଲ୍ଲା ସଦୃଶ। ଏହି ଜିଲ୍ଲାଟି ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ଓଡ଼ିଆ ଭାଷା ବ୍ୟତୀତ ଅନେକ ଉପଭାଷାର ପ୍ରଚଳନ ଦେଖାଯାଏ। ଉପଭାଷାଗୁଡ଼ିକର ଲିଖିତ ସାହିତ୍ୟ ନାହିଁ। ଭତ୍ରୀ ଉପଭାଷା ଯଥାର୍ଥରେ ଓଡ଼ିଆ ଭାଷାର ଏକ ଉପଭାଷା। କୋରାପୁଟର ଓଡ଼ିଆ ଅଧିବାସୀଙ୍କ 'ଦେଶିଆ' କଥିତଭାଷାଠାରୁ ଭତ୍ରୀ ଉପଭାଷାର ପାର୍ଥକ୍ୟ ଅତି ସାମାନ୍ୟ। ଏଠାରେ ପ୍ରତ୍ୟେକ ଭାଷା ଗୋଷ୍ଠୀର ନିଜସ୍ୱ ସାଂପ୍ରଦାୟିକ ଭାଷା ଅଛି। ଏହି ଜିଲ୍ଲାର ପ୍ରତ୍ୟେକ ଆଦିବାସୀ ଜନ୍ମତଃ ଦ୍ୱିଭାଷୀ । ପାରିଜନ ପରିବେଶ ମଧ୍ୟରେ ମାତୃଭାଷା ଏବଂ ସାମାଜିକ ପରିବେଶରେ ଦେଶିଆ ଭାଷାର ବ୍ୟବହାର ତା' ପକ୍ଷରେ ସ୍ୱଭାବସିଦ୍ଧ ହୋଇଥାଏ। ବିଭିନ୍ନ ଉପଭାଷାର ସଙ୍ଗମସ୍ଥଳୀ ଏହି କୋରାପୁଟ ଜିଲ୍ଲା ମୁଣ୍ଡା, ଦ୍ରାବିଡ଼ ଓ ଆର୍ଯ୍ୟଭାଷାର ତୁଳନାତ୍ମକ ଅଧ୍ୟୟନ ନିମିତ୍ତ ଉପାଦେୟ କ୍ଷେତ୍ର କହିବା ବାହୁଲ୍ୟ । (୫)

ଦକ୍ଷିଣ ଓଡ଼ିଶାର ଦୁଇଟି ଜିଲ୍ଲା- ଗଞ୍ଜାମ ଓ କୋରାପୁଟ, ଓଡ଼ିଶା ଓ ଓଡ଼ିଆ ଭାଷାର ସୀମାନ୍ତରେ ଅବସ୍ଥିତ। ଏଠାରେ ବ୍ୟବହୃତ କଥିତ ଓଡ଼ିଆ ଭାଷା ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡାଭାଷାର ମହାସଙ୍ଗମରେ ସ୍ୱତନ୍ତ୍ରତା ଲାଭ କରିଛି। ପ୍ରତ୍ୟେକ ଉପଭାଷାର ସ୍ୱରୂପ ଉଦ୍‌ଘାଟନ କରିବା ଆମର ଲକ୍ଷ୍ୟ ନୁହେଁ। ଦକ୍ଷିଣ ଓଡ଼ିଶାର ଜନମୁଖନିସୃତ କଥିତ ଓଡ଼ିଆ ଭାଷାରେ ପୂର୍ବୋକ୍ତ ତ୍ରିବିଧ ଭାଷାର ପ୍ରଭାବ ଓ ଏହି ଅଞ୍ଚଳର ସ୍ୱକୀୟତା ନିଦର୍ଶନ କରିବା ହେଲା ଆମର ଉଦ୍ଦେଶ୍ୟ।

ଦକ୍ଷିଣ ଓଡ଼ିଶା: କୋରାପୁଟ ଓ ଗଞ୍ଜାମ

ଓଡ଼ିଶାର ଦକ୍ଷିଣ ଦିଗରେ ଥିବା କୋରାପୁଟ ଓ ଗଞ୍ଜାମ ଜିଲ୍ଲାକୁ ଏଠାରେ ଦକ୍ଷିଣ ଓଡ଼ିଶା ରୂପେ ଗ୍ରହଣ କରାଯାଉଛି। ଏହି ଦୁଇଟି ଜିଲ୍ଲାର ପ୍ରଚଳିତ କଥିତ ଭାଷା ଅନୁଧ୍ୟାନ କରିବା ପୂର୍ବରୁ ଏଠାକାର ରାଜନୈତିକ ପୃଷ୍ଠଭୂମି, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବ୍ୟବସ୍ଥା ସମ୍ପର୍କରେ ସମ୍ୟକ ଧାରଣା ରଖିବା ବିଧେୟ।

କୋରାପୁଟ

ଏହି ଜିଲ୍ଲାର ପୂର୍ବ ପରିଚୟ ହେଲା- ଏ ସେହି କୋରାପୁଟ। ଯାହାକୁ କୁହାଯାଉଥିଲା ଓଡ଼ିଶାର କଳାପାଣି। ନଭଶ୍ଚୁମ୍ବୀ ପାହାଡ଼ ପର୍ବତ ସାଙ୍ଗକୁ ଶାଳ, ପିଆଶାଳ ଓ ଶାଗୁଆନ ବଣର ନିଘଞ୍ଚ ଜଙ୍ଗଲ ମଧ୍ୟରେ, ଅଶିକ୍ଷିତ, ଅନୁନ୍ନତ ଓ ଅବହେଳିତ ଆଦିବାସୀମାନଙ୍କର ଛୋଟ ଛୋଟ ପଲ୍ଲୀ। ଯାତାୟାତର ଯଥେଷ୍ଟ ସୁବିଧା ନଥିଲା- ନଥିଲା ଶିକ୍ଷାର ସୁଯୋଗ- ନଥିଲା ପେଟଭରି ଖାଇବାର ସମ୍ବଳ। ବଣଜଙ୍ଗଲର ହିଂସ୍ରଜନ୍ତୁ ମେଳରେ ସେ ବି ଥିଲା ବଣର ମଣିଷ- ଖାଉଥିଲା କନ୍ଦା ଓ କରଡ଼ି, ପିଉଥିଲା ସଲପ ଓ ମହୁଲି, ଗାଉଥିଲା ସ୍ୱର ଦେଇ ଗୀତ ଓ ନାଚୁଥିଲା ଛନ୍ଦ ଦେଇ ମନଭୁଲା ନୃତ୍ୟ। (୬)

'Nandapur a forsaken kingdom'ରୁ ଜଣାଯାଏ ଯେ, କୋରାପୁଟର ପ୍ରାଚୀନ ରାଜଧାନୀ ନନ୍ଦପୁର ରାଜ୍ୟର ପ୍ରତିଷ୍ଠାତା ଶୀଳବଂଶର ଶେଷରାଜା ପ୍ରତାପଗଙ୍ଗ ରାଜୁଙ୍କ ପରେ ଗଜପତି କପିଳେଶ୍ୱରଦେବ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରେ ସୂର୍ଯ୍ୟବଂଶୀ ବିନାୟକ ଦେଓଙ୍କୁ ଅଧିଷ୍ଠିତ କରାଇଥିଲେ। ସୁତରାଂ କୋରାପୁଟ ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରବର୍ତ୍ତନ ଓ ସର୍ବମାନ୍ୟ ପ୍ରତିଷ୍ଠାର ନିମ୍ନତମ ସମୟସୀମା ପଞ୍ଚଦଶ ଶତାବ୍ଦୀ । (୭) କାଳକ୍ରମେ ଏହା ନନ୍ଦପୁର ଜୟପୁର ଜମିଦାରୀ ରୂପେ ପରିଗଣିତ ହେଲା। ଶତାବ୍ଦୀ ଶତାବ୍ଦୀ ଧରି ରାଜା ଜମିଦାରଙ୍କ ଶାସନ ଫଳରେ ଏବଂ ଦୀର୍ଘ ଦିନ ଧରି ବ୍ରିଟିଶ ରାଜୁତି କାଳରେ ମାଡ୍ରାସ ପ୍ରେସିଡେନ୍ସି ଅଧୀନସ୍ଥ ରହିବା ଫଳରେ ଏହାର ପ୍ରଗତି ପ୍ରାୟତଃ ସ୍ଥାଣୁ ଅବସ୍ଥାରେ ରହିଥିଲା । ଏହା ମାନ୍ଦ୍ରାଜ ପ୍ରଦେଶର ଅନ୍ତର୍ଭୁକ୍ତ ହୋଇଥିବାରୁ ଏହି ଅଞ୍ଚଳକୁ ଚାକିରି ମାଧ୍ୟମରେ ବହୁ ସଂଖ୍ୟାରେ ତେଲୁଗୁ ଲୋକ ଆସିଥିଲେ। ଏପରିକି ବ୍ୟବସାୟ ବାଣିଜ୍ୟ ମଧ୍ୟ ସେମାନଙ୍କ ହାତରେ ପଡ଼ିଲା ଏବଂ ତା'ର ଲାଭ ପାଇଲା ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ। ପାରଂପରିକ ରୀତି ଏବଂ କେବଳ କୃଷିକୁ ଆବୋରି ଜଙ୍ଗଲ ପାହାଡ଼ରେ ରହିଗଲେ କୋରାପୁଟର ଆଦିମ ଅଧିବାସୀ କୂପ ଭିତରେ ବେଙ୍ଗ ସଦୃଶ। ଯାହା ଦୃଷ୍ଟିଶକ୍ତି ଭିତରେ ଥିଲା, ତାହାହିଁ ସେମାନଙ୍କ ପାଇଁ ପୃଥିବୀ। ରାଜା ଜମିଦାର ଥିଲେ ଓଡ଼ିଆ ଏବଂ ସେମାନେ କିଛି କିଛି ଓଡ଼ିଆଲୋକଙ୍କୁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟ ସକାଶେ ଆଣିଥିଲେ। ଉଚ୍ଚ ଜାତିର ଯେତେ ସବୁ ଓଡ଼ିଆ ଲୋକେ କୋରାପୁଟର ଅଧିବାସୀ ସେମାନେ ଏହି ଦୁଇଶହ ତିନିଶହ ବର୍ଷ ଭିତର ଆଗନ୍ତୁକ ମାତ୍ର। କୋରାପୁଟର ଆଦିବାସୀଙ୍କ କଥିତଭାଷା ସହ ଓଡ଼ିଆର ସାଦୃଶ୍ୟ ଥିବାରୁ ଏଠାରେ କେତେକାଂଶରେ ଓଡ଼ିଆ ଭାଷା, ସଂସ୍କୃତି ଓ ସଭ୍ୟତା ଟିଷ୍ଟିପାରିଲା ଏବଂ ସଂପ୍ରସାରିତ ହେଲା। ଏ ସମସ୍ତ ସତ୍ତ୍ୱେ ଆଜି ମଧ୍ୟ ଆଦିବାସୀ ତା'ର ଆଚାର, ବିଚାର, ଧର୍ମ ଓ ସଂସ୍କୃତିକୁ ରକ୍ଷା କରିଚାଲିଛି। (୮)

ଏହି ଜିଲ୍ଲାର ଲୋକଙ୍କ ଜୀବନଯାପନ ପ୍ରଣାଳୀ ସରଳ ଓ ନିରାଡ଼ମ୍ବର। ଏମାନଙ୍କ ଅର୍ଥନୈତିକ ଅବସ୍ଥା ସଚ୍ଛଳ ନୁହେଁ। ନୈସର୍ଗିକ ପ୍ରକୃତିର ପ୍ରାକୃତିକ ସଂପଦ ହିଁ ସେମାନଙ୍କ ଜୀବନ

ରକ୍ଷାକରିଛି କହିଲେ ଚଳେ। ଏମାନଙ୍କ ମୌଳିକ ସଭ୍ୟତା ଓ ଅକୃତ୍ରିମ ସଂସ୍କୃତି ପୁରୁଷାନୁକ୍ରମେ ଅଦ୍ୟାବଧି ବଞ୍ଚି ରହିଛି।

କୋରାପୁଟ ହେଉଛି ବିଭିନ୍ନ ଉପଭାଷାର ଆଶ୍ରୟସ୍ଥଳୀ କିମ୍ବା ଏହାକୁ ଏକ ଉପଜାତୀୟ ଭାଷା କ୍ଷେତ୍ର ରୂପରେ କେତେକ ଭାଷାବିତ୍ ମତବ୍ୟକ୍ତ କରିଥାନ୍ତି। (୯) ଓଡ଼ିଆ ଓ ତେଲୁଗୁ ଦୁଇ ସାହିତ୍ୟିକ ଭାଷା ବ୍ୟତୀତ ଅନ୍ୟ ସବୁ ଭାଷା ଆଦିବାସୀ ଓ ଅନୁନ୍ନତ ଜାତିର। ଆୟତନ ତୁଳନାରେ ଏଠାର ଜନସଂଖ୍ୟା କମ୍ ଏବଂ ଆଦିବାସୀ, ହରିଜନ ଓ ଅନୁନ୍ନତ ଶ୍ରେଣୀର ଲୋକଙ୍କ ସଂଖ୍ୟା ଶତକଡ଼ା ଅଶୀ ଭାଗ ।

କୋରାପୁଟ ଜିଲ୍ଲା ତିନୋଟି ଗୋଷ୍ଠୀ (ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡା)ର ତ୍ରିବେଣୀ ସଂଗମ ବା ମିଳନ କ୍ଷେତ୍ର କହିବା ଯଥାର୍ଥ। କାରଣ ଏହାର ବୈଚିତ୍ରମୟ ପ୍ରକୃତି, ତା'ର ଅଧିବାସୀ ଓ ସେମାନଙ୍କର ଜୀବନଧାରା ଭଳି ଏହି ଜିଲ୍ଲାର ପ୍ରଚଳିତ ଭାଷାଗୁଡିକ ମଧ୍ୟ ବିଭିନ୍ନତା ଓ ବିଚିତ୍ରତାପୂର୍ଣ୍ଣ। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶର ଯଥାକ୍ରମେ ତେଲୁଗୁ ଓ ଛତିଶଗଡ଼ୀ ଭାଷା ଏହି ଜିଲ୍ଲାର ସ୍ଥାୟୀ ସଭ୍ୟ ଅଧିବାସୀଙ୍କ କଥିତଭାଷାକୁ ଯଥାକ୍ରମେ ସ୍ପଷ୍ଟ ଓ ସାଧାରଣ ଭାବରେ ପ୍ରଭାବିତ କରିଛି। (୧୦)

ଏହି ଜିଲ୍ଲାରେ ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଢିଉଠିଲାଣି। ସମାଜବିଜ୍ଞାନୀ, ନୃତତ୍ତ୍ୱବିତ୍, ଭାଷାବିଜ୍ଞାନୀ ସମସ୍ତଙ୍କ ପାଇଁ ଗବେଷଣା କରିବା ନିମିତ୍ତ ଏଠାରେ ଅଦ୍ୟାପି ଉପାଦାନ ଗଚ୍ଛିତ ରହିଛି। ଗବେଷକବୃନ୍ଦ ଏହାର ସୁଯୋଗ ନେଇ ଅନେକ ନୂତନ ଚିନ୍ତା ଓ ଚେତନା ଆବିଷ୍କାର କରିପାରିବେ ବୋଲି ନିଃସନ୍ଦେହରେ କୁହାଯାଇପାରେ।

ଗଞ୍ଜାମ :

ଗଞ୍ଜାମ ଇତିହାସ ପ୍ରସିଦ୍ଧ ବୀରଭୂମି କଳିଙ୍ଗର ନାମାନ୍ତର ମାତ୍ର। କେବଳ ବୀରତ୍ୱ ଓ ସାହସିକତା ପ୍ରଦର୍ଶନ ପାଇଁ ନୁହେଁ, ସରଳ, ତରଳ ଅନାବିଳ କବିତ୍ୱ ଭାବ ପରିପ୍ରକାଶ ନିମିତ୍ତ ଏଠାରେ ସମସ୍ତ ଅନୁକୂଳ ପରିବେଶ ବିଦ୍ୟମାନ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେଉଁଭଳି ହୃଦୟସ୍ପର୍ଶୀ, ସେହିପରି ଭୟଙ୍କର ମଧ୍ୟ । ଏକ ଦିଗରେ ପ୍ରକୃତିର ଚାରୁ ଚିତ୍ରଶାଳା ଚିଲିକା ସହିତ ଫେନିଳ ତରଙ୍ଗାକୁଳ ବଙ୍ଗୋପସାଗରର ଅନ୍ତହୀନ ଚକ୍ରବାଳ, ଅନ୍ୟ ଦିଗରେ ନଭଶ୍ଚୁମ୍ବୀ ମହେନ୍ଦ୍ରାଚଳର ଭୀମକାନ୍ତି ଦୃଶ୍ୟରାଜି, ପଶ୍ଚାତ୍‌ଭାଗରେ ରସାଳ ନାରୀକେଳାଦି ବୃକ୍ଷଲତାପୂର୍ଣ୍ଣ ଉଦ୍ୟାନଖଣ୍ଡ ଓ ସମ୍ମୁଖଭାଗରେ ପାର୍ବତ୍ୟ ଉପତ୍ୟକାମୟ ପ୍ରଶାନ୍ତ ମାଳଭୂମିର ଅପରୂପ ଶୋଭା ଏ ସମସ୍ତ ନିରସ ହୃଦୟକୁ ସୁଦ୍ଧା ନବୀନ ଭାବାବେଗରେ ପୂର୍ଣ୍ଣ କରିଦିଏ। (୧୧)

ଗଞ୍ଜାମର ପ୍ରାଚୀନ ଇତିହାସ ଅନ୍ଧକାର-ମେଘାଚ୍ଛନ୍ନ ହେତୁ ସେ ବିଷୟରେ ଆମେ ଅଜ୍ଞ। କିନ୍ତୁ ଖ୍ରୀ.ପୂ. ୨୬୨ରୁ ଏହାର ଇତିହାସ ସର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିଲା। ସମ୍ରାଟ ଅଶୋକ ମର୍ମନ୍ତୁଦ କଳିଙ୍ଗଯୁଦ୍ଧ ଅବସାନର ଛଅବର୍ଷ ପରେ ଗଞ୍ଜାମ ଜିଲ୍ଲାର ଜଉଗଡ଼ଠାରେ ଯେଉଁ

ଅନୁଶାସନ ଖୋଦିତ କରାଇଥିଲେ, ତାହା ଅଦ୍ୟାପି ଅମ୍ଳାନ ହୋଇ ଇତିହାସର ମୂକସାକ୍ଷୀ ରୂପେ ରହିଅଛି । ଗଞ୍ଜାମର ପାଲୁରୁ ବନ୍ଦର ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ଥିଲା । କଳିଙ୍ଗପାଟଣା ଥିଲା ଏହାର ଅନ୍ୟ ଏକ ପ୍ରସିଦ୍ଧ ବନ୍ଦର । ବୌଦ୍ଧଧର୍ମ ପ୍ରଚାର ନିମିତ୍ତ ଗଞ୍ଜାମର ବୁଗୁଡା ନିକଟବର୍ତ୍ତୀ ବୁଦ୍ଧଖୋଲ କେନ୍ଦ୍ରସ୍ଥଳୀ ରୂପେ ଖ୍ରୀ.ପୂ.ପ୍ରଥମ ଶତାବ୍ଦୀରେ କାର୍ଯ୍ୟ କରୁଥିଲା । (୧୨)

ହୁଏନ୍‌ସାଂ ଖ୍ରୀଷ୍ଟୀୟ ସପ୍ତମ ଶତକରେ ଗଞ୍ଜାମ ଦେଇ ଦକ୍ଷିଣକୁ ଗଲାବେଳେ ବୌଦ୍ଧଧର୍ମର ପତନ ସମଗ୍ର ଉତ୍ତ, ଉତ୍କଳ ଓ କଳିଙ୍ଗରେ ଦେଖିଥିଲେ । ଗଙ୍ଗବଂଶ ଓ ସୂର୍ଯ୍ୟବଂଶର ରାଜୁତି ସମୟରେ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ଗଞ୍ଜାମ ମୁସଲମାନଙ୍କ ସାମ୍ରାଜ୍ୟଭୁକ୍ତ ହେଲା । ପରେ ଫରାସୀମାନେ ୧୭୫୩ ମସିହା ନଭେମ୍ବର ମାସରେ ଗଞ୍ଜାମ, ବିଶାଖାପାଟଣା, ଗୋଦାବରୀ ଓ କୃଷ୍ଣା ଏ ଚାରି ଜିଲ୍ଲାର ଅଧିକାର ହାଇଦ୍ରାବାଦର ନବାବ ସଲାବତ୍‌ଜଙ୍ଗଙ୍କଠାରୁ ପା' ସୂତ୍ରରେ ପାଇଥିଲେ । ବୁସ୍‌ସି ଏହାର ଶାସକ ଥିଲେ । ରାଜଧାନୀ 'ଶିକାକୋଲ'ଠାରେ ରହିଲା । (୧୩)

ଉନବିଂଶ ଶତାବ୍ଦୀର ପ୍ରଥମ ଦଶକ ପର୍ଯ୍ୟନ୍ତ ଗଞ୍ଜା ବା ଗଞ୍ଜାମ ଜିଲ୍ଲାର ମୁଖ୍ୟ ସ୍ଥାନ ରୂପେ ବିବେଚିତ ହେଉଥିଲା ଏବଂ ଆନ୍ତର୍ଜାତିକ ବାଣିଜ୍ୟ କ୍ଷେତ୍ରରେ ଏହା ସୁନାମ ଅର୍ଜନ କରିଥିଲା । (୧୪) ଗଞ୍ଜାମ ଦୁର୍ଗଟି ସୁଦୃଢ ଥିଲା । ଆଜି ତାହା 'ପୋତାଗଡ଼' ରୂପେ ପରିଚିତ । ଏଠାରେ ମୁସଲମାନ, ଫରାସୀ ଓ ଇଂରାଜୀମାନଙ୍କ ସଂଘର୍ଷ ଘଟିଥିଲା ।

୧୭୬୨ ମସିହା ଏପ୍ରିଲ ମାସରେ ଦିଲ୍ଲୀ ସମ୍ରାଟ ଶାହ ଆଲମ୍‌ଙ୍କ ପରୱାନା ପ୍ରକାରେ ଇଂରେଜମାନେ ସମଗ୍ର ଉତ୍ତରସର୍କାର ଦାନରୂପେ ପାଇଗଲେ । ସେମାନେ କ୍ରମଶଃ ସବୁ ରାଜା ଜମିଦାରଙ୍କୁ ପରାସ୍ତ କଲେ ଓ ସେମାନଙ୍କ ମଧ୍ୟରେ ନାନା ବିଭେଦ ସୃଷ୍ଟି କରି ଗଞ୍ଜାମ ଜିଲ୍ଲା ସମେତ ସମଗ୍ର ଉତ୍ତର ସର୍କାରକୁ ଦଖଲରେ ରଖିଲେ ।

ଏଥିପାଇଁ ଗଞ୍ଜାମ ରାଜାମାନଙ୍କ ମଧ୍ୟରୁ ପାରଳା, ମହୁରୀ, ବିଜୟନଗର (ବଡ଼ଖେମୁଣ୍ଡି ଓ ସାନଖେମୁଣ୍ଡି), ଘୁମୁସର, ଖଲ୍ଲିକୋଟ, ଆଠଗଡ଼, ବିଶାଖାପାଟଣା ଜିଲ୍ଲାର ଜୟପୁର ମହାରାଜା ପ୍ରବଳ ପ୍ରତିରୋଧ କରିଥିଲେ । ଇଂରେଜମାନେ ଅଧିକାର କରିବା ସଙ୍ଗେସଙ୍ଗେ ତେଲେଙ୍ଗା 'ବା' ମୁସଲମାନ୍‌ମାନଙ୍କୁ କର୍ମଚାରୀରୂପେ ନିଯୁକ୍ତି କଲେ । ଓଡ଼ିଆଙ୍କ ଭାଷା ଓ ସଂସ୍କୃତି ଉପରେ ପ୍ରଚଣ୍ଡ ଆକ୍ରମଣ ଚାଲିଲା । ଇଂରେଜୀ କମ୍ପାନୀ (East India Company) ଏହି ଅଞ୍ଚଳକୁ ମାଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ କଲେ । (୧୫)

ଗଞ୍ଜାମ ଜିଲ୍ଲାର ବହୁ ଅଞ୍ଚଳ ପାହାଡ଼ ପର୍ବତ ଓ ଘନ ଜଙ୍ଗଲରେ ପରିପୂର୍ଣ୍ଣ । ଶବର ତଥା ସଉରାମାନେ ହିଁ ଏହାର ଆଦିମ ଅଧିବାସୀ । ଏମାନଙ୍କ ବ୍ୟତୀତ ଅନ୍ୟ ସ୍ଥାୟୀ ଅଧିବାସୀବୃନ୍ଦ ଅତୀତରେ ବୀର, ଶିକ୍ଷିତ ଓ ସଂସ୍କୃତି ପ୍ରିୟ ଥିଲେ । କୃଷି ହେଲା ଏମାନଙ୍କ ପ୍ରଧାନ ଜୀବିକା । ବାଣିଜ୍ୟ ବ୍ୟବସାୟ ଆଉ କେତେକଙ୍କ ବୃତ୍ତି ଥିଲା । ଏଠାରେ ବୌଦ୍ଧ, ଜୈନ, ଶାକ୍ତ, ବୈଷ୍ଣବ, ଶୈବ ପ୍ରତ୍ୟେକ ଧର୍ମାବଲମ୍ବୀମାନେ ନିଜ ନିଜର ଧର୍ମ ପ୍ରଚାର କରିଛନ୍ତି । ବିଭିନ୍ନ ସଂପ୍ରଦାୟ ଦ୍ୱାରା ନିର୍ମିତ ଗୁମ୍ଫା ଓ ମନ୍ଦିରମାନ ହିଁ ଏହା ଜ୍ୱଳନ୍ତ ଦୃଷ୍ଟାନ୍ତ ।

ଗଞ୍ଜାମ ଜିଲ୍ଲାର ପ୍ରଚଳିତ ଭାଷା ଓଡ଼ିଆ। ଏଠାରେ ସଉରାଭଳି କେତେକ ସ୍ୱତନ୍ତ୍ର ଭାଷା ରହିଛି। ଶବର ସଉରାମାନଙ୍କ ଦ୍ୱାରା ଏହା ପୁରୁଷାନୁକ୍ରମେ ଲୋକମୁଖରେ ବ୍ୟବହାର ହୋଇ ଆସୁଅଛି। ଏତଦ୍‌ବ୍ୟତୀତ ଏଠାରେ ରେଲି, କନ୍ଧ ଆଦି ଉପଭାଷାମାନଙ୍କର ପ୍ରୟୋଗ ମଧ୍ୟ ଦେଖିବାକୁ ମିଳିଥାଏ। ଲୋକମାନଙ୍କ କଥିତ ଓଡ଼ିଆ ଭାଷାରେ, ଓଡ଼ିଶାର ଅନେକ ଅଞ୍ଚଳର କଥିତଭାଷା ତୁଳନାରେ କିଛି ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ। ଏହି ବିଶେଷତ୍ୱ ଦକ୍ଷିଣା, ଗଞ୍ଜାମୀରୂପେ ନାମିତ। ଦକ୍ଷିଣ ଓଡ଼ିଶାର କଥିତ ଭାଷାରେ ତେଲୁଗୁ ଭାଷାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ସ୍ପଷ୍ଟ ଅନୁମେୟ। ଓଡ଼ିଆ ଭାଷା ଆନ୍ଦୋଳନ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ସମସାମୟିକ ରାଜନୈତିକ ପୃଷ୍ଠଭୂମିରେ ତା'ର ସାମାନ୍ୟ ସୂଚନା ଏଠାରେ ପ୍ରଦାନ କରାଗଲା।

ଗଞ୍ଜାମ ମାଦ୍ରାଜ ପ୍ରେସିଡେନ୍‌ସି ଅଧୀନରେ ଥିଲାବେଳେ ସୁଦୂର ଦକ୍ଷିଣରୁ ତେଲୁଗୁ ତଥା ଅନ୍ୟ ଅଣଓଡ଼ିଆମାନେ ସରକାରୀ କର୍ମଚାରୀ ରୂପେ ନିଯୁକ୍ତି ପାଇଥିଲେ। ଏମାନେ ନିଜର ପ୍ରାଧାନ୍ୟ ବିସ୍ତାର କରିବାପାଇଁ ଅପଚେଷ୍ଟା ଚଳାଇଥିଲେ। ସାମାଜିକ, ଅର୍ଥନୈତିକ, ସରକାରୀ, ବେସରକାରୀ ସମସ୍ତ କ୍ଷେତ୍ରରେ ଓଡ଼ିଆମାନେ ନିର୍ଯ୍ୟାତିତ, ଅପମାନିତ ଓ ଅବହେଳିତ ହୋଇ ଦୁଃଖଭୋଗ କଲେ। ଓଡ଼ିଆ ପିଲାମାନେ ବାଧ୍ୟହୋଇ ତେଲୁଗୁ ପଢିଲେ। କାଁ ଭାଁ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ ନାମକୁମାତ୍ର ଥିଲେ ହେଁ ଓଡ଼ିଆ ଶିକ୍ଷକ ଅଭାବ ଆଳରେ ତେଲୁଗୁ ଶିକ୍ଷକ ନିଯୁକ୍ତି କରାଗଲା। ଦରଖାସ୍ତ, ଅର୍ଜି ସବୁ ତେଲୁଗୁରେ ଦିଆଯାଉଥିଲା। କୋର୍ଟରୁ ସମନ ତେଲୁଗୁ ଭାଷାରେ ଆସିବା ହେତୁ ଓଡ଼ିଆମାନେ ତେଲୁଗୁ ଓକିଲଙ୍କ ପାଖକୁ ନ ଗଲେ ଗତ୍ୟନ୍ତର ନ ଥିଲା। ତେଲେଙ୍ଗାମାନଙ୍କର ଅତ୍ୟାଚାରରେ ଗଞ୍ଜାମ ଓଡ଼ିଆମାନେ ଅତିଷ୍ଠ ହୋଇଉଠିଲେ।

'ଓଡ଼ିଆ ଆନ୍ଦୋଳନର ଇତିହାସ' ଗ୍ରନ୍ଥର ରଚୟିତା ପଣ୍ଡିତ ବାଇବୋଳି ମହାପାତ୍ର ଏ ବିଷୟରେ ଅନେକ ତଥ୍ୟ ସଂଗ୍ରହକରି ଲିପିବଦ୍ଧ କରିଛନ୍ତି। ତାଙ୍କରି ଭାଷାରେ-ଗଞ୍ଜାମ ଜିଲ୍ଲାରେ ତେଲେଙ୍ଗା ଭାଷା ପ୍ରଚଳନ ହେବାରେ ଓଡ଼ିଆମାନେ ବିଶେଷ ହଇରାଣ ହେଲେ। ଘୁମୁସର ଓଡ଼ିଆମାନେ ଏ ବିଷୟରେ ପ୍ରଥମରେ ଆନ୍ଦୋଳନ କଲେ। ୧୮୭୦ ମସିହା ସେପ୍‌ଟେମ୍ବର ମାସରେ ରସୁଲକୋଣ୍ଡା (ବର୍ତ୍ତମାନ ଭଞ୍ଜନଗର) ଠାରେ ସଭା ହୋଇ ମାଦ୍ରାଜ ସରକାର ତଥା ବଡ଼ଲାଟ୍‌ଙ୍କୁ ପ୍ରାର୍ଥନାପତ୍ର ଦିଆଯାଇ ସେଥିରେ ଖଲ୍ଲିକୋଟ, ଆଠଗଡ଼, ବିରୁଳିପାଲୁରୁ, ହୁମା, ଧରାକୋଟ, ଗଞ୍ଜା, ସୋରଡା, କରଡ଼ା, କାଟିଗାଁ, ଗଜାପୁର, ବରଗଡ଼, ସେରଗଡ଼, ସାନଖେମୁଣ୍ଡି, ବଡ଼ଖେମୁଣ୍ଡି, ଚିକିଟି, ମହୁରୀ, ଜରଡ଼ା, ଜଳନ୍ତର, ସୁରଙ୍ଗି, ବୁଢାରସିଂହୀ, ମଞ୍ଜୁସା, ତରଳା, ଚିକିଲି, ପାରଳା ଜମିଦାରୀମାନଙ୍କରେ ଓଡ଼ିଆ ଭାଷା ଶୀଘ୍ର ପ୍ରଚଳନ କରାଯାଉ ଓ ଓଡ଼ିଆ ଲୋକଙ୍କୁ ସରକାରୀ କାମରେ ନିଯୁକ୍ତି କରାଯାଉ ବୋଲି ଅନୁରୋଧ କରାଗଲା।(୧୬) ଏହି ବିଷୟ ତତ୍‌କାଳୀନ 'ଉତ୍କଳ ଦୀପିକା' ପତ୍ରିକାରେ ମଧ୍ୟ ପ୍ରକାଶ ପାଇଥିଲା।

ଆନ୍ଦୋଳନର ବାର୍ତ୍ତା ସରକାରଙ୍କ କର୍ଣ୍ଣଗୋଚର ହେଲା ନାହିଁ। ତେଣୁ ଗଞ୍ଜାମର ଶିକ୍ଷିତ ଭାଷାପ୍ରେମୀବୃନ୍ଦ ଏ ଆନ୍ଦୋଳନକୁ ତୀବ୍ରରୁ ତୀବ୍ରତର ରୂପ ପ୍ରଦାନ କଲେ। ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ସମ୍ପାଦିତ 'ପ୍ରଜାବନ୍ଧୁ' ପତ୍ରିକାରେ ପ୍ରଥମଥର ପାଇଁ 'ଗଞ୍ଜାମ ସମ୍ମିଳନୀ' ପ୍ରଚାର ହେଲା। ଏ ସମ୍ବାଦ ଚତୁର୍ଦ୍ଦିଗରେ ପ୍ରଚାର ହେଲା। ୧୯୦୩ ମସିହା ଏପ୍ରେଲ ମାସରେ ଏ ସମ୍ମିଳନୀ ବସିଥିଲା। ଗଞ୍ଜାମର ପ୍ରଥମ ଗ୍ରାଜୁଏଟ୍, 'ଉତ୍କଳ ହିତୈଷିଣୀ ସମାଜ' ଓ 'ଭାଷା ବିବର୍ଦ୍ଧିନୀ ସମାଜ'ର ପ୍ରତିଷ୍ଠାତା-ପାରଳାଖେମୁଣ୍ଡିନିବାସୀ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଭାପତିତ୍ୱରେ ସମ୍ମିଳନୀର ଶୁଭ ଉଦ୍‌ଘାଟନ ହୋଇଥିଲା। ଏହି ସମ୍ମିଳନୀରେ ସମଗ୍ର ଓଡ଼ିଶାର ଶିକ୍ଷାବିତ୍, ଜାତିପ୍ରେମୀ, ଭାଷାପ୍ରେମୀ ବ୍ୟକ୍ତିବୃନ୍ଦ ଯୋଗ ଦେଇଥିଲେ। ଉତ୍କଳଗୌରବ ମଧୁବାବୁ ଗଞ୍ଜାମ ଲୋକଙ୍କ ଏହି ଉଗ୍ର ଜାତୀୟଭାବ ଅବଲୋକନ କରି 'ଉତ୍କଳ ସମ୍ମିଳନୀ' ଗଠନର ପ୍ରସ୍ତାବ ଆଣିଥିଲେ। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଡିସେମ୍ବର ୩୦-୩୧ ତାରିଖରେ ଅନୁଷ୍ଠିତ ହୋଇଥିଲା । 'ଗଞ୍ଜାମ ସମ୍ମିଳନୀ' ହିଁ 'ଉତ୍କଳ ସମ୍ମିଳନୀ'ର ଜନ୍ମଦାତ୍ରୀ ବୋଲି କହିବା ଯୁକ୍ତିଯୁକ୍ତ।

ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ଆନ୍ଦୋଳନର ନେତୃବୃନ୍ଦଙ୍କ ଆପ୍ରାଣ ଉଦ୍ୟମରେ ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେଲା ସତ, କିନ୍ତୁ ଦୁର୍ଭାଗ୍ୟବଶତଃ ଗଞ୍ଜାମ ଓ ଜୟପୁରର ସ୍ଥାନ ଓଡ଼ିଶାର ନିର୍ଦ୍ଧାରିତ ମାନଚିତ୍ରରେ ନଥିଲା। ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅଟଳ ପ୍ରତିଜ୍ଞାର ପରିଣତି ସଦୃଶ ଗଞ୍ଜାମ ଓ ଜୟପୁର ଅଞ୍ଚଳ ମିଶି ସ୍ୱତନ୍ତ୍ର 'ଉତ୍କଳ ପ୍ରଦେଶ' ଘୋଷଣା କରାଗଲା।

ଉନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରୁ ଆରମ୍ଭକରି ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ବହୁଲୋକ ବ୍ୟବହୃତ ଓଡ଼ିଆ ମାତୃଭାଷା ଉପରେ ତେଲେଙ୍ଗା ତଥା ଅଣଓଡ଼ିଆମାନଙ୍କ ଘନ ଘନ ଅତ୍ୟାଚାର ଓ କୂଟଚକ୍ରାନ୍ତ ସରକାରୀ ଓ ବେସରକାରୀ ଭାବେ କ୍ରମାନୁଗତ ଭାବରେ ଚାଲିଥିଲା। କିନ୍ତୁ ଏ ଜାତିର ଭାଷା ବିଲୋପ କରିବା ଦୂରେ ଥାଉ, ଦକ୍ଷିଣ ଓଡ଼ିଶାରେ ପ୍ରଥମକରି ଜାତୀୟ-ଭାବାପନ୍ନ ସମ୍ମିଳନୀର ଉନ୍ମେଷ ଘଟିଥିଲା ଏବଂ ଏ ଆନ୍ଦୋଳନ ସମଗ୍ର ଓଡ଼ିଶା ବ୍ୟାପୀ ଥିଲା। ଅନେକ ସଂଘର୍ଷ ଫଳରେ ଓଡ଼ିଶାବାସୀ ନିଜର ନ୍ୟାର୍ଯ୍ୟଦାବି ହାସଲ କଲେ ୧୯୩୬ ମସିହାରେ। କିନ୍ତୁ ଦକ୍ଷିଣ ଓଡ଼ିଶାର କେତେକ ଓଡିଆଭାଷୀ ଅଞ୍ଚଳ ଚିରଦିନ ଲାଗି ଆନ୍ଧ୍ରସୀମା ଭିତରେ ରହିଗଲେ। ସେଗୁଡିକ ହେଲା-ମଞ୍ଜୁଷା, ଚିକାଲି, ଇଚ୍ଛାପୁର, ଶ୍ରୀକାକୁଲମ୍, ପାର୍ବତୀପୁର ମୁଖଲିଙ୍ଗ ପ୍ରଭୃତି।

ପ୍ରଥମ ଅଧ୍ୟାୟର ପାଦଟୀକା

୧. ଧ୍ୱନି ବିଜ୍ଞାନ, ଡ. ଗୋଲକବିହାରୀ ଧଳ । ପୃଷ୍ଠା-୨୪୦

୨. ଓଡ଼ିଆ ଲିପି ଓ ଭାଷା: ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୨
ଉପଭାଷାତତ୍ତ୍ୱ ଡ. ଦେବୀପ୍ରସନ୍ନ ପଟ୍ଟନାୟକ । ପୃ:୧୫୧,୧୫୨

୩. ଧ୍ୱନି ବିଜ୍ଞାନୀ : ଡ. ଗୋଲକବିହାରୀ ଧଳ ପୃ : -୨୩୬

୪. ଉତ୍କଳ କି ଭୌଗୋଳିକ ରୂପରେଖା-(ହିନ୍ଦୀ) ଶ୍ରୀ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ । ରାଷ୍ଟ୍ରଭାଷା ଜୟନ୍ତୀ ଗ୍ରନ୍ଥ - ଉତ୍କଳ ପ୍ରାନ୍ତୀୟ ରାଷ୍ଟ୍ରଭାଷା ପ୍ରଚାର ସଭା, କଟକ ଦ୍ୱାରା ପ୍ରକାଶିତ ।

୫. ଓଡ଼ିଆ ଲିପି ଓ ଭାଷା- ଡ. ଖଗେଶ୍ୱର ମହାପାତ୍ର (କୋରାପୁଟ ଭାଷା)

୬. କୋରାପୁଟ, ଜୟପୁର ସାହିତ୍ୟ ପରିଷଦର ମୁଖପତ୍ର, ୧୯୮୩ ସମ୍ପାଦକୀୟ, ପୃ.୧

୭. ଦକ୍ଷିଣାଞ୍ଚଳୀୟ ଓଡ଼ିଆ: ଡ. ଖଗେଶ୍ୱର ମହାପାତ୍ର । ପୃ-୨୮

୮. କୋରାପୁଟ, କୋରାପୁଟର ଦାରିଦ୍ର୍ୟ କେବେ ଦୂର ହେବ ? ଶ୍ରୀ ରଘୁନାଥ ପଟ୍ଟନାୟକ, ପୃ-୨୩

୯. ଓଡ଼ିଆ ଲିପି ଓ ଭାଷା, ଡ. ଖଗେଶ୍ୱର ମହାପାତ୍ର । ପୃ-୮୮

୧୦. କୋରାପୁଟ, କୋରାପୁଟ ଜିଲ୍ଲା, ଆଦିବାସୀ ଭାଷା, ସାହିତ୍ୟ ଓ ସମାଜ ଶ୍ରୀ କାଳିକିଙ୍କର ମିଶ୍ର । ପୃ-୬୩

୧୧. Post-Graduate Magazine-(Berhampur University) 1973-74, P-14

୧୨. Orissa History Congress : 1977, 'The Antiquities of Ganjam,' Sri A.K.Rath P-29

୨୩. ଓଡ଼ିଶା ଇତିହାସରେ ଖଲିକୋଟର ସ୍ଥାନ : ପଣ୍ଡିତ ବାଇକୋଳି ମହାପାତ୍ର । ୧୯୮୧, ପୃ-୯

୯୪. Orissa History Congress, P-31

୧୫. ଓଡ଼ିଆ ଆନ୍ଦୋଳନର ଇତିହାସ ପଣ୍ଡିତ ଶ୍ରୀ ବାଇକୋଳି ମହାପାତ୍ର, ୧୯୭୬ ପୃ-୧୩

୧୬. ଓଡ଼ିଆ ଆନ୍ଦୋଳନର ଇତିହାସ, ପଣ୍ଡିତ ବାଇକୋଳି ମହାପାତ୍ର, ପୃ-୧୮-୧୯

□

ଦ୍ୱିତୀୟ ଅଧ୍ୟାୟ

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ ବୈଦେଶିକ ଓ ପ୍ରାଦେଶିକ ଭାଷାର ପ୍ରଭାବ

ଭାଷା ହେଉଛି ସର୍ବସାଧାରଣଙ୍କ ସାମଗ୍ରିକ ସମ୍ପତ୍ତି । ଭାଷାର ବ୍ୟାପ୍ତି ଏତେ ଦୂର ଯେ, ଏହାକୁ ସୀମିତ- ଆଲୋଚନାର ସୀମାରେଖାରେ ଆବଦ୍ଧ କରିବା ସମ୍ଭବପର ନୁହେଁ । ପୁଣି ଏହାର ଉନ୍ମେଷ ନିମିତ୍ତ କୌଣସି ବ୍ୟକ୍ତି ନିଜର ବୋଲି ଦାବି କରିପାରିବ ନାହିଁ । କାରଣ ଗୋଷ୍ଠୀରୁ ହିଁ ଏହାର ଜନ୍ମ ।

ବାସ୍ତବରେ ଗୋଟିଏ ଭାଷାରେ ଅନ୍ୟ ଏକ ଭାଷା ପ୍ରଭାବର କାରଣ ହେଲା- ଶୁଣି ଶୁଣି ଅନୁକରଣ କରିବା ପ୍ରକ୍ରିୟା । ଶଶିଭୂଷଣ ରାୟଙ୍କ ଭାଷାରେ - କାନରେ କଥା ଚାଲିଯାଏ । କାନରେ ଚାଲୁ ଚାଲୁ ଏ ଦେଶରୁ ସେ ଦେଶକୁ ଚାଲିଯାଏ । ସେ ଦେଶରୁ ଏ ଦେଶକୁ ଆସେ । ଏକ ଭାଷାର ଶବ୍ଦ ଆଉ ଏକ ଭାଷାର ଶବ୍ଦ ସଙ୍ଗେ ସଖ୍ୟ କରେ । ସଙ୍ଗାତ ବସେ, କଥା କଥା- କରେ ମହାକୁଟୁମ୍ବିତା ହୋଇଯାଏ, କୁଟୁମ୍ବ କୁଟୁମ୍ବ ମଧ୍ୟରେ ଧରାଧରି ହୋଇ ଚଲାବୁଲା କରନ୍ତି । (୧)

ଦକ୍ଷିଣାଞ୍ଚଳୀୟ ଓଡ଼ିଆ କଥିତଭାଷା- ଆଞ୍ଚଳିକତାରେ ପରିପୂର୍ଣ୍ଣ କିମ୍ବା କେବଳ ତେଲୁଗୁ ଭାଷା ଦ୍ୱାରା ପ୍ରଭାବିତ କହିବା ଅପ୍ରାସଙ୍ଗିକ ହେବ । କାରଣ କଥିତଭାଷା ଭାବ ପ୍ରକାଶର ସହଜ- ମାଧ୍ୟମକୁ ଅପେକ୍ଷା କରେ । ସମୟାନୁକ୍ରମେ ବିଭିନ୍ନ ଗୋଷ୍ଠୀ ସହିତ ସଂପୃକ୍ତ ହୋଇ, ଦକ୍ଷିଣ ଓଡ଼ିଶାର କଥିତଭାଷା ଅନ୍ୟାନ୍ୟ ବୈଦେଶିକ ଓ ପ୍ରାଦେଶିକ ଭାଷା ପ୍ରଭାବରୁ ମୁକ୍ତ ହୋଇନାହିଁ । ପୁଣି ଉଚ୍ଚାରଣର ସୁବିଧା ଦୃଷ୍ଟିରୁ ମୌଳିକ ଶବ୍ଦଗୁଡ଼ିକର କେତେକ ରୂପ ପରିବର୍ତ୍ତନ ମଧ୍ୟ ହୋଇଛି । ଅବଶ୍ୟ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଅପେକ୍ଷା ଦକ୍ଷିଣାଞ୍ଚଳୀୟ ଓଡ଼ିଆ ତେଲୁଗୁ ଭାଷାରେ ଅତି ନିକଟବର୍ତ୍ତୀ ହୋଇଛି, ଏହା ଯେ କେହିହେଲେ ସ୍ୱୀକାର କରିବେ । (ଏହାର ସ୍ୱତନ୍ତ୍ର ଆଲୋଚନା ଏହି ଗ୍ରନ୍ଥର ସଂଯୋଜିତ) ଏତଦ୍‌ବ୍ୟତୀତ ଇଂରାଜୀ, ପର୍ତ୍ତୁଗୀଜ ଭଳି ବୈଦେଶିକ ଶବ୍ଦ ଓ ହିନ୍ଦୀ ଆଦି ପ୍ରାଦେଶିକ ଭାଷାର କେତେକ ଶବ୍ଦ ଦକ୍ଷିଣ ଓଡ଼ିଶାର ଲୋକମାନେ ବ୍ୟବହାର କରିଥା'ନ୍ତି । ସ୍ଥଳବିଶେଷରେ ଏମାନେ ଆଞ୍ଚଳିକ- ବୈଶିଷ୍ଟ୍ୟ ରକ୍ଷାକରି ବିକୃତ ଉଚ୍ଚାରଣ କରିଥା'ନ୍ତି ।

ବିଭିନ୍ନ ସଂସ୍କୃତିର ଲୋକଙ୍କ ସଂସ୍ପର୍ଶରେ ଆସି ସେହି ଭାଷା ପ୍ରଭାବରେ ପ୍ରଭାବିତ ହେବା ଯେକୌଣସି ଭାଷାଭାଷୀଙ୍କ ପକ୍ଷେ ଏକ ସ୍ୱାଭାବିକ ଲକ୍ଷଣ। ଛିଦ୍ରାନ୍ୱେଷୀଙ୍କ ନିମିତ୍ତ ଏହା ହୁଏତ ନିନ୍ଦାର ବସ୍ତୁ ହୋଇପାରେ, କିନ୍ତୁ ନିରପେକ୍ଷ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ, ଭାଷା ସୌନ୍ଦର୍ଯ୍ୟ ପାଇଁ ଏହାର ବନ୍ଦନୀୟ କହିବା ସମୀଚୀନ। ଏହି ପରିଚ୍ଛେଦରେ ଦକ୍ଷିଣ ଓଡ଼ିଶାରେ କଥିତ ଓଡ଼ିଆ ଭାଷାରେ ମୂଳତଃ ଇଂରାଜୀ, ପର୍ତ୍ତୁଗୀଜ ଓ ହିନ୍ଦୀ ଶବ୍ଦ କିପରି ଅବାରିତଭାବେ ବ୍ୟବହୃତ, ତା'ର ସାମାନ୍ୟ ସୂଚନା ଏଠାରେ ପ୍ରଦାନ କରାଗଲା। କେବଳ ଶବ୍ଦ ସୂଚୀ ହିଁ ଏଠାରେ ପ୍ରସ୍ତୁତ କରାଯାଇଛି। ଏହାର ସହାୟକ ଗ୍ରନ୍ଥ ହେଲା- ଓଡ଼ିଆ ଭାଷାର ରୂପତତ୍ତ୍ୱ, ଡା. ବେଣୀମାଧବ ପାଢ଼ୀ ଏବଂ ଓଡ଼ିଆ ଲିପି ଓ ଭାଷା, ଡ. ଖଗେଶ୍ୱର ମହାପାତ୍ର।

ଦକ୍ଷିଣ ଓଡ଼ିଶାରେ ବ୍ୟବହୃତ ହେଉଥିବା ଇଂରାଜୀ ଶବ୍ଦଗୁଡିକ ସଠିକ୍ ଉଚ୍ଚାରଣ ନ ହୋଇ ବିକୃତ ରୂପରେ ଉଚ୍ଚାରିତ ହୋଇଥା'ନ୍ତି।

(କ) ହଳନ୍ତ୍ ଶବ୍ଦର 'ଉ' କାରନ୍ତ ଉଚ୍ଚାରଣ

ଇଂରାଜୀ	ବ୍ୟବହୃତ ଶବ୍ଦ
ଗ୍ୟାସ୍	ଗ୍ୟାସୁ
ଚାନସ୍	ଚାନ୍‌ସୁ
ଟାଉନ୍	ଟାଉନୁ
ଟେବୁଲ୍	ଟେବୁଲୁ
ଇଂଜିନିୟର୍	ଇଞ୍ଜିନିୟରୁ
କାର୍ଡ଼୍	କାର୍ଡୁ
କଭର୍	କାଭାରୁ
କୋଟ୍	କୋଟୁ
ନଟ୍	ନାଟୁ
କୋର୍ଟ	କୋର୍ଟୁ
ଗେଟ୍	ଗେଟୁ
ନୋଟ୍	ନୋଟୁ

ଇଂରାଜୀ	ବ୍ୟବହୃତ ଶବ୍ଦ
ପୋଲିସ୍	ପୋଲିସୁ
ପ୍ଲେଟ୍	ପ୍ଲେଟୁ, ପିଲେଟ
ଫୋଟ୍	ଫୋଟୁ
ସେଟ୍	ସେଟୁ
ପେନ୍	ପେନୁ
ସାର୍ଟ	ସାର୍ଟୁ
ହୋଟେଲ୍	ହୋଟେଲୁ
ପାଇପ୍	ପାଇପୁ
ପିଅନ୍	ପିଉନୁ
ସୁଟ୍	ସୁଟୁ
ମେଲ୍	ମେଲୁ
ରଫ୍	ରାଫୁ
ଲାଇଟ୍	ଲାଇଟୁ ଇତ୍ୟାଦି

(ଖ) 'ଅ' କାରନ୍ତ ସ୍ଥାନରେ ଆ' କାରନ୍ତ ଉଚ୍ଚାରଣ

ଇଂରାଜୀ	ବ୍ୟବହୃତ ଶବ୍ଦ
ବସ୍	ବାସୁ
ରସ୍	ରାସୁ
ନର୍ସ	ନାର୍ସୁ, ନାରସୁ
କଲେଜ	କାଲେଜୁ
କଫି	କାଫି
ଅଫିସ୍	ଆଫିସ୍
କମିଟି	କାମିଟି
ଜର୍ଜ	ଜାଡ୍‌ଜ
ଟ୍ରଂକ୍	ଟ୍ରାଂକ୍, ଟ୍ରାଂକୁ
ଟର୍ଚ୍ଚ	ଟାର୍ଚ୍ଚ, ଟାର୍ଚ୍ଚୁ
କନ୍‌ସେସନ୍	କାନ୍‌ସେସନ୍
ବଲ୍	ବାଲ୍, ବାଲୁ
ଲଂଚ୍	ଲାଂଚୁ
ବ୍ଲକ୍	ବାକ୍

(ଗ) ଇଂରଜୀ ଶବ୍ଦର ବିକୃତ ରୂପ ଉଚ୍ଚାରଣ

ଇଂରାଜୀ	ବିକୃତ ରୂପ
ଡକ୍‌ଟର	ଡାକ୍ତର, ଡାକ୍‌ତର
ହସ୍‌ପିଟାଲ୍	ହାସପତ୍ରି
କନ୍‌ଟ୍ରାକ୍ଟର୍	କାନତରଟି
ଟ୍ୟାକ୍‌ସ	ଟିକସ
ଗ୍ଲାସ୍	ଗିଲାସ
ରେଭେନ୍ୟୁ	ରିଭିନି
ଇନ୍‌ଜକ୍‌ସନ	ଇଂଜିସିନି

(ଘ) 'ଇ' କାରନ୍ତ ଆଗମ

ଇଂରାଜୀ	ବ୍ୟବହୃତ ଶବ୍ଦ
ସ୍କୁଲ୍	ଇସ୍‌କୁଲ
ଷ୍ଟେସନ୍	ଇଷ୍ଟେସନ୍

ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଓଡ଼ିଶା ଇଂରାଜୀମାନଙ୍କ ଦ୍ୱାରା ଶାସିତ ହୋଇଥିଲା । ସେହି ସମୟରୁ ଓଡ଼ିଆ ଭାଷା ଇଂରାଜୀ ଭାଷାର ପ୍ରତ୍ୟକ୍ଷ ଓ ପରୋକ୍ଷ ସଂସ୍ପର୍ଶରେ ଆସି ଇଂରାଜୀ ଭଳି ଏକ ଅପରିଚିତ ବୈଦେଶୀକ ଭାଷାର ଶବ୍ଦଗୁଡ଼ିକ ନିଜର ଅସ୍ଥି-ମଜ୍ଜାଗତ କରିସାରିଲାଣି । ନିତିଦିନିଆ ଜୀବନରେ ଓଡ଼ିଆ ଶିକ୍ଷିତ ଗୋଷ୍ଠୀ ଇଂରାଜୀ ଶବ୍ଦଗୁଡିକ ବହୁଳ ପ୍ରୟୋଗ କରିଥା'ନ୍ତି । ପୁନଶ୍ଚ ସେମାନଙ୍କ ବିଦେଶୀଭାଷାପ୍ରେମ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଏହା କେବଳ ଆମ ଭାଷାରେ ନୁହେଁ, ବରଂ ଅନ୍ୟ ଭାଷାରେ ମଧ୍ୟ ଏହାର ପ୍ରଭାବ ସ୍ୱୀକାର୍ଯ୍ୟ । ତେଣୁକରି ଇଂରାଜୀ ଭାଷା ଆଜି ଆନ୍ତର୍ଜାତିକ ଭାଷାର ଖ୍ୟାତି ଅର୍ଜନ କରିପାରିଛି ।

ଓଡ଼ିଆ ଭାଷାରେ ପର୍ତ୍ତୁଗୀଜ ଭାଷାର ପ୍ରଭାବ ସ୍ପଷ୍ଟ । ବ୍ୟବସାୟ ସୂତ୍ରରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ, ଆନୁମାନିକ ସପ୍ତଦଶ ଶତାବ୍ଦୀରେ ଏମାନେ ବସତି ସ୍ଥାପନ କରିଥିଲେ ଏବଂ ସେମାନଙ୍କ ଭାଷାର କିୟଦଂଶ ପ୍ରଭାବ ଓଡ଼ିଆରେ ପଡ଼ିଛି । ପରେ ପରେ କଥିତ ଓଡ଼ିଆରେ ଓଡ଼ିଶାର ଚତୁର୍ଦ୍ଦିଗ ବ୍ୟାପିଯାଇଛି । ଦକ୍ଷିଣ ଓଡ଼ିଶାର ବନ୍ଦର ଥିଲା ଗୋପାଳପୁର, କଳିଙ୍ଗପାଟଣାଦି ଅଞ୍ଚଳ । ଏଣୁ ଏଠାରେ ମଧ୍ୟ କେତେକ ଶବ୍ଦର ପ୍ରଚଳନ ଦେଖାଯାଇଥାଏ । ନିମ୍ନରେ ଏହାର ସଂକ୍ଷିପ୍ତ ଶବ୍ଦସୂଚୀ ପ୍ରଦାନ କରାଗଲା ।

ପର୍ତ୍ତୁଗୀଜ ଶବ୍ଦ	ବ୍ୟବହୃତ ଶବ୍ଦ
ଆଲ୍‌ପିନ୍	ଆଲ୍‌ପିନୁ
ଆଲମାରି	ଆଲମିରା
ଇସ୍ତ୍ରୀ	ଇସ୍ତ୍ରୀ
କାଜ	କାଜା
କାମରା	କମରା
କାମିଜ	କାମିଜୁ
କୋବି	କୁବି
ଜାଫ୍ରାନ୍	ଜାଫ୍ରାନି
ଜୁଆ	ଜୁଆ
ତମାଖୁ	ତମାଖୁ
ତସଲା	ତସଲା
ତେଲାଣି	ତେଲାଣି
ପପେୟା	ପପାୟା (କୋ. ଆଦିବାସୀ ଭାଷାରେ ଏହାର ଅଧିକ ପ୍ରଚଳନ)
ପାଉଁରୁଟି	ପାଉଁରୁଟି
ପାଦ୍ରୀ	ପାଦ୍ରୀ (ଅର୍ଥ ପରିବର୍ତ୍ତନ)
ପିତା	ପିତା
ବାସନ	ବାସନ
ମାର୍କା	ମାର୍କା, ମାର୍କାମରା
ସପେଟା	ସାପ୍‌ଟା
ସାୟା	ସାୟା
ସାବୁନ୍	ସାବୁ, ସାବୁନ୍
ବିସ୍କୁଟ୍	ବିସ୍କୁଟ୍
ବାଲ୍‌ଟି	ବାଲଟି, ବାଲତି

ଦକ୍ଷିଣ ଓଡ଼ିଶାର କଥିତଭାଷାରେ ହିନ୍ଦୀ ଶବ୍ଦର କମ୍ ପ୍ରଚଳନ ଦେଖାଦେଇଥାଏ। ଗଞ୍ଜାମରେ ଏହାର ପ୍ରଭାବ କ୍ଷୀଣ, କିନ୍ତୁ କୋରାପୁଟ ଜିଲ୍ଲାର କୋଟପାଡ଼ରୁ ଆରମ୍ଭ କରି ରାଇଘର ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ସୀମା ଲାଗିଥିବାରୁ ଏଠାକାର ଆଦିବାସୀଙ୍କ ଭାଷାରେ ହିନ୍ଦୀଭାଷାର ପ୍ରଭାବ ଯଥେଷ୍ଟ ପରିଲକ୍ଷିତ ହୋଇଥାଏ। ବସ୍ତର ତଥା ମଧ୍ୟପ୍ରଦେଶର ଅନ୍ୟାନ୍ୟ ଅଂଚଳରେ ଓଡ଼ିଆମାନେ

ହିନ୍ଦୀମିଶ୍ରିତ ଓଡ଼ିଆ ବ୍ୟବହାର କରିଥା'ନ୍ତି। ଦକ୍ଷିଣ ଓଡ଼ିଶାର ଗୋଟିଏ ଦିଗରେ ମଧ୍ୟପ୍ରଦେଶ ରହିଥିବାରୁ ଓଡ଼ିଶାର କୋରାପୁଟ ଓ ମଧ୍ୟପ୍ରଦେଶର ବସ୍ତର ଜିଲ୍ଲାର ସୀମା ଆଖପାଖ ଲୋକ ଏ ଭଳି କହିଥାଆନ୍ତି।

ସାଧାରଣଭାବେ କହିଥାଆନ୍ତି- 'ଓଡ଼ିଆ ରାଗିଲେ ହିନ୍ଦୀ କହେ।' ପ୍ରାତିବେଶୀକ ଭିତ୍ତିରେ ଓଡ଼ିଶାର ପଶ୍ଚିମାଞ୍ଚଳରେ ହିନ୍ଦୀଭାଷାର ପ୍ରଭାବ ଭଳି ଦକ୍ଷିଣ ଓଡ଼ିଶାରେ ନାହିଁ, ତଥାପି ଜଲ୍‌ଦି, ଭୋର୍, ଜାଗା, ସାମାନ୍, ମାଲୁମ୍, ସମଝିବ, ଆଚ୍ଛା, ତେଲ୍ଲା, ଶସ୍ତା, ଆଡ୍‌ଡା, ଜମାଦାର, ଦେବାନ୍, ନିଘା, ସବାରି, ହାବିଲ୍‌ଦାର, ଠାକୁର, ଠିକ୍, ନଜର, ହୁକୁମ, ଦରଦ, ପହିଲି, ଥଟା, ଭୁଲ, ଥଣ୍ଡା, ଫାଟକ ପ୍ରଭୃତି ଶବ୍ଦ ସଚ୍ଛନ୍ଦରେ ପ୍ରଚଳିତ ହୋଇଅଛି।

ଆଧୁନିକ ଓଡ଼ିଆଭାଷାରେ ଇଂରାଜୀ ଭାଷାର ବହୁଳ ପ୍ରୟୋଗ ଦେଖାଯାଏ । ଠିକ୍ ସେହିପରି ପ୍ରାଚୀନ ସାହିତ୍ୟ ଭାଷାରେ ପାରସ୍ୟ, ଆରବ୍ୟ ପ୍ରଭୃତି ଶବ୍ଦର ପ୍ରୟୋଗ ଅତି ମାତ୍ରାରେ ଦେଖାଯାଏ। ଏହାର କାରଣ ହେଉଛି, ମୋଗଲ ରାଜାମାନେ ଭାରତ ଅଧିକାର କରି ନେବା ପରେ ସେମାନଙ୍କ ଭାଷାରେ ବ୍ୟବହୃତ ଶବ୍ଦାବଳୀ ସାହାଯ୍ୟରେ ଶାସନ କାର୍ଯ୍ୟ ଚଳାଇବାକୁ ଲାଗିଲେ । ଫଳରେ ଶାସିତ ଭାଷା ମଧ୍ୟରେ ସେହି ସେହି ଶବ୍ଦମାନଙ୍କର ଅନୁପ୍ରବେଶ ସ୍ୱାଭାବିକ ରୀତିରେ ଘଟିଥିଲା। ଏଣୁ ହିନ୍ଦୀ, ବଙ୍ଗାଳୀ, ତେଲଙ୍ଗା ଶବ୍ଦ ପରି ସେଗୁଡ଼ିକୁ ମଧ୍ୟ ଓଡ଼ିଆ ଭାଷା ଗ୍ରହଣ କରିଥିଲା। ଅତଏବ ଓଡ଼ିଆ ଭାଷାରେ ଗୁଡ଼ିଏ ବିଦେଶୀ ଶବ୍ଦ ଆମେ ଦେଖିବାକୁ ପାଇଥାଉ। ଏହା କେବଳ କଥିତ ଭାଷା ମଧ୍ୟରେ ସୀମାବଦ୍ଧ ନ ଥିଲା, ସାହିତ୍ୟକ୍ଷେତ୍ରକୁ ମଧ୍ୟ ହସ୍ତପ୍ରସାରଣ କରିଥିଲା। (୨)

ଦ୍ୱିତୀୟ ଅଧ୍ୟାୟର ପାଦଟୀକା

୧। ପ୍ରବନ୍ଧ ପ୍ରବାହ: ଶଶିଭୂଷଣ ରାୟ, ୫ମ ସଂସ୍କରଣ ୧୯୫୮ କାନବାଟେ କଥାଚାଲେ, ପୃ-୧୧୮

୨। Post Graduate Magazine, Berhampur,University, 1973-74
ଓଡ଼ିଆ ଶବ୍ଦ ପ୍ରୟୋଗ ଶୈଳୀର ଦିଗ୍‌ଦର୍ଶନ -କବିସୂର୍ଯ୍ୟ, ଡ. ବେଣୀମାଧବ ପାଢ଼ୀ, ପୃ:୨୧-୨୨

ତୃତୀୟ ଅଧ୍ୟାୟ

ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାରେ ତେଲୁଗୁ ଭାଷାର ପ୍ରଭାବ

ସଂପ୍ରତି ଦକ୍ଷିଣ ଓଡ଼ିଶା ସହ ପଡ଼ୋଶୀରାଜ୍ୟ ଆନ୍ଧ୍ରପ୍ରଦେଶର ସମ୍ପର୍କ ପ୍ରାଚୀନ। ଐତିହାସିକ ଦୃଷ୍ଟାନ୍ତ ସହ ଏହାର ସତ୍ୟତା ପ୍ରତିପାଦନ କରିବା ଏଠାରେ ଅପରିହାର୍ଯ୍ୟ ମନେହୁଏ। ଏକାଦଶ ଶତାବ୍ଦୀରେ ଗଙ୍ଗବଂଶର ମହାରାଜା ଅନନ୍ତବର୍ମା ଚୋଡ଼ଗଙ୍ଗଦେବ ଓଡ଼ିଶାର ସୋମବଂଶୀ କର୍ଣ୍ଣକେଶରୀଙ୍କୁ ପରାସ୍ତ କରି ତ୍ରିକଳିଙ୍ଗ ସାମ୍ରାଜ୍ୟ ସ୍ଥାପନ କରିଥିଲେ। ତାପରେ ଖ୍ରୀ: ଦ୍ୱାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୁରୀର ଶ୍ରୀଜଗନ୍ନାଥମନ୍ଦିର ନିର୍ମାଣ କଲେ। ତା'ପରେ ସେ ତାଙ୍କ ରାଜଧାନୀ 'କଳିଙ୍ଗନଗର' (ମୁଖଲିଙ୍ଗ)ରୁ ଉଠାଇ ଆଣି ମହାନଦୀ କୂଳରେ ବାରଣାସୀ କଟକଠାରେ ପ୍ରତିଷ୍ଠା କଲେ। କିନ୍ତୁ ତାଙ୍କରି ପ୍ରତିନିଧି ରୂପେ ଓଡ଼ିଆ ରାଜକର୍ମଚାରୀମାନେ ପୁରୁଣା ରାଜଧାନୀ ମୁଖଲିଙ୍ଗରେ ଅବସ୍ଥାନ କରି ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ। ଗଙ୍ଗବଂଶୀୟ ରାଜାମାନଙ୍କ ସଙ୍ଗେ ଦକ୍ଷିଣ ଭାରତର ଚୋଳ, ଚାଲୁକ୍ୟ ପ୍ରଭୃତି ରାଜବଂଶର ବୈବାହିକ ସଂପର୍କ ଥିଲା। ତେଣୁ ସେ ଅଞ୍ଚଳରେ ଓଡ଼ିଆମାନେ ତେଲୁଗୁଭାଷାରେ ଏତେଦୂର ଅଭ୍ୟସ୍ତ ହୋଇଥିଲେ ଯେ, କେତେକ ଶିଳାଲେଖରେ ସେହି ମିଶ୍ରିତ ଭାଷା ଆତ୍ମପ୍ରକାଶ କରିଛି। (୧)

ପୁଣି ପଞ୍ଚଦଶ ଶତାବ୍ଦୀଠାରୁ ଆରମ୍ଭକରି ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ଓଡ଼ିଶାର ଓଡ଼ିଆ ଗଜପତିମାନେ ଆନ୍ଧ୍ରରାଜ୍ୟର ରାଜବଂଶ ସହ ରାଜନୈତିକ ସଂପର୍କ ସ୍ଥାପନ କରିଥିଲେ। ଏମାନେ ସୁଦୂର ଦକ୍ଷିଣର ଗୋଦାବରୀ ନଦୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ। ଅନେକ ପ୍ରସ୍ତର ଗାତ୍ରରେ ଖୋଦିତ ଶିଳାଲେଖ, ମନ୍ଦିର ଓ ଭଗ୍ନାବଶେଷ ଦୁର୍ଗଗୁଡ଼ିକ ଅଦ୍ୟାପି ଇତିହାସର ମୂକସାକ୍ଷୀ ସଦୃଶ ଦଣ୍ଡାୟମାନ। ସାଧାରଣ ଓଡ଼ିଆ ସୈନିକଠାରୁ ଆରମ୍ଭ କରି ଗଜପତି ମହାରାଜାଙ୍କ ସମେତ ଅଧିକାଂଶ ଆନ୍ଧ୍ର-ଅଧିବାସୀମାନଙ୍କ ସହ ସଂଯୋଗ ସ୍ଥାପନ କରିବା ସହଜସାଧ୍ୟ ହୋଇପଡ଼ିଥିଲା। ସାଂସ୍କୃତିକ ଓ ବାଣିଜ୍ୟଗତ ସମନ୍ୱୟ ଏହି ଦୁଇ ଭିନ୍ନ ଭାଷାଗୋଷ୍ଠୀ ଜାତି ମଧ୍ୟରେ ସମ୍ଭବ ହୋଇପାରିଥିଲା। ମନ୍ଦିର ନିର୍ମାଣ, କଳା, ସ୍ଥାପତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଏକ ଗୋଷ୍ଠୀ ଅନ୍ୟଗୋଷ୍ଠୀ ସହ ସାନ୍ନିଧ୍ୟ ଲାଭ କରୁଥିଲେ।

ଅନ୍ୟ ଦୃଷ୍ଟିରୁ ବିଚାର କଲେ ଦକ୍ଷିଣ ଓଡ଼ିଶା ଏକ ଦ୍ୱୈଭାଷିକ ଅଞ୍ଚଳ। ସାଧାରଣତଃ, ଯେଉଁ ଅଞ୍ଚଳରେ ଲୋକମାନେ ନିଜ ମାତୃଭାଷା ବ୍ୟତୀତ ଅନ୍ୟ ଏକ ଭିନ୍ନ ଭାଷାରେ କହିବା ନିମିତ୍ତ ପାରଦର୍ଶିତା ଲାଭକରିଥାଆନ୍ତି, ତାହାକୁ (ସେହି ସ୍ଥାନକୁ) ଦ୍ୱିଭାଷୀ ବା ଦ୍ୱୈଭାଷିକ ଅଞ୍ଚଳ କୁହାଯାଇଥାଏ। (୨) ଭାଷାବିଜ୍ଞାନ ଦୃଷ୍ଟିକୋଣରୁ ବିଚାର କଲେ ପ୍ରକୃତ ଦ୍ୱିଭାଷୀ କହିବା ଲୋକ କମ୍ । କାରଣ ଦୁଇଟି ଭାଷାରେ ପାରଙ୍ଗମ ଥିଲେ ସୁଦ୍ଧା ବ୍ୟକ୍ତିବିଶେଷ ଗୋଟିଏ ଭାଷାକୁ ହିଁ ପ୍ରାଧାନ୍ୟ ଦେଇଥାଏ। ତାହା ହିଁ ତା'ର ମାତୃଭାଷା ରୂପେ ବିବେଚିତ। ମନେରଖିବାକୁ ହେବ ଯେ, ଯେଉଁ ବ୍ୟକ୍ତିର ମାତୃଭାଷା ଓଡ଼ିଆ, ସେ ଯଦି ତେଲୁଗୁ ଭଲ କହିପାରେ ଏବଂ ବୁଝିପାରେ ତା' ନିକଟରେ ତେଲୁଗୁ ଭାଷା ହେଲା-ବୈଦେଶିକ। ସେହି ଓଡ଼ିଆ ବ୍ୟକ୍ତି ମହାକାଶ ଯାତ୍ରା, ଭୌଗୋଳିକ ପରିସ୍ଥିତି, ବିଜ୍ଞାନ ଓ ସ୍ୱକୀୟ ଅନୁଭବ ବିଷୟରେ ଅନ୍ୟଜଣେ ତେଲୁଗୁ ବ୍ୟକ୍ତିକୁ ସ୍ପଷ୍ଟରୂପେ ଭାବ ବ୍ୟକ୍ତ କରିବାପାଇଁ ନିଶ୍ଚିତଭାବେ ଅକ୍ଷମ ହେବ। କାରଣ ତା'ପାଇଁ ଓଡ଼ିଆ ମୂଳ ଦରକାରୀ ଭାଷା ଏବଂ ତେଲୁଗୁ ଅନ୍ୟ ଏକ ଭାଷାର ରୂପ ପ୍ରକାଶ କିମ୍ବା ସ୍ୱମାତୃଭାଷାର ସ୍ୱରୂପ ନୁହେଁ। ତା' ପାଇଁ ଏହା ନ ଜାଣିଲେ ଚଳିବ, ଜାଣିଲେ ଭଲ।

ବିଶେଷତଃ ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ଓଡ଼ିଆମାନଙ୍କୁ ବାଦ୍‌ଦେଲେ ଅନ୍ୟାନ୍ୟ ଭାଷାଭାଷୀଙ୍କ ତୁଳନାରେ ତେଲୁଗୁ ଭାଷାଭାଷୀଙ୍କ ସଂଖ୍ୟା ସର୍ବାଧିକ। ଏପରିକି ସାଂସାରିକ ଜୀବନଧାରାରେ ଜଣେ ଓଡ଼ିଆ ଲୋକର ପଡ଼ୋଶୀ ତେଲୁଗୁ ଥିଲେ, ଦୁହିଁଙ୍କ ଭିତରେ ଉଭୟ ଭାଷା ଶିକ୍ଷା ପ୍ରବୃତ୍ତି ହିଁ ଭାବପ୍ରକାଶର ମୂଳ ସେତୁ ରୂପେ କାର୍ଯ୍ୟ କରିଥାଏ। ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ ତେଲୁଗୁ ଭାଷାର ସାନ୍ନିଧ୍ୟ ସ୍ପଷ୍ଟ ଅନୁମେୟ। ଦକ୍ଷିଣ ଓଡ଼ିଶାରେ ତେଲୁଗୁ ଭାଷାଭାଷୀଙ୍କ ସଂଖ୍ୟା ଅଧିକ ହେବାର ଅନ୍ୟଏକ କାରଣ ହେଲା-ବାଣିଜ୍ୟ ସୂତ୍ରରେ ଓଡ଼ିଆ ଓ ତେଲୁଗୁ ବ୍ୟବସାୟୀମାନଙ୍କ ମଧ୍ୟରେ ବ୍ୟବସାୟଗତ ସଂଯୋଗ ସ୍ଥାପନ। ଆଜି ପର୍ଯ୍ୟନ୍ତ ଆନ୍ଧ୍ରପ୍ରବାସୀ ଓଡ଼ିଆମାନେ ବୈବାହିକ ସମ୍ପର୍କ ନିମିତ୍ତ ଦକ୍ଷିଣାଞ୍ଚଳର ଓଡ଼ିଆମାନଙ୍କୁ ଅଗ୍ରାଧିକାର ଦେଇଥାଆନ୍ତି।

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ ଅନେକ ତେଲୁଗୁ ଶବ୍ଦସମୂହ ସମଯ୍ୟାନୁକ୍ରମେ ନିର୍ଦ୍ୱନ୍ଦ୍ୱରେ ପ୍ରବେଶ କରିଛି। ଉପରୋକ୍ତ କାରଣମାନଙ୍କ ଦ୍ୱାରା ଗୋଟିଏ ଭାଷାରେ ଅନ୍ୟଏକ ଭାଷାର ପ୍ରଭାବ ପଡ଼ିବା ଭାଷାବିକାଶର ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ମନେହୁଏ। ସଂପ୍ରତି ବିଶ୍ୱପ୍ରଚଳିତ ଇଂରାଜୀ ଭାଷାର ଶବ୍ଦବୃଦ୍ଧି ବିଭିନ୍ନ ଭାଷାର ସଂସ୍ପର୍ଶରେ ହିଁ ସମ୍ଭବ ହୋଇପାରିଛି। ଏହି ଦୃଷ୍ଟିକୋଣରୁ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାରେ ତେଲୁଗୁ ଶବ୍ଦଗୁଡିକ କେଉଁ କେଉଁ ଅର୍ଥରେ ପ୍ରକାଶିତ ହୋଇଛି, ଏଥିପାଇଁ ନିମ୍ନରେ ଶବ୍ଦସୂଚୀର ଏକ ନମୁନା ପ୍ରଦାନ କରାଗଲା ।

ପ୍ରଚଳିତ ଶବ୍ଦ	ତେଲୁଗୁ ଶବ୍ଦ	ଓଡ଼ିଆରେ ଅର୍ଥ
ଅପା, ଅବା	ଆପ୍‌ପା	ବଡ଼ଭଉଣୀ
ଆ'କୁ	ଆକୁଲୁ	ପତ୍ର
ଆ'ଗୁ	ଆଗୁ	ରହିବା
ଆନି	ଆନି	ସମସ୍ତେ
ଆଟା	ଆଟା	ଖେଳ, ତାସଖେଳ
ଆଡୁ	ଆଡୁ	ଅଟକେଇବା, ପ୍ରତିବନ୍ଧକ ସୃଷ୍ଟିକରିବା
ଆନ୍ନା	ଆନ୍ନା	ବଡ଼ଭାଇ
ଆଦିଆ	ଆଦ୍ୟା	ଘରଭଡା
ଆଲବାଟ	ଆଲବାଟୁ	ଅଭ୍ୟାସ
ଆତା	ଆତା	ନାନୀ, ପିଉସୀ
ଆବା	ଆବା	ଆଶ୍ଚର୍ଯ୍ୟସୂଚକ ଶବ୍ଦ
ଆଚୁ	ଆଚୁ	ଅଳତା
ଆପଡାଲୁ	ଆପଡାଲୁ	ପାପଡ଼
ଇକା	ଇକା	ବାଳ, ଗାଳିରେ ବ୍ୟବହୃତ ହୋଇଥାଏ
ଇଡ଼ିଲି	ଇଡିଲି	ଏଣ୍ଡୁରି
ଇଲାଲୁଗିରସ୍ତାଣି	ଇଲାଲୁଗିରିସ୍ତାନି	ଘରେ ମୁରବିପଣିଆ ଦେଖାଇବା ପ୍ରବୃତ୍ତି
ଇନାମ୍	ଇନାମ୍	ଦାନ
ଇଷ୍ଟ	ଇଷ୍ଟମ	ଇଚ୍ଛା
ଉକୁପେଡ଼ି	ଉକୁପେଡି	ମିଠାଗୁଆ
ଉପିବା	ଉପିକା	ରାଜିହେବା
ଉଲି	ଉଲି	ପିଆଜ
ଏଣ୍‌ଟକା		ଡମଜାତି
ଏଲମ୍‌ପାଟା	ଏଲମ୍‌ପାଟା	ନିଲାମ
କୟାଁ	ପୁଲିକାୟା	ଅପକ୍ୱ ତେନ୍ତୁଳି
କତ୍ତାସମସ୍ସର	କତ୍ତାସମସ୍ସର	ତେଲୁଗୁମାନଙ୍କ ନୂତନ ବର୍ଷର ଆରମ୍ଭ ଦିନ

ପ୍ରଚଳିତ ଶବ୍ଦ	ତେଲୁଗୁ ଶବ୍ଦ	ଓଡ଼ିଆରେ ଅର୍ଥ
କମା	କମା	ତେଲୁଗୁ ବ୍ରାହ୍ମଣ
କାଟନାମୁ	କାଟ୍‌ନାମ୍	ଯୌତୁକ
କାୟତ	କାୟତମ୍	କାଗଜ
କାଚିତମ୍	କାଚିତମ୍	ସଠିକ
କାଫି	କାଫି	କଫି
କାଟୁ	କାଟୁ	ବାନ୍ଧିବା (ଜୁଆ ଖେଳରେ ଟଙ୍କା ବାନ୍ଧିବା)
କାସୁ	କାସୁ	ପଇସା
କାଟା	କାଟା	ନିକିତି
କିଟିକି	କିଟିକୁ	ଝରକା
କିଲି	କିଲି	ପାନପତ୍ର
କୁପା	କୁପା	ଗଦା, ଏକାଠି କରିବା
କଂକୁଡିକାଇଲୁ	କୁଂକୁଡିକାଇଲୁ	ମୁକ୍ତାମଂଜି
କୁଦେଲ	କୁଦେଲ	ଧ୍ୱଂସ, ନଷ୍ଟ
କୁପ	କୋପମ୍	ରାଗ, କ୍ରୋଧ
କୋଟ	କୋଟା	ଦୁର୍ଗ (ଧରାକୋଟ, ଖଲିକୋଟ, କୋଟପାଡ଼)
କୋ'ଟି	କୋ'ଜି	ମାଙ୍କଡ଼
ଗଡ଼ା	ଗେଡ଼ା	ଛୋଟନାଳ
ଗପା	ଗୋପା	ଅଧିକ
ଗଭତାଡୁ	ଗଭତାଡୁ	ମନକୁ ଉଠିଥିବା ତୁଳସୀ ଜାତୀୟ ବୃକ୍ଷ
ଗାଟି	ଗାଟି	ଟାଣ, ଦୃଢ, କୃପଣବ୍ୟକ୍ତି
ଗାଟୁ	ଗାଟୁ	ବନ୍ଧ ବାନ୍ଧିବା
ଗାନ୍ଦିକା	ଗାନ୍ଦିକା	ଅନର୍ଥ, ଜଞ୍ଜାଳ (ଗୋଳମାଳ)
ଗାରୁ	ଗାରୁ	ଭଦ୍ରଲୋକଙ୍କ ନାମ ପରେ ସମ୍ମାନାର୍ଥକ ଶବ୍ଦ। ମହାଶୟ ଅର୍ଥରେ ବ୍ୟବହୃତ ଯଥା: 'ରାମଗାରୁ', 'ବାବୁଗାରୁ'

ପ୍ରଚଳିତ ଶବ୍ଦ	ତେଲୁଗୁ ଶବ୍ଦ	ଓଡ଼ିଆରେ ଅର୍ଥ
ଗାଜି	ଗାଜି	କୁଣ୍ଡିଆ ରୋଗ
ଗାଲିପାଗଡ଼ା	ଗାଲିପାଗଡ଼ା	ଗୁଡ଼ି
ଗାଡୁସୁ	ଗାଡୁସୁ	ବେଖାତିର, ମେଡୁଆର
ଗରିକା	ଗର୍କା	ଚକ୍ର ଭଳି ଘୂରିବା, ଚକ୍ର
ଗୁତା	ଗୁତା	ଭାଗନେବା, ଅଧିକାର ସାବ୍ୟସ୍ତ କରିବା
ଗୁଣ୍ଡି	ଗୁଣ୍ଡି	ବୋତାମ
ଗୁଲା	ଗୋଲା	ମେଷପାଳକ ଜାତିବିଶେଷ
ଗୋଲା	ଗୋ'ଲା	ଗୋଳମାଳ
ଗୋନି	ଗୋନି	ଅଖା, ବସ୍ତା
ଗୋରାମ୍	ଗୋରାମ୍	ଘୋଡ଼ା
ଘାଟା	ଘାଟା	ନଷ୍ଟରେ ପଡ଼ିଲା
ଘା'ଟ	ଘା'ଟ	କଡ଼ା (ମସଲା ଅର୍ଥରେ)
ଘାବରା	ଘାବରା	ବ୍ୟତିବ୍ୟସ୍ତ
ଚରିତ୍ର	ଚରିତ୍ରମ୍	ଇତିହାସ
ଚମୁ	ଚମୁ	ପିତଳର ଛୋଟ ଢାଳ
ଚାକୁ	ଚାକୁ	ଛୁରୀ
ଚିକ୍କା	ଚିକ୍କା	ଆଶା, ପ୍ରଲୋଭନ
ଚିଟା	ଚିଟା	ଅରୁଚି ଲାଗିବା
ଚିତ୍ତମ୍	ଚିତ୍ତମ୍	ରାଜିହେବା, ଆପଣଙ୍କ ଇଚ୍ଛା
ଚିଲ୍ଲା	ଚିଲ୍ଲା	ଖୁଚୁରା, ରେଜାପଇସା
ଚିନ୍ତାପାଣ୍ଡୁ	ସିନ୍ତାପାଣ୍ଡୁ	ତେନ୍ତୁଳି
ତେପୁଡୁ ମୁକା	ତେପୁଡୁମୁକା	ଏକ ପ୍ରକାର ତାସଖେଳ
ଜଙ୍ଗମ୍	ଜଙ୍ଗମ୍	ଶିବପଜକ ଜାତିବିଶେଷ
କଥା	କଥା	ପିନ୍ଧିବା ଲୁଗା, ଚାଦର ଯୋଡ଼
ଡକୁ	ଡକୁ	ପେଡ଼ି
ଡାବୁ	ଡାବୁ	ଟଙ୍କା/ଧନ
ଡା'ବୁ	ଡା'ବୁ	ଆଡ଼ମ୍ବର

ପ୍ରଚଳିତ ଶବ୍ଦ	ତେଲୁଗୁ ଶବ୍ଦ	ଓଡ଼ିଆରେ ଅର୍ଥ
ଡାବା	ଡାବା	ମିଛ, ଟିଣ
ଡୁକା	ଦୁକା	ମୋଟାବ୍ୟକ୍ତି
ଢାପାଲୁ	ଢାପାଲୁ	ମିଛକଥା
ତାପୁ	ତାପୁ	ଦୋଷ
ତିକା	ତିଗା	ତାର
ତିରିଗିତିରିଗି	ତିରିଗିତିରିଗି	ଏତେତେଣେ ବୁଲିବା
ତିରିଗିପାଟୁ	ତିରିଗିପାଟୁ	ଗାଳିବିଶେଷ (ପାଟୁ-ପୁରୁଷ ଅର୍ଥରେ ବ୍ୟବହାର ହୋଇଥାଏ-ତିନିପାଟୁ)
ଦଣ୍ଡକାଇଲୁ	ଦଣ୍ଡକାଇଲୁ	ତୋରଡ଼ା
ଦାଣ୍ଡା	ଦାଣ୍ଡା	ଫୁଲମାଳ
ଦାଣ୍ଡାମ୍	ଦାଣ୍ଡାମ୍	ନମସ୍କାର
ଦାନ୍ତିକିଲୁ	ଦାନ୍ତିକିଲୁ	ବେସନରେ ତିଆରି ଏକ ପ୍ରକାର ଭଜାପିଠା
ଦୁମୁକିବା	ଦୁମୁକୁଟ	ଉପରକୁ ଲମ୍ଫ୍ ଦେବା
ଦୁଡ଼ି	ଦୁଡି	ପାଇଖାନା
ନନା	ନାନା	ବାପା
ନାକା	ନାକା	ବିଲୁଆ
ନନା	ଆନ୍ନା	ବଡ଼ଭାଇ
ନିଗୁ	ନିଗୁ	ଉଚ୍ଚୃଷ୍ଟ
ନାମିବା		ଅରାଜି ହେବା
ପରପଞ୍ଚ	ପ୍ରପଞ୍ଚମ୍	କୌଶଳ, ବୁଦ୍ଧି ପ୍ରୟୋଗ
ପଚା	ପାଚି	ସବୁଜରଙ୍ଗ
ପରପାଟୁ	ପରପାଟୁ	ଭ୍ରମ, ଭୁଲ୍‌ବଶତଃ
ପରୁଆ	ପରୱା	ବ୍ୟସ୍ତ
ପାଏ	ପାଉ	ଏକ କିଲୋଗ୍ରାମର ୧/୪ ଅଂଶ କିମ୍ବା ଚାରି ଭାଗରୁ ଭାଗେ

ପ୍ରଚଳିତ ଶବ୍ଦ	ତେଲୁଗୁ ଶବ୍ଦ	ଓଡ଼ିଆରେ ଅର୍ଥ
ପାଇଟି	ପାନି	କାମ
ପାଟୁ	ପାଟୁ	ଅଳନ୍ଧୁ, ଜାଲ
ପାପା	ପାପା	ସ୍ନେହରେ ଛୋଟ ଝିଅମାନଙ୍କୁ ସମ୍ବୋଧନ କରିବା
ପାଡୁ	ପାଡୁ	ଧ୍ୱଂସ, ନଷ୍ଟ
ପାଡ଼କା	ପାଡ଼କା	ଶେଯ
ପାନକା	ପାନକା	ଧାନଡୋଲି
ପାଲ୍‌କାଇଲୁ	ପାଲ୍‌କାଇଲୁ	ଚାଉଳ ଚୂନାରେ ନିର୍ମିତ ଏକ ପ୍ରକାର ଭଜାପିଠା
ପାଳି	ପା'ଳି	ନିବ୍
ପାନ୍‌ଗା	ପାନ୍‌ଟା	ଖଂଦ, ଫସଲ
ପାଣ୍ଡୁ	ପାଣ୍ଡୁ	ମକରସଂକ୍ରାନ୍ତି, ଫଳ
ପାନୁ	ପାନୁ	ଟିକସ, କର
ପାରୁ	ପାରୁୱ	ମହତ୍ତ୍ୱ, ମର୍ଯ୍ୟାଦା
ପାଲକା	ପାଲକା	ମାର୍ତ୍ତା, ଭାଗ
ପିଚା	ପିଚା	ପାଗଳ
ପିଲିକା	ପିଲିକା	ବୁଟି
ପିସୁ, ପିଚୁ	ପିଚୁ	କୃପଣ, ଲୋଭୀ
ପିଲା	ପିଲା	ଶିଶୁ, ବାଳକ
ପୁଟି	ପିଚୁ	ଦାୟିତ୍ୱ
ପେରନ୍ ଟାଲୁ	ପେରେନ୍ ଟାଲୁ	ସମସ୍ତେ ମିଶି ଗପକରିବା କିମ୍ବା ଜଣକ ନା'ରେ କଥା ହେବା
ଫେଚକୁଲୁ	ଫେଚକୁଲୁ	ଅବ୍ୟବସ୍ଥା
ପୁଲିହାରମ୍	ପୁଲିହାରମ୍	ଖଟାଭାଇ
ପୋକରି	ପୋକରି	ବୁଦୁ, ବୋକା
ପେକା	ପେକା	ତାସ୍
ପିରିକି		ପତଙ୍ଗ ବିଶେଷ
ବଟୁ	ବଟୁ	ଚିତା

ପ୍ରଚଳିତ ଶବ୍ଦ	ତେଲୁଗୁ ଶବ୍ଦ	ଓଡ଼ିଆରେ ଅର୍ଥ
ବନ୍ତାଲୁ	ବନ୍ତାଲୁ	ସାମୁଦ୍ରିକ ମାଛ ବିଶେଷ
ବାଇଦା	ବାଇଦା	ମକଦ୍ଦମାର ନିର୍ଦ୍ଧାରିତ ଦିନ
ବାଧା	ବାଧା	ବ୍ୟଥା, କଷ୍ଟ
ବାଙ୍ଗାରମ୍	ବାଙ୍ଗାରମ୍	ସୁନା
ବୁଟି	ବୁଟି	କିରୋସିନି ଦୀପ
ବାଦକମ୍	ବାଦକମ୍	ଆଳସ୍ୟ, କଷ୍ଟ
ବେଦ୍ରିବା		ଚମକିବା
ଭାଲିଆପାପୁ	ପାପୁ	କାଜୁବାଦାମ
ଭୁକ୍ତା	ଭୁକ୍ତା	ଗ୍ରାମର ମୁଖ୍ୟ ବ୍ୟକ୍ତି
ଭୋଗି	ଭୋଗି	ମକରସକ୍ରାନ୍ତି ଦିନ ପୂର୍ବରୁ ହେବା ମଘାପୋଡ଼ି । ତେଲୁଗୁମାନଙ୍କ ଏହା ଏକ ପର୍ବବିଶେଷ ଦ.ଓଡ଼ିଶାରେ ଏହାର ପ୍ରଚଳନ ଅତ୍ୟଧିକ ପରିମାଣରେ ଦେଖାଯାଏ ।
ମତାମ୍	ମତାମ୍	ସର୍ବମୋଟ୍
ମାକୁ	ମାକୁ	ମୁଦ୍ରାର ଅପର ପାର୍ଶ୍ୱ
ମାର୍ତା	ମାର୍ତା	ମାରତା କରିବା
ମାଲି	ମାଲି	ପୁଣି
ମାଟା	ମାଟା	କଥା
ମାର୍ଚା	ମାର୍ଚା	ଚିହ୍ନ
ମୁଲାଜା	ମୁଲାଜା	ଠିକ୍ କଥା, ନ୍ୟାୟସଂଗତ
ମେଡ଼ିବା	ମେଡ଼ା	ବାକ୍ୟ ଲଂଘନ କରିବା
ମେଢ଼	ମେଦା	କୋଠା
ମେକା	ମେକା	ମେଣ୍ଢା
ମେଟା	ମେଟ୍‌ଟା	ଛୋଟ ପାହାଡ, ଟାଙ୍ଗରା ପାହାଡ଼

ପ୍ରଚଳିତ ଶବ୍ଦ	ତେଲୁଗୁ	ଓଡ଼ିଆରେ ଅର୍ଥ
ମୋଟା	ମୋଟା	ଆସବାବପତ୍ର, ବୁଜୁଳା
ମେଦ୍ରି	ମେଦ୍ରି	ବାଉଁଶ ବୁଣିବା ଜାତିବିଶେଷ
ରାସୁ	ରାସୁ	ଭାଗ୍ୟ
ରାଜି	ରାଜି	ଇଚ୍ଛା ପ୍ରକାଶ କରିବା
ରାଟୁ	ରାଟୁ	ଗୋଳମାଳ, ପାଟିତୁଣ୍ଡ କରିବା
ରାବାଡି	ରାଓ୍ୱାଡି	ଆଦାୟ
ରେକୁ	ରେକୁ	ଟିଣ
ରେଡ଼ି	ରେଡ଼ି	ଶୁଦ୍ରଜାତିବିଶେଷ
ଶିରା	ଶିରା	କାଳି
ଶିରାବୁଡ଼ି	ଶିରାବୁଡ଼ି	ଦୁଆତ, କାଳିଘଡ଼ି
ଶିଲ	ସିଲ	ଛୁଟି
ସର୍କ	ସର୍କ	ମସଲା ଜିନିଷ
ସର୍କାର ପାଟା	ସର୍କାର ପାଟା	ନିଲାମରେ ଆସୁଥିବା ସମ୍ପତ୍ତି
ସଲଗା	ସାଲଗା	ଏକ ପଣ ବସ୍ତୁର ନମୁନା
ସାପୁଡୁ	ସାପୁଡୁ	ଠିକ୍, ସଜାଡ଼ି ଦେବା, ଧମକ ଦେବା
ସିଗୁ	ସିଗୁ	ଲାଜ ସରମ
ସିଆକାଟୁ		ସ୍ତ୍ରୀମାନଙ୍କ ମଣିବନ୍ଧରେ ପିନ୍ଧିଥିବା ବଳୟ ବିଶେଷ
ସିକାୟା	ସିକାୟା	ବଡ଼ିଫଳ (ବାଳ ସଫା ପାଇଁ ସାବୁନର କାର୍ଯ୍ୟ କରେ)
ସୁଟା	ସ୍ୟୁଟା	ପିକା
ସୋକୁ	ସକୁ	ଅବସ୍ଥା, ଆଡ଼ମ୍ବର (ବ୍ୟଙ୍ଗ)
ସାର୍ଦୁବାଟ	ସାର୍ଦୁବାଟ	ସମାଧାନ, ବନ୍ଦୋବସ୍ତ
ସିରାକ	ସିରାକୁ	ଅଳ୍ପକେ ରାଗ, କ୍ରୋଧ
ସୁପୁଲୁ	ସୁପୁଲୁ	ଚାଉଳ ଚୂନାରେ ତିଆରି ଭଜାପିଠା
ସାଁବାର	ସାଁବାର	ଖଟା ମିଶ୍ରିତ ପ୍ରସ୍ତୁତ ଡାଲି

ପ୍ରଚଳିତ ଶବ୍ଦ	ତେଲୁଗୁ	ଓଡ଼ିଆରେ ଅର୍ଥ
ସିଇଡୁ	ସିଂଡୁ	ଅଲକ୍ଷଣ, ଜିଦ୍‌ଖୋର
ହାପାଲି	ହାପାଲି	ବସ୍ ଅଟକାଇବା
ହକ	ହକୁ	ଦାବି
ହୁଡ଼ା	ହୁଡ଼ା	ବଦ୍ଧ
ହେତୁ	ହେତୁ	ମନେପକାଇବା

ଆନ୍ଧ୍ରପ୍ରବାସୀ ଓଡ଼ିଆମାନଙ୍କ କଥିତ ଭାଷାର ସ୍ୱରୂପ :

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଓ ବିଜୟନଗରମ୍ ଜିଲ୍ଲାର ଇଚ୍ଛାପୁର, କାଞ୍ଚିଲି, ସୋମପେନ୍‌ଠା,ବାରୁଆ, ପଲାସା, ମଞ୍ଜୁଷା, ଟେକାଲି, ନୌପଡ଼ା, ଶ୍ରୀକାକୁଲ ପାର୍ବତୀପୁର ଓ ବିଜୟନଗରମ୍ ଆଦି ଅଞ୍ଚଳରେ ଅନେକ ଓଡ଼ିଆ ସ୍ଥାୟୀ ବାସିନ୍ଦାଭାବେ ରହିଆସୁଛନ୍ତି । ଏମାନେ ବାହାରେ ତେଲୁଗୁ ଓ ଘରେ ଓଡ଼ିଆ ଭାଷା ବ୍ୟବହାର କରନ୍ତି । ସ୍ୱଚ୍ଛନ୍ଦରେ ଏମାନେ ଦୁଇଟି ଭାଷା ବ୍ୟବହାର କରିଥା'ନ୍ତି । କିନ୍ତୁ ଦୁଇଟି ଭାଷାର ଉଚ୍ଚାରଣ ବିଧିରେ କିଛି ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ଦକ୍ଷିଣ ଓଡ଼ିଶାରେ କଥିତ ଓଡ଼ିଆଭାଷା ସହ ଆନ୍ଧ୍ରପ୍ରବାସୀ ଓଡ଼ିଆଙ୍କ ଭାଷାର ତୁଳନା କଲେ ଆମେ କିଞ୍ଚିତ୍ ବୈଷମ୍ୟ ଲକ୍ଷ୍ୟ କରିପାରିବା । ଏହାର ମୁଖ୍ୟ କାରଣ ହେଲା ଏମାନେ ସାଧାରଣତଃ ଘରେ ପରିବାର ସଭ୍ୟମାନଙ୍କ ସହ ଏବଂ ପଡ଼ୋଶୀ ଓଡ଼ିଆମାନଙ୍କ ସହ କେବଳ ଓଡ଼ିଆରେ କଥାବାର୍ତ୍ତା ହୋଇଥା'ନ୍ତି । ଅନ୍ୟ ସମୟରେ ତେଲୁଗୁରେ ହିଁ କଥାବାର୍ତ୍ତା ହୁଅନ୍ତି । ଏମାନେ ଓଡ଼ିଆ ଭଳି ତେଲୁଗୁ ଭାଷାକୁ ମଧ୍ୟ ସହଜରେ ବ୍ୟବହାର କରିଥା'ନ୍ତି । ଦକ୍ଷିର ଓଡ଼ିଶାର କଥିତଭାଷା ତୁଳନାରେ ଏମାନଙ୍କ ମୁଖର ଭାଷା ଆଂଶିକ ଭିନ୍ନତା ପରିଲକ୍ଷିତ ହୋଇଥାଏ।

ଆନ୍ଧ୍ରପ୍ରବାସୀ ଓଡ଼ିଆଙ୍କ କଥିତଭାଷାରେ ତେଲୁଗୁ ଶବ୍ଦର ବହୁଳ ପ୍ରୟୋଗ ଦେଖାଯାଏ। ଏମାନେ କେତେକ ଓଡ଼ିଆ ଶବ୍ଦଗୁଡିକୁ ବିକୃତ ଉଚ୍ଚାରଣ କରିଥାଆନ୍ତି । ଉପର ଲିଖିତ ତେଲୁଗୁ ଶବ୍ଦାଦିର ସମାନ ଅର୍ଥରେ ଏମାନେ ବ୍ୟବହାର କରିଥାନ୍ତି ।

ଉଚ୍ଚାରଣଗତ ସ୍ୱାତନ୍ତ୍ର୍ୟ :

୧ । ମହାପ୍ରାଣ ଧ୍ୱନି କେତେକ ସ୍ଥଳରେ ଅଳ୍ପ ପ୍ରାଣ ଧ୍ୱନିରେ ପରିବର୍ତ୍ତିତ ହୁଏ।

ଭାଇ	X	ବାଇ
ଥିଲା	X	ତିଲ୍ଲା

୨ । ଉ' ସ୍ୱର ବର୍ଣ୍ଣର ବହୁଳ ପ୍ରୟୋଗ

ବସ	X	ବାସୁ-ମଟରଗାଡି
ରସ୍	X	ରାସୁ-ଭିଡ଼

ରାସୁ X ରାସୁ-ଭାଗ୍ୟ

ଲୋକ X ଲୁକୁ-ବ୍ୟକ୍ତି

୩। ଅ'କାର ସ୍ୱରବର୍ଣ୍ଣ ଇ' ବର୍ଣ୍ଣରେ ପରିବର୍ତ୍ତିତ ହୋଇଥାଏ।

ଦିନ X ଦିନି

କରି X କିରି

୪। କେତେକ ତେଲୁଗୁ ଶବ୍ଦର ଅର୍ଥହୀନ ଯୁଗ୍ମ ଶବ୍ଦ ସୃଷ୍ଟି।

ତାପୁ-ତାପୁ ପାପୁ

ପେକା-ପେକା ମେକା

ଏଠାରେ ଅର୍ଥହୀନ ଶବ୍ଦଗୁଡିକ ହେଲା-ପାପୁ ଓ ମେକା

୫। ସ୍ଥଳବିଶେଷରେ ଅଳ୍ପ ପ୍ରାଣ ମହାପ୍ରାଣରେ ପରିଣତ ହୁଏ।

ଆଗ X ଆଘ

ପାଠ X ଫାଟ

୬। ଆନ୍ଧ୍ରପ୍ରବାସୀ ଓଡ଼ିଆଙ୍କ ମୁହଁରେ କେତେକ ବାକ୍ୟ, ଅଶୁଦ୍ଧ ଉଚ୍ଚାରଣ ମନେ ହୋଇଥାଏ। କିନ୍ତୁ ପ୍ରକୃତରେ ସେମାନଙ୍କ ଜ୍ଞାତସାରରେ ଅଶୁଦ୍ଧ ପ୍ରୟୋଗ କରି ନଥା'ନ୍ତି।

ତୁ ଆଇଲା ?- ତୁମେ ଆସିଲ କି ?

ମୁଇ ସିଠିକି ଗଲା -ମୁଁ ସେଠାକୁ ଗଲି।

୭। ତେଲୁଗୁ ଭାଷାର ଜନପ୍ରିୟ କେତେକ ପ୍ରବାଦ ପ୍ରବଚନକୁ ଓଡ଼ିଆରେ ଏହାର ଭାବାର୍ଥକୁ ଅବିକଳ ଅନୁବାଦ କରି ଏମାନେ କହିଥାନ୍ତି।

ତେ-ମିରିସାଇଦା ଆନ୍ତା ବାଙ୍ଗାରମ୍ କାଦୁ

ଓ-ବିରାଜିବାଆକ ସବୁ ସୁନା ନାଇ।

ତେ-ସୋମେ କଡ଼ିଦି ସୋକୁ କଡ଼ିଦି।

ଓ-ଧନ ଜଣକର ସୋକୁ ଜଣକର

ତେ-ପାନି ଲେଦୁ ତିରିବାଟୁ ଲେଦୁ।

ଓ-ପାଇଟି (କାମ) ନାଇକି ସମୟ ନାଇ।

ଆନ୍ଧ୍ରପ୍ରବାସୀ ଓଡ଼ିଆଙ୍କ ଲୋକକଥାର ଦୃଷ୍ଟାନ୍ତ

(କ) ସ୍ନେହକା ବଡ଼ ଭାଗ୍ୟ :

ଗୁଟେ ଗାଁରେ ଗୁଟେ ବଡ ବରଗଛ ଥିବାର। ସେ ବରଗଛ ମୂଳେ ମୂଷା ରଉଥିବାର। ବରଗଛ ଉପରେ କାଉ ଥିବାର। ସିଟେ ଯେ ପାଖ ବଣରେ ହରିଣ ଥିବାର। ସିଟେକା ଆଉରି ଗୁଟେ ବନ୍ଦ ଥିବାର। ତାଇଁରେ କଟିମ ଥିବାର। ସବୁଯାକ ସ୍ନେହ ହେଇକରି ସବୁବେଳେ କଥା

ହଉଥିବାର। ଗୁଟେ ଦିନ ଗୁଟେ ବାଣୁଆରୋ ବେନ୍‌ଟ କରିବାକୁ ଆସିବ। ଆସିକି ସେ ସବୁ ଧରିଲା ଭିତରେ ମୂଷା ତା'ର ଗଛମୂଳକୁ ଧାବୁଡି ପଶିଗଲା। କାଉ ଉଡ଼ିକରି ତା' ଗଛ ଉପରକୁ ପଳେଇଲା। ହରିଣା ସେ ଥିବା ଥାନକୁ ଡେଇଁ ଡେଇଁ ପଳେଇଗଲା। କଚିମ ମିଳିଗଲା। ତାକୁ ବଡ଼'ଗୁଟେ କନାଟାରେ ଗୁଡେଇ ଦେଇକି ବାନ୍ଧି ଦେଇକି ନେଇଯାଉଥିଲା। କାଉ ଯାଇ ହରିଣାକୁ କଇଲା ତୁ ତିନିଟା ଗୁଡ଼ରେ ଯାଇକି ଗୁଟେ ଗୁଡ଼ ଭିତରେ ଫସେଇଦେ, ସେ ବାଣୁଆର ହାଗକୁ ଯାଇ ଠିଆ ହ। ସେ ତୋତେ ଧରିବାକୁ ଆସିଲାବେଳେ ଆଉ ଟିକେ ଦୂରକୁ ପଳେଇବୁ। ସିଁ ଟି ସିଁଟି କେତେ ଦୂର ନେଇଯିବୁ। ସେ କଚିମକୁ ସିଠେ ରଖିବ। ରଖିଲା ଭିତରେ ମୂଷା ଯାଇକି ଗୁଡ଼େଇବା କନାକୁ କାଟିଦେଇକି ସିଏ ବନ୍ଧ ପରିଯନ୍ତ ଯେ ବାଣୁଆକୁ ଧାବୁଡ଼େଇଥିବୁ। କାଉ କା ଉଡ଼ିଲାବେଳକୁ ଚାରିଟା ଗୁଡ଼ କାଡ଼ି ଭାରି ଆସିବୁ। ହରିଣା ସିଁଟି କଲା। ସବୁଯାକ ସୁଖରେ ରଇଲେ।

(ଖ) ଖିରର ପଇସା ଖିରରେ, ପାଣିର ପଇସା ପାଣିରେ :

ଗୁଟେ ଦେଶରେ ଗୁଟେ ଗୁଲାଟେ ଗୁଲୁଣିଟେ ଥିଲେ। ନିଇତି ଖିର ବିକୁଥିଲେ। କାଁକୁ ଖିର ବିକିଲେ ଅଧେ ପାଣି ଅଧେ ଖିର ଦେବାର। ଗୁଟେ ଦିନ ହାଟ ହେବ। ଗୁଲାର ହାଟରେ ଖିର ବିକିବା ପଇସାଆକ ଛ'ଶ ଟଙ୍କା ହେବ। ସିଟା ଧରିକି ଯାଉଥିବ। ଯାଉ ଯାଉ ରାତି ପାଇଯିବ। ରାତି ପାଇଲେ ସିୟେ ଗୁଟେ ଗଛମୂଳକୁ ଯାଇ ସିଠି ଛ'ଶ ଟଙ୍କା ରଖିକରି ବନ୍ଧଗାଟୁ ପାଖକୁ ଦାନ୍ତ ଘଷିବାକୁ ଆଇବ। ତା'ପରେ ଗାଧୋଇବାକୁ ଯିବ। ସିୟେ ଗାଧୋଇକି ଆସିଲା ଭିତରେ, ଗୁଟେ କୋତି ଆସିକି, ସେ ପଇସା ଧରିକି ଗଛ ଉପରକୁ ଭାରି ଗଲା। ତାଇଁରୁ ଗୁଟେ ଟଙ୍କାଟି କାଡ଼ିକିରି ଚୁବେଇ ଦେଖି, ଗୁଟେ ଢେପ ଉପରେ, ଗୁଟେ ପାଣିରେ ସିନ୍ତିକିରି ସବୁ ଟଙ୍କାଆକ ପକେଇଦେଲା। ଢେପର ତିନିଶ ଟଙ୍କା ଧରି ସିଏ ଦୁକରେ ଘରକୁ ଆଇଲା। ଖିରର ପଇସା ଖିରରେ ପାଣିର ପଇସା ପାଣିରେ ହେଲା।

(ଗୁଟେ-ଗୋଟିଏ, କାଉ-କୁଆ, ବନ୍ଧ-ପୋଖରୀ, ବେନ୍‌ଟ-ଶିକାର, ଧାବୁଡି-ଧାଇଁକରି, ଥାନ-ସ୍ଥାନ, କଚିମ-କଇଁଚ ,ଗୁଡ଼-ଗୋଡ଼, ହାଗ-ଆଗ, ସିନ୍ତି-ସେମିତି, ରଇଲେ-ରହିଲେ, ଗୁଲା-ଛେଳି ମେଣ୍ଢାଦି ଜଗିବା ଜାତି, କା'କୁ-କାହାକୁ, ଗାଟୁ-ହୁଡ଼ା, କୋଢି-ମାଙ୍କଡ, କାଡ଼ିକରି-ବାହାର କରି।

ଏ ଦୁଇଟି ଲୋକକଥା ଶ୍ରୀକାକୁଲମ୍ ନିକଟସ୍ଥ ଆନ୍ଦଲଓ୍ୱଇସା ଗ୍ରାମର ଜ୍ୟୋତି (ବୟସ-୨୮) ଓ ଶ୍ରୀନିବାସ (ବୟସ-୨୧) ମହାପାତ୍ରଙ୍କଠାରୁ ଲେଖକଙ୍କ ଦ୍ୱାରା ସଂଗୃହୀତ।)

ଦକ୍ଷିଣ ଓଡ଼ିଶାର କଥିତ ଭାଷାରେ ପ୍ରଚଳିତ କେତେକ ତେଲୁଗୁ ପ୍ରବାଦ ପ୍ରବଚନ :

୧। **ପାଚିପୁଡ଼ି ଗୁଡା**- ଜମିରେ ଫସଲ ହେଉ କି ନ ହେଉ, ଜମିମାଲିକ ଭାଗ ନେବା ଲୋକଠାରୁ ଯେତିକି ପାଇବା କଥା ସେତିକି ପାଇବ। ଅର୍ଥାତ୍ ଜମି ପାଟୁ କିମ୍ବା ପୋଡୁ (ମଗୁଡି) ପୂର୍ବ ନିର୍ଦ୍ଧାରିତ ଅଂଶତକ ଜମିମାଲିକ ନେବ।

୨। **ଆଲବାଟେ ପାରପାଟୁ**-ଅଭ୍ୟାସରେ ଦୋଷ।

୩। **ପାନି ଲେଦୁ ତିରିବାଟୁ ଲେଦୁ**- କାମ ନାହିଁ କି ସମୟ ନାହିଁ।

୪। **ସାପୁ ଚିକ୍କଣ ବାଙ୍ଗାରି ଲାଛି** ତୋ ଦେହରେ ସବୁ ଗୁଣଆକ ଅଛି।
ସାପୁ-ମସୃଣ, ବାଙ୍ଗାରି-ସୁନା

୫। **ଡାବୁ ଥିଲେ ବାବୁ।**- ପଇସା ଥିଲେ ବାବୁ।

ଓଡ଼ିଶାର ଦକ୍ଷିଣ ସୀମାନ୍ତରେ ଥିବା ଆନ୍ଧ୍ରପ୍ରଦେଶ ସହ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନ ପ୍ରାଚୀନ କାଳରୁ ଅଙ୍ଗାଙ୍ଗୀ ଭାବେ ସଂପୃକ୍ତ। ଦୀର୍ଘ ଆଠଶହ ବର୍ଷ ଧରି ଓଡ଼ିଶାରେ ଦ୍ରାବିଡ ରାଜାମାନଙ୍କର ରାଜତ୍ୱ ଏବଂ ଅନ୍ୟାନ୍ୟ ସୂତ୍ରରେ ବହୁ ଦ୍ରାବିଡ଼ ଶବ୍ଦ ଯେ ଓଡ଼ିଆ ଶବ୍ଦ ଭଣ୍ଡାରରେ ପ୍ରବେଶ ଲାଭ କରିଅଛି, ଏହା ମୁକ୍ତକଣ୍ଠରେ ସ୍ୱୀକାର କରାଯାଇପାରେ। ତାମିଲ, ତେଲୁଗୁ, କାନ୍ନାଡା ଓ ମାଲାୟଲମ-ଏହି ଚାରୋଟି ମୁଖ୍ୟ ଭାଷାକୁ ନେଇ ଦ୍ରାବିଡ଼ ଭାଷା ପରିବାର ଗଠିତ। ତାମିଲ ପରେ ଦ୍ରାବିଡ଼ ଭାଷା ପରିବାରର ଦ୍ୱିତୀୟ ସ୍ଥାନ ତେଲୁଗୁ ଭାଷା। ତେଲୁଗୁ ଭାଷାଭାଷୀ ଅଞ୍ଚଳ ଓଡ଼ିଶାର ଦକ୍ଷିଣ ଦିଗକୁ ଲାଗିରହିଛି। ତେଣୁ ଦକ୍ଷିଣ ଓଡ଼ିଶାର ଲୋକମାନେ ବହୁ ପରିମାଣରେ ତେଲୁଗୁ ଭାଷାଦ୍ୱାରା ପ୍ରଭାବିତ ହେବାର ଦେଖାଯାଏ। (୩) ଠିକ୍ ସେହିଭଳି ଆନ୍ଧ୍ରରେ ଥିବା ଓଡ଼ିଆମାନେ ତେଲୁଗୁ ଭାଷାର ଅଧିକ ଶବ୍ଦ ପ୍ରୟୋଗ କରିବା ସ୍ୱାଭାବିକ। ଆନ୍ଧ୍ରପ୍ରବାସୀ ଓଡ଼ିଆଙ୍କ କଥିକ ଭାଷାକୁ ଲକ୍ଷ୍ୟ କରି ଭାଷାବିତ୍ G.A.Grierson ଯଥାର୍ଥରେ କହିଛନ୍ତି- "As regards the Oriya of Vizagpatnam, proper, as distant from the Agency, it is a corrupt mixture of Oriya and Telugu-spoken by chachadis and Pakisscavengears and market-garderners, all over the district.(୪)

ତୃତୀୟ ଅଧ୍ୟାୟର ପାଦଟୀକା

୧. ଓଡ଼ିଆ ଭାଷାର ଉପଭାଷା,ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୮୨, ପୃ-୨୦

୨. The linguistic Sciences and Language Teaching,
M.A.K. Halliday, Angus Melntosh & P.Strevems, B.J.B.S. 1970-P.77

୩. ଓଡ଼ିଆ ଶବ୍ଦସମ୍ଭାର:ଡ. ଦେବେନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ ୧୯୭୯,ପୃ-୧୩୮

୪. Linguistic survey of India - G .A.Grierson
Reprinted 1968 , Vol.-V Part II, Page 372

□

ଚତୁର୍ଥ ଅଧ୍ୟାୟ

ଦକ୍ଷିଣ ଓଡ଼ିଶାରେ ପ୍ରଚଳିତ ଦୁଇଟି ଉପଭାଷାର ସାମାନ୍ୟ ପରିଚୟ

ଆଞ୍ଚଳିକ ଭାଷା, ଉପଭାଷା ନୁହେଁ :

ଦକ୍ଷିଣ ଓଡ଼ିଶାର ଲୋକମୁଖର ଭାଷା ସ୍ୱୟଂସଂପୂର୍ଣ୍ଣ ଉପଭାଷା ନୁହେଁ, ବରଂ ଏହାକୁ ସାମଗ୍ରିକଭାବେ ଆଞ୍ଚଳିକ ଭାଷା କହିବା ଅଧିକ ଯୁକ୍ତିସଂଗତ ମନେହୁଏ। ଭାଷା ଉପଭାଷା ନୁହେଁ, ଉପଭାଷା ମଧ୍ୟ ଆଞ୍ଚଳିକ ଭାଷା ରୂପେ ପରିଗଣିତ ହେବ ନାହିଁ । ଉପଭାଷା ଓ ଆଞ୍ଚଳିକ ଭାଷା-ଏ ଦୁଇଟି ବିଷୟରେ ପ୍ରଥମେ ସ୍ପଷ୍ଟ ଧାରଣା ରଖିବା ଉଚିତ, ତା' ପରେ ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା-ଉପଭାଷା କିମ୍ବା ଆଞ୍ଚଳିକ ଭାଷା ସେ ବିଷୟରେ ଆଲୋଚନା କରିବା ଉଚିତ।

ଉପଭାଷା :

କୌଣସି ଏକ ଭାଷାଗୋଷ୍ଠୀର କ୍ରମବିକାଶପୂର୍ଣ୍ଣ ଜନସଂଖ୍ୟାରୁ ଉପଭାଷାର ଉନ୍ମେଷ ଓ ପ୍ରକାଶ ହୋଇଥାଏ। ଏକ ନିର୍ଦ୍ଦିଷ୍ଟ ଭାଷା, ଭାଷାର ଅଞ୍ଚଳ ଏବଂ ତା'ର ବାକ୍‌ରୀତିର ସାତନ୍ତ୍ର୍ୟ ଯୋଗୁଁ ଅନେକ ସମୟରେ ଉପଭାଷାର ଉଦ୍‌ଭବ ଦିଗରେ ଯଥେଷ୍ଟ ପ୍ରଭାବ ପକାଇଥାଏ। ଜନସାଧାରଣଙ୍କ ମଧ୍ୟରେ ଭାବ ଆଦାନପ୍ରଦାନରେ ଅଭାବ ଓ ବିଚ୍ଛିନ୍ନତାର କାରଣ ଯୋଗୁଁ ଏହି ଉପଭାଷା ସୃଷ୍ଟି ହୋଇଥାଏ। ଉପଭାଷାର ଭାଷାତାତ୍ତ୍ୱିକ ବିକାଶ ହିଁ ମୂଳଭାଷାର ବ୍ୟୁତ୍ପତ୍ତି ଓ ବିକାଶ ଘଟାଇଥାଏ। (୧) ଭାଷାବିତ୍ G.A.Grierson ଓଡ଼ିଆ ଭାଷାର ଉପଭାଷା ସଂପର୍କରେ ମତ ପ୍ରଦାନ କରି କହିଛନ୍ତି- "Oriya is remarkably free from dialectic variation" (୨) ଅର୍ଥାତ୍ ଓଡ଼ିଆ ଭାଷାରେ ଉପଭାଷାଗତ ଭିନ୍ନତା ନାହିଁ । କିନ୍ତୁ ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଗ୍ରିଏରସନ୍ ଓଡ଼ିଆ ଭାଷାକୁ ଯଥାଯଥ ଭାବେ ବିଶ୍ଳେଷଣ କରି ନାହାନ୍ତି। କାରଣ ଓଡ଼ିଶାରେ ଅନେକ ଉପଭାଷାର ଉଦ୍‌ଭବ ଓ ବିକାଶ ହୋଇ ଅଦ୍ୟାପି ରହିଛି। ଓଡ଼ିଶାର ଉତ୍ତର ଓ ପଶ୍ଚିମାଞ୍ଚଳକୁ ବାଦ୍‌ଦେଲେ କେବଳ ଦକ୍ଷିଣାଞ୍ଚଳରେ ଯେତେସବୁ ଉପଭାଷା ରହିଛି, ସେଗୁଡିକ ହେଲା- ଦେଶିଆ, ଭତ୍ରୀ, ଝରିଆ, କୁଇ, କନ୍ଧ, ପରଜା, ଗାଦବା, ବଣ୍ଡା, ସୌରା, ରେଲୀ ପ୍ରାଣ ଇତ୍ୟାଦି।

ଆଞ୍ଚଳିକ ଭାଷା :

ଗୋଟିଏ ଭାଷା ଅଞ୍ଚଳ ଭେଦରେ ଲୋକଙ୍କ ମୁଖରେ ଭିନ୍ନ ଭିନ୍ନ ରୂପେ ଉଚ୍ଚାରଣ ହୋଇଥାଏ। ଏହି ଉଚ୍ଚାରଣଗତ ଭିନ୍ନତା ହିଁ ଭାଷାର ଆଞ୍ଚଳିକତା। କଥିତ ଓଡ଼ିଆ ଭାଷା ଏହି ଆଞ୍ଚଳିକ ବିଶେଷତ୍ୱକୁ ଆଖି ଆଗରେ ରଖି ଚାରିଭାଗରେ ବିଭକ୍ତ କରାଯାଇଥାଏ । ଯଥା:କେନ୍ଦ୍ରୀୟ ଭାଷା (ଯେଉଁଠାରେ ଲିଖିତ ଓ କଥିତଭାଷା ପ୍ରାୟତଃ ସମାନ, ଯଥା: କଟକ, ପୁରୀ), ଉତ୍ତରାଞ୍ଚଳୀୟ ଭାଷା (ବାଲେଶ୍ୱର, ମୟୂରଭଞ୍ଜ, କେଉଁଝର) ପଶ୍ଚିମାଞ୍ଚଳୀୟ ଭାଷା (ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ବୌଦ)ଏବଂ ଦକ୍ଷିଣାଞ୍ଚଳୀୟ ଭାଷା (ଗଞ୍ଜାମ, କୋରାପୁଟ, ଫୁଲବାଣୀର କିଛି ଅଂଶ)।

ଉପଭାଷା ନିମିତ୍ତ ଭାଷାକ୍ଷେତ୍ରର ଯେଉଁ ଆବଶ୍ୟକତା ରହିଛି, ଆଞ୍ଚଳିକ ଭାଷାଲୋଚନା ପାଇଁ ଠିକ୍ ସେହିଭଳି ଭାଷାକ୍ଷେତ୍ର ନିର୍ଦ୍ଧାରଣ କରିବା ଦରକାର। ବିଭିନ୍ନ ଭାଷାସ୍ରୋତର ପ୍ରବାହ ଓ ମିଶ୍ରଣ ଫଳରେ କଥିତ ଭାଷାର ଆଞ୍ଚଳିକ ରଙ୍ଗ ସ୍ଥାନାନ୍ତରଭେଦରେ ପରିବର୍ତ୍ତିତ ହୋଇଥାଏ। ଆଞ୍ଚଳିକ ଭାଷା ଓ ଉପଭାଷା-ଏ ଦୁଇଟିର ପାର୍ଥକ୍ୟ ବିଶେଷ ନୁହେଁ ଆଂଶିକ। ତଥାପି ଦୁଇଟିକୁ ଏକ ଶ୍ରେଣୀରେ ଅନ୍ତର୍ଭୁକ୍ତ କରି ଦକ୍ଷିଣାଞ୍ଚଳ କଥିତ ଭାଷାକୁ 'ଦକ୍ଷିଣାଞ୍ଚଳ ଉପଭାଷା' (୩) କହିବା ଅସଂଗତ ମନେହୁଏ।

ଦକ୍ଷିଣାଞ୍ଚଳୀୟ ଭାଷାରେ କେତେକ ଉପଭାଷା ରହିଛି, ଯାହା ସ୍ୱତନ୍ତ୍ର ଜାତି ଓ ଗୋଷ୍ଠୀର ଉଚ୍ଚାରଣଗତ ନୂତନ ରୂପ ପ୍ରକ୍ରିୟା ପ୍ରକାଶ କରେ । ପୁଣି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକାଧିକ ଭାଷାଗୋଷ୍ଠୀର ସାଂସ୍କୃତିକ ସମନ୍ୱୟ ହେଲେ, ସେଠାକାର ପ୍ରଚଳିତ କଥିତ ଭାଷାରେ ଏହାର ପ୍ରଭାବ ପଡ଼ିଥାଏ । ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଉପଭାଷା ନ କହି ଆଞ୍ଚଳିକ ଭାଷା ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିବା ଅଧିକ ପ୍ରମାଣଭିତ୍ତିକ ମନେହେବ।

ଆଦିବାସୀ ବହୁଳ ଦକ୍ଷିଣ ଓଡ଼ିଶାରେ ଓଡ଼ିଆ ବ୍ୟତୀତ ଅନେକ ଉପଭାଷାର ସ୍ୱଚ୍ଛନ୍ଦ ପ୍ରଚଳନ ଦେଖାଦେଇଥାଏ। ଅନେକ ଆଦିବାସୀ ଭାଷାର ବିକାଶ ଏଠାରେ ସମ୍ଭବ ହୋଇପାରିଅଛି। ଏକ ଭାଷାକ୍ଷେତ୍ର-ରୂପେ ଦକ୍ଷିଣାଞ୍ଚଳର ବୈଶିଷ୍ଟ୍ୟ ହେଉଛି ଯେ, ଏହା ତିନୋଟି ଭାଷା- ପରିବାରର ସଙ୍ଗମସ୍ଥଳୀ । ମୁଣ୍ଡା ପରିବାରର ବିକୀର୍ଣ୍ଣ ଭାଷା ସମୁଦ୍ର ମଧ୍ୟରେ ଉତ୍ତର ଓ ପଶ୍ଚିମରୁ ଓଡ଼ିଆ, ଦକ୍ଷିଣରୁ ତେଲୁଗୁ ଏବଂ ଦକ୍ଷିଣ ପଶ୍ଚିମରୁ ହାଲବି ଓ ଛତିଶଗଡ଼ି ଏହି କ୍ଷେତ୍ରରେ ପରସ୍ପର ସହିତ ମିଳିତ ହୋଇଛନ୍ତି। ସୁତରାଂ ଏହି ଅଞ୍ଚଳର ପ୍ରଧାନ ଭାଷା ଓଡ଼ିଆ ସହିତ ନିମ୍ନଲିଖିତ ଭାଷାଗୁଡ଼ିକ ମଧ୍ୟ ପ୍ରଚଳିତ।

୧। ଆର୍ଯ୍ୟଗୋଷ୍ଠୀ- ଦେଶିଆ, ଭତ୍ରୀ, ଝରିଆ, ଲରିଆ, ହାଲବି

୨। ଦ୍ରାବିଡ଼ଗୋଷ୍ଠୀ- ତେଲୁଗୁ, କୁଇ, କନ୍ଧ, ଫେଗୁ, ପାର୍ଜୀ, ଗଣ୍ଡୀ, କୟା

୩। ମୁଣ୍ଡାଗୋଷ୍ଠୀ- ସଓରା, ଗଦବା, ପାରେଙ୍ଗା, ବଣ୍ଡା ଇତ୍ୟାଦି।

ଏହା ବ୍ୟତୀତ ଏହି ଅଞ୍ଚଳରେ ସାନ୍ତାଳୀ, ଭୂମିଜ, ମାହେଲି , ମିର୍ଦ୍ଧା, ମୁଣ୍ଡାରୀ ଇତ୍ୟାଦି ମୁଣ୍ଡାଭାଷା ପ୍ରଚଳିତ। ପୁଣି ଆନ୍ଧ୍ରପ୍ରଦେଶରେ ଶ୍ରୀକାକୁଲମ୍, ବିଜୟନଗର ଓ ପୂର୍ବ ଗୋଦାବରୀ ଜିଲ୍ଲାରେ ଯେତେ ଓଡ଼ିଆ କହନ୍ତି ତା'ର ଶତକଡ଼ା ୨୦ ଭାଗ ଲୋକ ପାଇଡ଼ି ପାମିଡି, ଚାଚିଡି ଇତ୍ୟାଦି ଉପଭାଷା ବ୍ୟବହାର କରନ୍ତି। (୪)

ଗୋଟିଏ ଆଦିବାସୀ ଗୋଷ୍ଠୀର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଓଡ଼ିଆମାନେ ସେହି ଭାଷା ସହ ଘନିଷ୍ଠ ସଂପୃକ୍ତ ଥାଆନ୍ତି। କେବଳ କୋରାପୁଟ ଜିଲ୍ଲାରେ ଅନେକ ଆଦିବାସୀ ଭାଷା ପ୍ରଚଳିତ, କିନ୍ତୁ ଦେଶିଆ ଭାଷା ଭଳି ଅନ୍ୟ କୌଣସି ଭାଷା ଏତେ ପରିମାଣରେ ପ୍ରତିଷ୍ଠା ଲାଭ କରିପାରିନାହାନ୍ତି। ଏଠାରେ କୋରାପୁଟ ଜିଲ୍ଲାର 'ଦେଶିଆ' ଏବଂ ଗଞ୍ଜାମ ଜିଲ୍ଲାର 'ରେଲା'-ଏହି ଦୁଇଟି ଉପଭାଷାର ସାମାନ୍ୟ ପରିଚୟ ପ୍ରଦାନ କରାଗଲା।

ଦେଶିଆ ଭାଷା :

କୋରାପୁଟ ଜିଲ୍ଲାର ଗୁଣୁପୁର ଓ ରାୟଗଡ଼ା ସବ୍‌ଡିଭିଜନକୁ ବାଦ୍ ଦେଲେ, ଅନ୍ୟ ଚାରୋଟି ସବ୍‌ଡିଭିଜନ୍-ଜୟପୁର, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିରେ ସାଧାରଣ ଲୋକେ ଦେଶିଆ ଭାଷା ବହୁଳଭାବେ ବ୍ୟବହାର କରିଥାଆନ୍ତି। ଏହି ଜିଲ୍ଲାର ପ୍ରତ୍ୟେକ ଚଫସିଲଭୁକ୍ତ ଜାତିଗୁଡ଼ିକର ନିଜସ୍ୱ ଭାଷା ରହିଛି ତଥାପି ଏମାନେ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେଲାବେଳେ ଦେଶିଆ ଭାଷାରେ କଥାବାର୍ତ୍ତା ହେବାକୁ ଚେଷ୍ଟା କରିଥାଆନ୍ତି। ଉପରୋକ୍ତ ଚାରୋଟି ସବ୍‌ଡିଭିଜନର ସାଧାରଣ ଓଡ଼ିଆ ଲୋକଙ୍କଠାରୁ ଆରମ୍ଭ କରି ଶିକ୍ଷିତ ସଂପ୍ରଦାୟ- ଓକିଲ, ବ୍ୟବସାୟୀ, ଡାକ୍ତର, ସରକାରୀ ଓ ବେସରକାରୀ କର୍ମଚାରୀବୃନ୍ଦଙ୍କ ପର୍ଯ୍ୟନ୍ତ ସମସ୍ତେ ଏଠାର ଆଦିବାସୀଙ୍କ ସହ ଦେଶିଆ ଭାଷାରେ ହିଁ କଥାବାର୍ତ୍ତା କରି ପରସ୍ପର ମଧ୍ୟରେ ଭାବ ବିନିମୟ କରିଥାନ୍ତି। ଦେଶିଆ ଭାଷାର ଶବ୍ଦସୂଚୀଟିଏ ନିମ୍ନରେ ପ୍ରସ୍ତୁତି କରାଯାଇଛି।

ଦେଶିଆ ଶବ୍ଦସୂଚୀ :

ଦେଶିଆ	ଓଡ଼ିଆ
ଅଙ୍ଗି	ଜାମା
ଅନକା	ଚଟୁ
ଅଡ଼ା	ଧାନ ମାପିବା ପାତ୍ର ବିଶେଷ
ଅଇ	ହଳ
ଅଲସ	ଅଳସ
ଅଳସି	ଏକ ପ୍ରକାର ତୈଳ-ଜାତୀୟ ରବିଫସଲ

ଦେଶିଆ	ଓଡ଼ିଆ
ଅଁକାର	ଅହଂକାର, ଈର୍ଷା
ଆଁକି	ଆଖି
ଆଟୁ	ଭାଡ଼ି
ଆମ୍	ଆମ୍ବ
ଇବାଟେ	ଏହି ବାଟରେ
ଇଁସା	ହିଂସା
ଉଦୁଲିଆ	ସ୍ୱେଚ୍ଛାରେ ବିବାହ ନିମନ୍ତେ ପଳାୟନ କରିବା
ଉଲି	ପିଆଜ(ତେ)
କଡ଼କି	କୋଡି, କୋଦାଳ
କସଲା	ଢାଳ
କଲିଆ	ଶିଆଳ
କାଉଡ଼ି	ଭାର, ବାହୁଙ୍ଗୀ (ତେ)
କାକର୍	ଥଣ୍ଡା
କାଜେ	ନିମନ୍ତେ
କାଟା	ନିକିତି
କାସୁ	ପଇସା (ତେ)
କାଲା	କଳା
କୁଇଁଲା	ପଚିଯିବା
କିରମାର	ଗୋଳମାଳ, କଳିଗୋଳ
କୁରଚି	ଚୌକି
କୁପା	ଗଦା (ତେ)
କୁମୁଡା	ବୋଇତାଳୁ ବା କଖାରୁ
କୁଟୁମ୍ବ	କୁଟୁମ୍ବ
କେରଙ୍ଗ	ଗଛବିଶେଷ
ଗଟ୍‌ନା	ଘୋଟଣା
ଗଡ଼ିଆ	ସହର ଲୋକ
ଗରେ	ଘରେ
ଗଁ (ଗଁଉ)	ଗହମ

ଦେଶିଆ	ଓଡ଼ିଆ
କଦଳୀ ଗାଡା	କଦଳୀ କାନ୍ଦି
ଗାସ୍	ଘାସ
ଗୁଟି	ହଳିଆ, ମୂଲିଆ
ଗୋରସ	ଖିର ବା ଦୁଧ
ଘାଘରି	ମାଟିହାଣ୍ଡି
ଚକନି	ଦନା ବା ଚାରିକୋଣିଆ ପତ୍ରଠୋଲା
ଚାଟି	ଛତୁ
ଚାଟିରି	ଛତା
ଚାନ୍ସ	ସୁଯୋଗ
ଚାପଡ଼ା	ବଡ଼ ଧରଣର ପିଂପୁଡି ବା କାଇ
ଚାଇ	ଛାଇ
ଚାଟି	ପିଂପୁଡି
ଚିମରା	ନିରବ
ଚିନି	ଚିହ୍ନ
ଚିଂଗିଡ଼ି	ଚିଂଗୁଡ଼ି
ଚେର୍‌ଚନା	ଚିନାବାଦାମ
ଜମାନ୍	ପୋଲିସ୍
ଜନ୍	ଜହ୍ନ
ଜାନି	କନ୍ଧପୁରୋହିତ
ଜିଲା	ଝିଲା (ପିଲାର ସହ ଶବ୍ଦ)
ଜୟ୍	ନିଆଁ
ଜୟ୍‌କାଡ଼ି	ଦିଆସିଲି
ଟାପା	ଡାକ
ଟାପାଗର୍	ଡାକଘର
ଟାଂଗି	କୁରାଢି
ଟିଅଁ	ଛୋଟ
ଟିର୍‌କି	ମଳଦ୍ୱାର
ଟୁଲ	ଜଡ଼ାତେଲ

ଦେଶିଆ	ଓଡ଼ିଆ
ଟେମ୍‌ପ୍ରିଆ	ଗର୍ବୀ
ଠେଙ୍ଗୁଆ	ଅବିବାହିତା ଯୁବକ
ଡକରା	ବୁଢ଼ା
ଡକରି	ବୁଢ଼ୀ
ଡଙ୍ଗର	ପାହାଡ଼
ଡାଲ	ପତ୍ର
ଡୁମା	ଭୁତ ପ୍ରେତ
ଡେଙ୍ଗ	ଲମ୍ବା
ଡେଲି	ଖୁଣ୍ଟ
ଡୁଙ୍ଗିଆ	ଧୂଆଁପତ୍ର
ତଲାଚାତିରି	ତଲାରି, ତାଳପତ୍ର ଛତା
ତାପି	ରାଜମିସ୍ତ୍ରୀଙ୍କ କରଣୀ
ତାସ	ଚାଷ
(ଲାଉ) ତୁମା	ତୁମ୍ବା (ଲାଉ)
ତୁରିତୁରି	ଥରିଥରି
ତେନ୍ତଲ୍	ତେନ୍ତୁଳି
ଦାରୁ	ଜାଳେଣିକାଠ
ଧାଙ୍ଗଡା	ଅବିବାହିତା ଯୁବକ
ଦାଣ୍ଡାବାଡ଼ି	ଆଖୁଦଣ୍ଡା
ଦାତୁନ	ଦାନ୍ତକାଠି
ଦିସାରି	ପୂଜାରୀ, ପୁରୋହିତ
ଦୁକି ସୁକି	ଦୁଃଖୀ ସୁଖୀ
ଦେବ୍‌ତା	ଦେବତା
ଧଡ଼କା	ଚିରାକନା
ଧାକା	ମଦ
ଧାଙ୍ଗିଡ଼ି	ଯୁବତୀ
ନଲି	ବନ୍ଧୁକ
ନିନି	ଝିଅ

ଦେଶିଆ	ଓଡ଼ିଆ
ନିକୁଆଇ	ଭଲରେ
ନିଚୁଟ	ଅଭାବ
ପଇତି	ଡାଲି
ପକନା	ପଥର
ପଦା	ସାମାନ୍ୟ, ଦ୍ୱିପଜମି
ପଚେ	ପଛେ
ପରବ	ପର୍ବ
ପଲା	ତଳି, ଚାରା
ପସନା	ଝାଳ
ପାଇ	ନାନୀ
ପାଇଟିଆଇନି	ମାଲୁଆଣୀ
ପାଙ୍ଗିବା	ଗୁଣିକରିବା
ପାଙ୍ଗନିଆନି	ତାନ୍ତ୍ରିକସ୍ତ୍ରୀ
ପାତ୍ରି	ଚରିତ୍ରହୀନା
ପାଙ୍ଗୁଆ	ମାହାଳିଆ
ପାର୍‌କା	ଦୋପଇସି ମୁଦ୍ରା
ପୁରାନି	କସାରୁ ବା ଅଧିକା ମାଗିବା
ପିରି	ନଡ଼ା
ପୋ	ପୁଅ
ପେଦ୍ରା	ମାଙ୍କଡ
ବଇରା	କାଲାବ୍ୟକ୍ତି
ବକଡ଼ା	ଛେଳି
ବଡ଼ଲି	ବଡ଼ ସ୍ତ୍ରୀ, ଆଗ ସ୍ତ୍ରୀ
ବଡୁ	ବଡ଼ଦାଦା
ବନି	ରକ୍ତ
ବଇଲ	ଚାଷଜମି
ବାଇଲେ	ଝିଅ (ସ୍ତ୍ରୀ)
ବାଙ୍ଗା	ବାଇଗଣ
ବାଲିଫୁଲ	ଝିଅମାନଙ୍କୁ ସ୍ନେହରେ ସମ୍ବୋଧନ କରିବା

ଦେଶିଆ	ଓଡ଼ିଆ
ବାନ୍ତୁ	ବଲ୍, ପେଣ୍ଡୁ
ବାଡ୍‌ନି	ଛାଞ୍ଚୁଣୀ
ବାକ୍‌ନା	କଥା
ବୁଆ	ବାଆ
ବୁଆରି	ସାନଭାଇର ସ୍ତ୍ରୀ
ବୁଇଲ୍	ବଳଦ
ବେଁଟ	ଶିକାର
ବେଟ୍	ଭେଟ, ମିଶିବା
ବେଡ଼ା	ଜମି
ବେ'ଢ଼ା	ମୁଦ୍ରା ବିଶେଷ
ବେଲ୍	ବେଳ, ସୂଯ୍ୟ
ଭାଟ	ଯୁଇଁ
ଭେଜ୍‌ରି	ଟମାଟ
ମନ୍ତରସେନି	ଧାଇ
ମାଇଆଙ୍ଗଟି	ବୁଢ଼ାଆଙ୍ଗୁଠି
ମାଇଝି	ସ୍ତ୍ରୀ, ନାରୀ
ମାନ୍ଦା	ଜଳ ଜଳ
ମାନ	ମାଣ
ମିସା	ମଧ୍ୟ
ମିରି	ମରିଚ
ମୁନୁସ	ସ୍ୱାମୀ
ମୁଟୁଲା	ମୋଟ, କୁକୁଚା
ମରାମରା	ଶୁଖିଯାଇଥିବା
ରାମି	ବଣି
ସରଗି	ଶାଳଗଛ
ସତରା	ଶ୍ୱଶୁର
ସତ୍‌ରୀ	ଶାଶୂ
ସରାସରି	ଶେଷରେ
ସା	ସାହା

ଦେଶିଆ	ଓଡ଼ିଆ
ସାକାଲ୍	ସକାଳ
ସାରା	ତରକାରି, ପନିପରିବା
ସାଟାପଟା	ଏମିତିସେମିତି
ସାର ପତର	ତାସମୁଠା
ସାରଟିକାରିଆଣୀ	ଦୂତୀ (ପ୍ରେମିକ ପ୍ରେମିକାଙ୍କୁ ଯୋଗାଯୋଗ କରାଇବା ସ୍ତ୍ରୀ)
ସିମ୍	ଶିଘ୍ର
ସିରା	ଦେବୀପୂଜକ, ଗୁଣୀ (ତାନ୍ତ୍ରିକ)
ଚେରଷ୍ଟା	ଚେଷ୍ଟା
ସୁଜି	ଛୁଞ୍ଚି
ସୁସ୍‌କି	ଶୁଖୁଆ
ହୁଟି	ଏହି
ହୁଗୁଟି	ସେହି
ଲନ୍ଦି	ନଦୀ
ଲବିଆ	ଝୁଡୁଙ୍ଗ
ଲାଇ	ଲିଆ
ଲାକିଡ଼ି	ପାଉଁଶ
ଲେଂଜି	ଲାଞ୍ଜ
X	X

ପରିମାଣ ବାଚକ ଶବ୍ଦ

ଦେଶିଆ	ଓଡ଼ିଆ
ଅଲପ୍	ଅଳ୍ପ
ଅଦେକ୍	ଅଧେ, ଅର୍ଦ୍ଧେକ
କଣେକ୍	କିଛି ପରିମାଣରେ
କେଡ଼େକ୍	କେତେ
X	X
ତାଇଁରେ	ତହିଁରେ
ମାନ୍	ମାନେ

ଦେଶିଆ	ଓଡ଼ିଆ
କୋନ୍‌ବାଟେ	କେଉଁବାଟେ
କୋନେ	କିଏ
ଇଥାନେ	ଏହି ସ୍ଥାନରେ
କାଇଟା	କ'ଣ
କେନ୍ତା	କିପରି
X	X

ସର୍ବନାମ

ଆମ୍‌କେ	ଆମକୁ
ତୁଇ	ତୁ, ତୁମେ
ତାକେ	ତାକୁ
ମୁଇ	ମୁଁ
ମୋକେ	ମୋତେ
ହାଇମନ	ସେମାନେ
X	X

ଦେଶିଆ କ୍ରିୟା ପଦ

ଅଗେରା	ଚୁପ୍ ରହିବା
ଅଦ୍ରିବା	ପଡ଼ିଯିବା
ଅଲପୋଡ଼ା	ହଲପୋଡ଼ା, ମଘାପୋଡ଼ି
ଆଇଲାସ୍	ଆସିଲା
ଉତୁରିଲା	ଓହ୍ଲିଲା
ଏଲା	ହେଲା
ଓଇଲା	ହୋଇଲା
କଇଲା	କହିଲା
କିଦ୍ରିବା	ଘୂରିବା, ବୁଲିବା
କୁଇଁବା	ପଚିବା
କେଟିବା (ଖେଟିବା)	ପହଞ୍ଚିବା
ଖାଇଲୁସ	ଖାଇବା

ଦେଶିଆ	ଓଡ଼ିଆ
ଖାଡ଼ା	ଠିଆହେବା
ଖେଦିବା	ଘରଡ଼ିବା
ଗାଲା	ଗଲା
ଘେନିବା	କିଣିବା
ଘୁଚା	ଘୁଂଚିଯାଅ
ଘୁଚାଇଦିଆ	ଘୁଂଚାଇଦିଅ
ଚଗିବା	ଚଢ଼ିବା
ଚାବରା	କାମୁଡ଼ିବା
ଜାଇସି	ଯାଇଛି
ଜୁ	ଯିବା
ଡାକନା	ଡାକିଦିଅ
ଢାମ୍ପିବା, ଢାପ୍‌ନା	ବନ୍ଦକରିବା
ବାରିଦେଲା	ଧରିଦେଲା
ଦୁଆରିବା	ବୋହିଆଣିବା (ବାରମ୍ବାର)
ଦବୁଡ଼ିବା	ଧାଇଁବା
ଦେଇତି	ଦିଅନ୍ତି
ନାପିବା	ମାପିବା
ନା'ଡରା	ଡରନାହିଁ
ପାଟାଇବା	ପଠାଇବା
ପାକାଇଲା	ପକାଇଲା
ପୂଜିବା	ବଳିଦେବା
ବାନଟା	ବନ୍‌ଟା, ଭାଗ
ବୁନ୍‌ବୁ	ବୁଣିବୁ
ବେଟିବା	ସଂଗ୍ରହ କରିବା
ବେଁଟ	ଶିକାର
ବୋଇ	ବୋହି
ଭାର୍‌ଚି	ବାହାରିଛି
ରେ'ଲି	ରହିଲି
ର'ନା	ରହ

ଦେଶିଆ	ଓଡ଼ିଆ
ସଙ୍ଗଇବି	ପଠେଇବି
ସାଙ୍ଗିଟି	ଡାକୁଛି
ସୁଆସ	ଶ୍ୱାସ
ହେଜିବା	ଚିନ୍ତାକରିବା
ହେଇସି	ହୋଇଛି
ଲଗସି	ଲାଗୁଛି

କୋରାପୁଟରେ ଓଡ଼ିଆଙ୍କ ମୁଖରେ ଦେଶିଆ ଭାଷାର ସ୍ୱଚ୍ଛନ୍ଦ ଓ ସ୍ପଷ୍ଟ ଉଚ୍ଚାରଣର କାରଣ ଏକାଧିକ ହୋଇପାରେ। ନିତିଦିନିଆ ଜୀବନଚର୍ଯ୍ୟାରେ ଆଦିବାସୀ ଲୋକଙ୍କ ସହ ଏମାନଙ୍କ ସଂପର୍କ ଅତି ଘନିଷ୍ଠ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହଠାରୁ ଆରମ୍ଭ କରି ଶ୍ରମଦାନ ସମେତ ପ୍ରତ୍ୟେକ କ୍ଷେତ୍ରରେ ଏଠାକାର ଅଧିବାସୀମାନେ ଜନସାଧାରଣଙ୍କ ସହ ଅବାଧରେ ମିଳାମିଶା କରିବାକୁ ବାଧ ହୋଇଥାଆନ୍ତି। ଠିକ୍ ସେହିପରି ଜନସାଧାରଣ ମଧ୍ୟ ସେମାନଙ୍କ ଉପରେ ନିର୍ଭର କରିଥାଆନ୍ତି। ସରକାରଙ୍କ ଅନେକ ନୂତନ ଯୋଜନାର ପରୀକ୍ଷାନିରୀକ୍ଷାର ସ୍ଥାନ ହେଲା- ଏହି ଅଧିବାସୀ-ଅଧ୍ୟୁଷିତ ମୁକ୍ତ ପ୍ରକୃତି ପ୍ରାଂଗଣ। ତେଣୁ ସରକାରୀ କର୍ମଚାରୀମାନେ ମଧ୍ୟ ଏମାନଙ୍କ ସହ ପ୍ରତ୍ୟକ୍ଷ ସଂପର୍କ ରକ୍ଷା କରିବାକୁ ଏକ ପ୍ରକାର ବାଧ ହୋଇଥା'ନ୍ତି। କିନ୍ତୁ ଆଜି ସେହି ସରଳ ଜୀବନଧାରା, ଆଧୁନିକ ସଭ୍ୟତାର ବାହୁଛାୟାରେ ଆଶ୍ରିତ ହୋଇ ମୌଳିକ ସତ୍ତା ହରାଇବାକୁ ବସିଲାଣି।

କେତେକ ଦେଶିଆଶବ୍ଦ ସଂସ୍କୃତଶବ୍ଦରୁ ଉତ୍ସାରିତ। ଏହି ଶବ୍ଦଗୁଡ଼ିକର ଅର୍ଥ ଅପରିବର୍ତ୍ତିତ । କିନ୍ତୁ ଉଚ୍ଚାରଣ ସହଜ ଲାଗି ରୂପଗତ ପରିବର୍ତ୍ତନ କେବଳ ହୋଇଛି।

ସଂସ୍କୃତ	ଦେଶିଆ	ଓଡ଼ିଆ
କାର୍ଯ୍ୟେ	କାଜେ	କାରଣରୁ
କର୍କର	କାକର୍	ଥଣ୍ଡା, ଶୀତଳ
ଚର୍ବଣ	ଚାବ	କାମୁଡ଼ିବା
ପାଷାଣ	ପାକ୍‌ନା	ପଥର
ପର୍ବ	ପରବ୍	ପର୍ବ
ବଧିର	ଭଇରା	କାଲା
ମନୁଷ୍ୟ	ମୁନୁଷ	ମଣିଷ
ଦାରୁ	ଦାରୁ	କାଠ
ଅହଂକାର	ଅଁକାର	ଈର୍ଷା

ବଡରା, ଝରିଆ ପ୍ରଭୃତି ଉପଭାଷା ସହ ଦେଶିଆଭାଷାର ସଂପର୍କ କେତେକ ସ୍ଥଳରେ ସାମ୍ୟ ପରିଲକ୍ଷିତ ହୋଇଥାଏ। ଏହି ଭାଷାର ଲିଖିତ ସାହିତ୍ୟ କିଛି ନ ଥିଲେ ହେଁ, ଦେଶିଆ ବୋଲିର ମର୍ମସ୍ପର୍ଶୀ ଲୋକଗୀତ ଏଠାରେ ବହୁଦିନ ହେଲା ପ୍ରଚଳିତ ହୋଇ ଆସୁଅଛି। ଏହାର ବାକ୍ୟ ରଚନା ପଦ୍ଧତି ଶୃଙ୍ଖଳାବଦ୍ଧ। ଦେଶିଆ ଉପଭାଷାର ସର୍ବନାମ, ପ୍ରତ୍ୟୟ, ଲିଙ୍ଗ, ବାକ୍ୟବିନ୍ୟାସ ପ୍ରଭୃତି ବିଶେଷଣାତ୍ମକ ଅଧ୍ୟୟନ ଡକ୍ଟର ଖଗେଶ୍ୱର ମହାପାତ୍ର ସ୍ୱକୀୟ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଗ୍ରନ୍ଥରେ ବିଶଦଭାବେ ବର୍ଣ୍ଣନା କରିଅଛନ୍ତି। କୋରାପୁଟ ଜିଲ୍ଲାର ଅଧିକାଂଶ ଓଡ଼ିଆଙ୍କ ମୁଖରେ ଏ ଉପଭାଷା ବ୍ୟବହୃତ ହେବା କାରଣରୁ ଏଠାରେ ଏହାର ସଙ୍କ୍ଷ ସୂଚନା ଦିଆଗଲା।

ଓଡ଼ିଆ ଲିଖିତ ସାହିତ୍ୟରେ ଦେଶିଆଭାଷାର ପ୍ରଚଳନ ଦେଖିବାକୁ ମିଳିଥାଏ। ଏପରିକି ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଗୋପୀନାଥ ମହାନ୍ତିଙ୍କ ଉଚିତ 'ପରଜା'ଓ 'ଅମୃତର ସନ୍ତାନ' ଉପନ୍ୟାସଗୁଡ଼ିକରେ ଅନେକ ଦୃଷ୍ଟାନ୍ତ ରହିଛି। ଜୟପୁର ବିକାଶ ପ୍ରତିଷ୍ଠାନ ତରଫରୁ କ୍ଷୁଦ୍ର କେନ୍ଦ୍ରିଗୀତ ପ୍ରକାଶିତ ହୋଇଛି। ନବରଙ୍ଗପୁରରୁ ପ୍ରକାଶିତ 'ଜନସଖା' ସାପ୍ତାହିକ ପତ୍ରିକାରେ ଦେଶିଆଶବ୍ଦର ବ୍ୟବହାର ଦେଖାଯାଏ। ଗୋଟିଏ ମୁଦ୍ରିତ ଗଳ୍ପରେ ଦେଶିଆ ଭାଷା- ବ୍ୟବହାରର ଦୃଷ୍ଟାନ୍ତଟିଏ ନିମ୍ନରେ ପ୍ରଦାନ କରାଗଲା।

ବଣ୍ଡକା- ଏବେ ତ ଭୁଟି ନାଇଁ ମିଳିତେ, କାଇଟା ଖାଇ ବଞ୍ଚିବୁରେ ସମ୍ଭାରୀ ପିଲାମନ୍‌କେ କେମିତି ପୋଷିବୁ ?

ସମ୍ଭାରୀ- ସା'କାର୍ ଘର୍‌କେ ଯା, ସା' କାର୍‌କେ କଇଦେକ୍, ସୁଆଁ ନଇଁଲେ ମାଣ୍ଡିଆ ପୁଟେ ନାଟେ ଦେଇଲା। ପଛେ, ଧାନକଟା ବେଲ୍‌କେ ଛିଣ୍ଡେଇଦେବୁ ନାଇଁକି ? ସା'କାର ଶୁଣ୍‌ଲେ, ଶୁଣ୍‌ସି।

ବଣ୍ଡକା- ନାଇରେ ସମ୍ଭାରୀ, ସାକାରର କଥା ତୁଇ ଜାଣଲାର୍ ନାଇଁ, ଡକ୍ରା ନିକୋ କରି ପେଟକେ ଖାଏ ନାହିଁ, କାକେ ମିସା ଦିଏ ନାଇଁ।

ସମ୍ଭାରୀ- ନାଇଁ ଦେସି ବୋଲି ତୁଇ କେତା ଜାଣିଲୁ ? ଆଗତା ଯାଇ ମାଗି ଦେଖ୍ କାଇ ବୋଲସି ଶୁଣ୍, ଚୁଛେଇ ଚୁଛେଇ ଡାକେ ତ କିଏ ନାଇଁ ମାଗିତେ, ଧାନ ପାଟିଲେ ତା'ର ବେଡ଼ା ଥାନୁ ଧାନ ନାଇଁ କାଟିଦେବୁ କି ?

ବଣ୍ଡକା- ସା'କାର ମାହପୁ, ମକେ ଦୁଇ ପୁଟି ମାଣ୍ଡିଆ ଦେଇରା, ତର ଧରମ ହେଇସି। ଆମେ ମୁନୁସ୍, ମାଇଜି ମିଶିକରି ଧାନକାଟି ଲାଗିବୁ। ଭୁଟି ଥାନୁ ଛିଡେଇଦେବୁ। (୫)

ଦେଶିଆ ଲୋକଗୀତର କେତୋଟି ଦୃଷ୍ଟାନ୍ତ :

୧। ତେନ୍ତଲି ପତର ସରୁ କେମନେ କଲେ ଦାରୁ
ଘରର ଘର୍‌ଣୀ ହଁକାର କଲେ ତର ରାନ୍ଦିଦିଆ ସରୁ।

୨। ଆମେ ପିଲା- ରାଗି ଏକ ହେଲୁ
ମୁଦି ମାଙ୍ଗା ବଲି ଯୁ' ବଇଲୁ
ଇଠି ଠିଆ ସିଠି ଠିଆ
ତମର ହାତରେ ରତନ ମୁଦି, ହସାଇ ଖେଲାଇ ଦିଆ।

୩। ଅଦା ମୁଣ୍ଡି ମୁଣ୍ଡି ରସନ ମୁଣ୍ଡି
ନବରଙ୍ଗପୁର ବଜାହାଣ୍ଡି
ଆଇଲେ ଆ'ତୁ ପଇସା ମୁଣ୍ଡି
ମୁଁ ଦେଖାଇବି ରୁପିଆ କଣ୍ଡି।

୪। ସରଗି ପତରେ କିଇଁଲି ଖଲି
କାମତା ବଜାର ଗଲି
ତେଣୁ ଆଣିଲି ମୁଗୁନି କଦଳି
ଧରାଇ ଧରାଇ ଥାକିଗଲି।

୫। ଶିଖ ପରବତେ ନନି ଗଟେ ଅଛି
ହସିଲେ କି ଲାଭ ଅଛି।

୬। ରଙ୍ଗ କୁମୁଡା ଭିତରେ ରଙ୍ଗ
ସତେକି ଗୁଲାବି ହୋଇବ ସାଙ୍ଗ।

୭। ମଲ୍ଲିଫୁଲ ବନା ବନା
ସେବତିଫୁଲ ବଡ଼ ବାସନା
ଚାଖିଲେ ଜାଣିବ ସିନା।

୮। ମାଙ୍କଡ ଖାଇଲା କାକୁଡି କଷି
ଡେ,ଗ ପକାନାରେ ବସି
କାଣା ଛୋଟା କଲି ନ ଛାଡିଯା'ରେ ନନି
ଖାଇବିସ ହୁଲାର ମାଟି।

୯। ଗାଈକେ ଗଉଡ଼, ଛେଲିକେ ଛେଲିଆ
କଉଁ ବନେ ନେଲା ରାଗି।
ଗାଈ ବାଟି ହଜିଗଲେ
ଭାଣ୍ଡି ପେଯ ଦେଇସି ବାସି।

୧୦। ବଉଁଶ ମାରିଲୁ ଝୁଲି କି ଝୁଲି
କୁନ୍‌ଜବନେ ବୁଲି ବୁଲି
ସଙ୍ଗର ଲୋକ୍ ବଲି ଗଡ଼ାଇ ହେଲି
ଅଧିକ ଯାଉଛୁ ଫୁଲି।

୧୧। କାଳିଆ ବଇବ ଲାଲା କୁଆଇ
କଥାବାର୍ତ୍ତାକେ ବଡ଼ ସୁଆଇ
ଦେବାକାଜେ ବଡ଼ ଲୋଭ।
ଥୁଜା ପକାଇବା ଗୁଣ୍ଡା ଧୁଙ୍ଗିଆକେ
ଦେବାକେ ଲାଗ୍‌ସି ଲୋଭ।
୧୨। ନିତି କାନ୍ଦା କାଟା ନିତି ମାଛମାରା
ପଡ଼ିଲୁ ଦୁଃଖର ଘରେ
ନ ଯିବା ଜୀବନକେ ବଳେ ବାନ୍ଧିନେବାର
ଜମର ସିଂହ ଦୁଆରେ।
୧୩। ଗଦାବରୀ ପାନି ଦେହକୁ ବଥା
ଗୁମାନେ ନ କର କଥା
ସମୁଦର ପାନି ଛେନା ସାକର
ଆତ୍‌ମା ଶିତଳ୍ ଖର।
୧୪। ଆମେ ଆସିଅଛୁ ପରବାସିଆ
କାଠପତ୍ର ଧରି ବଡ଼େ ଭାତିଆ
ଜାଗା ଖଣେ ପରା ଦିଆ।
ସେମିଲି ଗଛକେ ପୁତ୍‌ଲା ବଇଲେ
କନେଇ ବଲ୍‌ସି ବୁଆ।
୧୫। ଆସନା ଗୁଆଲି ବଡ଼ ବାସଲି
ଚଉଲ୍ ମାପିବା ସୋଲି
ତେଲ ମାରିକିରି ଚାଲାକି ସିଖବାସ୍
ଦଣ୍ଡେ ଗଲେ କେନେ ବୁଲି।
୧୬। ମାଛ ମାଉସକୁ ବଳିଲା ମନ
ମୁଇଁ ରାନ୍ଧଦେବି ଜୀବରତନ
ଚୁଲି ନିଆଁ ଜାଲିନ୍
ମରିବା କାଲରେ ମୁଠେ ଭାତ ଦେବ
ମୁଇ ସିନା ଜୀବର ଧନ।
୧୭। ଆଚ୍ଛା କଲୁ ଧନ ଭଲ କଲୁ
ଲୋକର ପୁରୁଷକୁ ଡାକି ଆନ୍‌ଲୁ

ମୋକେ କରିଦେଲୁ ଦୂର୍
କନ୍‌ତିର ତୁଇ ଭରସା ପାଇ,
ମୋକେ କରିଲୁସ ଦୂର।

୧୮। ଆଅ ନିନା ଧନ ଆପଣାଧନ
ବନେ ପଶି ମୁଇ କଲି ନାସନ
ପାଞ୍ଚ ରାତି ଛଅ ଦିନ
ଖରା ଶୁଖୁଛି ପରେ ପରେ
ସପଖା ଝୁରୁଛି ମନ।

୧୯। ତୁଇ ଗଲେ ମର ଅଣ୍‌ଟି ଉତନ
ମାଲପୁରି କଥା ରଖୁଛି ଧନ
ତୁ ପଞ୍ଜୁରି ମଧରେ ଶାରୀ
(ତୁ) ଘଡ଼ିକେ ମ'ପାଖେ ଅନ୍ତର ହେଲେ
ନିତି ଦେବି ପାନହାରି।

୨୦। ରାଜଡ଼ା ଚୁର୍ଚ୍ଚୁଣା ପାକେ ଅଛେ ଆମ୍ବାଦଲା
କାଇ ନିମାନ କରି ଚୁମନ ଦେବି
ଥମନା ମୁହଁ ନା ବୁଲା।

୨୧। କଅଁଳି ବଉଁଶ ଜାପି ଝୁଲୁନା
ଛିଡ଼ାଇଲ ଯେବେ ନଖେ
ଦଣ୍ଡଗଲା କସ୍‌ଟି ଗଲା
ଏବେ ମିଲାଇଲି ତୋକେ।

୨୨। ବାଟର ପନସ କାଉ କଲା ନାସ
ଘରେ ଗଲା ପୀତବାସ
ଏଡ଼ିକି ଧରମ କରବାସ୍ ଆଲେ
ମୁଣ୍ଡେ ଦୁଧ ରଖେଇବାସ୍।

୨୩। ବାଟ ଛାଡ଼ିଦିଅ ଝପନା ଯିବି
ସିରିମା ପେଣ୍ଡାଲ ଦେଖି ଆଇବି
(ଚନ୍ଦ୍ରମା ସୂରୁଜ ମୁଖେ)
ଆଠଦିନ ହେଲା ବନ୍ଧୁର ମୁଖ ନାଇଁ
ମରିଗଲି କାନ୍ଥୁ କାଜେ।

ରେଲୀ ଭାଷା :

ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ସବ୍‌ଡିଭିଜନ ଓ କୋରାପୁଟ ଜିଲ୍ଲାର ଗୁଣୁପୁର ସବ୍‌ଡିଭିଜନ ଅଞ୍ଚଳରେ ଏକ ସ୍ୱତନ୍ତ୍ର ତଫସିଲଭୁକ୍ତ ଜାତି ବସବାସ କରିଥାନ୍ତି । ଏମାନେ ହେଲେ- ଚାଞ୍ଚଡି/ଚାଚିଡି । ଚାକିରି/ରେଲୀ। ଏମାନଙ୍କ ଦ୍ୱାରା ବ୍ୟବହୃତ କଥିତଭାଷା ହିଁ ରେଲୀ ଭାଷା। ସାଧାରଣତଃ ଆଦିବାସୀଙ୍କ (ସୌରା, କନ୍ଧ, ପାଣ) ଠାରୁ ବନଜାତ ଫଳମୂଳ କ୍ରୟ କରି, ଏମାନେ ଗ୍ରାମ ଓ ସହରରେ ତାହା ବିକ୍ରୟ କରି ଜୀବିକା ନିର୍ବାହ କରିଥା'ନ୍ତି। ଏପରିକି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ, ପଲାସା, ଇଚ୍ଛାପୁରମ୍, ସୋମ୍‌ପେଣ୍ଟା, ବିଜୟନଗରମ୍ ଓ ପାର୍ବତୀପୁରମ୍ ପ୍ରଭୃତି ଅଞ୍ଚଳରେ ଏମାନେ ସ୍ଥାୟୀ ବାସିନ୍ଦା ରୂପେ ରହିଆସୁଛନ୍ତି। ଏମାନଙ୍କ କଥିତଭାଷାରେ ଦ୍ରାବିଡ଼ଭାଷାର ପ୍ରଭାବ ମାତ୍ରାଧିକ ନୁହେଁ। କେତେକ ଶବ୍ଦଗତ, ଉଚ୍ଚାରଣଗତ ସ୍ୱାତନ୍ତ୍ର୍ୟ ଏମାନଙ୍କ ଭାଷାରେ ପରିଲକ୍ଷିତ ହୋଇଥାଏ। ବ୍ୟବସାୟ ସୂତ୍ରରେ ସୌରା, କନ୍ଧ, ପାଣ ଆଦି ଭାଷା ସହ ଏମାନେ ଯେଉଁଭଳି ଭାବେ ପରିଚିତ, ତଦ୍ରୂପ ପଡ଼ୋଶୀ ଆନ୍ଧ୍ରର ତେଲୁଗୁ ଭାଷା ସହିତ ଏମାନଙ୍କ ସମ୍ପର୍କ ଅତି ଘନିଷ୍ଠ। ତେଣୁକରି ଏମାନେ ତିନୋଟି ଭାଷା ଯଥା: (୧) ସୌରା ଓ କନ୍ଧ, (୨) ଓଡ଼ିଆ ଓ (୩) ତେଲୁଗୁ ଭାଷା ସ୍ୱାଭାବିକ ଭାବରେ ବ୍ୟବହାର କରିଥା'ନ୍ତି। ନିମ୍ନରେ ଏହି ଉପଭାଷାର ଶବ୍ଦସୂଚୀ ସହ ଏହାର ଭାଷାତାତ୍ତ୍ୱିକ ବିଶେଷତ୍ୱ ଉପରେ କିଞ୍ଚିତ୍ ଆଭାସ ପ୍ରଦାନ କରାଗଲା।

ରେଲୀ ଭାଷାର ଶବ୍ଦସୂଚୀ :

ରେଲୀ	ଓଡ଼ିଆ
ଆତା	ପିଉସୀ
ଆନ୍ନା	ବଡ଼ଭାଇ
ଆପ୍‌ପା	ନାନୀ, ବଡ଼ଭଉଣୀ
ଆଇଲାର ଆଚି	ଆସିବାର ଅଛି
ଆମିଲା	ଆମିଳ, ଚାରୁ ଅର୍ଥରେ ଏହା ମଧ୍ୟ ବ୍ୟବହୃତ
ଏଇକା	ମୂଷା (ତେ)
କମଲା	କମଳା
କନ୍ଦା	କନ୍ଦମୂଳ
କରମା	ନାଜି,କରୁଣା (ଫଳବିଶେଷ)
କଙ୍ଗା	ବଗ
କଣ୍ଡାଗୁରି	କୁଟୁରା

ରେଲୀ	ଓଡ଼ିଆ
କାଇକରି	ଖାଇକରି
କାଥା	ତଥା
କାମାନା	ଭଲକରି
କାଆଁଡା	କ'ଣ
କାନାଟେ	କଣାରେ, ଗାତରେ
କାଡ଼ା	ଘୁଷୁରିଛୁଆ
କାଞ୍ଚୁଗିନା	କଂସା ବା ପିତ୍ତଳର ଗିନା
କିଁକା	ଡାକ, ରଡ଼ି ଛାଡିବା
କିଟିକୁ	ଝରକା (ତେ)
କୁମାରିସାହି	କୁମ୍ଭାରସାହି
କେଦିଲି	କଦଳୀ
କେଲା	କଲା
କୋପଟେ	କୋପରେ, ରାଗରେ
ଖମାଲୁକନ୍ଦା	ଖମଆଳୁ, ଦେଶୀଆଳୁ
ଖଇ ବାଇଙ୍ଗି	ବଙ୍କା ହୋଇଥିବା ଭାରବାହୀ କାଠ
ଖାଡା	ଖଡ଼ା
ଖାନ୍ତି	କାନୁ
ଖେଜ	ଖଜା
ଖେଦିବା	ଘଉଡିବା
ଖେଜିରି	ଖଜୁରି
ଗମିରି	ଗମ୍ଭିରୀ
ଗାର୍‌ଦି	ଗଧ (ତେ)
ଗାଲେ	ଗଲେ
ଗିଂଜେ	ପିଟାରେ
ଗିନା	ରସପାତ୍ର
ଗୁଡି	କଣା, ଅନ୍ଧ
ଗୁସୁରି	ଘୁଷୁରି
ଗୁଟେ	ଗୋଟିଏ

ରେଲୀ	ଓଡ଼ିଆ
ଗେରିଆହାଣ୍ଡି	ପିତ୍ତଳହାଣ୍ଡି
ଗେଜି	ରୋଷେଇଘର
ଗେଛ	ଗଛ
ଘାଡ଼ା	କିଳୁଣି, ଗେଜା
ଘେର	ଘର
ଚଗିବା	ଚଢ଼ିବା
ଚାଟୁ	ଚଟୁ-ବେଲା
ଚେଡି	ନିକର (Half pant)
ଚିକା	ଲୋଭ (ତେ)
ଚେପୁଲୁ	ଜୋତା
ଛଟା	ଛୋଟା
ଛାପା	ଛପା (ବାଉଁଶରେ ନିର୍ମିତ)
ଛେଣ	ଛଣ
ଛେଂଚି	ଝୁଲା, ମୁଣା
ଛେଡି	ନିକର
ଜଇ	ନିଆଁ
ଝାଂଟା	ଶିମ୍ବ, ଝଟା
ଝାଡ଼	ବଣ
ଡିମ୍, ଡିମି	ଡିମ୍ବ, ଅଣ୍ଡା
ଡେରିଆନିଲା	ଭୟ କରିବା
ଢାଂପୁଣି	ଢାଂକୁଣି, ଘୋଡଣୀ
ତରନ୍	ତୋରାଣି
ତସଲା	ରସରେ ନିର୍ମିତ ପାତ୍ର
ତାଟିଆ	ଛୋଟ ରସ ଗିନା
ତାତା	ଗୋସେଇଁବାପା
ତାଲୁପୁ	କବାଟ (ତେ)
ତାପ	ଚାଷ
ତି	ତୁ

ରେଲୀ	ଓଡ଼ିଆ
ତେଲ	ତଳେ
ତୁଆଲ	ଟୁବାଲ, ଟାଓ୍ୱାଲ
ଥନ୍ତଲି	ତେନ୍ତୁଳି
ଦଲି	ଦୋଳି
ଦାରାବନ୍ଦାଲୁ	ଦ୍ୱାରବନ୍ଧ (ତେଲୁଗୁର 'ଲୁ' ପ୍ରତ୍ୟୟର ପ୍ରଭାବ)
ଦୁତି	ଧୋତି
ଧୁନି	ଧନୁ
ପନ୍‌କାତି	ପନିକି
ପଲାମକୁ	ବିଲକୁ, ଜମିକି
ପଡ଼ିଯିବା	ପୋଡ଼ିଯିବା
ପାତି	ବାଦୁଡି
ପାସାନି	ଛିଟିକି (ଭାତଗାଲିବା ପାଇଁ ବାଉଁଶ ପାତିରେ ଏହା ତିଆରି ହୋଇଥାଏ।)
ପାର୍ତୁ	ନିଶୁଣି
ପୁତୁରାପୁଅ	ପୁତୁରା
ପୂରାସକା	ପୂରାଜାମା
ପେନକା	ବାଳ
ପେୟା	ବାଛୁରି
ପାଇଟି	ପାଇଟି, କାମ
ଫାଦାକୁ	ପଦାକୁ, ବାହାରକୁ
ଫାନ୍ଦା	ଫନ୍ଦା, କୌଶଳ
ଫାକେ	ପାଖରେ
ଫିନି	ପିଣି, ପୁଣି
ଫିଣ୍ଡା	ପିଣ୍ଡା
ବଉଁଶୁ	ବାଉଁଶ
ବବା	ଦଦେଇ
ବନ୍ତା	କନ୍ୟା, ଗନ୍ଧୁ
ବଲିଆ କୋଲି	ଭାଲିଆ କୋଳି

ରେଲୀ	ଓଡ଼ିଆ
ବାଲଙ୍ଗି	ଭାରବାହୁଙ୍ଗାର ସିଧାକାଠି
ବାବା	ମାମୁପୁଅ ବଡ଼ଭାଇ
ବାବାମାରଦି	ବଡ଼ଶଳା
ବାଡ଼ିଆର	ବାଡ଼ିଘର
ବାତୁ	ହଂସ
ବାଗ୍	ବାଘ
ବାନ୍ଧୁଲି	ବାନ୍ଧିଲି
ବିଡ଼ି	ପାଣି ରଖିବା ମାଟିହାଣ୍ଡି
ବୁଆ	ବାପା
ବେନୁ	ଚାଳଘରର ଉପର ଅଂଶ, ମଥା
ଭନ୍‌ଜା	ଭଣଜା
ଭନ୍‌ଜି	ଭାଣିଜୀ
ଭାକାନା	କଥା, ଗପ
ଭାଆଇ	ଭାଇ
ଆବିଆନ୍‌ଲା	ଭାବିଲା
ଭେଇନି	ଭଉଣୀ
ମଇଁଦର	ମହେନ୍ଦ୍ର (ପର୍ବତ)
ମଉସୁ	ମାଂସ
ମଇର	ମୟୂର
ମାମୁ	ଶ୍ୱଶୁର
ମାଠ	ଚାଦର
ମାଟୁ	ମଳା(ମାଟିହାଣ୍ଡି ରଖିବା ପାଇଁ ନଡା କିମ୍ବା ବାଉଁଶରେ କରିବା ମୁଚୁଲା)
ମି	ମୁଁ
ମୁକା	ଖଣ୍ଡ (ତେ)
ମୁଇ	ମୁଁ
ମେନା'ତା	ପିଉସୀ
ମେରସିଂଗାପତ୍ର	ଭୁରସଙ୍ଗାପତ୍ର
ରଗଡି	ଟାଣିକରି

ରେଲୀ	ଓଡ଼ିଆ
ସକା	ଜାମା
ସାଆପ	ସାପ
ସାଗଡ଼ାଲ	ପନିପରିବା
ସାଲା	ମାମୁପୁଅ ସାନଭାଇ, ସାନଶଳା
ସାଲି	ଶାଳୀ
ସାନମା'	ଖୁଡ଼ୀ
ସାରଲା	ପେଯ ରଖିବା ହାଣ୍ଡି
ସୀମାକନ୍ଦା	କାଠଆଳୁ
ସୀମାଡୁବା	ସୀମାକୟାଁ
ସିକାମୁ	ଗାଞ୍ଜିଆ, ସୂତା ଜାଲର ଛୋଟ ମୁଣା
ହାଁକି	ଆଖି
ଲିଙ୍ଗି	ଲୁଙ୍ଗି
ଲିମା	ଲେମ୍ବୁ
ଲେଂଜି	ଲାଞ୍ଜ

ରେଲୀ ଭାଷାର ଉଚ୍ଚାରଣଗତ ସ୍ୱାତନ୍ତ୍ର୍ୟ :

(କ) ସାଧାରଣଭାବେ ଏମାନେ ଶବ୍ଦ ଓ ବାକ୍ୟକୁ ଲମ୍ବାଇ କରି କହିଥାଆନ୍ତି।
ସାପ-ସାଆପ୍, ଭାତ - ଭାଆତ୍

(ଖ) ଅ'କାରନ୍ତ ଓଡ଼ିଆ ଶବ୍ଦଗୁଡିକ ଏ'କାରନ୍ତରେ ଉଚ୍ଚାରଣ କରିଥାଆନ୍ତି।
ଘର-ଘେର ଖଜା-ଖେଜା
ଗଛ-ଗେଛ ଖଟ-ଖେଟ

(ଗ) ଅଳ୍ପ ପ୍ରାଣଧ୍ୱନି ମହାପ୍ରାଣଧ୍ୱନିରେ ପରିବର୍ତ୍ତିତ ହୋଇଥାଏ
ପାଇଟି-ଫାଇଟି ପିଣି-ଫିଣି

(ଘ) ସଂସ୍କୃତ ଶବ୍ଦର ସହଜ ଉଚ୍ଚାରଣ କରିଥାନ୍ତି।
ମହେନ୍ଦ୍ର > ମାଇଁଦର = ମହେନ୍ଦ୍ର
ବ୍ୟାଘ୍ର > ବାଗ୍ = ବାଘ

(ଙ) କେତେକ ତେଲୁଗୁ ଶବ୍ଦର ପ୍ରୟୋଗ ଦେଖାଯାଏ।
ତାଲୁପୁ-କବାଟ ମୁକା-ଖଣ୍ଡ
ଏଇକା-ମୂଷା ଗାରଦି-ଗଧ

ରେଲୀ ଭାଷାର ଏକ ଲୋକଗୀତର ଦୃଷ୍ଟାନ୍ତ :

ବାଗବଳଦ ମୁଇଁ ବାନ୍ଧୁଲି ହଳେ
ତାସକଲି ମଇଁଦର ମାଳେସି ରାଇଲେ ଯେ
ତାସକଲି ମଇଁଦର ମାଳେ। (ଘୋଷା)
ମଇଁଦର ମାଳେ ମୋର କି କି କି ପାଚ
ହୀରାଦେଇ ମାନିକର ପାଚ ସେ ରାଇଲ ଯେ
ହୀରାଦେଇ ମାନିକର ପାଚ,
କାଳୀଗାଈ କାଳୀଗାଈ ମୋର କାର ଗାଈ
କାଳୀଗାଈ କାଳୀଗାଈ ମୋର କାର ଗାଈ
ହୀରାଦେଇ ମାନିକର ପାଚ,
ଖାଇଗଲ ରନେ ବନେ ସୁଆ ମା' ତମର ଯେ
ଖାଇଗଲେ ରନେ ବନେ ସୁଆ
ଏ ପାଚ ବାଉଡ଼ାଇ ଦିଆତି ରାଇଲ ଯେ
ଏପାଚ ବାଉଡ଼ାଇ ଦିଆ,
ଏ ଗଡ଼ ଗନ୍ଦିରେ ବସତି ରାଇଲ ମା'
ଏ ଜଲି ହାତି ଦୁଆରେ ବସତି ରାଇଲ ମା'
ଶୁଣୀନାନୀ ଶୁଣୀନାନୀ ମୋର ସୁନାର ନାନୀ
ଅଡ଼କେ ମଦରେ ପାଞ୍ଚମାନ ପାନି
ଧାଇଁତିଲେ ପିଣ୍ଡାରେ ବସୁଗ ସୁଣ୍ଡିନାନୀ
ଗଡ଼ଧୁଇ ଗନ୍ଦିରେ ସେ ପସୁମା ରାଇଲ ଯେ
ଗଡ଼ଧୁଇ ଗନ୍ଦିରେ ରେ ସେ ପଶୁ ।

ବିଶେଷତଃ ବର୍ଷାଋତୁ (ଶ୍ରାବଣ ଓ ଭାଦ୍ରବ ମାସ)ରେ ରେଲୀମାନେ ପ୍ରଚୁର ପରିମାଣରେ ବନଜାତଦ୍ରବ୍ୟ ପାଇବା ଆଶାରେ ନିଜ ଦେବତାଙ୍କୁ ପୂଜାକରିଥାଆନ୍ତି। କେବଳ ଦୁଇଜଣ ରେଲୀ ସ୍ତ୍ରୀ ଉପରୋକ୍ତ ଗୀତଟି ମଧୁର କଣ୍ଠରେ ଗାଇଥାନ୍ତି ଏବଂ ସେମାନେ ନିକଟସ୍ଥ ଗ୍ରାମ ଓ ସହରକୁ ଯାଇ ନିଜ ଦେହରେ ବାଉଁଶ ନିର୍ମିତ ଚାଙ୍ଗଡାରେ ତେଲ ହଳଦି ଲଗାଇ ଘରଘର ବୁଲି ବୁଲି ଚାଉଳ ଓ ପଇସା ସଂଗ୍ରହ କରିଥାନ୍ତି।

ଗୀତଟିର ଅର୍ଥ :- ରେଲୀମାନେ ମହେନ୍ଦ୍ର ପର୍ବତର ମାଳ ଅଞ୍ଚଳରେ ଚାଷ କରି ସେଠାର ଆଦିବାସୀମାନଙ୍କ ସହ ମିଶି ଶସ୍ୟ ଓ ଫଳମୂଳ ଉତ୍ପାଦନ କରୁଥିଲେ। ସେହି ଘଞ୍ଚ ଜଙ୍ଗଲରେ ବାଘ ସହ ବଳଦକୁ ମିଶାଇ ଚାଷ କରିବା ଅର୍ଥ ବିପଦପୂର୍ଣ୍ଣ ସ୍ଥାନରେ ମଧ୍ୟ ଦେବୀ (ରାଇଲ)ଙ୍କ

କୃପାରୁ ସେମାନେ ହୀରା ମାଣିକ୍ୟ ପରି ଅତି ମୂଲ୍ୟବାନ ଫଳମୂଳ ଉତ୍ପାଦନ କରିବାକୁ ସମର୍ଥ ହେଉଥିଲେ। ସେଠାରେ କାଳୀଗାଈ ପୋଷିଥିଲେ ମଧ୍ୟ ଦେବୀଙ୍କ କରୁଣାରୁ ବାଘ ତାକୁ ଖାଏ ନାହିଁ। ତେଣୁ ସେମାନେ ପ୍ରାର୍ଥନା କରି ଦେବୀଙ୍କୁ କହନ୍ତି- ଅରଣ୍ୟରେ ଯେଉଁ ଫଳ ହୁଏ, ତାହା ଶୁଆ ପରି ପକ୍ଷୀମାନେ କେବଳ ଖାଇଯାଉଛନ୍ତି। କାରଣ ସୋମାନେ ତମରି (ଦେବୀଙ୍କର) ନିଜର ପକ୍ଷୀ। ତଥାପି ସେହି ଫଳ ଓ ଶସ୍ୟ ସମ୍ପଦ ସୁରକ୍ଷିତ କରିବା ପାଇଁ ପକ୍ଷୀମାନଙ୍କୁ ଉଡ଼ାଇଦେଉଛୁ। ମା' ରାଇଲା ତୁମ ପାଇଁ ଏ ଗଡ଼ରେ ଗୋଟିଏ ବଡ଼ ଗଦି (ଆସନ) ପଡ଼ିଛି। ସେଥିରେ ତୁମେ ବସ। ହାତୀ ଝୁଲିଲା ପରି ଝୁଲି ଝୁଲି ତୁମେ ସେ ଦ୍ୱାରଦେଇ ଭିତରେ ପଶ। ଆମେ ମଦ ଦେଇ ପୂଜା କରିବୁ।

ହେ ଶୁଣ୍ଡୀନାନୀ ତୁ ଯେଉଁ ମଦ ଦେଉଛୁ ସେଥିରେ ପାଣି ମିଶାଇ ଦେଉଛୁ ଆଡ଼େ ମଦରେ ପାଞ୍ଚମାଣ ପାଣି ତୁ ମିଶାଉଛୁ। ପଇସା ପାଇଁ ତୁ ମୋ ପଛେ ପଛେ ଧାଉଁଛ ସିନା: କିନ୍ତୁ ଗୋଡ଼ ଧୋଇ ଦେବୀଙ୍କ ଗଦି ନିକଟକୁ ଆସ। (୬)

ଲୋକକଥାର ଦୃଷ୍ଟାନ୍ତ

ଛଟା ଗୁଡୁରି ଭାକାନା :

ଯଉ ଯଉ ଯଉ ବଲିକି, ଗୁଟେ ଗାଁଟେ ଗୁଟେ ଛଟାନି ଗୁଟେ ଗୁଡ଼ି ଲୋକେ ଦି'ଲୋକେ ଥିଲେ ପିନି। ତାଙ୍କୁ କେଣ୍ଡେ ଖାଇବାକୁ ମିଲିଲାନି ଫିନି। ସାଇ ସାଇ ବୁଲି ବୁଲି କୁମାରି ସାଇକି ଗାଲେ ପିନି। ସେଇଟେ ଗୁଟେ କୁମାରି ଲୁଜ ଫାକେ ତାଙ୍କେ ଖମ୍ଭାରି ପାଇଟିକି ରଇଲେ ପିନି। ସେଇଟେ ଗୁଟେ କୁମାରି ଲୁଜ ଫାକେ ତାଙ୍କେ ଖମ୍ଭାରି ପାଇଟିକି ରଇଲେ ପିନି। ଇମିତି ସିଟେ କାମ କେରୁ କେରୁ ଗଟେ ଦିନ ତା'ର ସାଉକାରୀ ତାଙ୍କ ଦି' ଲୁଜକୁ କନ୍ଦମୂଳ କନ୍ଦା ଖୋଲିବାକୁ ପାଲାମକୁ ପଟାଇଲା। ତାଙ୍କେ କାନ୍ଦା ଖୋଲି କରି ସବୁଯାକର ସେଗଡ଼ଟେ ପାଟାଇନ୍ଦେଲେ । ଫୁଜ୍‌କେ କନ୍ଦମୂଳ ରଆଇଥିଲେ, ସିଟାକୁ ସିଠେ ପଡ଼ିକରି ଖାଇଲେ। ଇମିତି ଖାଇବାର ବେଲେ ଗଟେ ବାଗ ଆଇଲା ପିନି। ଆଙ୍କ ଦି'ଲୁଜ ଛଟା ନେଇକରି ଗୁଡ଼ି, ଗଟେ କାନାଟେ ପଶିଗଲେ ପିନି । ବାଗ କାଆଁଡ଼ା କେଲା, ବାସନାବୁ ଦେଖିକରି ସୁଁ ଗି ସୁଁ ଗି ସେ କାନାଟେ ଲେଞ୍ଜ ଲାଗିଲା । ଛଟାନି ଗୁଡ଼ି, ଆଙ୍କ ଦିଲୁକେ ସେ ଲେଞ୍ଜ ଧରିକିରି ରଗଡ଼ି କରି ଅମଲିପଡ଼ିଲେ ପିନି। ବାଗର ଲେଞ୍ଜ ଛିଡ଼ିଗଲା ପିନି। ସେ'ଟା ଧମୁଡି ଧମୁଡ଼ି ବତରଆଡ଼େ ଭାରିଗଲା। ବା'ଗର ଲେଞ୍ଜ ମୁକା ଧରି ୟାଙ୍କ ଦି'ଲୁକ ପାଦାକୁ ଆଇଲେ ପିନି। ବା'ଗର ଲେଞ୍ଜମୁକା ପଡ଼ିକିରି ଖାଇଲେ। ଇ'ଟା ତ ୟେଡ଼ିକି ସୁଆଦ ୟେଲେ, ବା'କୁ ମାରିଖାଇଲେ କେଡ଼କି ସୁଆଦ ଲାଗିବ ବଲିକିରି ୟାଙ୍କ ଦି'ଲୁକ ଝାଡ଼କୁ ଗେଲେ ଯେଇକିରି ଗଟେ ବଡ଼ ଗେଛ ଚେଗି ପଡ଼ିଲେ ପିନି। ସି ଉପରେ ୟାଙ୍କେ ଥିଲାବେଳେ ବା' ଗଯାକର ଆଇକରି ଗେଛ ତଳେ ଥିଲେ, କଥା ଲାଗିବିଚେ ପିନି। ଏଲେ ଏ ଛଟା କଇଲା-ରେ ଗୁଡି, ତେଲେ ବା' ଗମନେ ଆଇଲାର ଆଛେ। ତୁଇ ଡେଇଁପଡ଼ିକରି ଧାରିପାକା ।

ଏଲେ ଗୁଡ଼ି ବଇଲା କି ହଇରେ ମେତେ ହାଁକି ଦିଶୁନି । ସିଟା କେନ୍ ପାକଟା ଅଛି କି ? ମୋତେ ଡେଇଁପଡେ ବୋଲିବୁଟ୍ । ମି ଡେଇଁପଡ଼ିଲେ ମେତେ ଖାଇପକାଇବେ । ତାଇଁର ଲାଗି ତତେ ହାଁକି ଦିଶୁଛି । ତି ଡେଇଁକରି ଧାରିପାକାରେ ବଲିକିରି ଗୁଡ଼ି କଇଲା ସିମିତି ୟାଙ୍କେ ଖାତା ଲାଗୁ ଲାଗୁ ତି ଡିଆଁ ବଇଲେ ତି ଡିଆଁ ସଲିକିରି ଦି'ଲୁକ ଯାକ ଡ଼ିଁ ପଡ଼ିଲେ । ବା' ଗମନେ କେ'ନଆଡେ ସିଆଡ଼େ ଭାରିଗଲେ । ଗୁଟେ ବା'ଗ ହେଲେ ମିଲିଲେନି । ସେଇଟି ୟାଙ୍କ ଦି' ଲୋକେ ଚାଲି ଚାଲି ଚାଲି ଗାଁକୁ ହେଲେ ଭାରିଯିବା ବଲି ଗୁଟେ ଝାଡ଼ର ଭିତରେ ପଶିଗଲେ । ଚାଲିକି ଗାଲାବେଳେ ବାଟେ ଗଟେ ଆଙ୍କୁଡି ମିଳିଲା । ରେ ଇଁଟା କେଁଟାକୁ ହେଲେ ପାଇଟିକି ଆଇବ ବଲି ଧାରିଥିବାରେ ବଲି ଧାରିଲେ । ଆଉ କେତେକ ଦୂର ଗାଲାବେଳକୁ ଗୁଟେ ବଡ଼ କୁଲା ମିଳିଲା ପିନି । ସିଟାକୁ ଆଉରି ଧାରିଲେ । ଆଉ କେତେକ ଦୂର ଗଲାବେଳକୁ ଗୁଟେ ଲୁହା ମିଳିଲା ୟାଙ୍କୁ । ଇଟା ଆଉରି ପାଇଟିକୁ ଆଇବ ବଲିକିରି ଧାରିଲେ । ଇମିତି ଚାଲି ଚାଲି ଗାଲାବେଳେ ଗୁଟେ ଗାଡ଼୍‌ଦି ମିଳିଲା ପିନି । ସିଏ ଗାଡ଼୍‌ଦି ଉପରେ ବସିକରି ଦି'ଲୁକ ଗାଲେ । ହେଲେ ଯଉଁ ଯଉଁ ରାତି ହେଇଗଲା । ୟାଡେ ସ୍ୟାଡେ ଦେଖିଲେ ଯେକେ ନଆଡ଼େ କିଟା ଦୁଶିନିଟି । କେତିକି ଦୂରକୁ ଗଟେ ଭାଁଗା ମେଜା ଦୁଶିଲା । ସିଟିକି ଯାଇକରି ୟାଙ୍କ ଦି'ଲୁକ ରଇଲେ । ଦେଖିଲେ ଯେ ସି ଘେରେ କେନଆଡ଼େ ଦେଖିଲେ ସୁନା, ରୁପା, ଧାନ, ମାଣ୍ଡିଆ କେଁଟା ସିଟା ସବୁଆଡ଼େ । କାଁଡ଼ା କରଲେ, ଚାନ୍ଦାଚାନ୍ଦି କେରିକିରି କାଇଲେ । ସେଟି ଶଉଚ ବେଇଲାବେଳେ ଗୁଟେ ବଡ଼ ଅସୁର ଅଇଲା ପିନି । ସି ଅସୁର ବେଇଲା କିଏରେ ଇଠେ ଆଛ ? ନର ବାସ୍‌ନା ମତେ ବାସୁଚିତେ । କଉଚ ନା ନେଇ ବଲି କୋପଟେ କିଁ କା ପକାଇଲା । ୟାଙ୍କ ଦିଲୁକ କାଁଡ଼ା କରିବାରେ, କାଁଡ଼ା ନାଇ ବଳି ଦେଖିଲେ । ଟୁଲେ ଜଇ ଥିଲା । ତାଇଁକି ଲୁହା ଲଗାଇ ଦିଲେ । ୟାଙ୍କ ଦିଲୁକ ବଇଲେ ଅସୁରକୁ ଟୁରେ କିଏରେ ? ଆମର ଘେରକୁ ଆଇଲୁ ବଲି ବଇଲେ । ସି ଅସୁର ବଇଲା-ଇଟା ମର ଘେର । ତମେ କିଏ ଆଛ ? ତାଙ୍କେ ବଇଲେ-ଇଟା ଆମର ଘେର ତୁ କିଏରେ ଆଇଲୁ ? ହାଁ ମେତେ ନାଇଁବଲି ତି ବଡ଼ ରାକ୍ଷାସ ବଲିକିରି, ରାକ୍ଷାସ କଇଲା । ଏଲେ ଅସୁର ବଇଲା-କାଇ ତର କାନ ଦେଖାତି କେଡ଼େକ୍‌ଟା ବେଇଲାବେଳକୁ ୟାଙ୍କେ ଯେ କୁଲାକୁ ଦେଖାଇଲେ । ୟେ ବୁଆ ନାଇନା, ମର କାନକୁ ନେଇ ବଲିକିରି ୟାର କାନ ବଡ଼ ବଲିକିରି ଅସୁର ଭାବିଆନିଲା । କାଇ ତର ବାଲ ଦେଖାତି ବଲି ପାତେରାଇଲା । ୟାଙ୍କେ କାଁଡ଼ା କରଲେ, ସେ ଆଙ୍କୁଡ଼ିକି ଦେଖାଇ ଦେଲେ । ୟେ ବୁଆ ନାଇନା, ୟାର କେଡ଼୍‌କି ବାଲ ବଲି ଡେରିଆନିଲା । କାଇଁ ତେର କିଁକା ପାକାତି ବଲିକିରି ପାତରାଇଲା । ୟାଙ୍କେ କାଡ଼ା କରଲେ, ସେ ତତଲା ଲୁହାକେ କାଡ଼ିକିରି ଗାର୍‌ଦିର ଗିଞ୍ଜେ ଲଗାଇଦେଲେ । ଗାରଦି କାଁଡ଼ା କେରଲା କି କିଁକା ମାରିଲା । ସି କଁ କାକୁ ସୁନିକିରି ଡେରିଆନିକରି ଧାମୁଡ଼ିକି ଭାରିଗଲା । ୟେ ଛଟାନିଗୁଡ଼ି ସେ ରାତି ସିଟେ ଶୁଇଲେ । ସାକାଲ୍ ପଡ଼ଲାବେଳକୁ ସିଟିର ସବୁଯାକ ସୁନା, ରୁପା, ମାଣ୍ଡିଆ, ଧାନ ଧାରିକି ୟାଙ୍କେ ଭାରି ଆଇଲେ । ଆଇକିରି କାମାନ୍ନା ବଞ୍ଚୁରଇଲେ ।

ଓଡ଼ିଆରେ ଏହି ଗପଟିର ରୂପାନ୍ତର :

ଛୋଟା ଓ କଣାର କଥା :

ଗୋଟିଏ ଗାଁରେ ଛୋଟା ଓ କଣା ଏପରି ଦୁଇଲୋକ ଥିଲେ। ସେ ଦୁହିଁଙ୍କୁ କୌଣସିଠାରେ ଖାଇବାକୁ ମିଳିଲା ନାହିଁ। ସାହି ସାହି ବୁଲି ବୁଲି ଶେଷରେ କୁମ୍ଭାରସାହିକୁ ଗଲେ। ସେଠାରେ ଜଣେ କୁମ୍ଭାରଘରେ ଚାକର କାମକରି ରହିଲେ। ସେଠାରେ ଦୁହେଁ କାମ କରୁ କରୁ ଗୋଟିଏ ଦିନ ତାଙ୍କ ସାହୁକାର ଏ ଦୁଇ ଲୋକକୁ କନ୍ଦମୂଳ ଖୋଳିବାକୁ ଜମିକୁ ପଠାଇଲେ। ସେ ଦୁହେଁ କନ୍ଦମୂଳ ଖୋଳି ସବୁଯାକ ଶଗଡ଼ଟିରେ ପଠାଇଦେଲେ। ଚାରିଟା ପରି କନ୍ଦମୂଳ ରଖି ଦେଇଥିଲେ। ସେଗୁଡ଼ିକ ସେଠାରେ ପୋଡ଼ିକରି ଖାଇଲେ। ଏମିତି ଖାଇବା ସମୟରେ ଗୋଟିଏ ବାଘ ଆସିଲା। ଏ ଦୁଇ ଲୋକ ଛୋଟା ଓ କଣା ଗୋଟିଏ ଗାତ (ପୋଲ) ଭିତରେ ପଶିଗଲେ। ବାଘ କ'ଣ କଲାନା, ମଣିଷ ଗନ୍ଧ ଶୁଙ୍ଘି ଶୁଙ୍ଘି ସେ ଗାତରେ ଲାଞ୍ଜଟି ପଶାଇଲା।ଏ ଦିହେଁ ବାଘର ଲାଞ୍ଜକୁ ଟାଣକରି ଧରି ଓହଳିଲେ। ବାଘର ଲାଞ୍ଜଟି ଛିଡିଗଲା। ସେ ଧାଇଁ ଧାଇଁ ବଣଆଡ଼େ ବାହାରିଗଲା। ସେତେବେଳେ ଏ ଦିହେଁ ଲାଞ୍ଜଟିକୁ ଧରି ବାହରକୁ ଆସିଲେ। ବାଘର ଲାଞ୍ଜଟିକୁ ପୋଡ଼ିକରି ଦୁହେଁ ଖାଇଲେ। ବାଘର ଲାଞ୍ଜତ ଏତେ ସୁଆଦ, ବାଘକୁ ମାରି ଖାଇଲେ କେତେ ସୁଆଦ ନ ଲାଗିବ ଭାବି ଏମାନେ ବଣକୁ ଗଲେ। ସେ ଦୁହେଁ ଗୋଟିଏ ଗଛରେ ବଢ଼ିଲେ। ସେହି ଗଛମୂଳକୁ ବାଘସବୁ ଆସି କଥାବାର୍ତ୍ତା ହେଲେ। ଛୋଟା କହିଲା ରେ କଣା, ତଳେ ବାଘମାନେ ଆସିଲେଣି, ତୁ ଡେଇଁକି ଧରିପକା। କଣା କହିଲା-ମୋ ଆଖିକୁ ତ ଦିଶୁନି ସେମାନେ କେଉଁଠି ଅଛନ୍ତି। ମୁଁ ଡେଇଁଲେ ଖାଇଦେବେ। ତୋର ଆଖି ଦିଶୁଛି, ତୁ ଡେଇଁକରି ଧରପକା। ତୁ ଡିଅଁ, ତୁ ଡିଅଁ ବୋଲି କଥା ହେଉ ହେଉ ଦି'ଜଣଯାକ ତଳେ ପଡ଼ିଗଲେ। ବାଘମାନେ ଯୁଆଡେ ସିଆଡେ ବାହାରିଗଲେ। ଗୋଟିଏ ହେଲେ ବାଘ ରହିଲେନି। ସେଠାରୁ ଏ ଦୁହେଁ ଚାଲି ଚାଲି ଗାଁକୁ ଯିବାକୁ ମନସ୍ଥ କରି ବଣ ଭିତରେ ପଶିଲେ। ଗଲାବେଳେ ବାଟରେ ଗୋଟିଏ ଆଙ୍କୁଡି ମିଳିଲା। ଦରକାର ବେଳେ କାମରେ ଲାଗିବ ଭାବି ତାକୁ ଧରିଲେ। ଆଉ କେତେ ଦୂର ଗଲାପରେ ଗୋଟିଏ କୁଲା ମିଳିଲା, ତାକୁ ବି ରଖିଲେ। ଆଉ କିଛି ଦୂର ଗଲାପରେ ଗୋଟିଏ ଲୁହା ମିଳିଲା। ତା'ବି ଧରିଲେ। ଏମିତି ଚାଲି ଚାଲି ଗଲାବେଳେ ଗୋଟିଏ ଗଧ ମିଳିଲା। ସେ ଗଧ ଉପରେ ବସି ଦୁଇଜଣ ଗଲେ। ଯାଉ ଯାଉ ରାତି ହୋଇଗଲା। ଚାରିଆଡ଼କୁ ଦେଖିଲେ କୁଆଡ଼େ କିଛି ଦିଶୁନି। କିଛି ଦୂରରେ ଭଙ୍ଗା କୋଠାଟିଏ ଦିଶିଲା। ସେଠାକୁ ଯାଇ ଦୁହେଁ ରହିଲେ। ସେ ଘରେ ଯୁଆଡେ ଦେଖିବ ଖାଲି ସୁନା, ରୁପା, ଧାନ, ମାଣିଆ ସବୁ ଅଛି। ସେଠାରେ ଦୁହେଁ ରନ୍ଧାରନ୍ଧି କରି ଖାଇଲେ। ଶୋଇବାକୁ ଗଲାବେଳେ ବଡ଼ ଅସୁରଟିଏ ସେଠାକୁ ଆସିଲା। ମଣିଷର ଗନ୍ଧ ଶୁଙ୍ଘି ଅସୁର କହିଲା-କିଏରେ ଏଠାରେ ଅଛ ? କହୁଛ ନା ନାହିଁ ବୋଲି କ୍ରୋଧରେ ବିକଟାଳ ରଡ଼ିଟିଏ ଛାଡିଲା। ଦୁଇଜଣ କ'ଣ କରିବା ବୋଲି ଚିନ୍ତାକଲେ। ଦେଖିଲେ ଚୁଲିରେ ନିଆଁ ଅଛି। ଆଣିଥିବା ଲୁହାଟି ନିଆଁରେ ରଖିଲେ। ଏ ଦୁଇଜଣ ଅସୁରକୁ କହିଲେ- ତୁ କିଏ

ଆମ ଘରକୁ ଅସିଲୁ ? ଅସୁର କହିଲା-ଏଇଟା ମୋର ଘର। ତୁମେ ଏଠାରେ କେଉଁମାନେ ଅଛ ? ସେମାନେ କହିଲେ-ଏଇଟା ଆମ ଘର। ଅସୁର କହିଲା-ତୁ ଯଦି ମୋ'ଠାରୁ ବଡ଼ ରାକ୍ଷସ ତେବେ କାନ ଦେଖା। ସେମାନେ ଧରି ଆଣିଥିବା କୁଲାଟିକୁ ଦେଖାଇଲେ। ଯାର ବଡ଼ କାନ ବୋଲି ଅସୁର ଭାବିଲା। ଅସୁର କହିଲା କାହିଁ ତୋର ବାଳ ଦେଖା ? ଏମାନେ ଅଙ୍କୁଡାଟିକୁ ଦେଖାଇଲେ। ଯାର କେଡ଼େ ବାଳ ବୋଲି ଅସୁର ଡରିଗଲା। 'ତୁ ରଡ଼ି ଛାଡ଼ ତ' ବୋଲି ଅସର କହିଲା। ଏମାନେ ଚୁଲି ଭିତରୁ ତତଲା ଲୁହାଟି ବାହର କରି ଗଧର ପିଟାରେ ଲଗାଇଦେଲେ। ଗଧ ଚିତ୍କାର କଲା। ଗଧର ରଡ଼ି ଶୁଣି ଅସୁର ଭୟରେ ଧାଇଁ ଧାଇଁ ସେ ଘରୁ ଚାଲିଗଲା। ଛୋଟା ଓ କଣା ରାତିରେ ସେଠାରେ ଶୋଇଲେ, ସକାଳ ହେଲା ପରେ ସେଠାର ସବୁ ସମ୍ପତ୍ତି (ସୁନା, ରୁପା, ଧାନ, ମାଣ୍ଡିଆ) ଧରି ଏ ଦୁହେଁ ଗାଁକୁ ଚାଲିଆସି ସୁଖରେ ରହିଲେ।

ଚତୁର୍ଥ ଅଧ୍ୟାୟର ପାଦଟୀକା

୧। ବଲାଙ୍ଗୀର ଉପଭାଷା ଏକ ପର୍ଯ୍ୟବେକ୍ଷଣ (ପାଣ୍ଡୁଲିପି) ସନ୍ତୋଷିନୀ ପଣ୍ଡା, M.Phil. Disertation, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୮୨,ଉପକ୍ରମଣିକା ପୃ-୧।

୨। Linguistic Survey of India- G . A. Grierson, Vol-V. Part -II, Page- 369.

୩। ଓଡ଼ିଆ ଶବ୍ଦ ସମ୍ଭାର-ଡଃ ଦେବେନ୍ଦ୍ର ମାହାନ୍ତି, ପୃ-୨୧।

୪। ଦକ୍ଷିଣାଞ୍ଚଳୀୟ ଓଡ଼ିଆ, ଖଗେଶ୍ୱର ମହାପାତ୍ର, ୧୯୭୬, ପୃ-୧।

୫। ପଞ୍ଚଶର, ଗୋତି (ଗଳ୍ପ) - ଶ୍ରୀ ଭାଗିରଥି ପାତ୍ର, ନବରଙ୍ଗପୁର ଜନସେବା ପ୍ରେସ୍‌ରେ ମୁଦ୍ରିତ, ପୃ-୩୫-୩୭ ଏବଂ ଏହି ଗଳ୍ପଟି ପ୍ରଥମକରି ରବିବାର କଲିଙ୍ଗ ୨୯.୯.୧୯୬୩ ପ୍ରକାଶିତ ହୋଇଥିଲା ।

୬। ଓଡ଼ିଆ ଭାଷାର ଉପଭାଷା ଡ. ସତ୍ୟନାରାୟଣ ରାଜଗୁରୁ, ଓଡ଼ିଆ ସାହିତ୍ୟ ଏକାଡ଼େମୀ, ୧୯୮୨, ପୃ-୧୩୧-୧୩୩।

□

ପଞ୍ଚମ ଅଧ୍ୟାୟ

ଦକ୍ଷିଣ ଓଡ଼ିଶାର ଲୋକଗୀତ ଓ ଲୋକକଥା

ଓଡ଼ିଶା ହେଉଛି ପଲ୍ଲୀବହୁଳ । ଏହି ରାଜ୍ୟର ପ୍ରଧାନ ଭାଷା-ଓଡ଼ିଆ । ଏଠାର ପଲ୍ଲୀବାସୀଙ୍କ ଶିକ୍ଷା ସୀମିତ । ଏମାନେ ଅଶିକ୍ଷିତ ହେଲେ ମଧ୍ୟ ସମସ୍ତ ପଲ୍ଲୀପ୍ରାଣ ସରଳ ବିଶ୍ୱାସରେ ପରିପୂର୍ଣ୍ଣ । ଏମାନଙ୍କ ଜୀବନର ମୂଳ ଆଦର୍ଶ ହେଲା- ଧର୍ମ, ପୁରାଣ ଓ ପ୍ରାଚୀନ କାବ୍ୟ କବିତା ସମୂହ । ଓଡ଼ିଶାର ରାଜନୈତିକ ଇତିହାସ ଭଳି ଓଡ଼ିଆ ଲୋକସାହିତ୍ୟ ଓ ଲୋକଗୀତର ସୃଷ୍ଟି ଅତି ପ୍ରାଚୀନ । ଓଡ଼ିଆ ଭାଷା ଓ ସାହିତ୍ୟ ଆଲୋଚକ ତଥା ଗବେଷକମାନଙ୍କ ଦ୍ୱାରା ଯଥେଷ୍ଟ ତଥ୍ୟପୂର୍ଣ୍ଣ ଆଲୋଚନା ହୋଇସାରିଲେଣି । କିନ୍ତୁ ଲୋକମୁଖ ନିସୃତ କଥିତଭାଷାର ମୌଳିକ ସୌନ୍ଦର୍ଯ୍ୟ ଉଦ୍‌ଘାଟନ କରିବା ଦିଗରେ ଆଜି ବି ଆମ ସମାଜ ଅବହେଳିତ ହୋଇପଡିଛି । ଏପରିକି ବିଭିନ୍ନ ପ୍ରକାର ଲୋକଗୀତ ଓ ଅସଂଖ୍ୟ ଢଗଢ଼ମାଳି ବିସ୍ମୃତି ଗର୍ଭରେ ଲୋପ ହେବାକୁ ବସିଲାଣି । ବର୍ତ୍ତମାନ ସେ ସବୁ ସଂଗ୍ରହ କରି ଭାଷାକୋଷର ଶ୍ରୀବୃଦ୍ଧି କରିବା ନିତାନ୍ତ ଆବଶ୍ୟକ ।

ଢଗଢ଼ମାଳିଗୁଡ଼ିକ ଲୋକଗୀତ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ । ଏହାକୁ ଲୋକବେଦ କହିବା ଅଧିକ ଯୁକ୍ତିସଙ୍ଗତ, କାରଣ ଲୋକମାନେ ଏଗୁଡ଼ିକ ଶୁଣି ଶୁଣି ମନେ ରଖିଥାଆନ୍ତି । ଏଗୁଡିକର ଲେଖକମାନଙ୍କ ବିଷୟରେ ଆମେ ଅଜ୍ଞ । କୌଣସି ଅପରିଚିତ ଅନାମଧେୟ କବିହୃଦୟରୁ ଏହା ସ୍ୱତଃ ପରିପ୍ରକାଶ । ଏଗୁଡ଼ିକର ଭାଷା ସହଜ, ସରଳ ଏବଂ ମର୍ମସ୍ପର୍ଶୀ ମଧ୍ୟ । କାବ୍ୟିକଭଙ୍ଗୀରେ ବ୍ୟଙ୍ଗର ଆଶ୍ରୟରେ ହାସ୍ୟରସ ଅବତାରଣା କରିବା ଏହାର ମୁଖ୍ୟ ଆଭିମୁଖ୍ୟ । ଢଗଢ଼ମାଳିଗୁଡ଼ିକ ଅଳଙ୍କାରବିହୀନ । ଆଜିଯାଏଁ ଶବ୍ଦାଡ଼ମ୍ବର କୃତ୍ରିମ ଇନ୍ଦ୍ରଜାଲ ଏହାକୁ ସ୍ପର୍ଶ କରିପାରିନାହିଁ ।

କଥାକଥାକେ ଏ ଦେଶରେ ଢଗଢ଼ମାଳିଗୁଡ଼ିକ ବ୍ୟବହୃତ । ଏଗୁଡିକ ହେଲା ଓଡ଼ିଆ ଜନଜୀବନର ସ୍ମାରକୀ ସ୍ୱରୂପ । ଆମେ ଆମ ସଂସ୍କୃତିର ପ୍ରକୃତ ପରିଚୟ ଏଗୁଡ଼ିକ ଦ୍ୱାରା ହିଁ ପାଇଥାଉ । ସାଧାରଣତଃ ସରଳ ଗ୍ରାମ୍ୟବଧୂର ମର୍ମନ୍ତୁଦ ବେଦନା, ଶାଶୂ ନଣନ୍ଦଙ୍କ ଗଞ୍ଜଣା, ନିମ୍ନ ମଧ୍ୟବିତ୍ତ ପରିବାରରେ ଅର୍ଥନୈତିକ ଦୁରାବସ୍ଥା ଏବଂ ପରଂପରା ପ୍ରଚଳିତ ଧର୍ମଧାରଣାର ଆତ୍ମବିଶ୍ୱାସ ପ୍ରଭୃତି ଢଗଢ଼ମାଳିଗୁଡ଼ିକରେ ଅନ୍ତର୍ନିହିତ ଭାବେ ସଂଶିଷ୍ଟ ।

ନିତିଦିନିଆ ଜୀବନର ଆବେଗ ଅନୁଭୂତି ଏଥିରେ ସୂଚାରୁ ରୂପେ ରୂପେ ଚିତ୍ରିତ ହୋଇଥାଏ । ସବୁ ଢଗଗୁଡ଼ିକ ଏକ ସମୟରେ କିମ୍ବା ସବୁ ସମୟରେ ବ୍ୟବହୃତ ହୋଇ ନ ଥାଏ ।

ମୁଖ୍ୟତଃ ଏଗୁଡିକ ସ୍ଥାନ-କାଳ-ପାତ୍ର ଏବଂ ସୁଯୋଗକୁ ଅପେକ୍ଷା କରିଥାଏ । ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କ ଗହଣରେ ଏହାର ପ୍ରଚଳନ ଅଧିକ ଜଣାଯାଏ ।

ଓଡ଼ିଆ ଢଗଢ଼ମାଳିଗୁଡ଼ିକର ସଂଖ୍ୟା ଅଗଣିତ । ଅଞ୍ଚଳଭେଦରେ ଏହାର ସ୍ୱକୀୟତା ସ୍ୱୀକାର୍ଯ୍ୟ । ପୁନଶ୍ଚ ଏହାର ପରିସର ଏତେ ବ୍ୟାପକ ଯେ ସବୁ ସଂଗ୍ରହ କରିବା କଷ୍ଟସାଧ୍ୟ । ତଥାପି ସାହିତ୍ୟର ସାମଗ୍ରିକ ଉନ୍ନତି ନିମିତ୍ତ ଏହାର ସଂଗ୍ରହ ଅପରିହାର୍ଯ୍ୟ ମନେହୁଏ ।

ଓଡିଆ ଲୋକସାହିତ୍ୟରେ ସୃଷ୍ଟି, ଓଡ଼ିଆ ଜାତିର ଆଦ୍ୟ ଉନ୍ମେଷରୁ । ତେଣୁ ଏଗୁଡ଼ିକର ସୃଷ୍ଟି ଇତିହାସର ସମୟ ସଠିକଭାବେ ନିର୍ଦ୍ଧାରିତ କରାଯାଇପାରିବ ନାହିଁ । ଯୁଗ ଯୁଗ ଧରି ଲୋକମୁଖରେ ଏହା ପ୍ରଚାରିତ ହୋଇ ଆସୁଅଛି । ପୁଣି କାଳସ୍ରୋତରେ ଏଗୁଡିକ ପରିବର୍ତ୍ତିତ ହୋଇଥାଏ । ଏଗୁଡିକ ଲୋକଗୀତର ଆତ୍ମା ସଦୃଶ । ଲୋକ-ଚରିତ୍ର-ସଂସ୍କାର ଏହାର ମୂଳ ଉଦ୍ଦେଶ୍ୟ । ସଂପ୍ରତି ସାହିତ୍ୟକ୍ଷେତ୍ରରେ ବାସ୍ତବତା ଓ ଆଧୁନିକତାର ଯେଉଁ ପରୀକ୍ଷାନିରୀକ୍ଷା ଚାଲିଛି, ସେହି ତୁଳନାରେ ଢଗଢ଼ମାଳିଗୁଡ଼ିକର ଚିରନ୍ତନଗୁଣକୁ କେହିହେଲେ ଅସ୍ୱୀକାର କରିପାରିବେ ନାହିଁ । ଏ ସଂପର୍କରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଯଥାର୍ଥରେ କହିଛନ୍ତି ଯେ- 'ତରଳ ଓ ସ୍ୱଚ୍ଛ ସରୋବର ଉପରେ ମେଘବିକ୍ରିଡ଼ିତ ନଭୋମଣ୍ଡଳର ଛାୟାପରି ଏହି ଢଗଢ଼ମାଳିଗୁଡ଼ିକ ଆମର ନିୟତ ପରିବର୍ତ୍ତିତ ଅନ୍ତର ଆକାଶର ଛାୟା ମାତ୍ର । ସେଥିପାଇଁ ଏଗୁଡ଼ିକ ହେଉଛନ୍ତି ସ୍ୱୟଂଭୂ ଅର୍ଥାତ୍ ମଣିଷ ମନରେ ଆପେ ଆପେ ଜନ୍ମଗ୍ରହଣ କରିଥାନ୍ତି ।' (୧)

ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଦକ୍ଷିଣ ଓଡ଼ିଶାର ଲୋକଜୀବନର ଚାଲିଚଳନ, ଭାବଭଙ୍ଗୀ ଓ କଥାବାର୍ତ୍ତାରେ ଯେପରି ବିଶେଷତ୍ୱ ପରିଲକ୍ଷିତ ହୁଏ, ସେହିପରି ସେମାନଙ୍କ ସାଂସ୍କୃତିକ ଜୀବନରେ ମଧ୍ୟ କେତେକ ସ୍ୱାତନ୍ତ୍ର୍ୟ ରହିଛି । ଗଞ୍ଜାମରେ ମିଶାମିଶି ସଂସ୍କୃତି (Blended culture)ର ଆଦର ନାହିଁ । ଅନେକ ସମୟରେ ଶ୍ରୁତିମଧୁର ନହେଲେ ବି ଖାଣ୍ଟି ଓଡ଼ିଶୀ, ଚମ୍ପୂସଙ୍ଗୀତ, ନୃତ୍ୟ ଏବଂ ମୌଳିକ (Typical) ଲୋକନାଟ୍ୟ ଓ ସଙ୍ଗୀତ ଏପରିକି ଅକୃତ୍ରିମ ଓଡ଼ିଆ ଭାଷା କେବଳ ଗଞ୍ଜାମରେ ହିଁ ମିଳିବା ସମ୍ଭବ । ସେସବୁ କେବଳ ଢଙ୍ଗରେ ମାତ୍ର ଯାହା ଦକ୍ଷିଣୀ । (୨)

ବହୁ ଦିନରୁ ଦକ୍ଷିଣ ଓଡ଼ିଶାରେ କେତେକ ଲୋକପ୍ରିୟ 'ନାଟ' ଚଳିଆସୁଅଛି । ତନ୍ମଧ୍ୟରୁ ଦାସକାଠିଆ, ଦଣ୍ଡନାଟ, କୃଷ୍ଣଲୀଳା, କଣ୍ଢେଇନାଚ, ରାମଲୀଳା, ରାଧାପ୍ରେମଲୀଳା, ଭାରତଲୀଳା, ଦ୍ୱାରୀନାଟ, ଘୁଡୁକିନାଟ, ପତ୍ରସୌରାନାଟ, ସଙ୍ଗିନାଚ, କନ୍ଧନାଟ, ସୌରାନାଟ, ଧାଙ୍ଗିଡ଼ିନାଟ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହି ଲୋକନାଟ୍ୟ ମାଧ୍ୟମରେ ଅନେକ ହାସ୍ୟ ତରଙ୍ଗ ଲୋକମୁଖରେ ପୁରୁଷାନୁକ୍ରମେ ବ୍ୟବହୃତ ହୋଇ ଆସୁଅଛି । ସେହି ଲୋକଗୀତ ଓ ଢଗଢ଼ମାଳିଗୁଡିକରେ ଦକ୍ଷିଣାଞ୍ଚଳୀୟ କଥିତଭାଷାର ସଙ୍କେତ ସ୍ପଷ୍ଟ । କଥିତଭାଷାର ଆଲୋଚନାକୁ ସ୍ପଷ୍ଟ କରିବା ପାଇଁ ଉପାଦାନ ଯୋଗାଇବା ନିମିତ୍ତ ନିମ୍ନରେ କେତେକ ଲୋକଗୀତ ଓ ଢଗଢ଼ମାଳି ପ୍ରଦାନ କରାଗଲା, ଯେଉଁଥିରେ ଦକ୍ଷିଣୀ ଶବ୍ଦବିଭବର ପରିଚୟ ମିଳିଥାଏ ।

୧। ମୋରି **ବୋଲରେ** ଥା,
ମୋରି **ବୋଲରୁ** ବାହାର ହେଲେ ହାଡ଼ି ପେଯ ଖାଇ ଯା।

୨। ଆଶାକୁ **ପାରସା** ବନ୍ଧା,
ଷାଠିଏ ଟଙ୍କାକୁ ପନିକି ବନ୍ଧା।

୩। ପଖାଳଭାତ ସବୁଠୁ ଭଲ, ଯଦି ଭଜାଭଜି ଥାଏ।
ସକାଳ ଗାଧୁଆ ସବୁଠୁ ଭଲ, ଯଦି **ଦିହରେ** ଯାଏ।
ଶାଳୀଟା ପରା ସବୁଠୁ ଭଲ, ଯଦି ସିଏ ସହେ।

୪। **ବାଙ୍ଗିଣ** ପରିବା,
ଦି' ସଉତୁଣୀ କଥା ହେଉଛନ୍ତି ଘଇତାକୁ ମାରିବା।

୫। ଚାଉଳ ପଛକେ ଅଧୁଆ ହେଉ, ପେଯ ହେଉ ବହଳିଆ।
ଘଇତା ପଛକେ **ସନ୍ତିଆ** ହେଉ, ଲୁଗା ହେଉ ଡଉଁରିଆ।

୬। **ଘଇତା** ମାରଇ ରାଗେ,
କାନମଲ୍ଲିକଢ଼ି ପକାଇ ଦେଉଛି, ଦିଅର ଶଶୁର ଆଗେ।

୭। ଦୁଇ ମାଇପର **ଘଇତା**,
ତବତ ଖାଇବୁ କି ପଖାଳ ଖାଇବୁ,
ଦିନ ଥାଉ ଥାଉ **କଇଥା** ।

୮। **କା'କୁ କୋ** ଚିନ୍ତା,
ମାଧ୍‌ଆ ମା'କୁ **ଘଇତା** ଚିନ୍ତା।

୯। **ଆଣିମାଣିଠାଣି** ଜାଣିଛୁ,
ବିଭା **ଘଇତାର** ନା କହିପାରୁନୁ।

୧୦। **ମନସଦ** ଖାଇ ମରଇ ନାଇ,
ଘଇତା ମାଡ଼କୁ ଡରଇ ନାଇ।

୧୧। ଯେବେ ପରିବ **ଢୋଲ** ତେବେ **ସୁସାର** ବଚନ **ବୋଲ**, ଯେବେ ନ ପୂରିବ ଡୋଲ,
ତେବ **ତୋ ତୋ** କରି **ବୋଲ**।

୧୨। **ଆଉଣ୍ଟୁ, ମାଉଣ୍ଟୁ** ଖାଇ ଶଗଡ଼ ପରି ହୋଇ,
ଆବୁରୁ ଯାବୁରୁ ଖାଇ ପୁତୁକ ପରି ହୋଇ।

୧୩। ଅଖାଇନାନୀ ଖାଉନି,
ଖାଇଲେ **ଧିଅରେ** ଯାଉନି।

୧୪। ଦାନଦିଆ ଗୋରୁକୁ ଦାନ୍ତ ଦେଖା।

୧୫। ଗୁହମୂତର ମାଉଁସୀ, ଲୁଗା ପିନ୍ଧିବ ପିଇସୀ।

୧୬। ବୁଦ୍ଧିଥିଲେ, ଝିଅ ବାପ ଘରେ ଥାଇ **ପିଲା ପାଇବ**।
୧୭। ଚାଲାକି ଜାଣିଲେ ମା' ଘର ଝିଅ,
ଘଇତାକୁ କଇବ **ଓଲନାଳ** ହୁଅ।
୧୮। ଆ ରେ ରଣା/ଢାମଣା
ବୁଲି ବୁଲି ଆ ସେଇ ଅଗଣା।
୧୯। ନଡ଼ିଆରସ, ଦେଖିବ ସିନା କରିବ **କିସ**।
୨୦। କଅଁଳକହି **ନମାରେ** ହାତ।
୨୧। **ଫଲବାରୁ** , ରାନ୍ଧିବାଡ଼ିଦେଲେ ଭୁଞ୍ଜିପାରୁ।
୨୨। **ନିସ୍ତୁକ** ନାତି **ଘଇତା**,
ପେଲାଗୁଞ୍ଜାରେ ଦିନ ନେଉଥା।
୨୩। ପିଲା ଲାଗି ମା' ଖାଏ
ବାନ୍ଧୁଣି ବୁଲୁ ବୁଲୁ ଚାହେଁ।
୨୪। ରସିକବର-ପାନ ଖାଉଥିବ **ଗରଗର** ।
୨୫। **କୁଜୁଲି** ଶୁଖୁଆ ସରୁବାଲି
ରାନ୍ଧିବାଡ଼ି ଦେବ ସୁନାଖଡ଼ିକା
ବାଢ଼ିଦେବ ଆମ **ଝଲମାଲି** ।
୨୬। ରାନ୍ଧଣୀ ବାଡ଼ଣୀ ବଡ଼ ଗଞ୍ଜନା, ଧାନକୁଟା ବଡ଼ ଦୁଃଖ
ଆସୁଣୁ ଯାଉଣୁ ମୁରୁକି ହସା, ପାଣି ଅଣା ବଡ଼ ସୁଖ।
୨୭। ମାଛ ଖାଇବୁ କି ବଗ, **ଡାଇଁକି** ଗୋସେଇ ଆଗ
ଧାନ କୁଟିବୁକି ବଗ, ମୋର ସବୁ ଗୋଡ଼ ଭାଙ୍ଗିଯିବ।
୨୮। ଶାଶୂ **ତୋ-ଡକୁଣି** ତୋଡ଼କୁ ଥିଲା
ବୋହୂ **ତୋ - ଡକୁଣି ଦୋହଡ଼ା** ଦେଲା।
୨୯। ଖାଉଣୀକି ଖା' **ବଲେ** ଖାଇବନି
ଗାଉଣୀକି ଗା' **ବଲେ** ଗାଇବନି।
୩୦। ଆଲୋ **ଲଛି ଅଡ଼େ** ମୁଗକୁ **ବୁଡ଼େ** ମାଛି,
ମୋ ଦେହରେ ସବୁଗୁଣ ଯାକ ଅଛି।
୩୧। **ଅତିଶି** ଗୁଣରେ ବତିଶି ଲକ୍ଷଣ
କି ଲୋଡ଼ା ତୋର ସୁନ୍ଦରପଣ।
୩୨। ମନ ଥାଇ ମନ ନାଇ ବଲୁ ଥାଇ।
୩୩। **ବଇକି** କଇଲେ **ବତା** ଚମକୁଛି ।

୩୪। ଯାଚିଲା ମଣ୍ଡା ଗୁଚେନି
ନ ଯାଚିବା ମଣ୍ଡା **ଗଳଗଳ**।

୩୫। ପିଲା ନାଇ ପେଟରେ
ପିଲାର ବାପା **ଖଡୁ** ପକାଉଛି **ନାରସେନା ପେଟାରେ**।

୩୬। ଲାଜଲାଗୁନି ଲାଜେଇକି
କୁଲା ଡବ ଡବ ବଜେଇକି।

୩୭। ମାଇତେଲିଆ ମାଧିଆ ସାହୁ
ମାଇପ ହାତରୁ କଉଣି ଖାଉ।

୩୮। ଉଓ ବଇଲେ, ପୁଅ।

୩୯। ହଟକୁ ଖଟ ପଡ଼ିବା।

୪୦। ବୈଶାଖ ମାସର କେନ୍ଦୁ
ଆଷାଢ଼ ମାସରେ ଘଇତା ମଲେ
ଶ୍ରାବଣ ମାସରେ କାନ୍ଦୁ ।

୪୧। କଦଳୀ କାଟିଲି ତିନି କେରା କଲି
ମଝିଗଡ଼ କଲି ରାଇତା ।
ସମସ୍ତଙ୍କୁ ଦେଲି ଟିକିଏ ଟିକିଏ
ରୁଷି ବସିଛି ମୋ ଘଇତା ।

୪୨। କିମିତି କହୁ, ନୁଣ ଘିନିଭାତ କିମିତି ଖାଉ

୪୩। ଜହ୍ନିଫୁଲ ଫୁଟିଲା
ଗୋଲେଇ ନାନୀ ଗାଧେଇଯାଇ ବାପଘରେ ଉଠିଲା ।

୪୪। କାଉଟି ବେକରେ ମାଳି
ତିନିଘର କଳି ଖଞ୍ଜେଇ ଦେଲା
ଏଇ ସରୁ ମୁହଁ କାଳୀ ।

୪୫। ଚିତା କୁଟାଇଲି ଦେହରେ
ଯାହା ଲାଗି ଚିତା କୁଟାଇଲି ମୁହିଁ
ସେତ ନାଇଁ ଗାଁରେ।

୪୬। ଆ ରେ ଚହଟା, ଝଟା ଲଟା ତଳେ ନ କର ହଟା
ମର ମାଇପ ତର ଭଉଣୀ
ତିଅଣରେ ଦିଏ ଆଣ୍ଠୁଏ ପାଣି।

୪୬। କରଞ୍ଜ ପତର କଳା
ଯାଉ ଯାଉ ବାଟେ ଝୁଣ୍ଟି ପଡ଼ିଲି
ଭାଙ୍ଗିଲା ଗୋଡ଼ର ବଳା।

୪୮। ପାଦରେ ପିନ୍ଧିଲି ସୁନା ମଲିକଡ଼ି
ପାଦରେ ପିନ୍ଧିଲି ବିଦ
ନାକରେ ପିଂଧିଲି ଗୁଣା ନାକଚଣା
ମୋତେ ମାଡୁନାହିଁ ନିଦ।

୪୯। ଏ କୋଠା ଲିପିଲି, ସେ କୋଠା ଲିପିଲି
ଲାଉଫୁଲ ଦେଲି ଝୋଟି,
ଶୁଇଲା ଶେଯରେ କଥା ନ କହିଲେ
ବୁକୁ ମୋ ଯାଉଛି ଫାଟି।

୫୦। ଦେଇ ନାନୀ ଛଛି
ପିଠା ଖଣ୍ଡକ ଦେଇଥିଲୁ, ଅଧା କାନ୍ଥିରେ ଅଛି।

୫୧। କଥା କେଉଁ ମାରଗରେ ଗଲା
ଦୂବଗଛକୁ ଚଡ଼କ ମାଇଲା, ଦାରୁଗଛ ପୋଡ଼ିଗଲା।

୫୨। ପଦାଆଡେ ଗଲ କଠଉ ନ ନେଇ
ଗୋଡ଼ ଖାଇଗଲା ଜନ୍ଦା,
କାଲି କାହା ସଙ୍ଗେ ପିରତି କରିଲ
ଗୋଡ଼ମୁଦି ଦେଇ ବନ୍ଧା।

୫୩। ତୁ ଦଉଥା ମୁଁ ଖାଉଥିବି
ତୋ ସୁନ୍ଦର ମୁହଁକୁ ଚାହୁଁଥିବି।
ତୁ ଦେ' ନା ମୁଁ ଖାଇବିନି
ତୋ ସୁନ୍ଦର ମୁହଁକୁ ଚାହିଁବିନି।

୫୪। ଦିଆକୁ ଦିଆ, ଅଦିଆକୁ ଦୁଆର ଦିଆ।

୫୫। ଝିଅ ବେଧେଇ ମାଇପ ଚଣ୍ଡ,
ପୁଅ ଅପାଣ୍ଡକୁ ବାପର ଦଣ୍ଡ।

୫୬। ଆଗତ କୁହା ପର ଗାଈ ଦୁଆଁ।

୫୭। ଉଲପି ସୁଲୁପି, ବାଇଡ଼ଂକ ବିଛୁଆତି।

୫୮। କମା ବାମୁଣି ଲୋ, କମା ବାମୁଣି, ରାଂଧି ଖାଇବୁ କାହିଁ?
କୁମ୍ଭାର ପୁଅ ହାଣ୍ଡି ଗଢ଼ିଛି ଛେପ ଲଗାଇ।

୫୯। ତୁ ଗୁହାରି କରିବୁ ଯା'କୁ
ମୁଁ ଘଇତା କରିଛି ତାକୁ ।
୬୦। କାଉଁରିଆ କାଠି, ଭାଙ୍ଗିବ ପଛେ ନଇଁବ ନାଇ।
୬୧। ତୋର ମର ରାଜି, କିସ କରିବ କାଜି।
୬୨। ଭଣଜା କୁଳନନ୍ଦନ, ହଗିଦେଲେ ବାସି ଚନ୍ଦନ।
୬୩। କୋଶେ ଗଲେ ପୋଶେ ମିଳିବ।
୬୪। ଖଣ୍ଡିଆ ଦାନ୍ତି ମୁଗ ପଇତି ଚାଉଳ ସେରକ ଉଆ।
୬୫। ତା' ଖୁରାକୁ ଶହେ ଜୁହାର।
୬୬। ଖେଣ୍ଟେଇକି ଦବ ବଡ଼ ଭାଗ,
ନ ହେଲେ ଖେଣ୍ଟେଇ କହିଦବ।
୬୭। କିଏ କା'ର ବାଇଦ ବାଜୁଟି ଆର ତା'ର ।
୬୮। ଗୁଣମଣି ଗୁଣସାଗର, ଗୁଣ ରଖିଦେଲ ଅଖା ଭିତର
ଗୁଣ ଗାଉଥା ଅଖା ଧୋଉଥା।
୬୯। ଘାଟ ଜଗିଲେ ପାଣି ପିଇବ।
୭୦। ଘୁଷୁରି ପ୍ରକୃତି ପଙ୍କେ ଲୋଟେ
ମଣିଷ ପ୍ରକୃତି ମଲେ ତୁଟେ।
୭୧। ଖାଇବାକୁ ଦେଲି କୁକୁରକୁ
କୁକୁର ମୁତିଲା ଉପରକୁ।
୭୨। ବାର ଜାତି ତେର ଗୋଲା
ବଇଷ୍ଣବ ହେଲେ ସବୁ ଗଲା।
୭୩। ଜୋର ଯା'ର ମୁଲକ ତା'ର ।
୭୪। ଭଡ଼ଭଡ଼ିଆ ହୁଅଇ ଲାଜ, ତୁନି ମୁନିଆ କରଇ କାର୍ଯ୍ୟ ।
୭୫। ନ ବୁଝିଲେ ନବାତ ପଣା
ବୁଝିଲେ ତର ପଖାଟି କଣା।
୭୬। ନିତାଇ ଗଉର ରାଧେଶ୍ୟାମ
ନକଲି ପ୍ରତି ସାବଧାନ।
୭୭। ପରବ ପକାଇଲେ ଗରବ ଭାଙ୍ଗିବାର।
୭୮। ଗଞ୍ଜାର ହାଡ଼ି, ବୁଲାନ୍ତି ବାଡ଼ି
ଚଢନ୍ତି ଗଧ, ପିଅନ୍ତି ମଦ।
ବୁଣନ୍ତି କୁଲା, ପଚାରିଲେ କହନ୍ତି, ବାମୁଣ ପିଲା।

୭୯। ବାରଦୁଆର ଶୁଣ୍ଡିପିଣ୍ଡା ହେବାର

୮୦। ଘୁଅକୁ ଘାଣ୍ଟିଲେ ଗନ୍ଧ।

୮୧। ଖାଇବ ପିତା, ଗାଇବ ଗୀତା
ତେବେ ଯାଇ ହେବ ଜଗତଜିତା।

୮୨। ସୂତାକୁ ମାଜିଲେ ସରୁ,
କଥାକୁ ମାଜିଲେ ଗୁରୁ।

୮୩। ବାହାରେ ସାଗୁ ଭିତରେ ମାଗୁ।

୮୪। ଖାଇଲା ଘର ପୁଅ ବଡ଼ ରଙ୍କ।

୮୫। ଛୋଟ ମାଛକୁ ବଡ଼ମାଛ, ବଡ଼ ମାଛକୁ ରାଘବ।

୮୬। ରାଧେ, ରାଧେ, ତର ଅଧକୁ ମର ଅଧେ।

୮୭। ରାଧେ କୃଷ୍ଣ, ଅଣ୍ଡିରା ପିଲାକୁ ଏ କି କଷ୍ଟ।

୮୮। ରାମ, ରାମ, ରାତି ପାଇଲେ ବେଶି କାମ।

୮୯। ଯେ ପାଞ୍ଚେ ପର କଷ୍ଟ
ଚିତା କଷ୍ଟ ଦ୍ୟନ୍ତି ହେଡ୍‌ମାଷ୍ଟ୍ର।

୯୦। ନଈ ଶୁଖିଲେ କି କରଇ ନାଆ,
ଦୁଧ ଶୁଖିଲେ କି କରଇ ମାଆ ।

୯୧। ଦାରୀକି ପାଣିଢାଳ ସାଖି।

୯୨। ମୟୂର ବେଶ ପତୁ ପତୁ କୁରୁମ ଉଜା।

୯୩। ଯଶୋଧାରା ଭାଗ୍ୟବତୀ, ପର ପୁଅରେ ପଇତି।

୯୪। ଜଗା ରାତି ହଗା
ମାଇପ ଆସିଲେ, ଅନ୍ଧାର ରାତିରେ ଲାଇଟୁ ଦେଖା।

୯୫। ଅରକ୍ଷିତକୁ ଦଇବ ସାହା।

୯୬। ହାତକୁ ହାତ, ଜଗନ୍ନାଥ।

୯୮। କଅଁଳ କାକୁଡି ବହଳ ଚୋପା
କାଟିଦେଲି ପରବାକୁ
ଅଳପ ଦିନକୁ ଭଉଣୁ କଥା
ଝୁରି ଝୁରି ମରିବାକୁ।

୯୯। କଖାରୁ ଚୋର, ଲାଉ ଚୋର
ଚୁରୋଉ ଚୁରୋଉ ବଡ଼ଚୋର।

୧୦୦। ବାପା ମରିଗଲେ ପିଇସୀ ଥିବ।
ମା' ମରିଗଲେ ମାଉସୀ ଥିବ।
୧୦୧। ବାପା ଓଳି ଝିଅ ଚଳେ ଦୋଳି
ମାଆ ଓଳି ଝିଅ ବେକେ କୋଳି
ବାପା ଓଳି ପୁଅ ଖାଏ ଖଡ଼ା
ମାଆ ଓଳି ପୁଅ ଚଢେ ଘୋଡ଼ା।
୧୦୨। ଗରିବଙ୍କ ମାଇପ ସମସ୍ତଙ୍କ ଶାଳୀ।
୧୦୩। ସିଦିକୁଣ୍ଡୁ କଚରା ପଟିରେ ଗଡ଼ିପଡୁ।
୧୦୪। ଛୁଟା ଗୁଡ ଲଡ଼ ଲଡ଼ , ଛୁଟା ଯାଇଛି ବାଙ୍ଗିଣୀ ବାଡ଼।
୧୦୫। ଆଣିଥିଲି ଭଙ୍ଗା ପେଣ୍ଡିଲୋ, ନାହି ହଳଦି ସେରେ।
ବାଜୁଥିଲା ଜୁଡ଼ା ଶଙ୍ଖ ଲୋ, ପେଲି ପଶିଲି ଘରେ।
୧୦୬। ନିମୁଲି ଚେଡ଼ି, ହଳଦି ନ ଥାଉଣୁ କାଢୁଛି ପେଡ଼ି।
୧୦୭। ଅଣଯୁଆଣି, ବଣ ଯୁଆଣି
ଆଗରେ ପେଟ, ପଛେ ପୁଆଣି ।
୧୦୮। ଦୁଃଖର ସୁଖର ମଣି
ଦୁଖୁରୁ ସୁଖୁରୁ ଆସିଲା ବେଳକୁ
ଧାନ ଦେଉଥିବ ପଣି।
୧୦୯। ମୋ ଘଇତା ମତେ ମାଇଲା
ପୁଲିସୁ ଲୁକ କେଣେ ଆଇଲା।
୧୧୦। ଛଡ଼କି ରସ, ଚିରା ଗାଉଁଟାକୁ ଚିନାରି କସ
ତଇଁରେ ପଡ଼ିଲା ଲେମ୍ବୁରସ
ହେଲେ ହେଲା, ନ ହେଲେ ରାଉରକେଲା,
ଝିଅଲୋ ଯୁଇଁ ଗାଁରେ।
୧୧୧। ମା'ଲୋ ବଢିଆ, ଇଚ୍ଛାପୁରୁ ନଡ଼ିଆ
ଇଚ୍ଛାଥିଲେ ପଳିଆ।
୧୧୨। ତେଣ୍ଡେଇଗୁଡି ଅନେଇଥାଏ ଲୋ ମା'।
୧୧୩। କେଉଁ ରାନ୍ଧଣୀ କେଉଁ ବାଢ଼ଣୀ
ଚୁଲି ମୁଣ୍ଡଆଙ୍କ ତସ୍ୱୀ।
କୋ ଘଇତାକୁ ତୁ କି ମାଇପ

ରାତିଯାକ ଗୋଡ଼ ଷୁସୁ।

୧୧୪। ଅଧୁଲି ଉପରେ ସୁକି
ତୋର ଢାଲିଆ ଖୁସାକୁ ମଖମଲିଫୁଲ
ତା ଭାରିଯିବା ବେଇକି।

୧୧୫। ରଙ୍ଗମାଟି କଲି ଚୁନଚୁନ
ଗମ୍ଭୀରି ଲିପିଲି ଚାରିକୁଣ
କୁଳଦୀପ ଛୁଇଁ ନିୟମ କଲି
ପର ପୁରଷରେ ନାହିଁ ମନ।

୧୧୬। ପାରିବୁ ଲୋ ମା' ପାରିବୁ,
ପର ଘଇତାକୁ ଶିକାରେ ରଖି
ଘର ଘଇତାକୁ ସାରିବୁ।

୧୧୭। କୌଣସି ଘରବ୍ରତ ଉତ୍ସବରେ ବାଳକର ସମ୍ପର୍କୀୟ ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ଦକ୍ଷିଣ ଓଡ଼ିଶାରେ ଗୋଟିଏ ଗୀତ ପ୍ରଚଳିତ ହୋଇଥାଏ, ତାହା ହେଲା-

ପିଲାର ଅଜା
ଖଜାଶାଳେ ବସି ବାଣ୍ଟିବ ଖଜା।
ପିଲାର ଆଇ
ଅନ୍ତୁଡିଶାଳରେ କାଟିଲା ଲାହି।
ପିଲାର ମାମୁ
ବେଦିକି ଯିବ ଦୁମୁ ଦୁମୁ।
ପିଲାର ମାଈଁ
ବଡ଼ଭିଖ ରାନ୍ଧିବ ଧାଇଁ ଧାଇଁ ।
ପିଲାର ମାଉସୀ
ତେଲ ହଳଦିରେ ଥିଲା ଆଉଁଶି ।
ପିଲାର ପିଇସୀ
ସାତ ପିଲା ଧରି ଖାଇବ ବସି।

ଲୋକକଥାର ଗୋଟିଏ ଦୃଷ୍ଟାନ୍ତ :

ଏହି ଅଞ୍ଚଳର ଲୋକଗୀତ ଭଳି ଲୋକକଥା ମଧ୍ୟ ପ୍ରାଚୀନ । 'ମଣ୍ଡାକଥା'ଠାରୁ ଆରମ୍ଭ କରି 'ନେଉଳ କଥା' ପର୍ଯ୍ୟନ୍ତ ଏଠାରେ ପ୍ରଚଳିତ ଥିଲା । ଆଜି କିନ୍ତୁ ତା'ର ଆଦର କମ୍ ।

ଏପରିକି, ଏହା କ୍ରମଶଃ ଲୋପପାଇବାକୁ ବସିଲାଣି। ଅପର୍ଯ୍ୟାପ୍ତ ଲୋକକଥା ଭିତରୁ ଏଠାରେ କେବଳ ଗୋଟିଏ ମାତ୍ର ଲୋକକଥାର ଦୃଷ୍ଟାନ୍ତ ଦିଆଗଲା ।

ଟିପିଚଢେଇ :

ଗୁଟେ ଦେଶରେ ଗୁଟେ ଟିପି ଚଢ଼େଇ ଥିଲା । ଦେଶଯାକ ବୁଲି ବୁଲି ସେ ଫଳପାକଲା ଖାଉଥିବାର । ଗୁଟେ ଦିନ ବରକୁଳି ଗଛରେ ବସି ବରକୁଳି ଖାଉଥିଲା। ସେତିକିବେଳକୁ ଟିପି ଚଢ଼େଇର ନାକରେ କଣ୍ଟାଗୁଟେ ପଶିଗଲା । କେତେପର୍‌କାରେ ସିଟା କାଢ଼ିବି ବଲିକି କାଢ଼ିପାରିଲାନି । ଭଣ୍ଡାରି ପାଖକୁ ଯାଇ କଇଲା- ଭଣ୍ଡାରି, ଭଣ୍ଡାରି ମୋ ନାକର କଣ୍ଟା କାଢ଼ି ଦେ କଇବାରୁ , ସିୟେ, କ'ଣ କଇଲା-ତର କଣ୍ଟା କ'ଣ କାଢ଼ିବି, ତତେ ପୁଡେଇକି ଖାଇଦେବି ବଇଲା। ତରିକି ସିଠୁ ରଜା ପାଖକୁ ଗଲା। ରଜା ରଜା ମୋ ନାକର କଣ୍ଟା କାଢିଦେ ଭଣ୍ଡାରିକି ଦି'ଟା ବିଧା ମାରେ, ରାଜା କଇଲା -ନାଇ, ନାଇ ଭଣ୍ଡାରିକି ପିଟିବିନି କି ତ କଣ୍ଟାକାଢିବିନି. କାଢିବିନି ବଲିବାକୁ ମୂଷା ପାଖକୁ ଗଲା. ମୂଷା ମୂଷା, ମୋ ନାକର କଣ୍ଟା କାଢିଦେ.ରଜାର ପଇତା କାଟିଦେ. ମୂଷା କହିଲା ନାଇ ନାଇ ତା'ର କଟୁରେ ପଶି ଧାନ ଖାଉଚି । ତର କଣ୍ଟା କାଢ଼ିବିନିକି ତାର ପଇତା କାଟିବିନି । ବିଲେଇ ବିଲେଇ ମର କଣ୍ଟା କାଢିଦେ, ମୂଷାକୁ ଖାଇଦେ, ନାଇଁ ନାଇଁ ତାକୁ ଖାଇବିନିକି ତର କଣ୍ଟା କାଢ଼ିବିନି । ସିଠୁ ଯାଇକି ବୁଢ଼ୀ ପାଖକୁ ଗଲା କହିଲା ବୁଢ଼ୀ ବୁଢ଼ୀ ମୋ ନାକର କଣ୍ଟା କାଢ଼ିଦେ, ବିଲେଇକି ଫୁଟା ପେଯ ପକାଇଦେ । ବୁଢ଼ୀ କହିଲା ନାଇଁ ନାଇଁ ସେ ମରିଗଲେ ମତେ ପାପ ଲାଗିବ. ତାକୁ ପେଯ ପକାଇବିନି କି ତର କଣ୍ଟା କାଢ଼ିବିନି ତାତୁର ବୁଢା ପାଖକୁ ଗଲା । ବୁଢା ବୁଢା ମୋ ନାକର କଣ୍ଟା କାଢିଦେ ବୁଢ଼ୀକି ଦି'ବିଧା ମାରେ । ନାଇଁ ନାଇଁ ବୁଢ଼ୀକି ମାଇଲେ ମତେ ଖାଇବାକୁ ଦବନି । ତର କଣ୍ଟା କାଢ଼ିବିନି କି ବୁଢ଼ୀ କି ମାରିବିନି । ତାତୁରୁ ଗାଈ ପାଖକୁ ଗଲା । ଗାଈ ଗାଈ ମର ନାକରୁ କଣ୍ଟା କାଢିଦେ, ବୁଢାକୁ ଲାତ ମାରିଦେ । ନାଇ ନାଇ ସିଏ ମତେ କୁଣ୍ଡାପାଣି ଦଉଛି, ଘାସ ପକାଉଛି। ତର କଣ୍ଟା କାଢ଼ିବିନି କି ବୁଢ଼ାକୁ ଲାତ ମାରିବିନି। ଦାମୁଡି ପାଖକୁ ଯାଇ କହିଲା, ମର କଣ୍ଟା କାଢ଼ି ଦେ, ତ ମାର ଚିର ଚୁରେଇଦେ। ନାଇ ନାଇ ଚିର ଚୁବେଇଲେ ମା' ଖିର ଦବନି। ତାତୁରୁ ଡାଆଁଶ ମାଛି ପାଖକୁ ଗଲା। ମାଛି ମାଛି ଗୁଟେ ଦାମୁଡି ଡୁକା ହେଇକି ଅଛି, ତାକୁ ଚୁବେଇବୁ ବଇଲେ ତର ପେଟ ପୂରିଯିବ। ମାଛି, ଦାମୁଡ଼ି କୁ'ଠ ଅଛି ବଲି ପଚାରିଲା। ତାକୁ ସାଙ୍ଗରେ ଧରି ଟିପି ଚଢ଼େଇ ଦାମୁଡ଼ି ପାଖକୁ ଗଲା। ମାଛି ଯାଇକରି ଦାମୁଡିକି ଗୁଟୁକିରି ଚୁବେଇଦେଲା। ଦାମୁଡି ତା'ର ମା'ର ଚିରକୁ ଚୁବେଇଦେଲା। ଚୁବେଇ ଦେବାରୁ ବୁଢ଼ା ସେତବେଳକା ଗାଈ ଦୁଇଁବାକୁ ଅଇଲା। ଗାଈ ବୁଢ଼ାକୁ ଠାଇ କରି ଲାତ ମାରିଦେଲା। ଯେମିତି ମାରିଲାକି, ବୁଢ଼ା ବୁଢ଼ୀକି ଯାଇ ଦି'ବିଧା ମାରିଲା। ବିଲେଇ ବୁଢ଼ୀ ପାଖେ ତଡ଼ତଡ଼ ହଉଥିଲା। ମତେ ବୁଢା ମିଛରେ ମାରିଲା ବଲି ବିଲେଇ ଉପରେ ଫୁଟାପେଯ ଯାକ ପକାଇଦେଲା।

ସେ ଧାଇ ଯାଇକି ମୂଷାକୁ ଚୁବେଇଦେଲା। ମୂଷା ଧାଇଯାଇକି ରଜାର ପଇତା କାଟି ଦେଲା। ରଜା ଯାଇକିରି ଭଣ୍ଡାରିକି ଦି'ବିଧା ମାଇଲା। ଭଣ୍ଡାରିକି ଯାଇକି ଟିପି ଚଢ଼େଇର କଣ୍ଠା କାଡ଼ିଦେଲା। ସିଠୁ ଟିପି ଚଢେଇ ଉଡି ଉଡି ପଳେଇଲା।

(ଶ୍ରୀ ରାମଚନ୍ଦ୍ର ମହାଂକୁଡ, ବ-୩୦,ଅଇଡା (ଗ୍ରାମ)ଠାରୁ ସଂଗୃହୀତ)

ପଞ୍ଚମ ଅଧ୍ୟାୟର ପାଦଟୀକା :

୧। ନିବନ୍ଧମାଳା (୨ୟ ଖଣ୍ଡ), ରବୀନ୍ଦ୍ରନାଥ ଠାକୁର, ଅନୁବାଦକ-ଚିନ୍ତାମଣି ବେହେରା, ଗ୍ରନ୍ଥମନ୍ଦିର ୧୯୭୯, ପୃ-୩୯୦।

୨। ଓଡ଼ିଆ ଲୋକନାଟ୍ୟ, କାଲଚ୍ୟୁରାଲ ଏକାଡେମୀ, ରାଉରକେଲା, ଗଞ୍ଜାମ ଲୋକନାଟ୍ୟ ଓ ନାଟକ-ଶ୍ରୀ ତାରିଣୀ ଚରଣ ପାତ୍ର, ପୃ-୨୭୧।

□

ଷଷ୍ଠ ଅଧ୍ୟାୟ

ଶବ୍ଦସମ୍ଭାର

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ ପ୍ରଚଳିତ ଶବ୍ଦଗୁଡ଼ିକର ସୂଚୀ ଓ ପ୍ରସ୍ତୁତି ନିମିତ୍ତ ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଶବ୍ଦତତ୍ତ୍ୱବୋଧ ଅଭିଧାନ' (୧୯୧୬), ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, (୧୯୩୦-୧୯୪୦) ଡ. ବଂଶୀଧର ମହାନ୍ତିଙ୍କ 'ଓଡିଆ ଭାଷାତତ୍ତ୍ୱର ଭୂମିକା' ଡ. ଖଗେଶ୍ୱର ମହାପାତ୍ରଙ୍କ 'ଦକ୍ଷିଣାଞ୍ଚଳୀୟ ଓଡ଼ିଆ' (୧୯୭୬) ପ୍ରଭୃତି ଗ୍ରନ୍ଥଗୁଡିକ ମୁଁ ଅନୁସରଣ କରିଛି। ଏତଦ୍‌ବ୍ୟତୀତ ଅଦ୍ୟାପି ଅପ୍ରକାଶିତ ଥିବା ଅନେକ ଶବ୍ଦ ବିଭିନ୍ନ ସ୍ଥାନ ଭ୍ରମଣ କରି, ନାନା ସଂପ୍ରଦାୟର ବ୍ୟକ୍ତିବିଶେଷଙ୍କ ମୁଖରୁ ନିଜେ ସଂଗ୍ରହ କରି ଏହି ଅଧ୍ୟାୟରେ ସଂଯୋଜିତ କରିଛି । ଆଭିଧାନିକ ମୂଲ୍ୟବୃଦ୍ଧି ନିମିତ୍ତ ଶବ୍ଦଗୁଡିକ ବ୍ୟବହାର ଭେଦରେ କେତେକ ବିଭାଗରେ ବିଭକ୍ତ କରି, ପ୍ରତ୍ୟେକ ବିଭାଗକୁ ବର୍ଣ୍ଣାନୁକ୍ରମରେ ଏଠାରେ ସଜ୍ଜିକରଣ କରାଯାଇଛି । ସାମଗ୍ରିକ ଭାବେ ଶବ୍ଦଗୁଡିକୁ ବାରଗୋଟି ବିଭାଗରେ ବିଭକ୍ତ କରିଛି, ସେଗୁଡିକ ହେଲା - ପାରିବାରିକ, ଶରୀର ସମ୍ପର୍କୀୟ, ମଣିଷର ପ୍ରକୃତି, ପୋଷାକ ପରିଚ୍ଛଦ, କୀଟପତଙ୍ଗ, ପଶୁପକ୍ଷୀ, ବୃକ୍ଷଫଳଫୁଲ ଓ ଅନ୍ୟାନ୍ୟ ଶବ୍ଦସମୂହ। ଏହି କ୍ରମାନ୍ୟରେ ଦକ୍ଷିଣାଞ୍ଚଳ-ଶବ୍ଦମାଳାର ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ ଏକ ତାଲିକା ପ୍ରଦତ୍ତ ହେଲା ।

ପାରିବାରିକ ଶବ୍ଦସମୂହ :

ଶବ୍ଦ		ଅର୍ଥ
ଅପା	-	ବଡ଼ଭଉଣୀ
ଅବା	-	ବଡ଼ଭଉଣୀ
ଆତା	-	ପିଉସୀ
ଆମି	-	ଝିଅ
ଇଲାଲୁ ଗରିସ୍ରାବଣି	-	ଘରର ମୁରବି ଭଳି ଦେଖେଇହବା ସ୍ତ୍ରୀଲୋକକୁ ଏହିଭଳି ଆକ୍ଷେପ କରାଯାଇଥାଏ।

ଶବ୍ଦ		ଅର୍ଥ
ଇଲିଗା ସିଲିଙ୍ଗା	-	ଅତି ଦୂର ସମ୍ପର୍କୀୟ ବନ୍ଧୁ।
ଉଲୁପି ସୁଲୁପି	-	ଭଲ ପ୍ରକୃତିର ବନ୍ଧୁ ଦ୍ୱୟଙ୍କୁ ଏ ଭଳି କୁହାଯାଇଥାଏ।
ଏକଇରବଳା	-	ଏକମାତ୍ର ପୁତ୍ର
ଖଟିଯିବା	-	ବାଳିକା ରଜସ୍ୱଳା ହେବା
ଖମ୍ଭାରି	-	ହଳିଆ
ଗୁଟି	-	ମୂଲିଆ
ଘର ଧରିବା	-	କୌଣସି ଝିଅ ପ୍ରଥମ କରି ଋତୁମତୀ ହେବା
ତାଙ୍କେ	-	ସେ (ମାନ୍ୟାର୍ଥ)
ତେଣ୍ଡା	-	ଜଞ୍ଜାଳ
ଦଦା	-	କେତେକ ଘରେ ଏହା ପିତା ଅର୍ଥରେ ବ୍ୟବହୃତ। ଆଉ କେତେଙ୍କ ଘରେ 'ଦାଦା' ଅର୍ଥରେ ବ୍ୟବହୃତ।
ଦିଣ୍ଡା	-	ଯୁବତୀ
ଦୋଅଡ ପାଳି	-	ଦୁଆର ପାଳି
ନନା	-	କେତେକ ବ୍ୟକ୍ତି ପିତା ଅର୍ଥରେ ବ୍ୟବହାର କରନ୍ତି ଅନ୍ୟ କେତେ ବଡ଼ଭାଇ ଅର୍ଥରେ ବ୍ୟବହାର କରିଥା'ନ୍ତି।
ନିନି	-	ଝିଅମାନଙ୍କ ସମ୍ବୋଧନାତ୍ମକ ଶବ୍ଦ
ପାଇଚ୍ଚ	-	ଶଳା, ଭିଣୋଇକୁ ପାଇଚ୍ଚ ବୋଲି ସମ୍ବୋଧନ କରିଥାନ୍ତି।
ପିନ୍ନିଆ ସ୍ମା	-	ଖୁଡୀ କିମ୍ବା ମାଉସୀ (କୁମୁଟି)
ପିଲା	-	ବାଳକ, ଶିଶୁ
ପିଲା ପାଇବା	-	ସନ୍ତାନ ପ୍ରସବ କରିବା
ପିଲାବସାଣି	-	ପ୍ରଥମ ରଜସ୍ୱଳା କନ୍ୟାକୁ ସାତ ଦିନ ପର୍ଯ୍ୟନ୍ତ ପାରମ୍ପରିକ ରୀତିରେ ଘରେ ବସାଇବା ବିଧାନ
ଫାଟିଲା	-	ଋତୁମତୀ ହେଲା (ବ୍ୟଙ୍ଗ, ଅଶ୍ଳୀଳ)
ବସେଇବା	-	ବାଳିକାର ପ୍ରଥମ ରଜସ୍ୱଳା ହେବା ଉତ୍ସବ।
ବା'	-	ବାପା
ବାଇଡ଼ଙ୍କ ବିନ୍ଧୁଆତି	-	ଦୁଷ୍ଟ ପ୍ରକୃତି ବନ୍ଧୁଦ୍ୱୟଙ୍କୁ ଏ ଭଳି କୁହାଯାଇଥାଏ

ଶବ୍ଦ		ଅର୍ଥ
ବାଡ଼ପାଣି	-	ଭଣ୍ଡାରି ଆଦି ଜାତିରେ ବିବାହଯୋଗ୍ୟ ଜନ୍ୟାକୁ ବର ନ ମିଳିଲେ ଭଗିନୀପତି କିମ୍ବା ଅଜାଙ୍କ ସହ ନାମକୁମାତ୍ର ବିବାହ ପ୍ରଥା।
ବେଜି	-	ଅରଜସ୍କା ନାରୀ
ବେଜୁ	-	ନପୁଂସକ
ଭାରଦା	-	ନିଜ ସ୍ତ୍ରୀକୁ ଯେ ଅନ୍ୟପୁରୁଷକୁ ମେଣ୍ଢାଏ
ଭାକୁଡା	-	ବେଶ୍ୟାପୁତ୍ର
ଭାଡୁଆ	-	ବେଶ୍ୟାକୁ ପୁରୁଷ ଯୋଗାଉଥିବା ମଧ୍ୟସ୍ଥ ବ୍ୟକ୍ତି
ଭୁଞ୍ଜୁକ	-	ଉପପତି
ଭେଣ୍ଡିଆ	-	ଯୁବକ
ଭେଣ୍ଡି	-	ଯୁବତୀ ସ୍ତ୍ରୀ
ମା'	-	ଗୋ' ହେ' ସମ୍ବୋଧନରେ ବ୍ୟବହାର ହୋଇଥାଏ (ମୋହନ ରାତି ଚିହ୍ନା ପଡ଼ିଲା ମା'-ଗୋପାଳକୃଷ୍ଣ)
ମାଁ ମାଁ	-	ମାଆ, ଜନନୀ
ୟାଙ୍କେ	-	ଇଏ, ସିଏ (ମାନ୍ୟାର୍ଥକ)
ସୋଗତ	-	ଗାଢସ୍ନେହ ଆମର ତାଙ୍କର ଭାରି ସୋଗତ।
ସଂସାରୀ	-	ଭଲଲୋକ (ବ୍ୟଙ୍ଗ)
ଲିଗିଣିସିଗିଣି	-	ଦୂର ସମ୍ପର୍କୀୟ

ଖାଦ୍ୟ ବିଷୟକ ଶବ୍ଦସମୂହ :

ଶବ୍ଦ		ଅର୍ଥ
ଅଡଙ୍ଗା	-	ଆଚାର
ଅଡ଼ଙ୍ଗା ମାଟୁ	-	ଆଚାରର ରସ ବା ମସଲା ଝୋଳ
ଅନ୍ନ	-	ଭାତ
ଆପୁ	-	ଅଫିମ
ଆପୁଟି	-	ତେନ୍ତୁଳିମଞ୍ଜି
ଆପୁମଞ୍ଜି	-	ପୋସ୍ତକ

ଶବ୍ଦ		ଅର୍ଥ
ଆପ୍‌ଡାଲୁ	-	ପାପଡ଼। ଏହା ଏକ ପ୍ରକାର ଚଟକା ବଡ଼ି। ବିରି ଚୂନାରେ ରାଶି ଆଦି ପକାଇ ଏ ବଡି ପ୍ରସ୍ତୁତ କରିଥାଆନ୍ତି।
ଇରୋଟତେଲ	-	ବାଦାମତେଲ
ଉଖୁର	-	ଚାଉଳ ଚୂନାରେ ନିର୍ମିତ ଖଜା
ଉଧାଣି	-	ଭାତପାଇଁ ଚୁଲିରେ ବସାଇଥିବା ପାଣି
କାଂଦୁଲ	-	ଗଡ଼ଜାତ ଅଞ୍ଚଳର ବଡ଼ ହରଡ଼
କାଫି	-	କଫି
କାଲିଞ୍ଜ	-	କଲିଜା
ଖଳି	-	ମଣ୍ଡା କାକରା ପିଠାଦିର ଉପର ଅଂଶ
ଖଣ୍ଡଚିନି	-	ଛୋଟ ପାଚିଲା କାଠିଆ କଦଳୀ
ଖାଦି	-	ଭୋଜନ
ଖାରା	-	କଡ଼ାମସଲା, କଡ଼ାଗୁଣ୍ଡି
ଖିର	-	ଦୁଧ -
ଖିଲ	-	ପାନଖିଲ
ଖେଲେଇ ଭାତ	-	ପିଲାମାନଙ୍କ ଭୋଜି
ଖେଟିବା	-	ଅଣ୍ଟିବା
ଗରମସଲା	-	ତରକାରି ପ୍ରଭୃତିରେ ପକାଇବା ମସଲା ଜିନିଷ
ଗମରା	-	ଗନ୍ଧିଯିବା
ଗାବୁ ଗନ୍ଧ	-	ପଚିଯିବା ବାସ୍ନା
ଗୁଜିଚଣା	-	ବୁଟ
ଘୋଟଣା	-	ଚାଷୀପାଇଁ ବିଲକୁ ନେବା ଖାଇବା ପଦାର୍ଥ
ଚଲା'	-	ଚହ୍ଲା, ଜଳ ମିଶ୍ରିତ ଘୋଳଦହି
ଚଢୁଆ	-	ଖାଇବା ଥାଳି/ପାତ୍ର
ଚମ୍ପେଇତ ଅମ୍ବୁଲ	-	ପାଚଲା ଆମ୍ବର ଚୋପାରେ ତିଆରି ହେବା
ଚାରୁ-ଚାରୁପାଣି	-	ତେନ୍ତୁଳି କିମ୍ବା ଆମ୍ବୁଲରେ ପ୍ରସ୍ତୁତି ହୋଇଥିବା ଅମ୍ଳ ପାନୀୟ ଖାଦ୍ୟ
ଚିଟା	-	ରୁଚିହୀନ

ଶବ୍ଦ		ଅର୍ଥ
ଛତୁଆ	-	ଭଜା ଚାଉଳ ଓ ଗହମର ଚୂନାରେ ଚିନି କିମ୍ବା ଗୁଡ ମିଶାଇ ପ୍ରସ୍ତୁତ କରିବା ଖାଦ୍ୟ।
ଜକ	-	ଭୋକ ନ ହେବା
ଜନ୍ତୁଣି	-	ଖଳି ପ୍ରସ୍ତୁତ କରିବା ପୂର୍ବରୁ ଯେକୌଣସି ଚୂନାକୁ ସିଝାଇ ଜନ୍ତୁଣି କରାଯାଏ
ଜାମ	-	ପିଜୁଳି
ତମ୍ପା	-	ମିଠାଯାଉ (ଗୁଡ ଓ ମାଣ୍ଡିଆ ଚୂନାରେ ଏହା ପ୍ରସ୍ତୁତ ହୋଇଥାଏ ।)
ତାଣ୍ଡି	-	ଗୁଡ ରଖିବା ହାଣ୍ଡି
ତୋଡ଼କା-ତୋଡ଼କୁଣି	-	ଅଲକ୍ଷ୍ୟରେ ଖାଇବା ପ୍ରକୃତି
ଦନା ପୁଡୁଗା	-	ପତ୍ରପୋଡା, ଛତୁ କିମ୍ବା ଛୋଟ ମାଛକୁ ମସଲା ଆଦି ଦନାରେ ପକାଇ ନିଆଁରେ ପୋଡ଼ି ପ୍ରସ୍ତୁତି କରିବା
ଦୁଧ	-	କ୍ଷୀର-ଅର୍ଥରେ ବ୍ୟବହୃତ ନ ହୋଇ 'ସ୍ତନ' ଅର୍ଥରେ ପ୍ରଚଳନ ହେବା ଦେଖାଯାଏ
ଦେଶୀ	-	'ଦେଶୀମଦ' ଅର୍ଥରେ ବ୍ୟବହୃତ
ଦୋଓଡ଼ା	-	ଦୁଇଥର ଖାଇବା କିମ୍ବା ସକାଳୁ ଖାଇ ମଧ୍ୟାହ୍ନରେ ପୁଣି ଖାଇବାକୁ ଦୋଓଡା କୁହାଯାଏ
ଧାକା	-	ମଦ
ନଳପାଗ/ନଳଘଣ୍ଟା ପାଗ	-	ସବୁ ପରିବା ପକାଇ ପ୍ରସ୍ତୁତ କରିଥିବା ଘଣ୍ଟାଘଣ୍ଟି ତରକାରି
ନାନୁମାନ ପିଠା	-	ଖଳି ଭିତରେ ନଡ଼ିଆପୁର ଥାଇ ପେଣ୍ଡୁ ଆକାରରେ ଘିଅ ବା ତେଲରେ ଭଜା ହେବା ପିଠା
ପର୍ଜିବା	-	ତରକାରିକୁ ଛୁଙ୍କ ଦେବା
ପଇତି	-	ଡାଲି
ପଂଚୁତିରି	-	ପଂଚଆତି, ସମସ୍ତଙ୍କୁ ସମାନଭାବେ ବାଣ୍ଟିବା
ପା'	-	ପିଠା
ପାକଲା	-	ପାଗଲା
ପାକୁଡି	-	ବେସନରେ ନିର୍ମିତ ରୁଚିକର ଖାଦ୍ୟ।

ଶବ୍ଦ		ଅର୍ଥ
ପାଚିଡି	-	ଚଟଣି
ପାଲୁ	-	ଦୁଧ, ପାଳୁ-ପାଳୁଅ
ପୁତୁଗା	-	ପୋଡା ବାଇଗଣର ବ୍ୟଞ୍ଜନ।
ପୋଡ଼ା	-	ଭରତା, ବାଇଗଣପୋଡ଼ା
ପେଯ	-	ଭାତ
ଫଟିକ ନବାତ	-	ମିଶ୍ରୀ
ଫୁଲପିତା ଖାଇଆସିବା	-	କନ୍ୟା ରଜସ୍ଵଳା ହୋଇ ସ୍ୱାମୀ ଗୃହକୁ ପ୍ରଥମଥର ଯାଇ କିଛିଦିନ ରହିବା ପରେ ବାପଘରକୁ ଆସିବା
ବସ	-	ଚର୍ବି
ବଣ୍ଡା	-	ଆଳୁଚପ୍
ବାଉଁଶ କରଡ଼ି	-	ବାଉଁଶ ଗଛର କଅଁଳିଆ ଅଗ୍ରଭାଗ, ଏହାକୁ କାଟି ଆଣି ତରକାରି ରାଂଧି ଅତି ପ୍ରିୟରେ ଏ ଅଞ୍ଚଳର ଲୋକ ଖାଇଥାନ୍ତି
ବାଟିଛତୁ	-	ଛୋଟ ଓ ଗୋଲ ହୋଇଥିବା ଛତୁ।
ବାଟୁଲି ଚଣା	-	ମଟର (ବାଟୁଳି ଭଳି ଏହାର ଆକାର ହେତୁ ମଟରକୁ ଏଭଳି କୁହାଯାଇଥାଏ
ବାସନା କଦଳୀ	-	ଚମ୍ପା କଦଳୀ
ଭାତୁଆ	-	ଖାଇବା ପାଇଁ ବିକଳ ହେବା ପ୍ରକୃତି
ମଠା	-	ଘୋଳ ଦହି
ମଧୁରୁଗୁଣ୍ଡ	-	ନିମପତ୍ର ଗୁଣ୍ଡ (ନିମ ନ କହି ମଧୁର ଶବ୍ଦ ପ୍ରୟୋଗ)
ମଲାପଣା	-	ମୃତବ୍ୟକ୍ତିର ଅନ୍ତ୍ୟେଷ୍ଟିକ୍ରିୟା ପରେ ଚତୁର୍ଥ, ସପ୍ତମ, ନବମ ଓ ଦଶମ ଦିନ ଦିଆଯାଉଥିବା ଶୀତଳ ସାମଗ୍ରୀ
ମସଲା	-	ଧୂଆଁପତ୍ରାଦିର ଗୁଣ୍ଡି
ମାସିଆରି	-	ମୃତବ୍ୟକ୍ତିର ଆତ୍ମା ଶୀତଳ ନିମିତ୍ତ ପ୍ରଥମ ବର୍ଷର ପ୍ରତ୍ୟେକ ମାସରେ କୌଣସି ବ୍ରାହ୍ମଣ/ବ୍ରାହ୍ମଣୀଙ୍କୁ ଦେବା ଭୋଜନ।
ମିରିଚ	-	ମରିଚ
ମେରସିଙ୍ଗାପତ୍ର	-	ଭୁରୁସଙ୍ଗାପତ୍ର

ଯାମିଛତୁ	-	ଏକ ପ୍ରକାର ଛତୁ
ରାଗଚଣା	-	ବୁଟ କିମ୍ବା ମଟରକୁ ପାଣିରେ ବତୁରାଇ ପରେ ତାକୁ ସିଝାଇ ଲଙ୍କା ପିଆଜ ଦ୍ୱାରା ଫୁଟଣ କରି ପ୍ରସ୍ତୁତ କରିବା ଖାଦ୍ୟ, ଘୁଘୁନି
ରାମଫଳ	-	ମସୁଣା ତୋପା ବିଶିଷ୍ଟ ଆତ
ଲଜ୍‌କାୟା	-	ଗୁଡ ମିଶିଥିବା ତରକାରି
ଲାଦି	-	ନଡ଼ିଆକୁ କୋରି ତାକୁ ଗରମ ପାଣିରେ ମିଶାଇ, ରସକୁ ଚିପୁଡି ଚିପୁଡି ବାହର କରି, ସେହି ରସକୁ ଗରମ କରି ରନ୍ଧା ନଡ଼ିଆ ତେଲ ବାହର କରିବା ପରେ ଯେଉଁ ଖଦା ରହିଯାଏ ତାକୁ 'ଲଦି' ବୋଲି କୁହାଯାଏ। ଏହା ସୁସ୍ୱାଦୁ ଲାଗେ।
ଶ୍ରାବଣ ଛତୁ	-	ଏକ ପ୍ରକାର ଛତୁ। ସାଧାରଣତଃ ଶ୍ରାବଣ ମାସରେ ଏହା ଫୁଟୁ ଥିବା ହେତୁ ଏପରି କହିଥା'ନ୍ତି।
ସାପାଇ	-	ଖାଦ୍ୟଭଣ୍ଡାର
ସାଇବଚଣା	-	ମଟରଚଣା

କ୍ରୀଡା ସମ୍ବନ୍ଧୀୟ ଶବ୍ଦସମୂହ :

ଆଠ ତେମା	-	ଏକ ପ୍ରକାର ଦେଶୀ କଉଡି ଖେଳ
ଆଳି	-	ବାଟି ଖେଳରେ ଏ ଶବ୍ଦଟି ବ୍ୟବହୃତ
ଉଜି	-	ପଶାଖେଳର ଜଣେ ଖେଳାଳି, ଖେଳର ଏକ ପକ୍ଷରେ ଥିବା ଦୁଇଜଣ ଖେଳାଳି
ଉଚ୍ଚଇ	-	ଗଂଜପା ଖେଳରେ ବ୍ୟବହୃତ
କଟି	-	କଉଡ଼ିଖେଳରେ ଗୋଟିଏ କଉଡି ଚିତ୍ ହୋଇଥିଲେ 'କଟି' କହିଥାନ୍ତି। ଗୋଟିଏ ଅର୍ଥରେ ବ୍ୟବହୃତ।
କାଟୁ ବାନ୍ଧିବା	-	ଯେକୌଣସି ଜୁଆଖେଳରେ ବାନ୍ଧିବା ଟଙ୍କା ପଇସା
କାସିନ୍ଦି ମାରିବା	-	କାଞ୍ଜିଗାତ ଖେଳରେ ଜିତିବା
କୁପାକେଲି / କୁଢାକେଲି	-	ଧୂଳିଖେଳ ବାଲିକୁଢ଼େଇ ଖେଳିବା
କୁଲିଆ କତରା	-	ଆଖିବୁଜି ଖେଳିବା ଖେଳ

ଶବ୍ଦ		ଅର୍ଥ
କେଲି	-	ପିଲବାଡି ଖେଳ
ଗଗପଞ୍ଜି, ଗୁଘୁପାଂଚି	-	ଛୋଟପିଲାକୁ ନିଜ ଗୋଡରେ ପେଣ୍ଡାରେ ବସାଇ ଦୋଳି ଭଳି ଝୁଲାଇ ଖେଳାଇବା
ଗୁଣ୍ଡିମାଳ	-	ଏକ ପ୍ରକାର ଦେଶୀ ଖେଳ
ଗୋଲାମୁ	-	ତାସମୁଠା ଭିତରେ ଥିବା ମନ୍ତ୍ରୀ
ଘାଲୁ	-	କଉଡ଼ିଖେଳ ଖେଳିବା ନିମନ୍ତେ ହୁଡ ବସାଯାଇଥିବା କଉଡ଼ି ଗଦା
ଚକ୍ରବାରାଟି	-	ବାଡିକୁ ଚକ୍ରଆକାରରେ ବୁଲାଇବା ଖେଳ
ଚାରିଚେମା, ଚାରିଗୁଣ୍ଡା	-	ଏକ ପ୍ରକାର କଉଡି ଖେଳ
ଚିତୁ	-	ଉପରମୁହାଁ କଉଡ଼ି ବା ମୁଦ୍ରା
ଛକା	-	ଛଅ ସଂଖ୍ୟା
ଛମାଖ	-	କଉଡ଼ିଖେଳ
ଛପେଇ	-	ଘରକାଟି ଖପରା ପକାଇ ଝିଅମାନେ ଡେଇଁ ଡେଇଁ ଖେଳିବା ଖେଳ
ଜମଜ ପାଣି	-	ଏକ ପ୍ରକାର ଦେଶୀ କଉଡ଼ି ଖେଳ
ଠୁକା	-	ତାଳ ଅନୁଯାୟୀ ବାଡିଖେଳ ପ୍ରଦର୍ଶନ କରିବା
ଡଇଁ	-	ଖେଳରେ ହାରିବା ବ୍ୟକ୍ତି
ତାସଖେଳ	-	ଦକ୍ଷିଣ ଓଡ଼ିଶାରେ ପରିଚିତ କେତୋଟି ତାସଖେଳର ନାମଗୁଡିକ ହେଲା:-ହଗାଦାନ୍ତି, ଇୟାଡୁଙ୍କୁ ସିଆଡୁକୁ ଚେପୁଡୁ ମୁକା,ନକ୍ସ, ରାଣୀବାଡିଆ...
ତିନିମା ତିରୁପୁ	-	ଗାତରେ ପକାଇ ଖେଳିବା କଉଡ଼ି ବା ବାଟି
ଦଶକେ ଚୋଟ	-	ବାଟି ଖେଳରେ ଏ ଶବ୍ଦଟି ବ୍ୟବହୃତ
ଦାନ	-	କଉଡ଼ି ଖେଳରେ କଉଡ଼ି ପକାଇବା ସଂଖ୍ୟାକୁ କୁହାଯାଏ
ଦୁଆପିକ	-	ଏକ ପ୍ରକାର କଉଡ଼ିଖେଳ
ଦୁକା, ଦୁଗା	-	ଦୁଇ (କଉଡ଼ି ଖେଳରେ ବ୍ୟବହୃତ)
ଧାଡ଼ିଧକଜ	-	ଏକ ପ୍ରକାର ଖେଳ
ଧୋବାଚୁଲି	-	ଏକ ପ୍ରକାର ଖେଳ

ଶବ୍ଦ		ଅର୍ଥ
ପଟିକା	-	ଶେଷରେ ଥିବା ଗୋଟିଏ ପିକ
ପାଟୁ	-	ମଲ୍ଲଯୁଦ୍ଧରେ କୌଶଳ ପ୍ରୟୋଗ
ପିକ	-	କଉଡ଼ିଖେଳରେ ଗୋଟିକିଆକୁ ପିକ କୁହାଯାଏ ଯୋଡ଼ିକୁ ହଳି କୁହାଯାଏ
ପେଙ୍ଗୁନଳୀ	-	ସରନ୍ଧ୍ର ବାଉଁଶନଳୀରେ ଛୋଟ। କଞ୍ଚା କୋଳି ପିଟିବା ଖେଳ। (କୋରାପୁଟର କେବଳ କୋଟପାଡ ଅଞ୍ଚଳରେ ଯାତ୍ରା ଉତ୍ସବ ସମୟରେ ଏହି ବାଉଁଶନଳୀ ଗୁଡ଼ିକ ବିକା ଯାଇଥାଏ।)
ଫୁଲ ନା କଢି	-	ଏକପ୍ରକାର ଶିଶୁକ୍ରୀଡା
ବାଟି	-	ଛୋଟ ଗୁଲି ଖେଳ। ଏହି ଗୁଲିଗୁଡିକ କାଚ, ଚୂନ ଓ ଲୁହାରେ ନିର୍ମିତ ହୋଇଥାଏ।
ବାଣାବାଡ଼ି	-	ବାଡ଼ିଖେଳ କୌଶଳ
ମାଖୁ	-	ମୁହଁମାଡି ପଡ଼ିଥିବା କଉଡ଼ି
ସକଟା	-	ସକଟା ଖେଳ, ପଶାଖେଳ
ସାର	-	ଗୋଲାକାର ତାସ୍‌ଖେଳ
ହଳି	-	କଉଡ଼ିଖେଳରେ ୨,୪,୬ ଦାନରେ ଘୁଞ୍ଚାଇବା ଦୁଇଟି ପିକ।

ଧର୍ମ ଓ ସଂସ୍କୃତି ସମ୍ପର୍କୀୟ ଶବ୍ଦସମୂହ :

ଆମ୍ବ ଅମାସିଆ	-	ଜ୍ୟେଷ୍ଠ ଅମାବାସ୍ୟା ବା ସାବିତ୍ରୀ ଅମାବାସ୍ୟା
ଆରଦା ଅମାସିଆ ଆରଦା ଉଆଁସ	-	ଆଶ୍ୱିନ ଅମାବାସ୍ୟା, ଏହାକୁ ପୋଲରି ଓ ସାତପୁରୀ ଅମାବାସ୍ୟା ବୋଲି ମଧ୍ୟ କହିଥାନ୍ତି।
କତ୍ତା ସମ୍ବତ୍ସର	-	ଓଡ଼ିଆମାନଙ୍କ ବିଷୁବସଂକ୍ରାନ୍ତି ଦିନକୁ ଯେଉଁଭଳି ଭାବେ ବର୍ଷର ପ୍ରଥମ ଦିନ ଭାବରେ ଗ୍ରହଣ କରିଥାନ୍ତି, ତେଲୁଗୁମାନେ ମଧ୍ୟ ସେମାନଙ୍କ ପାଞ୍ଜି ଅନୁସାରେ ବର୍ଷର ପ୍ରଥମ ଦିନକୁ କତ୍ତାସମ୍ବତ୍ସର ରୂପେ ଗ୍ରହ କରିଥାନ୍ତି। ଦକ୍ଷିଣ ଓଡ଼ିଶାର କେତେକ ଓଡ଼ିଆ ଲୋକ ମଧ୍ୟ ଏହି ଦିନଟି ଅତି ଉତ୍ସବର ସହ ପାଳନ କରିଥାନ୍ତି।

ଶବ୍ଦ		ଅର୍ଥ
କୁଣ୍ଡିଆକୁଣ୍ଡି ଉଆଁସ	-	ଭାଦ୍ରବ ଅମାବାସ୍ୟା ଦିନ ଶିଶୁମାନଙ୍କ ଉତ୍ସବ
ଖରଖରେଇ ଓଷା	-	ଚୈତ୍ରମାସର ପ୍ରତି ରବିବାର ଦିନ ସନ୍ଧ୍ୟାରେ ଅଭିଆଡୀ ଝିଅମାନେ ଏହି ପୂଜା କରୁଥାଆନ୍ତି ।
ଖୁରି	-	କଂସାଧାତୁରେ ନିର୍ମିତ ବାଦ୍ୟଯନ୍ତ୍ର
ଗଜବଳି	-	ସାତଟି ପୋଢ଼ ବା ମଇଁଷିରୁ ଧାଡିକରି ଠାକୁରାଣୀଙ୍କ ଆଗରେ ବଳିଦେବା ପ୍ରଥା
ଗନସଣ	-	ଗନସଣ, ପୂଜାବିଧି
ଗର୍ଭଣା ସଂକ୍ରାନ୍ତି	-	ତୁଳମାସ ସଂକ୍ରାନ୍ତି
ଗାଈରାମା ପୂଜା	-	କୁମାରପୂର୍ଣ୍ଣିମା ଦିନ ତେଲୁଗୁ ଶୁଦ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ ହରଗୌରୀ ପୂଜା । ପାରଳାରେ ଏହାର ପ୍ରଚଳନ ଅତ୍ୟଧିକ । ଗୌରୀ+ଆମ୍ମା= ଗାଉରାମା
ଘୁଡିକି ନାଚ	-	ଏକପ୍ରକାର ନାଚ
ଜୁଝେଷ୍ଠି	-	ଯୁଧିଷ୍ଠିର
ଝାମିଯାତ୍ରା	-	ସ୍ୱତନ୍ତ୍ର ପୂଜା
ଠାକୁରାଣୀ ଯାତ୍ରା	-	ସାଧାରଣ ଚୈତ୍ରମାସରେ ନିର୍ଦ୍ଦିଷ୍ଟ କେତେକ ଦିନ ସ୍ଥିର କରି ଠାକୁରାଣୀଙ୍କ ଉଦ୍ଦେଶ୍ୟରେ କରିବା ଯାତ୍ରା । ଦକ୍ଷିଣ ଓଡ଼ିଶାରେ ଏହି ଯାତ୍ରା ଧୂମ୍‌ଧାମ୍‌ରେ ହୋଇଥାଏ । ବ୍ରହ୍ମପୁର ଓ ଭଞ୍ଜନଗରର ଠାକୁରାଣୀ ଯାତ୍ରା ପାଇଁ ପ୍ରସିଦ୍ଧ ।
ତରାତାରିଣୀ	-	ତରାତାରିଣୀ-ପୁରୁଷୋତ୍ତମପୁର ନିକଟବର୍ତ୍ତୀ ପାହାଡ଼ରେ ଥିବା ପ୍ରସିଦ୍ଧ ଦେବୀ । ଚୈତ୍ରମାସ ଶେଷ ମଙ୍ଗଳବାର ଦିନ ବଡ଼ଧରଣର ପର୍ବ ହୁଏ । ଅନେକ ଲୋକ ଏହି ପୀଠରେ ସମାଗମ ହୋଇଥାଆନ୍ତି ।
ଦାଣ୍ଡନାଟ	-	ବିଶେଷତଃ ଗଂଜାମ ଜିଲ୍ଲାରେ ଏ ନାଟ ବହୁଦିନରୁ ପ୍ରଚଳିତ ହୋଇ ଆସୁଅଛି । ଘରେ କାହାରି ଦେହ ଅସୁସ୍ଥ ଥିଲେ ରୋଗମୁକ୍ତ ପାଇଁ, କେହି ନିଃସନ୍ତାନ ହୋଇଥିଲେ ପୁତ୍ର କାମନା କରି, ଏପରି ବହୁଲୋକ ବିଭିନ୍ନ ପ୍ରକାର ମାନସିକ କରି

ଶବ୍ଦ		ଅର୍ଥ
		ଶୁଦ୍ରମାନେ ଏହି ଦାଣ୍ଡନାଟରେ ଯୋଗଦେଇଥାଆନ୍ତି। ଦଣ୍ଡରୋଗ ଦୁଇପ୍ରକାର- ପାଣିଦଣ୍ଡ ଓ ଧୂଳିଦଣ୍ଡ। ପାଣି ଭିତରେ ଦଣ୍ଡଭୋଗ କରିବା ହେତୁ ଏହାକୁ ପାଣିଦଣ୍ଡ । ପୁଣି ଅପରାହ୍ନରେ ଧୂଳିରେ ବିଭିନ୍ନ ଦଣ୍ଡଭୋଗ କରିବା ହେତୁ ଧୂଳିଦଣ୍ଡ କୁହାଯାଏ। ଅନେକ ନିଷ୍ଠାର ସହ କାଳିକାଦୁର୍ଗାଙ୍କୁ ପୂଜା କରାଯାଏ । ଏହି ନାଟ ପ୍ରତ୍ୟେକ ବର୍ଷ ୧୩ ଦିନ ଥାଉ ଥାଉ ଆରମ୍ଭ ହୁଏ । ମାସନ୍ତ ଦିନ ଉଦ୍‌ଯାପିତ ହୁଏ ମାସାନ୍ତ ଦିନଟି ମେରୁ ରୂପେ ପାଳିତ ହୋଇଥାଏ।
ଦାସକାଠି	-	ରାମତାଳି, ଝୁମୁକାଲଗା, ଦୁଇ ଖଣ୍ଡ କାଠର ବାଦ୍ୟଯନ୍ତ୍ର ବିଶେଷ (ଏହି କାଠ ଯୋଡ଼ିକ ଏକ ହାତରେ ଧରି ହାତ ମୁଠେଇଲେ ଓ ମେଲା କଲେ ବାଜିଥାଏ ଏବଂ ଏହାର ବାଜିବା ତାଳ ଅନୁସାରେ ଗୀତ ବୋଲାଯାଇଥାଏ। ଗାୟକର ଦୁଇ ହାତରେ ଦୁଇ ଯୋଡ଼ା କାଠି ଥାଏ ଓ ପାଳିଆ ଦୁଇଟି କାଠିକୁ ଦୁଇ ହାତରେ ବଜାଇଥାଏ।)
ଦାସକାଠିଆ	-	ଏହା ଦକ୍ଷିଣ ଓଡ଼ିଶାର ସ୍ୱତନ୍ତ୍ର ମୌଳିକ ଲୋକନାଟ୍ୟ । ଏହି ନାଟରେ ଗାୟକ ଓ ପାଳିଆକଙ୍କ ଦ୍ୱାରା ପୌରାଣିକ ବିଷୟ (ହରଣ ଓ ମରଣ) ସମସ୍ତଙ୍କ ସମ୍ମୁଖରେ ପରିବେଷଣ କରାଯାଇଥାଏ । ଏ ଅଞ୍ଚଳରେ ଦାସକାଠିଆ ନାଚ ହେଉଛି ଅତି ଲୋକପ୍ରିୟ ନାଟ। ବିଷୟବସ୍ତୁ ସହ ବିଭିନ୍ନ ପ୍ରାଚୀନ କବିଙ୍କ କୃତିର ଅଂଶ ମଧ୍ୟ ଏମାନେ ଉଦ୍ଧାର କରିଥାନ୍ତି। ଏହି ନାଟରେ ବୀର ରସ ଓ ହାସ୍ୟରସର ଅବତାରଣା ଅତ୍ୟଧିକ ବୋଲି ମନେହୁଏ । ଦାସକାଠି ନାମରୁ ଗାୟକ ଓ ପାଳିଆ ଦାସକାଠିଆ ବୋଲନ୍ତି ଏବଂ ସେ ଦୁହିଁଙ୍କ ଦ୍ୱାରା ପରିବେଷିତ ନାଟକୁ 'ଦାସକାଠିଆ ନାଟ' ବୋଲି କହିଥାନ୍ତି।

ଶବ୍ଦ		ଅର୍ଥ
ପଂଚମା	-	ଏହି ପୀଠରେ ଗଣେଶ ଚତୁର୍ଥୀ ଦିନ ଯାତ୍ରା ହୁଏ। ଗଂଜାମର ସ୍ଥାନ ବିଶେଷ।
ପୂଜିବା	-	ବଳିଦେବା, ହାଣିଦେବା
ପଟାଙ୍ଗି ଉଆଁସ	-	ଦୀପାବଳି ଅମାବାସ୍ୟା, ପାରଂପାରିକ ପ୍ରଥା ବା ପିତୃଶ୍ରାଦ୍ଧୋତ୍ସବକୁ ପ୍ରାଧାନ୍ୟ ନ ଦେଇ, ଏହି ଦିନ ସନ୍ଧ୍ୟାପରେ ବାଣ ବା ଫୋଠିକା (ପଟାଙ୍ଗି) ଫୁଟାଉଥିବା କାରଣରୁ ଏହି ଅମାବାସ୍ୟାର ନାମକରଣ ଏଭଳି ହୋଇଛି।
ବ୍ରହ୍ମୋତ୍ସବ	-	ମଂଜୁଷା ରାଜଧାନୀରେ ରାଜପୂଜିତ ବାସୁଦେବଙ୍କ ମନ୍ଦିର ପ୍ରତିଷ୍ଠା ଦିବସର ବାର୍ଷିକୋତ୍ସବ।
ଭଗତ	-	ଭକ୍ତ-ଭଜନ ଅର୍ଥରେ କେତେକ ବ୍ୟବହାର କରିଥାନ୍ତି ।
ମଘାପୋଡ଼ି	-	ଦୋଳପୂର୍ଣ୍ଣିମା ପୂର୍ବଦିନ ରାଧାକୃଷ୍ଣ ମନ୍ଦିରଗୁଡ଼ିକରେ ନିଆଁ ଲଗାଇବା ପ୍ରଥା
ମୁକାମୁ	-	ସତ୍ୟନାରାୟଣ ପୂଜା ସମୟରେ ଆସ୍ଥାନ ଉପରେ ଉତ୍ସର୍ଗ ହୋଇଥିବା ପାନ ଉପରେ ଥିବା ପାତିଲା କଦଳୀ
ରଣଘଣ୍ଟା	-	ଗଂଜାମର ଉତ୍ତରପ୍ରାନ୍ତ କୋକଲବା ଅଞ୍ଚଳରେ ଦୋଳ ପୂର୍ଣ୍ଣିମା ସମୟରେ ଇତରଲୋକଙ୍କ ମଧ୍ୟରେ ହେଉଥିବା ନାଟ ବା ଉତ୍ସବ।
ରଣପା ନୃତ୍ୟ	-	ଏହା ଏ ଅଞ୍ଚଳର ଲୋକନାଟ୍ୟ ।
ରାଇଲ	-	ରେଲୀମାନଙ୍କ ଆରାଧ୍ୟ ଦେବୀ । ଏହି ଦେବୀଙ୍କ ଉଦ୍ଦେଶ୍ୟରେ ଯେଉଁ ଗୀତ ବୋଲାଯାଏ, ତାକୁ 'ରାଇଲ ଗୀତ' କୁହାଯାଇଥାଏ ।
ରାମଲୀଳା	-	ଏକପ୍ରକାର ଯାତ୍ରାଭିନୟ
ସଅଣିକ	-	ମାନସିକ
ସଖୀନାଟ	-	ସ୍ତ୍ରୀବେଶରେ ସଜ୍ଜିତ ନାଚୁଆ ପିଲାର ନାଟ
ସାଇଲଡ଼ି ଗୀତ	-	ଆଦିବାସୀମାନଙ୍କ ସାଧାରଣ ଗୀତ
ହରିକଥା	-	ଆନ୍ଧ୍ରଦେଶରେ 'ବଉରା କଥା' ଭଳି ଦକ୍ଷିଣ ଓଡ଼ିଶାର

ଶବ୍ଦ		ଅର୍ଥ
		'ହରିକଥା' ମଧ୍ୟ ଲୋକପ୍ରିୟ। ଏହା ପ୍ରଥମେ ପାରଳାରେ ଆରମ୍ଭ ହୋଇ ପରେ ପରେ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ପରିବେଷିତ ହୋଇଥିଲା । ଆଜିକାଲି ଏହି 'ହରିକଥା' ଆଉ ଦେଖିବାକୁ ମିଳୁନାହିଁ।

ବିଚାରାଳୟ ଓ ଶାସନ ସମ୍ପର୍କୀୟ ଶବ୍ଦସମୂହ :

ଅଣାକାଗଜ	-	ଓଡ଼ିଶା ସରକାରଙ୍କ ସିଲ୍‌ଥିବା କାଗଜ
ଆଫିସୁ	-	ଅଫିସ, କାର୍ଯ୍ୟାଳୟ
ଆସ୍ତି	-	ଧନ, ଭୂସମ୍ପତ୍ତି
ଇନାମ୍	-	ଜାଗିର ଜମି
ଇନାମ୍‌ଦାର	-	ରାଜକୀୟ ପୁରସ୍କାର ପାଇଥିବା ବ୍ୟକ୍ତି ବିଶେଷ
ଇସ୍ପଟା	-	ସ୍କେଲ
ଏଲାମ୍‌ଗାଟା	-	ନିଲାମ
ଏଲିମେନ୍‌ଟ୍ରି ସ୍କୁଲ	-	ପ୍ରାଥମିକ ବିଦ୍ୟାଳୟ
କମାନ	-	ସରକାରୀ କର୍ମ ଉପଲକ୍ଷ୍ୟରେ କର୍ମଚାରୀଙ୍କ ଗସ୍ତ।
କାଇତ କାକତ କାଗତ	-	କାଗଜ
କାଜି	-	ଗ୍ରାମ ବିଚାରକ କାର୍ଜି
କାପି	-	ନକଲ
କାବରା, କାବାରୁ	-	ଲଫାଫା
କାଳଦୋଷ	-	ମକଦ୍ଦମା ଆଦିର ଦୋଷ
କେ'ଡି	-	ଦାଗୀ, କାରାମୁକ୍ତ ବ୍ୟକ୍ତି
କୋର୍ଟୁ	-	ବିଚାରାଳୟ
ଖଲାସି	-	କୁଲି
ଖୋଜା, ଖୋଦା	-	ପୋଥି
ଗୁମାସ୍ତା	-	କିରାଣି
ଘମାଘୋଟ	-	ଗାଡ଼ (ଆଲୋଚନା)
ଚକି ଛଡ଼େଇବା	-	ଆସନରୁ ବିଚ୍ୟୁତ କରିବା

ଶବ୍ଦ		ଅର୍ଥ
ଜଇଲ	-	ଜେଲ୍
ଜଗାଳି	-	ଦଣ୍ଡାସୀ, ଗ୍ରାମ ଚଉକିଦାର
ଜଡ୍‌ଜ	-	ବିଚାରକ
ଜମାଦାର	-	ପୋଲିସ୍
ଜନଭା	-	ଜନଗଣନା
ଜାଇଣ୍ଟ୍ ମାଜିଷ୍ଟ୍ରେଟ୍	-	ଉପବିଚାରକ
ଜାବତା	-	ତାଲିକା, କଟିରିଆ ଭାଷା
ଟାପା	-	ଡାକ
ଟାପାବାଲା	-	ଡାକବାଲା
ଟାପାଘର	-	ଡାକଘର
ଟିକଟ	-	ଟିକସ
ଚଉଜି	-	ପେନ୍‌ସନ୍
ତଳିଆରି	-	ଜଗୁଆଳି
ତାଲୁକ ବୋର୍ଡ଼	-	ସବ୍‌ଡ଼ିଭିଜନ୍ ବୋର୍ଡ଼
ତାଲୁକା	-	ତହସିଲ
ତାଲୁକା ଅଫିସର	-	କାର୍ଯ୍ୟନିର୍ବାହୀ ଅଧିକାରୀ
ଦସ୍ତୁରି	-	ସାକ୍ଷର, ଦସ୍ତଖତ
ଦାବା	-	ମକଦ୍ଦମା
ଦାବା ଦରବାର	-	ଦାବା ଶବ୍ଦର ସହଶବ୍ଦ । (ବିଚାର ଅଦାଲତ ବିଷୟକ କୌଣସି ଆଲୋଚନା କଲାବେଳେ ଏହିଭଳି କୁହାଯାଇଥାଏ।)
ଦୁଆରା	-	ଦୌରା
ଦେବସ୍ଥାନ କମିଟି	-	ସାଧାରଣ ଦେବୋତ୍ତର ସମ୍ପତ୍ତିର ତତ୍ତ୍ୱ ନେବା ପାଇଁ ସରକାରଙ୍କ ତରଫରୁ ଜିଲ୍ଲାଜର୍ଜଙ୍କ ଦ୍ୱାରା ନିଯୁକ୍ତି କମିଟି। ଦେବ+ସ୍ଥାନ+କମିଟି (ଇ)
ଦେଶ	-	ନିଜ ଗାଁ ବା ଅଞ୍ଚଳ
ନାଇକ	-	ଖଜଣା ଅସୁଲ କରିବା ଗ୍ରାମ୍ୟ କର୍ମଚାରୀ
ନୌକର	-	ଚାକର

ଶବ୍ଦ		ଅର୍ଥ
ପକା	-	ଦାଖଲ କର
ପରଂପୋକ	-	ସରକାରୀ ଜମି
ପାଇଣ୍ଟ, ପାଏଣ୍ଟ	-	ଠିକ୍
ପାନୁ	-	ଟିକସ, କର
ପିଉନୁ	-	ଚାକର
ପିତର	-	ଓକିଲ
ପିତରପାଇଟି	-	ଓକିଲାତି
ପୁଟିଖାତ	-	କଚେରିରେ ନିର୍ଦ୍ଧାରିତ ତାରିଖରେ ହାଜର ହେବାପାଇଁ ସାକ୍ଷୀମାନେ ନିଜେ ଯେଉଁ ମୁଚାଲିକା ଲେଖିଦିଅନ୍ତି।
ପେଢ଼ି	-	କାଠଗଡା
ପୋଲିସୁ, ପୁଲିସୁ	-	ପୋଲିସ୍
ପ୍ଲେଣ୍ଟ	-	ଅଦାଲତରେ ବାଦୀ ପକ୍ଷରୁ ଦାଖଲ କରାଯିବା ଅର୍ଜି
ପ୍ରମାଣ	-	ନିୟମ
ଫାଇସ୍‌ଲା	-	ମକଦ୍ଦମାର ଶୁଣାଣି ଦିନ
ଫିତୁରି	-	ପ୍ରଜାଙ୍କ ମେଳି ବା ବିଦ୍ରୋହ
ବଡ୍‌ଜେଟ୍	-	୧. ମକଦ୍ଦମାଦିର ନିର୍ଦ୍ଧାରତି ସୂଚିତ ଦିନ ବା ତାରିଖ ୨. କୌଣସି କାର୍ଯ୍ୟ କରିବା ପାଇଁ ସ୍ଥିରୀକୃତ ସମୟ
ବାଇଦା ଦେବା	-	ସମୟ ମାଗିବା
ବାଇଦା ପଡ଼ିବା	-	ଘୁଞ୍ଚିବା
ବାଦନା	-	କଚେରିରେ ସାକ୍ଷୀମାନଙ୍କ ଜବାବସୁଆଲ
ବାନ୍ଧିବା	-	ଜମାକରିବା
ବାରିକ	-	ଗ୍ରାମ ଚୌକିଦାର
ବିଥ୍‌ଡ୍ରା	-	ମକଦ୍ଦମା ଉଠାଇନେବା କାର୍ଯ୍ୟ
ବିଲା	-	ମେହାର
ବେଂଚି	-	ଆସନ
ମାଇନର୍	-	ନାବାଳକ, ମାଇନର୍

ଶବ୍ଦ		ଅର୍ଥ
ମଖସା	-	ପୁରସ୍କାର ରୂପେ ଜାଗିର
ମଜୁମଦାର	-	ରାଜସ୍ୱ ହିସାବରକ୍ଷକ ଉପାଧି
ମହାଜର, ମହାଜରୀ	-	ଆବେଦନପତ୍ର, ଦରଖାସ୍ତ
ମନ୍ତରସେଣି	-	ଧାଇ
ମୁଦ୍ରା	-	ମୁଦ୍ରା
ମୁଦେଇ	-	ଦାଗୀ, ମୁଦାଲା
ମେଷ୍ଟ୍ରେଡ୍	-	ବିଚାରକ
ମୈନର	-	ନାବାଳକ
ରାବାଡି	-	ଆଦାୟ, ଆୟ
ରାହାବାଡ଼ି	-	ଭୂମିକୁ ଚାଷ କରୁଥିବା ପ୍ରଜାଠାରୁ ଭୂସ୍ୱାମୀଙ୍କ ପ୍ରାପ୍ୟ ରାଜସ୍ୱ
ରିକାର୍ଡ	-	ମକଦ୍ଦମାର ନଥି
ଶିମ ସ୍ଥାନ, ଶିମସ୍ଥାନସ ସବ୍‌କଲକ୍ଟର	-	ରାଜଧାନୀ ଦ:ଓ:ରେ ଏ ହାକିମ ଅଛନ୍ତି
ସବ୍ କୋର୍ଟ	-	ଦ:ଓ:ରେ ଏ କାର୍ଯ୍ୟାଳୟ ଅଛି
ସମସ୍ଥାନ, ସମସ୍ଥାନ ଆପିସୁ	-	ଦକ୍ଷିଣ ଓଡ଼ିଶାର ଜମିଦାରୀ, ସଦର କାର୍ଯ୍ୟାଳୟ
ସର୍କାର ପାଟ	-	ସରକାର ସମ୍ପତ୍ତି ନିଲାମ ହେବା
ସର୍ବ ମଖସା	-	ଚିରସ୍ଥାୟୀ ଜାଗିରି
ସାଇବ/ସାହିବ	-	ସାହେବ, ହାକିମ
ସିସ୍ତୁ	-	ଖଜଣା, କର
ଲାର୍ଡ	-	ଲାର୍ଡ
ଲାହା	-	ନିୟମ
ଲୋଟିସୁ	-	ନୋଟିସ୍
ଲୋପାୟିତ	-	ଗୁପ୍ତ
ହାସପତ୍ରି	-	ଚିକିତ୍ସାଳୟ

ଜାତି ସମ୍ବନ୍ଧୀୟ ଶବ୍ଦସମୂହ :

ଆପଟ	-	ଓଡ଼ିଆ ନାମକ ଶୂଦ୍ରଜାତି ବିଶେଷ
ଉଜଳଘର	-	ଧୋବା (ଉଜୁଳ, ନିର୍ମଳ)
ଏକହରିଆ	-	ଏକଘରିଆ, ବାସନ୍ଦ ହୋଇଥିବା ଘର
ଓଝାଳି	-	ପାଟକ ବିଶେଷ
ଓଡ଼ିଆ	-	ସତନ୍ତ୍ର ଶୂଦ୍ରଜାତି ବିଶେଷ
କଣ୍ଡରା	-	କେଉଟ
କମା	-	ତେଲୁଗୁ ବ୍ରାହ୍ମଣ ଜାତି
କମାଳିକରଣ	-	ଗଞ୍ଜାମ ଓ ବିଶାଖପାଟଣାରେ ଥିବା ଓଡ଼ିଆ କରଣ ଜାତି
କରଣ	-	ଗ୍ରାମରେ ହିସାବ ଲେଖିବା କର୍ମଚାରୀ
କଳିଙ୍ଗ	-	କୃଷିଜୀବୀ ଜାତି ବିଶେଷ
କାର୍ଜିଘର	-	ନାୟକଘର
କାମ୍ପ	-	ଶୂଦ୍ରଜାତି ବିଶେଷ
କାଳିଂଜି	-	ଶୂଦ୍ରଜାତି ବିଶେଷ, ଖଣ୍ଡାୟତ (ସମର ପ୍ରିୟ)
କୁମୁଟି	-	ତେଲୁଗୁ (ବ୍ୟବସାୟୀ)ର ଏକ ଜାତି
କୋଟିଆ	-	ଗଂଜାମର ଶୂଦ୍ରଜାତି ବିଶେଷ
ଖଦାଳ	-	ଅସ୍ପୃଶ୍ୟ ତନ୍ତୀ ଓ ବାଉରି ଜାତି
ଖରସଦା (ଆ)	-	ନାୟକ ଜାତିର ଅଧିକାରୀ
ଗୟନ୍ତିଆ, ଗଉନ୍ତିଆ	-	ପାଟକ ବିଶେଷ
ଗରୁଡିଆ	-	ଶୂଦ୍ରଜାତି ବିଶେଷ
ଗୋଦାରୀ	-	ଶୂଦ୍ର ପାଟକ ବିଶେଷ
ଗୁଲା, ଗୋଲା	-	ଛେଳି ଓ ମେଷପାଳକ ଜାତି
ଚଣ୍ଡାଳ	-	ପାଟକ ବିଶେଷ
ଚିଟିକରଣ	-	କରଣଜାତିର ଏକ ବିଭାଗ ବିଶେଷ
ଚୁଡୁଟିଆ	-	କେଉଟ ଜାତି ବିଶେଷ
ଜଗୁଆଳି	-	ଶୂଦ୍ରଜାତି ବିଶେଷ
ଜଙ୍ଗମ	-	ତେଲେଙ୍ଗା ଶିବପୂଜକ ଜାତିବିଶେଷ
ଡମ୍ବ	-	ଶୂଦ୍ରଜାତି ବିଶେଷ

ଶବ୍ଦ		ଅର୍ଥ
ଡେରା	-	ବୁଣାଜାତି, ତନ୍ତୀ
ତାକିରି	-	ଜଗୁଆଳି
ତରାସିଆ	-	ଭଣ୍ଡାରି
ଦଣ୍ଡସେନା(ଣା)	-	ଉପାଧି ବିଶେଷ
ଦଣ୍ଡାସୀ	-	ଶୂଦ୍ରଜାତି ବିଶେଷ
ଦଳୁଆ	-	ଓଡ଼ିଆ ଶୂଦ୍ରଜାତି
ଦାନୁଆ	-	ବୈଦିକ ଶାସନ ବ୍ରାହ୍ମଣ, ଶ୍ରେଷ୍ଠ ବ୍ରାହ୍ମଣ
ଦାସିରି/ଦାସ	-	ପୂଜାରୀ, ଦେବପୂଜକ
ଦେଶିଆ	-	କୋରାପୁଟର ଆଦିବାସୀବୃନ୍ଦ
ଦୋରା	-	ଶୂଦ୍ରଜାତି ବିଶେଷ
ନାଇକ	-	ଉପାଧି ବିଶେଷ
ନାଇଡୁ	-	ତେଲେଙ୍ଗା ଶୂଦ୍ରମାନଙ୍କ ଉପାଧି
ପଞ୍ଚମା	-	ଚଣ୍ଡାଳାଦି ଜାତି
ପଣ୍ଡରା	-	ପାଟକ ବିଶେଷ
ପଣ୍ଡିତ	-	ପଣ୍ଡିତ ଉପାଧି ବିଶିଷ୍ଟ ଏକ ଜ୍ୟୋତିଷୀ ଶୂଦ୍ରଜାତି
ପନ୍ଦରା	-	ଶୂଦ୍ରଜାତି, ପନିପରିବା ନିଜ ବାଡ଼ିରେ କରି ବ୍ୟବସାୟ କରିବା ଏମାନଙ୍କ ବୃତ୍ତି।
ପାଇଣ୍ଡା	-	ଶୂଦ୍ରଜାତି ବିଶେଷ
ପାଟଶାଳିଆ	-	ତନ୍ତୀଜାତି ବିଶେଷ
ପାଢିଆ ବ୍ରାହ୍ମଣ	-	(ଏମାନେ ଦାନୁଆଙ୍କଠାରୁ ଉଣା ଓ ହଳୁଆଙ୍କଠାରୁ ବଡ଼) ଏକ ପ୍ରକାର ବ୍ରାହ୍ମଣ
ପାଲିଆ	-	ଶୂଦ୍ରଜାତି ବିଶେଷ
ପାହାଡ଼ି	-	ପାଟକ ବିଶେଷ
ପୁରୀପଣ୍ଡା	-	କେତେକ ଔପନିବେଶିକ ବ୍ରାହ୍ମଣ
ପେନ୍ତିଆ	-	ପାଟକ ବିଶେଷ
ଫାଦିରୀ	-	ଖ୍ରୀଷ୍ଟିଆନ
ବଇଠାର	-	ବଣିଆମାନଙ୍କ ବଂଶ ଉପାଧି ବିଶେଷ
ବଗଟା	-	ପାଟକଜାତି ବିଶେଷ
ବଣ୍ଡା	-	ସ୍ୱତନ୍ତ୍ର ଆଦିବାସୀ ସମ୍ପ୍ରଦାୟ

ଶବ୍ଦ		ଅର୍ଥ
ବମାଳିକରଣ	-	ଶ୍ରେଷ୍ଠ କରଣ
ବାକିଟି	-	ମାଛ ଧରିବା ଜାତି (ତେ)
ବାଣୁଆରାଇ	-	ରାଜଦତ୍ତ ଉପାଧି
ବାଣୁଆ ସିଂହ	-	ରାଜଦତ୍ତ ଉପାଧି
ବାରିକ	-	ଭଣ୍ଡାରିଜାତି, ଶୂଦ୍ରଜାତି
ବିଦ୍ୟାଣୀ ରନ୍	-	ଶିଳ୍ପୀ କିମ୍ବା ଚିତ୍ରକାରମାନଙ୍କ ରାଜାପ୍ରଦତ୍ତ ଉପାଧି
ବିଶ୍ୱାମିତ୍ର ବ୍ରାହ୍ମଣ	-	ଛୋଟ ଶ୍ରେଣୀର ବ୍ରାହ୍ମଣ
ବେପାରୀ	-	ପାଟକ ବିଶେଷ
ବେଲମା	-	ତନ୍ତୀ, ଶୂଦ୍ରଜାତି
ବୋଡ଼	-	ପାଟକ ବିଶେଷ
ଭାଇପୁଅ	-	ପାଟକ ବିଶେଷ
ଭୁକ୍ତା	-	ଗ୍ରାମର ମୁଖ୍ୟ ବ୍ୟକ୍ତି
ଭୁଲିଆ	-	ଏକ ପ୍ରକାର ଆଦିବାସୀ
ଭୂମିଆଁ	-	ଓଡ଼ିଆ ପାଟକ ବିଶେଷ
ମିରିଗାଣିଡ଼ମ୍	-	ଛୋଟ ଜାତି
ମୁଣ୍ଡା	-	ଛୋଟ ଜାତି
ମୁରିଆ	-	ଛୋଟ ଜାତି
ମୂଳି	-	ପାଟକ ବିଶେଷ
ରଙ୍ଗଣା	-	ପାଟକ ବିଶେଷ
ରଣିପାଇକ	-	ନିଶାରାତ୍ରୀରେ ସତର୍କ କରାଉଥିବା ପାଇକ
ରେଡ଼ି	-	ଆନ୍ଧ୍ର ଶୂଦ୍ରଜାତି ବିଶେଷ
ରେଲୀ	-	ଶୂଦ୍ରଜାତି (ଚାଟିଡି)
ଲଙ୍କା ଦଳୁଆ	-	ଦଳୁଆମାନଙ୍କ ଏକ ଶାଖା
ଇମତା	-	ଶୂଦ୍ରଜାତି
ଲିଆରୀ	-	କେଉଟ ଜାତି, ଗୁଡ଼ିଆମାନଙ୍କ ଜାମ ମଧ୍ୟ ଏମାନେ କରିଥାନ୍ତି।
ସାଉଁଟିଆ	-	ଓଡ଼ିଆ ଶୂଦ୍ରଜାତି
ଶୁକ୍ଳଘର	-	ଧୋବା
ହଳୁଆ	-	ଏକ ପ୍ରକାର ବ୍ରାହ୍ମଣ

ଶରୀର ସମ୍ବନ୍ଧୀୟ ଶବ୍ଦସମୂହ :

ଅଗିବା/ହଗିବା	-	ମଳତ୍ୟାଗ କରିବା
ଅଣ୍ଟାଘିନା	-	ଅଣ୍ଟାବିନ୍ଧା
ଅପରଛନିଆ	-	ଅନିର୍ମଳ
ଅଷ୍ଟପାଟଳିବାତ	-	ଆମବାତ
ଆଫା କରିବା	-	ଆଖିବିନ୍ଧିବାବେଳେ ପାଟିର ପବନରେ ଲୁଗାଦ୍ୱାରା ଆଖିକୁ ସେକ ଦେବା
ଏକଚାଳିଆ	-	ଗୋଟିଏ ଅଣ୍ଡକୋଷ ବଢ଼ିବା
ଏକପୁରିଆ -		ଖୋଲାଦେହ, ଦୁର୍ବଳ
କଢ଼ିଆ	-	ଗୁଦ, ମଳଦ୍ୱାରରେ ବାହାରିବା ପଦ୍ମ
କନ୍ଦା	-	ମୂକ, କଥା ନ କହିବା ବ୍ୟକ୍ତି
କାଇଲା	-	ଅସୁସ୍ଥ
କାଣ	-	କାନ
କାନମୁଡା	-	କାନମୁଣ୍ଡା
କାବକାଣ	-	ଦୁର୍ବଳଳ, ନିରାଶ୍ରୟ, ଦୃଷ୍ଟିହୀନ
କାଖାରୁ	-	କୁଣ୍ଡିଆ ରୋଗ
ଖଙ୍କର	-	ଚୂର୍ଣ୍ଣକୁନ୍ତଳ
ଖାଡିଆ	-	ଦୁର୍ବଳ, ପତଳା
ଖୁରା	-	ପାଦ
ଖୁଷା	-	ଖୋଷା
ଗଜିରି	-	ଛୋଟପିଲାକୁ ଧରିଥିବା ଶ୍ୱାସ ରୋଗ
ଗୁଡ଼	-	ଶିଶୁମାନଙ୍କ ଲିଙ୍ଗକୁ ଶ୍ରଦ୍ଧାରେ ଏମିତି କହିଥାନ୍ତି
ଗୁଣ୍ଡିଆ	-	ଛାତି, ଧୈର୍ଯ୍ୟ
ଗେ'ଡା	-	ଛୋଟ ବ୍ୟକ୍ତି
ଗୋଦଲାପାଲି	-	ମୋଟାଯିତ, ମୋଟା ସ୍ତ୍ରୀ
ଗୁଁଗା	-	ବାକ୍‌ଶକ୍ତିବିହୀନ
ଘୋଲି	-	ଘୁଂଘୁଡି ମାରିବା
ଚକାଗୀଡ଼ା	-	ଚକାମାରି ବସିବା
ଚନ୍ଦା	-	କେଶହୀନ, ଟାଙ୍ଗରାମୁଣ୍ଡା

ଶବ୍ଦ		ଅର୍ଥ
ଛୁଆଁଚି	-	ଅପବିତ୍ର, ଅଶୌଚ
ଜଟି	-	ବାଳଜଟି, ଅଲରାବାଳ
ଜମିରଳ	-	ଜମଶ୍ରାଳ (ଜମଝାଳ)
ଜାଡ଼ା	-	ମୂଜ
ଟିଂପା	-	ଛୋଟ
ଡୁକା	-	ମୋଟା
ଢୁସା	-	ସ୍ଥୂଳକାୟ
ତାଗଡ଼ା	-	ବଳବାନ (ବ୍ୟକ୍ତି)
ତିଉର	-	ଦେହ ଗରମ ହେବା (ପିତ୍ତାନ୍ତ)
ଥାନଘରା	-	ସ୍ତ୍ରୀ ସ୍ତନ ରୋଗ ବିଶେଷ
ଥାନମୁଣ୍ଡା	-	କାନମୁଣ୍ଡା
ଥେଣ୍ଟକାଲା	-	ଅଧାକାଲା
ଥୋତଡ଼ା	-	ଯେଉଁ ବ୍ୟକ୍ତି ଥଙ୍ଗ କରି କହେ
ଦୁଧ	-	ସ୍ତନ
ଧୁମା	-	ସ୍ଥୂଳ, ମୋଟା
ଧୁସା	-	ସ୍ଥୂଳକାୟ
ଧୋକଡ଼ା (ବୁଢ଼ା)	-	ବୟସ୍କ (ବୁଢ଼ା)
ଧୋକଡ଼ୀ (ବୁଢ଼ୀ)	-	ବୟସ୍କା (ବୁଢ଼ୀ)
ପସନା	-	ଝାଳ
ପାକୁଆ	-	ଦାନ୍ତ ନଥିବା ବ୍ୟକ୍ତି
ପାକୀ	-	ଦାନ୍ତ ନଥିବା ଝିଅ
ପାଟା	-	କେଶଶୂନ୍ୟ, ଚନ୍ଦା
ପାଟାମୁଣ୍ଡ	-	ଟାଙ୍ଗରାମୁଣ୍ଡ
ପେଟ୍ରି	-	ଗର୍ଭବତୀ ସ୍ତ୍ରୀ
ଫୁକା	-	କ୍ଷୁଦ୍ର ବଣ
ବସ	-	ଚର୍ବି
ବଟୁ	-	ଚିତା
ବାଲ୍ଲା	-	ପ୍ଲିହା ରୋଗ

ଶବ୍ଦ		ଅର୍ଥ
ବିଚା	-	ଅଣ୍ଡକୋଷ
ବୁ	-	ମାତୃସ୍ତନ
ବୁକୁ	-	ଛାତି
ବୁକୁବଥା	-	ଛାତିବଥା
ବେଙ୍ଗା	-	ରୋଗୀ ଦେହରୁ ଉଠିବା ବିନ୍ଧା ବା ଶୂଳ।
ମା	-	ଶିଶୁଲିଙ୍ଗକୁ ଶ୍ରଦ୍ଧାରେ ଏପରି କହିଥାନ୍ତି
ମମା	-	ସ୍ତନ
ମାଖୁନା	-	ଯେଉଁ ପୁରୁଷ ମୁହଁରେ ବାଳ ଉଠେ ନାହିଁ
ରିସିରିସା	-	ଜ୍ୱରର ପ୍ରାଥମିକ ଅବସ୍ଥା
ଯାଦୁ	-	ରୋଗ ବିଶେଷ
ଇଚ୍ଛା	-	ମେଷସଂକ୍ରାନ୍ତି ଦିନ ଶିଶୁମାନଙ୍କ ପେଟରେ ଚଢୁଦେବା ।

ମଣିଷର ପ୍ରକୃତିଗତ ଶବ୍ଦସମ୍ଭାର :

ଅତିଶେ	-	ଅତିରିକ୍ତ, ଦେଖାଣିଆ ପ୍ରକୃତିକୁ ଆକ୍ଷେପ ପରି ଏହିଭଳି କୁହାଯାଏ
ଅଧରପତିଆ	-	ଅଧା କାର୍ଯ୍ୟରେ ସିଏ ସମାପ୍ତି ଘଟାଏ।
ଅଡ଼ଭି	-	ଅଳି, ଅଝଟ
ଅପଘିଚା	-	କୌଣସି ନେଇଥିବା ବସ୍ତୁକୁ ପୁନର୍ବାର ଫେରାଇବା ପ୍ରତିଶ୍ରୁତି
ଅପଦଚ୍ଚ	-	ଅପଯଶ, ଦୁର୍ନାମ
ଅପାଣ୍ଡୁଜ	-	ଅପଦାର୍ଥ, ଅଲୋଡା ବ୍ୟକ୍ତି, ଅଯୋଗ୍ୟ ବ୍ୟକ୍ତି
ଅଲ୍‌ପାଇସା	-	ଅଳ୍ପଜୀବୀ (ଗାଳି)
ଅଲବଲ	-	ଅଠିକଣା କାର୍ଯ୍ୟ କରିବା
ଆତକା	-	ତାଟକା, ବିସ୍ମୟ, ଆଶ୍ଚର୍ଯ୍ୟ
ଆଖିଆପଣ	-	ଦୃଷ୍ଟିଆ, ଚଷମା
ଆବା	-	ଦୁଃଖସୂଚକ ଶବ୍ଦ ବିଶେଷ
ଆମୁଲ ବାୟା	-	ଅର୍ଦ୍ଧପାଗଳ ବ୍ୟକ୍ତି
ଆଡ଼ବାୟା	-	ଅର୍ଦ୍ଧପାଗଳ ବ୍ୟକ୍ତି

ଶବ୍ଦ		ଅର୍ଥ
ଆଳିଆ	-	ମୂର୍ଖଲୋକ, ନିର୍ବୁଦ୍ଧିଆ
ଇଲିଇଲି କରିବା	-	ଖତେଇ ହେବା
ଉଖୁରିଆ	-	କଳହପ୍ରିୟ ବ୍ୟକ୍ତି
ଉଦାରୀ	-	କପଟୀ (ଗାଳି)
ଉଦିଆ	-	ଉତ୍ପାତ (ଗାଳି)
ଉଲୁଗୁଣା	-	ଦେଖେଇଚାହିଁ କହିବା
ଉଲୁକପାତ	-	ଅତ୍ୟଧିକ, ଅତ୍ୟାଚାର (ଗାଳି)
ଓଖ	-	ଅଭ୍ୟାସ
କାଠେଇଁଆ	-	ମୃତ୍ୟୁ କାମନା କରିବା (ଗାଳି)
କାଞ୍ଚିଆ	-	ଖରାପ ପ୍ରକୃତି ଲୋକ
କାମ୍ପି	-	କୃପଣ
କିଙ୍କୁ	-	ଅଳ୍ପକେ ରାଗିବା ଲୋକ (ବ୍ୟକ୍ତି) ଯିଏ ଖେଙ୍କି କରି କଥା କହେ
କୁପଲୁକ	-	ରାଗିଲୋକ
କୁନ୍ତୁ କୁନ୍ତୁ	-	ଲୋଭୀ
କୁନ୍ଦୁଲି ରୋଗ	-	ମୁର୍ଚ୍ଛା ରୋଗ
ଖଣ୍ଡଗଣିଆ	-	ଯେ ପ୍ରତି କଥାରେ ବାଛେ
ଖଳତ	-	କଳହ ପ୍ରକୃତିର ଲୋକ, ଅନର୍ଥ
ଖେଣ୍ଡେଇ	-	ଯେଉଁ ସ୍ତ୍ରୀ ଜଣକର କଥା ଅନ୍ୟଜଣକୁ କହେ
ଖେତା	-	ଓଲ୍ଲୁ, ମୂର୍ଖ
ଗଡ଼ଗଡ଼ା	-	ଦରିଦ୍ରାଚରଣ, ନୀଚମନ
ଗାଟି	-	କୃପଣ
ଗିଗିପୁ	-	ଗର୍ବ
ଗିରିବାଣ	-	ଗର୍ବ
ଗିହାଳିପ	-	ନଷ୍ଟ ଚରିତ୍ରା ସ୍ତ୍ରୀର ପୁତ୍ର (ଗାଳି)
ଗୁଜୁଗୁଜୁ	-	ଗୁଣୁ ଗୁଣୁ ହେବା, ଘୋଷିହେବା
ଚୁଲୁଚୁଲିଆ	-	ଚଞ୍ଚଳିଆ
ଛିଚିକୁଟା	-	ଘୃଣାକରି ଗାଳି କରିବା

ଛିଚିକୁନ୍ଦା	-	ପରର ଦୋଷ ଦେଖେଇ ଖୁସିହେବା
ଜଟେଇବା	-	ଠକେଇବା
ଝୁକା	-	ଅଳସୁଆ
ଦିରିଭିଛି	-	ଲୋଭୀ
ଧିମା	-	ଅଳସୁଆ
ଧେଡ଼	-	ଅପରିଷ୍କାର
ନିସ୍ତ	-	ଅଳସ
ପାଡୁଗ୍ୟାପ	-	ଗାଳି ବିଶେଷ
ପକଡ଼ରାମ	-	ବେଖାତିର
ପିସୁ	-	କୃପଣ
ବିରିବିରା	-	ବିରକ୍ତି
ମାଙ୍ଗଟ	-	ଅଳସୁଆ, ଏକଜିଦିଆ
ମାର୍କାମରା	-	ଚିହ୍ନଟ ବ୍ୟକ୍ତି
ମେଡୁ	-	ଅବାଧ
ମୁସୁକାମୁହାଁ	-	ଅମଙ୍ଗଳିଆ, ବିକୃତ ମୁଖକରି ମିଛରେ ରୁଷିବା
ରଙ୍ଗପିମ୍ପୁଡି	-	ଅଳ୍ପକେ ରାଗୀ, ରାଗରେ ଯା'ର ମୁହଁ ଲାଲ ହୁଏ।
ରଙ୍କାଳିଆ	-	ଲୋଭୀ, ଆଶା
ସୁସାର	-	ଶାନ୍ତଶିଷ୍ଟ
ଲାଣ୍ଡୁ	-	ଅଳସୁଆ
ଲୁଲା	-	ଉଲା, ବୋକା

ପୋଷାକ ପରିଚ୍ଛଦ ସମ୍ପର୍କୀୟ ଶବ୍ଦସମୂହ :

ଅଙ୍ଗି	-	ଜାମା, ପୁରୁଷର ପୋଷାକ
କଣ୍ଡଦେବା	-	ମାପଦେବା
ଖଦି	-	ଲୁଗା
ଗୁଣ୍ଡି, ଘୁଣ୍ଡି	-	ବୋତାମ୍
ଚେଡ଼ି	-	ନିକର
ଜଥା	-	ପିନ୍ଧିବା ଲୁଗା, ଚାଦର ଯୋଡ଼
ଝଜି	-	ସାନଗାମୁଛା
ଟୁଆଲ	-	ଗାମୁଛା

ଶବ୍ଦ		ଅର୍ଥ
ଟୁପି	-	ଟୋପି
ଥାନି	-	ଲୁଗା
ପାଟଶାଳିଆ	-	ପାଟଶାଲି ନାମକ ସ୍ଥାନର ତନ୍ତୀମାନଙ୍କ ସରୁ ହାତବୁଣା ଲୁଗା
ଫୁଟାଲୁଗା	-	ବିଧବାମାନଙ୍କ ଧଡ଼ି ନଥିବା ପିନ୍ଧିବା ଲୁଗା
ବନିଏନ୍	-	ଗେଞ୍ଜି
ବାଆଡି	-	ଜାକେଟ୍
ମାରତା	-	ଲୁଗା ସଜାଇବା
ଶିରେଇ	-	ଜଙ୍ଘିଆ, ଅଧା ପାଇଜାମା
ରାଫୁ	-	ବେଠିକ ଭାବେ ସିଲାଇ, ଚିରାହୋଇଥିବା ସ୍ଥାନକୁ ସଜାଇବା
ଲାଙ୍ଗା	-	ସାୟା

କୀଟପତଙ୍ଗ, ପଶୁପକ୍ଷୀ ସମ୍ପର୍କୀୟ ଶବ୍ଦସମୂହ :

ଅସଲା/ଅସରଲା	-	ଅସରପା
ଆହୁ	-	ଘୋଡ଼ାର ଡାକ ଜିମ୍ମା ଗାଡ଼ି ଯିବା ଶବ୍ଦ
ଇଡ଼ିକା	-	ଏକପ୍ରକାର ଛେଳି
ଏକଇରବଳା	-	ତେନ୍ତୁଳିଆ ବିଛା
ଏଣ୍ଡା	-	ଏଣ୍ଡୁଅ
କଷି	-	ଛୋଟ ଛେଳି
କାଣ୍ଡରାଜ	-	ବିଷାକ୍ତ ସର୍ପ ବିଶେଷ
କୁମୁଟିକାଉ	-	କୁମ୍ଭାଟୁଆ
ଖୁଦର	-	ଠେକୁଆ (କ୍ଷୁଦ୍ର)
ଗଗଡ଼େଇବା	-	ଗାଈର ଏକପ୍ରକାର ରୋଗ
ଗାଲି	-	କୁକୁଡା ଗାଲି, କୁକୁଡା ଯୁଦ୍ଧ
ଗାଇଜେଁଲ	-	କାଞ୍ଜିହାଉସ୍
ଗୁହରାଣୀ	-	ଗୁହବଣି ପକ୍ଷୀ
ଗେଣ୍ଡୁମଳା	-	ତେଲୁଣିପୋକ
ଗୋଡ଼ି	-	ଛୋଟ ମାଛ ବିଶେଷ

ଶବ୍ଦ		ଅର୍ଥ
ଗୋଧ୍ ଚିଙ୍ଗୁଡି	-	ଚିଲିକାର ଏକ ପ୍ରକାର ଚିଙ୍ଗୁଡି
ଘୁଅବଣୀ	-	ଗୁହବଣୀ
ଚମଚଟିଆ	-	ଚିମିଣି ଚଢେଇ
ଚେଣ୍ଡା	-	ଆଣ୍ଠିରା ମହିଁଷି, ଦାମୁଡି
ଜଙ୍ଗିଭାଲୁ	-	ଗାତଭାଲୁ
ଜିରାଳି	-	ଚୁନାମାଛ, ଏକପ୍ରକାର ଛୋଟମାଛ
ଝିଣ୍ଟିକା	-	ପତଙ୍ଗ ବିଶେଷ ଟିଆଁ - ଛୋଟ
ତମ୍ପି	-	ଗାଈ ଟିମିରା - ବିରୁଡି ପତଙ୍ଗ
ତଳିୟାରି	-	ବାରିଆ, ବାରହା
ତୁରୁଞ୍ଜା	-	ମାଛ ବିଶେଷ
ଦଦରାମାଛ	-	ମାଛ ବିଶେଷ
ଦାମୁଡ଼ି/ଦାମୁଡ଼ି	-	ପିଲା ବାଛୁରୀ
ଧୂସା	-	ବଡ଼ ମୂଷା
ନଳାପୋକ	-	ତେଲୁଣିପୋକ
ନାକା	-	ବିଲୁଆ
ନେପୁର	-	ଗୁଣ୍ଡୁଚି ମୂଷା
ପଲାଣ	-	ନବ ପ୍ରସୂତି ଗାଈଙ୍କ ପ୍ରସବଦ୍ୱାରକୁ ଫୁଙ୍କିବା
ପଶୁଫାଣ୍ଡି	-	କାଞ୍ଜିହାଉସ
ପାଟଭୁଆସୁଣୀ	-	ପାଟପୋକ
ପାଣିହଳା	-	ସର୍ପବିଶେଷ
ପାପକାରିଆ	-	ବୁଲାଣ୍ଟି ବଳଦ
ପେଣ୍ଡି	-	ମାଈ କୁକୁଡା
ପୋଡ଼ାଦିହୁଡି	-	ହରଡ଼ ପକ୍ଷୀ
ବଇଲା	-	ବଳଦ
ବକଡ଼ା	-	ଛେଳି
ବଣ ଏଣ୍ଡା	-	ବହୁରୂପୀ ଏଣ୍ଡା
ବଣବାରିଆ	-	ବାରହା
ବନ୍ତାଲୁମାଛ	-	ସାମୁଦ୍ରିକ ମାଛ ବିଶେଷ

ଶବ୍ଦ		ଅର୍ଥ
ବାତୁ	-	ହଂସ
ବୋରିଆ	-	ପୋହଳା ମାଛ
ଭମା	-	ଧାନକୀଟ
ଭୈରା	-	ତୋଡିମାଛ
ମଇନା	-	ସାରୀ
ରୁପୁ	-	ଶୁଆ
ଲାଙ୍ଗୁଡିଆ	-	ଲାଙ୍ଗୁଡ ଥିବା ନାଳର ଛୋଟ ପୋକ

ବୃକ୍ଷ, ଫଳ, ଫୁଲ ଆଦି ସମ୍ପର୍କୀୟ ଶବ୍ଦସମୂହ :

ଅଞ୍ଜନା, ଅନ୍ଦନା	-	ହରଗଉରା ଫୁଲ
ଆଡ଼ିଶା କଣ୍ଟା	-	ନାଗଫେଣୀ ଗଛ
ଆଣ୍ଠିମାଉଡ଼ି ଆମ୍ବ	-	କଲମୀ ଆମ୍ବ
ଏକଙ୍ଗୀ	-	ଗନ୍ଧଶୁଣ୍ଡି
ଓକଡ଼ା ଫଳ	-	ଶାଳପର୍ଣ୍ଣୀ
କଖାରୁ	-	ପାଣିକଖାରୁ ଯାହା ବଡ଼ି ପକାଇବା ପାଇଁ ଯୋଗ୍ୟ
କଇଁଆ	-	ଅପକ୍ୱ ତେନ୍ତୁଳି
କଇଠ	-	କଇଥ
କଟକୀପୋଟଳ	-	ପୋଟଳ
କଦିଳ	-	କଦଳୀ
କଣ୍ଟେଇକୋଳି	-	ଏକପ୍ରକାର କୋଳିଗଛ
କଳାମାଣିକ	-	କ୍ଷୀର ସମୁଦ୍ର ଗୁଲ୍ମ
କାଠଚମ୍ପା	-	ଚିନିଚମ୍ପା (ଫୁଲ)
କାଠି କାନ୍ଦୁଲ	-	ଛୋଟ ହରଡ଼
କାନ୍ଦୁଲ	-	ବଡ଼ ହରଡ଼
କାଲ	-	ଜଡା, ଗବଗଛ
କୁମୁଡ଼ା	-	ବୋଇତାଳୁ
କୁଙ୍କୁଡିକାଇଲୁ	-	ମୁକ୍ତାମଞ୍ଜି
କୁବି	-	କୋବି

ଶବ୍ଦ		ଅର୍ଥ
କେଶନ୍ଦରା	-	କେଶଦୁଦୁରା ଗଛ
କୋଥମିରି	-	ଧନିଆ
କୋଦା	-	ଆଳୁବାଳୁ ଗଛ
କୋଳଥିଆ ବଏର	-	ଲତା ବିଶେଷ
ଖରସଣା	-	ଡିମିରିଗଛ
ଖେଳେଇଲଇ	-	ସୁଆଁଳଇ
ଖୋସଳା	-	କୋଶଳା ଶାଗ
ଗଉଡ଼ଗଡ଼କା	-	ଗଙ୍ଗଶିଉଳୀ ଗଛ
ଗଗେଇଶ	-	ଗୟସ, ମନକୁ ଉଠିଥ୍‌ବା ତୁଳସୀ ଜାତୀୟ ଗଛ
ଗନ୍ଧଣା	-	ଅଗ୍ନମନୁ ବୃକ୍ଷ ବିଶେଷ, ଏହାର ଶାଗ ରାନ୍ଧି ଖାଆନ୍ତି
ଗୁଆପାନ	-	ତେମଡ଼ିଲଇ
ଗୋଠକାକୁଡା	-	ମହାକାଳଗଛ
ଗୋଠକାକୁଡ଼ି	-	ମଟମଟକା
ଗୋଠଇ	-	ଗୋରକ୍ଷକାକୁଡ଼ି
ଗୋପକେନା	-	ବୃକ୍ଷ ବିଶେଷ
ଗ୍ରହଣୀ କବାଟ	-	ମହାନିମ୍ବ
ଘାସାଘାସାଳୁ	-	ପୋସ୍ତକ
ଚଡୟା/ଚଡିୟା ଘାସ	-	କାଶତୁଣ
ଚାଦୁକ	-	ବୃକ୍ଷ ବିଶେଷ
ଚିତାଗଛ	-	ବୃକ୍ଷ ବିଶେଷ
ଚିତାପାଣ୍ଡୁ	-	ତେନ୍ତୁଳି
ଚୁଡୁଚୁଡୁ କେନ୍ଦୁ	-	ସାନକେନ୍ଦୁ
ଚେରଚଣା	-	ଚିନାବାଦାମ (ଚେରରେ ହୋଇଥିବା ଚଣା)
ଛୋଟଲଙ୍କା କାଲ	-	ବିଲାତିବାଇଗଣ
ଜଂଖଲି	-	ଏକପ୍ରକାର ସାରୁ
ଜଜାଙ୍ଗି	-	ବୃକ୍ଷ ବିଶେଷ
ଜଡ଼ା	-	କାଲ, ଗବଗଛ
ଜନ୍ଦାମାରି	-	ଜନ୍ଦାଖାଇ ବୃକ୍ଷ ବିଶେଷ

ଶବ୍ଦ		ଅର୍ଥ
ଜାଇକାଠି	-	ଏକପ୍ରକାର ତୃଣ
ଜାମ	-	ପିଜୁଳି
ଝଟା	-	ଶିମ୍ବ
ଝାମି	-	ପିଜୁଳି
ଝୁରି	-	ଛୋଟ ଛୋଟ କାଠ, ଲାଗୁଆଣି
ଟଭା	-	ଖଟାଫଳ ବିଶେଷ
ଟୁଇ	-	ମହୁଲ
ଟେଁକି	-	ଶାଳଗଛ
ଠୁରିଆମ୍ବ	-	ଛୋଟ ଛୋଟ ପାହାଡିଆ ଆମ୍ବ
ତଳଚକା	-	ବୋଇତାଳୁ
ତୁଟା	-	ତୋଟା, ବଗିଚା
ତୁଣ୍ଡରି	-	ତୋରଡ଼ା
ତୁରୁଡ଼ା	-	ତୋରଡ଼ା
ତୋରା	-	ଏକପ୍ରକାର ଗଛ
ଦନ୍ତାରି	-	ଲତା ବିଶେଷ
ଧୁତୁକା ଜହ୍ନି	-	ଏକ ପ୍ରକାର ଜହ୍ନି
ଧୂଆଁ	-	ଧୂଆଁପତ୍ର
ନଳା	-	ଧାନଗଛର ରୋଗ ବିଶେଷ
ନାକଚଣା	-	ବୁଟ (ବୁଟର ମୁଣ୍ଡଟି ଗୋଜିଆ ନାକ ଭଳି ଥିବାରୁ ଏହାକୁ ନାକଚଣା କୁହାଯାଏ)
ନିର୍ମ୍ମଳୀଲତା	-	ମଲାଙ୍ଗ, ଗଗନ ସିଝୁ
ପଇ ଆମ୍ବଗଛ	-	ଜଲମି ଆମ୍ବଗଛ
ପୋଟଳ	-	ଛତିନ୍ଦା
ପଲା	-	ତଳି
ପାଣ୍ଟା	-	ଖନ୍ଦ, ଫସଲ
ପାଣ୍ଟୁ	-	ଫଳ
ପାଣ୍ଟାନଷ୍ଟ	-	ଫସଲ ନଷ୍ଟ
ପିଠାଫଳ	-	ଏକପ୍ରକାର ଫଳ

ଶବ୍ଦ		ଅର୍ଥ
ପିତା ବୋଦକା	-	ଏକପ୍ରକାର ଲତା, ପିତାତୋରଡା
ପୁରୁଣି ଶାଗ	-	ଆଟିକାପୋଡ଼ି ଶାଗ
ପୋଖତି ଛାଲି	-	ଭେରୁଗଛ
ଫପାଣିଆ	-	ଫଣଫଣାଗଛ
ବଙ୍ଗାଳୀଆଳୁ	-	ବିଲାତିଆଳୁ
ବଡ଼ କାନ୍ଦୁଲ	-	ବଡ ହରଡ଼ଗଛ
ବଣ ଝଟା	-	ବଣ ଶିମ୍ବ
ବରବଟି	-	ଝୁଡୁଙ୍ଗ (ଛାଟ)
ବାଇଡିମିରି	-	ଖରସଣା
ବାଘଜିଭ	-	ଖରଖରି
ବାଘନଖ	-	ଏକପ୍ରକାର ଫୁଲଗଛ
ବାଙ୍ଗା, ବାଙ୍ଗିଣ	-	ବାଇଗଣ
ବାଣଫୁଲ	-	ଗୋଡିବାଣ
ବାନ୍ତୁଫୁଲ	-	ମଣ୍ଡାଫୁଲ
ବିଜା	-	ଶାଳଗଛ
ବୁଦିବୁଦିକା	-	ଗୋରୁଖିଆ
ବୁଲାସିଙ୍ଗୁ	-	ଏକପ୍ରକାର ସିଙ୍ଗୁ
ବେଁଟା	-	ଏକପ୍ରକାର ଔଷଧ ଗଛ
ବୋତିଲଇ	-	ସୁଆଁଲଇ
ବୋଦ	-	ଗୋଠକାକୁଡି
ଭାଲିଆ	-	ଲଙ୍କାଆମ୍ବ
ଭାଲିଆପାପୁ	-	କାଜୁବାଦାମ
ମକମଲି	-	ମଣ୍ଡାଫୁଲ, ଗେଣ୍ଡୁଫୁଲ
ମନାସ ଚମ୍ପା	-	ଚିନିଚମ୍ପା ବୃକ୍ଷ
ମୟୁଲ ଗିରିଆ	-	ତୁତିଆ
ମାତରଙ୍ଗ	-	ନାରଙ୍ଗ
ମିରିସିଙ୍ଗା/ମେରସିଙ୍ଗା	-	ଭୁରୁସୁଙ୍ଗା

ଶବ୍ଦ		ଅର୍ଥ
ରଙ୍ଗମାଣ	-	ଗୋଡ଼ିବାଣ
ରଣିଚଣା	-	ମୁଗବିରି କ୍ଷେତରେ ଏହା ଆପେ ଆପେ ଉଠିଥାଏ । ଏହା କେବଳ ସିଝାଇ ଖାଆନ୍ତି ।
ଲଙ୍କାଆମ୍ବ	-	କାଜୁବାଦାମ ଗଛ
ଲଙ୍କାଗବ	-	ବାଇଗବ ଗଛ
ଲବିଆ	-	ଝୁଡଙ୍ଗ
ଶିମାକୟାଁ	-	ଏହା ଏକ ପ୍ରକାର କଣ୍ଟା ବୃକ୍ଷ । ଏହାର ପାଚିଲାଫଳ ଖାଆନ୍ତି ।
ସରଗୀ	-	ଶାଳଗଛ

ଅନ୍ୟାନ୍ୟ ଶବ୍ଦ ସମ୍ଭାର :

ଅର୍କନୂଆ ଅରଖନୂଆ	-	ସଂପୂର୍ଣ୍ଣ ନୂତନ ଜିନିଷ
ଅଗେରା	-	ଇତ୍ୟାଦି
ଅପହାସ୍ୟ	-	ଥଟ୍ଟା, ଉପହାସ
ଅପାୟ	-	ବିପଦ
ଅରସା	-	କ୍ରମିକ ଭାବେ, କ୍ରମନ୍ୟୟରେ
ଅଲରା	-	ଅସ୍ତବ୍ୟସ୍ତ
ଅସଲଟ	-	ଅଡୁଆ
ଅସୁସାର	-	ମନ୍ଦ
ଆଉରି	-	ଆହୁରି
ଆନ	-	ରାଣ
ଆଖୁଛେଦା	-	ଆଖୁଖଣ୍ଡ
ଆଖର	-	ଶେଷରେ, ଶେଷକୁ
ଆଟୁ	-	ଭାଡି
ଆନିକଟ	-	ନଈଁର ପଥରବନ୍ଧ
ଆସ୍ତି	-	ଧନସମ୍ପତ୍ତି
ଆଡ଼	-	ପ୍ରସ୍ତ

ଶବ୍ଦ		ଅର୍ଥ
ଆଡ଼ା	-	ମାଛ ଧରିବା ଯନ୍ତ୍ରବିଶେଷ
ଆଡ଼ଛଡା	-	ଅଲଗା, ଉଦାସୀନ
ଆବରା	-	ଲୁଣମାରିବାର ବ୍ୟବହୃତ କିଆରି
ଆର୍ଚ୍ଚି	-	ସୂଚୀକର୍ମ, କଳା କୌଶଳ
ଆଲାମ	-	ନିଲାମ
ଆଡ଼ି	-	ବିଲହିଡ଼
ଆଲକାଲ	-	ନଶୁଣିଲା ଭଳି ଠିଆହେବା
ଆଲୁକୁଡୁ	-	ବ୍ୟବସ୍ଥା
ଆବୁରୁଜାବୁରୁ	-	ଯାହାପାରୁ ତାହା
ଆସପତ୍ରି	-	ଚିକିତ୍ସାଳୟ
ଇଣ୍ଡା	-	ଚୁଲି ଉପର ଭାଗ
ଉଗାଦି	-	ବର୍ଷର ପ୍ରଥମ ଦିନ
ଉପୁରାଣ	-	ଓଢ଼ଣା
ଉଲୁଫା	-	ମହାଳିଆ, ମାଗଣା
ଉସୁରୁ	-	ଅଭିଶାପ
ଉଦ୍ୟାନ ଖଣ୍ଡ	-	ସମୁଦ୍ରକୂଳର କ୍ଷୁଦ୍ର ଭୂଖଣ୍ଡ
ଏକା	-	ନିଶ୍ଚିତ ବାଚକ ପ୍ରକାର୍ଯ୍ୟ ଶବ୍ଦ
ଏକ୍‌ଜାଡିଆ	-	ଏକାଥରକେ ବିଭକ୍ତ ସୂଚକ ଶବ୍ଦ
କଣ୍ଟ	-	ଗୁଡକଣ୍ଟ, ଯେଉଁମାଟି କଳସରେ ଗୁଡ଼ ରଖାଯାଏ
କରଡ଼ା	-	ଶଗଡ଼ିଆମାନେ ଧରିଥିବା ବାଡି
କଡେ	-	ପାର୍ଶ୍ୱ
କାନି	-	ପାଖ, ପାର୍ଶ୍ୱ
କାନୁଆ	-	ଖଣ୍ଡିଆ
କାଚ, କାଚକୁମ୍ଭି	-	ବୋତଲ, ଶିଶି
କାଣ୍ଢା	-	ନିକିତି
କାଟା	-	ଚିଠିପତ୍ର କାଟା, ପାନକାଟା, ବିଡ଼ା
କାଟୁ	-	ଶଗଡ଼ର ଚକ ଚାରିପାଖେ ଲାଗି ଥିବା ଲୁହା

ଶବ୍ଦ		ଅର୍ଥ
କାଠମେଣ୍ଟ	-	କାଠଗୋଲା
କାଟାନାମ୍	-	ଯୌତୁକ
କାତି	-	ଛୁରୀ
କାଦ	-	କାତ
କାମରା	-	ଅତ୍ୟଧିକ ପୋଡିଯିବା
କିଟିକି	-	ଝରକା
କିସ	-	କ'ଣ
କୁଠା	-	ଘରର ମୁଖ୍ୟ ସ୍ଥାନ (କୋଠା)
କୁଜା	-	ସୋରେଇ, ଲମ୍ବା ମୁହଁ ଥିବା ପାଣି ରଖିବା ପାଇଁ ମାଟିପାତ୍ର
କୁଣ୍ଡି	-	ବାଉଁଶ ନିର୍ମିତ ଟୋକେଇ
କୁହଁ	-	କୂପ, କୂଅ
କୂଅପଂଦ	-	କୂଅନନ୍ଦ
କେରାଫ୍	-	କେୟାର୍ ଅଫ୍
କେହି	-	କିପରି
କେଣେ	-	କାହିଁକି
କୋ	-	କିଏ
କୋପରି	-	କିପରି
କୋଦଣ୍ଡରାମା	-	ଛାତ୍ରମାନଙ୍କୁ ଦିଆଯିବ ଦଣ୍ଡ
ଖଣା	-	ଗଭୀର ଗାତ
ଖନ୍ଦ	-	ଫସଲ
ଖାନା	-	ପୋଲ
ଖାପ	-	ଖୋଳ
ଖିଡ଼ିକି	-	ଝରକା
ଖୁଜୁମୁଜୁ	-	ବ୍ୟସ୍ତ
ଖୁରେଇଟୁରେଇ	-	ବ୍ୟତିବ୍ୟସ୍ତ
ଖୁରୁକା	-	ଘୋଡାର ହେ ସଫା କରିବା ବ୍ୟବହୃତ ଲୁହା ପାନିଆ
ଖୁବି	-	ଗୁପ୍ତ ଖବର

ଶବ୍ଦ		ଅର୍ଥ
ଖୋଡା	-	ନିଆଁଖୁଡା, ନିଆଁହୁଲା
ଖୋଳସା	-	ଖୋବା, କିଳା
ଖୋସାଣି	-	ଗଛର ମୂଳରେ ଥିବା ମାଟିକୁ ଖୋସିବା ନିମନ୍ତେ ବ୍ୟବହୃତ ଲୁହାର ଖଣ୍ଡତି
ଗଡ଼ା	-	ନାଳ
ଗଡ଼ିବଡ଼ି	-	ବ୍ୟତିବ୍ୟସ୍ତ
ଗଡ଼ିଶା	-	ତିରିଶ ଫୁଟି ଧାନ ଆଦିର ପରିମାଣ
ଗରୁଡ଼ଖମ୍ଭ	-	ପୋଖରୀ ଭିତରେ ଥିବା ଦୀପଖଣ୍ଡି
ଗାଟ୍ଟ	-	ବନ୍ଧ ବାନ୍ଧିବା
ଗାଡ଼ା	-	ଏକ ପ୍ରକାର ପିତ୍ତଳ ଗରା
ଗାତ୍ରା	-	ପରିଷ୍କୃତ
ଗାରୁ	-	ସମ୍ବୋଧନାତ୍ମକ ଶବ୍ଦ
ଗାଲି	-	ଲୁଣ ମରାଯିବା ସ୍ଥାନ
ଗାନ୍ଦିକା	-	ଜଞ୍ଜାଳ, କାମ
ଗିଟିଗିଟା	-	କୁତୁକୁତୁ
ଗୁଡ଼କଣ୍ଟ ଗୁକାଣ୍ଟି	-	କଣ୍ଟ ଦେଖ
ଗୁଡ଼ଗାଡ଼ି	-	ଉପରେ ଆଚ୍ଛାଦିତ ହୋଇଥିବା ଶଗଡ଼ଗାଡ଼ି
ଗୁଣ୍ଡୁ	-	ବଟକରା
ଗୁନା	-	ଜଳ ରଖିବା ପାଇଁ ବଡ଼ ମାଟିହାଣ୍ଡି
ଗୁର୍ଜି	-	ଗଳିଜଂଦି ସଂକୀର୍ଣ୍ଣ, ରାସ୍ତା
ଗୁଲିଆଡୁ	-	ଶଙ୍ଖବାଟି ତହିଁରେ କଇଥ ଅଠା ମିଶାଇ ପ୍ରସ୍ତୁତ କରିବା ଏକ ପ୍ରକାର ରଙ୍ଗ ଯାହା ଗଞ୍ଜପା ସାରରେ ବ୍ୟବହୃତ ହୁଏ।
ଗୁହାଣି	-	ବନ୍ଧା ହୋଇଥିବା ଗୋରୁମାନେ ଘାସକୁଟାଦି ଖାଇବା ବେଳେ କାଳେ ତାହା ଗୋଡ଼ରେ ଦଳି ନଷ୍ଟ କରି ପକାଇବେ, ଏଥିପାଇଁ ଅଟକାଇବା ପଟାବାଡ଼।

ଶବ୍ଦ		ଅର୍ଥ
ଗୁପା	-	ଅଧିକ
ଗ୍ରୁପ	-	ଦଳ
ଗେଜ	-	ମାପକାଠି
ଗେଡ଼ା	-	କବାଟ କିଳିଣି
ଘାତ	-	ଗୀତ
ଚମୁ	-	ପିତ୍ତଳର ଛୋଟ ଢାଳ
ଚାଉଳଟ୍ରି	-	ପାନ୍ଥଶାଳା, ଧର୍ମଶାଳା
ଚାଦର	-	ତଉଲିଆ
ଚିତା, ଚିତୁ	-	ମୁଦ୍ରାର ଏକ ପାର୍ଶ୍ୱ
ଚିଙ୍ଗୁଡ଼ିଚୋପା	-	ଅଳଙ୍କାର ବିଶେଷ
ଚିଟିପେଡ଼ି	-	ଚିଠିପେଡ଼ି
ଚିଡି	-	ଚିଙ୍ଗୁଡି
ଚିଉମ	-	ହେଉ, ଆପଣଙ୍କ ଇଚ୍ଛା
ଚିତ୍ରପାଲୁ	-	କାଠକୁ ଚିକ୍‌ଜଣା କରିବା ଯନ୍ତ୍ର
ଚିଲ୍‌ରା	-	ରେଜା ପଇସା, ଖୁଚୁରା
ଚିଲୁଙ୍ଗୁ	-	ଚିଲମ
ଚେଲା	-	ଶିଷ୍ୟ, ଅନୁଜରଣ ବ୍ୟକ୍ତି
ଚେଲୁ	-	ଶୁଝିଯିବା
ଛତ୍ର	-	ଧର୍ମଶାଳା
ଛତିଆ	-	ମୋଲା, ବିସ୍ତୃତ
ଛିଟିକି	-	ଟୋକେଇ, ପାଛିଆ
ଛିଡ଼ପୁଡ଼	-	ଛିଦ୍ରକଥା, ଅସଙ୍ଗତ କଥା
ଛେଦ	-	ମାଠିଆ
ଛେର୍‌ରା	-	ବନ୍ଧୁକର ଗୁଳି
ଜକର	-	ଜୋର, ଖୁବ
ଜମକନା	-	ସତରଞ୍ଜ
ଜରି	-	ରଙ୍ଗିନ କାଗଜ
ଜହର	-	ଯଥେଷ୍ଟ

ଶବ୍ଦ		ଅର୍ଥ
ଜଳାକବାଟି	-	ଝରକା
ଜାଣତରେ	-	ଜ୍ଞାତସାରରେ
ଜାଡ଼ିହାଣ୍ଡି	-	ଧାନ, ମାଣ୍ଡିଆ ଇତ୍ୟାଦି ରଖିବା ପାଇଁ ବଡ଼ ବଡ଼ ମାଟିହାଣ୍ଡି
ଜାତିକା	-	ଭଲ ଜିନିଷ ଅର୍ଥରେ ବ୍ୟବହୃତ
ଜାଟି	-	ଜଞ୍ଜାଳ
ଜାଗ୍ରତ	-	ସାବଧାନ
ଜିରାୟତ	-	ଆବାଦ ହୋଇଥିବା ଚାଷଜମି
ଜୁଆଳିକିଳା	-	ବଳଦ ଅଟକେଇବା ପାଇଁ ମରାଯାଇଥିବା ଖିଲ
ଜୁବନ୍ଧ	-	ବିଲର ପରିମାଣ ବା କ୍ଷେତ୍ରଫଳ
ଜୁଲି	-	ଗାଈଛନ୍ଦ
ଜେଗା	-	ଜାଗା, ସ୍ଥାନ
ଜୋଗାଡ଼ଜନ୍ତର	-	ବ୍ୟବସ୍ଥା, ବନ୍ଦୋବସ୍ତ
ଝରା	-	ଅଳଙ୍କାର ବିଶେଷ
ଝାଟାକା	-	ଘୋଡ଼ାଗାଡ଼ି
ଝାଡମାଲି	-	ଭୂତ ଛିଡାଇବା ଗୁଣୀବିଦ୍ୟା
ଝିଙ୍କର	-	ଝିଙ୍କର
ଝୁରା	-	ଶଗଡ଼ ଜୁଆଳିକୁ ଦଣ୍ଡାର ଅଗ ସଙ୍ଗେ ବନ୍ଧାଯିବା ଚମ ଦଉଡ଼ି ।
ଝୁରି	-	ଜାଳେଣି ଉପଯୋଗୀ ଛୋଟକାଠ
ଟଙ୍ଗାମାରିବା	-	ଘଣ୍ଟାମାରିବା
ଟାଙ୍ଗା	-	ଏକବଳଦିଆ ଗାଡ଼ି
ଟାୟା	-	ଟାହିଆ
ଟିକର	-	ଦ୍ୱିପଜମି
ଟୋଲି	-	ଅଧପାହି
ଡଙ୍ଗା	-	କୁଣ୍ଡ
ଡାକକାବରା	-	ଡାକ ଲଫାପା
ଡାବା	-	(କିରୋସିନ୍) ଟିଣ, ମିଛ

ଶବ୍ଦ		ଅର୍ଥ
ଡାବୁ	-	ପଇସା, ଧନ
ଡିଟ	-	ସେହିପରି, ଠିକ୍
ଡୁମା	-	ଅସୁର, ଭୂତପ୍ରେତ
ଡୋରିଆ ରେଖୁ	-	ଲହରୀ ଯୁକ୍ତ ଜୁଆର
ଢବା/ଢାବା	-	କୋଠା, କୋଠାଘର
ଢିଅ	-	ସ୍ଥାନ ।
ଢିମିରା	-	ସାନ ସାନ ପର୍ବତ
ଢିଲା	-	ଦାଉଣୀ, ଉଶ୍ୱାସ
ଢପାଗୀତ	-	ଲୋକଗୀତ
ଢେପ	-	ଢିପ, ଉଚ୍ଚଜମି
ତଇଁ ତଇଁ	-	କଇଁ କଇଁ (କାନ୍ଦିବା)
ତସଲା	-	ରସହାଣ୍ଡି
ତହଁର ତାହଁପାରେ	-	ଧଳର ଜୁଆଳି ମଧ୍ୟରେ ମାରିଥିବା କାଠକିଳା ତହଁପାରେ ସେଥିଯୋଗୁଁ, ସେହି କାରଣରୁ
ତାଙ୍କମନଙ୍କର	-	ସେମାନଙ୍କର
ତାକିତି	-	ନିକିତି
ତାପି	-	କରଣୀ
ତାଙ୍କେ	-	ସେ (ମାନ୍ୟାର୍ଥ)
ତାଟିଆ	-	ଛୋଟଗିନା
ତାମ୍ବି	-	ଟିଣପାତ୍ର
ତାରୁ	-	ଆଲକତାର, ପିଚୁ
ତାଷ୍ପ	-	ତାଷ
ତିକା, ତିଗା	-	ତାର
ତିଡିପାପା	-	ଶଗଡ଼ିଆମାନେ ଶଗଡ଼ ଚଳାଇବାବେଳେ ଏହି ଶବ୍ଦ ଉଚ୍ଚାରଣ କରିଥାନ୍ତି ।
ତିରିଗି ତିରିଗି	-	ଘୂରିବୁଲିବା
ତିନିପୁଲିଆ	-	ମାହାଳିଆ

ଶବ୍ଦ		ଅର୍ଥ
ତିପିରି, ତିରୁପୁ	-	ବ୍ୟବସାୟରେ ନଷ୍ଟ ହେବା
ତୁଲେ	-	ସହିତ
ତୁତୁକୁଣୀ	-	ଚୋରଣୀ
ତେରିକା	-	କେବେ
ଥନ୍ତା	-	ଅଦାଢୁଆ
ଥାକିତି ବଳଦ	-	ଶଗଡ଼ର ବାମପାଖରେ ଥିବା ବଳଦ
ଥାନ	-	ସ୍ଥାନ
ଥାଥାମାମା	-	ସନ୍ଧିହାନ
ଦଣ୍ଡବତି	-	ସଲାମୀରୂପେ ଦିଆଯିବା ଧନ ବା ଭୂସମ୍ପତ୍ତି
ଦଣ୍ଡା	-	ଶଗଡ଼ର ଗୁଳା, ଶଗଡ ଚକଦ୍ୱାରା ଚିହ୍ନିତ ରାସ୍ତା
ଦାମୁଡି	-	ପାହୁଲା
ଦିହୁଡା	-	ଦିହୁଡ଼ି, ମସାଲ
ଜୁଡ଼ିଘର	-	ପାଇଖାନା
ଦୁନ୍ୟ	-	ଗଣ୍ଡଗୋଳ, ଜଞ୍ଜାଳ, ଅବାଧ୍ୟହେବା
ଦୁଲା, ଦୁଲାମୁ	-	ଭାଡ଼ି କରିବାପାଇଁ ଘରର କାନ୍ଥ ଉପରେ ପକାଯିବା ଓରା ବା କାଠ
ଧରାମତି	-	କ୍ରମାଗତ
ଧାଉଡ଼ିଆ ଟପା	-	ଦଉଡ଼ିବା ବ୍ୟକ୍ତି ଦ୍ୱାରା ବୁହା ହେବା ଡାକ
ଧାଁସା(ଢାଁସା)	-	ଢାଞ୍ଚା, ଚାଲ୍ ପ୍ରଥା
ଧାକଡ	-	ଅଯୋଗ୍ୟ
ଧାଙ୍ଗଡ	-	ଅସଭ୍ୟ, ଜଙ୍ଗଲୀ
ଧୁମାଧୁମି	-	ଉତ୍ପାତ
ଧେତ୍‌ତେରିକା	-	ଅବଜ୍ଞାସୂଚକ ଶବ୍ଦ
ନଉତି	-	ଚାରିଗୌଣୀର ମାପ
ନଟି	-	ଚଳୁଥିବା ନୌକାର ପାଲକୁ ଅଟକାଇ ରଖିବା ସକାଶେ ବ୍ୟବହୃତ ଲମ୍ବା ଦଉଡି।
ନଟି	-	ଲଟି, ଲତାଗୁଳ୍ମ
ନଳ	-	ଲମ୍ବା ବାଉଁଶବାଡ଼ି

ଶବ୍ଦ		ଅର୍ଥ
ନଳାଦଣ୍ଡି	-	ଦୀପଦଣ୍ଡି
ନାଆଁତାରା	-	ଲଣ୍ଠନ
ନାଗରମ୍	-	ଅଳଙ୍କାର ବିଶେଷ
ନାଗୁବାଟ	-	ଯାହା ସଡ଼କ ବାଟ ନୁହେଁ, ହିଡ଼ ଉପରେ ହୋଇଥିବା ବାଟ, ପାଦଚଲା ରାସ୍ତା
ନାଳୀ	-	ପିଣ୍ଡାନାସିରେ ଥିବା ଛୋଟ ଗମ୍ଭିରୀ
ନାମର୍ତ୍ତା	-	ବିଶ୍ୱାସ
ନିଆପେଢ଼ି	-	ଦିଆସିଲି
ନିକି	-	ନାହିଁକି, ଅବ୍ୟୟ ପଦ
ନିଗିଡି	-	ଶୀତ କାଳରେ ନିଆଁ ଲଗାଇବା ପାଇଁ ବ୍ୟବହୃତ କାଠଖଣ୍ଡ
ନିଗୁ	-	ଉତ୍କୃଷ୍ଟ, ଅସଲ
ନିଜାମଥାନ	-	ଠିକଣା ସ୍ଥାନ
ନିମାନୁ	-	ମୋଟେ, ଆଦୌ, ଜମାରୁ
ନିହଲ	-	ସୁବିଧାରେ
ନୀନାଗୀତ	-	ଶିଶୁରଞ୍ଜନ ଗୀତ
ପକନା	-	ପଥର
ପଗ	-	କୋଡ଼ିଏ ପୁଞ୍ଜା ବା ଅଶୀଏ ବିଡ଼ା ଛଣକୁ ପଗ କୁହାଯାଏ
ପଞ୍ଚା	-	ବଖରା
ପଚା	-	ସବୁଜରଙ୍ଗ
ପଦ୍ଧତି	-	ନିୟମ
ପରଞ୍ଜ	-	ଘର ତିଆରି ସମୟରେ କରାଯାଇଥିବା ମଞ୍ଚ
ପରପଞ୍ଚ	-	ହରବର
ପରପାଟୁ	-	ଭୁଲ୍, ଦୋଷ
ପଟାଟୋପ	-	ଆଡ଼ମ୍ବର
ପଲସ୍ତୀ	-	ମାଲମ
ପଇଞ୍ଚ	-	ଅଳଂକାର ବିଶେଷ

ଶବ୍ଦ		ଅର୍ଥ
ପା', ପାଏ	-	ଏକ ଚତୁର୍ଥାଂଶ, ୨୫୦ ଗ୍ରାମ୍
ପାଉଲା/ପାହୁଲା	-	ମୁଦ୍ରା ବିଶେଷ
ପକ୍‌କା	-	ପକ୍‌କା, ଠିକ୍
ପାଟି	-	ପାଳକ
ପା'ଟି	-	ଗୋଡ଼ର ଅଳଙ୍କାର
ପାଟିଡି	-	ବେକର ଅଳଙ୍କାର
ପାଟୁ	-	ଅଳଂବଧୂ
ପାରୁ	-	ତେନ୍ତୁଳି ସିଠା
ପାଣ୍ଡେଇ	-	ଯୋତା
ପାତି	-	ବାଉଁଶ ପାତିଆ
ପାର୍କା	-	ଦୁଇପଇସା (ମୁଦ୍ରା)
ପାରାଞ୍ଜି	-	କୋଠାର କାନ୍ଥ ନିର୍ମାଣ ବେଳେ ମିସ୍ତ୍ରୀମାନଙ୍କ ପାଇଁ ହୋଇଥିବା ବାଉଁଶର ମଞ୍ଚା
ପାଠ୍ୟାନ୍ତର	-	ସର୍ବଜ୍ଞ
ପାଳ	-	ନଡ଼ା
ପାଳି	-	ନିବ୍
ପାଲୁ	-	କାଠ ଚିକ୍‌କଣ କରିବା ଯନ୍ତ୍ର ବିଶେଷ
ପିରି	-	ନଡ଼ା
ପିଟାବଇ	-	ପତଳା ବାଉଁଶବତାରେ ହୋଇଥିବା ବାଡ଼
ପୁଇ	-	ଧାରଣା
ପୁଘା	-	କଞ୍ଚାହାଣ୍ଡି
ପୁଟି	-	ଧାନ ପରିମାଣ, କୋଡିଏ ମାଣରେ ଏକ ପୁଟି (ପୌଟି)
ପୁଡୁଗ	-	ପାଳଦଉଡ଼ି ନିର୍ମିତ ଶସ୍ୟ ସଂରକ୍ଷାଣାଧାର
ପୁନାଦି	-	ମୂଳଦୁଆ
ପୂରା	-	ସଂପୂର୍ଣ୍ଣ
ଫେଚକୁଲୁ	-	ଅବ୍ୟବସ୍ଥା
ପେଡ଼ି	-	ବକ୍‌ସ

ଶବ୍ଦ		ଅର୍ଥ
ପେଣ୍ଟ	-	ବେଣ୍ଟ, ଶିକାର
ପେଣ୍ଡୁ	-	ଗ୍ରାମ
ପେନ୍ଥୁ	-	କଲମ
ପେରେଣ୍ଡାଲୁ	-	ରାଜଜେମାର ମୃତ୍ୟୁରେ ହେବା ଶ୍ରାଦ୍ଧଦିବସ ଭୋଜି, ଅକାର୍ଯ୍ୟ, ଅବ୍ୟବସ୍ଥା
ପେଲଣା ପଟା	-	ଧାନକୁଟିବା ଲୋକ ଭରାଣ୍ଡିରେ ବ୍ୟବହୃତ ବେଣ୍ଟ ସହିତ କାଠର ପଟା ।
ପୋଇ	-	ରେଳପଥ
ପୋତକା ପାଣି	-	ଘରର ମଇଳା ପାଣି
ପୋଲାନ୍ତ	-	ଫୁସୁଫୁସିଆ ଚଷା ହୋଇଥିବା ଜମି
ଫଟକା	-	ଫୋଟକା
ଫରମ୍	-	ବିଦ୍ୟାଳୟର ଶ୍ରେଣୀ
ପାଂନା	-	ଚପଲ
ଫିମ୍ପ	-	ପେଡାଯିବା ପରେ ଆଖୁର ନିରସ ଚୋପା
ଫୋଟୁ	-	ତୈଳଚିତ୍ର
ବଇ	-	ବାଡ଼
ବଉଣି	-	ଆଗତୁରା ଦେବା, ଅଗ୍ରିମ
ବଗଡ଼	-	ପର୍ବତରେ ନିଆଁ ଲଗାଇବା
ବଇଠି	-	ଛୋଟଗିନା
ବଗଡାଲୁ	-	ମଲକଢି, କର୍ଣ୍ଣାଳଙ୍କାର ବିଶେଷ
ବଡ଼ିଫୁଲ	-	ବିରିବଡ଼ି
ବଣ୍ଡି, ବାଣ୍ଡି	-	ଶଗଡଗାଡ଼ି
ବତୁ	-	ଚୋପା
ବଦୁ	-	ଦୁଆରବନ୍ଧର ଚଉକାଠ ଉପରେ ଖୋଲାଯିବା ରେଖାଚିତ୍ର
ବନ୍ଥୁ	-	ଶାଳୁଆ, ମାଛ ଧରିବା ପାଇଁ ବାଉଁଶ କାଠିରେ ବୁଣା ହେବା ଜାଲବାଡ଼
ବନ୍ଧ	-	ପୋଖରୀ, ଜଳାଶୟ, ପାଣି ଅଟକେଇବା

ଶବ୍ଦ		ଅର୍ଥ
ବଳଢୋଡ଼ପ	-	ଶଗଡ଼ ତୁସରେ ଥିବା ଲୁହାର ବଳା
ବାଇଷ୍ଟିପୋଇଲୀ	-	ଗାଳିବିଶେଷ
ବାଉଁଶ କୁଣ୍ଡି	-	ବାଉଁଶ ନିର୍ମିତ ଟୋକେଇ
ବାଟିଆ	-	ଛୋଟନାଳ
ବାନା	-	ପତାକା, ଲଫାଙ୍ଗା
ବାଇକ୍‌ସ	-	ବସ ରହିବା ସ୍ଥାନ, ବାସ୍‌ଷ୍ଟେଣ୍ଡ୍
ବାଳି	-	କର୍ଣ୍ଣା ଲଙ୍କାର ବିଶେଷ
ବାତାଖାନି	-	ଅଯଥା କଥାବାର୍ତ୍ତା
ବିରୁଆ	-	ଆଲମିରା
ବିଡି	-	ମାଟିହାଣ୍ଡି, କଳସି
ବିଲ	-	ଜମି, ଶସ୍ୟାଦିର ମାପ ବିଶେଷ
ବିଲେଇ	-	କୂପରୁ ବାଲ୍‌ଟି କାଢିବାପାଇଁ ଲୌହଯନ୍ତ୍ର
ବୁଟି	-	କିରୋସିନ୍ ଦୀପ
ବୁଡା	-	ବୋଡା, ମାପବିଶେଷ
ବୁଡୁଙ୍ଗା	-	ଶୁଖୁଆ ପୋଡ଼ା
ବୁଡୁକା	-	ଫୋଟକା, ବେଲୁନ
ବୁଲୁବୁଲୁ	-	ଜଳକା, ଚାହିଁ ରହିବା
ବେଇକି/ବେଇଗି	-	ଚଞ୍ଚଳ, ଶୀଘ୍ର
ବେ	-	ତାସ୍‌ଲ୍ୟ ସମ୍ବୋଧନ
ବେଡ଼ା	-	ଜମି
ବେଣ୍ଟ	-	ଶିକାର
ବେଢ଼ା	-	ଦୁଇଅଣା
ବେନ୍ଦା	-	ମାଛଧରିବା ପାଇଁ ବ୍ୟବହୃତ ବାଉଁଶକାଠିରେ ବୁଣା ଜାଲ
ବେଙ୍ଗଚାଙ୍ଗଡା	-	ବିଶୃଙ୍ଖଳା
ବ୍ରାନ୍ଦ	-	ଘରଚାଳର କାଠଆଦି ଉପକରଣ, ଯାହା ଉପରେ ଚାଳ ରହେ, ଦୁଲାମ
ଭଉତୁ	-	ବହୁତ
ଭଟାକଥା	-	ମିଛକଥା

ଶବ୍ଦ		ଅର୍ଥ
ଭଟା	-	ଢିପଜମି
ଭମା	-	ଛବି
ଭରଣ	-	ଏକ ଏକର ଜମିର ପଞ୍ଚମାଂଶ ୨୦ ଡେସିମିଟର ଜମି
ଭରଣୀ	-	ଫରୁଆ
ଭାତିଆ	-	ଖାଦ୍ୟ
ଭାରଥୋର	-	ସମ୍ଭାର
ଭାସକୁଟି	-	ପରିଚ୍ଛିଦ୍ର
ଭାଣ୍ଡା	-	ଗିନାଭଳି ଛୋଟ ପାତ୍ର
ଭୁଡୁକା	-	ବେଲୁନ୍
ଭୁରା ପକାଇବା	-	ବର୍ଷାର ପ୍ରଥମ ପତିତ ଜଳକୁ କହିବା
ଭୁରୁକୁଟି/ଭୁର୍କୁଟି	-	କଦର୍ଯ୍ୟ
ଭୁଗେଇ	-	ଛୋଟ ପାଛିଆ, ପିଲାଙ୍କ ଖେଳନା
ଭୁଷା	-	ଛୁରୀ ବା ତେଣ୍ଟା
ଭେଣ୍ଡା	-	ଯୁବକ
ଭେଲା	-	ଉପାୟ
ମଇଲ	-	ମାଇଲ
ମକରବାଳୁଆ	-	ଯେଉଁ କାଠ ଦ୍ୱାରା ଶଗଡ଼ର ଦୁଇଟି ଦଣ୍ଡା ଆଗ ପାଖରେ ଅର୍ଥାତ୍ ଜୁଆଳିର ମଧ୍ୟସ୍ଥଳର ନିମ୍ନରେ ଯୋଡ଼ା ହୋଇଥାଏ
ମକରା	-	ଆଟୁ କରିବା ପାଇଁ ଘରର କାନ୍ଥ ଉପରେ ପଡ଼ିଥିବା ଧାରଣା ଉପରେ ବସାଯିବା ଦୁଇଗୋଡ଼ିଆ ତ୍ରିକୋଣାକାର କାଠଖଣ୍ଡ
ମଖସା	-	ସମ୍ପତ୍ତି (ବ୍ୟଙ୍ଗ)
ମଡ଼ଙ୍ଗ	-	ଶସ୍ୟାଦିର ଏକପ୍ରକାର ମାପ
ମଦାଙ୍ଗ	-	ମଲାଙ୍ଗ, ପୋଲ
ମରେଇ	-	ବାଉଁଶପାତିରେ ନିର୍ମିତ ହୋଇଥିବା ବଡ଼ଡୋଲି, ଶସ୍ୟାଦି ସଂରକ୍ଷଣାଧାର

ଶବ୍ଦ		ଅର୍ଥ
ମସ୍ତର	-	ପ୍ରକାର
ମା'କୁ	-	ମୁଦ୍ରାର ଅପରପାର୍ଶ୍ୱ
ମାଗତା	-	ମାଗିଖାଇବା ଲୋକ, ବ୍ୟକ୍ତିକୁ ଆକ୍ଷେପ କଲାବେଳେ ଏଭଳି କହିଥାଆନ୍ତି
ମାଗତିଆ	-	ଭିକାରି
ମାଥ୍	-	ଉତ୍କୃଷ୍ଟ
ମାଟିତେଲ	-	କିରୋସିନି
ମାଣ୍ଡି	-	୧) ଛୁଆଣି କରିବା ଚାଳଘରର ଗିରି ୨) ମୁଚୁଲା
ମାଣ୍ଡୁଜିଳା	-	ଶଗଡ଼ର ତେନ୍ତରା ଖିଲ
ମାରଦା	-	ଭାଡ଼ି
ମାତ୍ରା	-	ଔଷଧ ବଟିକା
ମାଲକଢ଼ି	-	ଅଳଙ୍କାର ବିଶେଷ
ମାଷ୍ଟ୍ର	-	ଶିକ୍ଷକ
ମିସା/ମିସାରୁ	-	ମଧ୍ୟ
ମୁଠାରେ	-	ଅଞ୍ଚଳରେ
ମୁଣା	-	ପକେଟ୍
ମୁତା/ମୁନ୍ତା	-	ଢାଳ
ମୁରୁମୁରିଆ	-	ପାଉଁଶ
ମୁଲୁମୁଲୁ	-	ବିଳମ୍ବ
ମେଖ	-	ଲୁହାଜଷ୍ଟା
ମେଚ୍ଚା	-	ଛୋଟ ପାହାଡ଼
ମେଡ୍ରାସ	-	ମାନ୍ଦ୍ରାଜ
ମେଢ୍	-	କୋଠା
ମେଦ୍ଦା	-	ଆଟୁ, ଭାଡ଼ି
ମେଲା/ମେଲାଘର	-	ଗାଁର ଆଖଡ଼ା ଘର
ମାଟୁ	-	ଉନ୍ନତି
ଯାଟି	-	ଜଞ୍ଜାଳ

ଶବ୍ଦ		ଅର୍ଥ
ଯୟ	-	ନିଆଁ
ରଇକାଠ ରଇଜଳା ରଇଶୁଆ		ଗଞ୍ଜାମର ସାଧାରଣ ସ୍ତ୍ରୀଙ୍କ ମୁଖରେ ଗାଳିଭାବେ ଏସବୁ ବ୍ୟବହୃତ ହୋଇଥାଏ ।
ରକତଖିଆ	-	
ରାଢୀ	-	କୃପଣ ।
ରାଇକାଂଜିଆ	-	ବ୍ୟତିବ୍ୟସ୍ତ
ରୁବୁଣା	-	ପଥରର ପେଷଣ ଯନ୍ତ୍ର
ରେକୁ, ରେଖୁ	-	ଟିଣ
ରେଳପୁଇ	-	ରେଳଧାରଣା
ସମାନ	-	ସମାନ୍ , ଜିନିଷପତ୍ର, ସଂପୂର୍ଣ୍ଣ
ସରାଗାତ	-	ପଇସା ସଞ୍ଚୟ କରିବା ପାଇଁ ସ୍ୱତନ୍ତ୍ର ନିର୍ମିତ ମାଟିର ଗୋଲାକାର ପାତ୍ର
ସରେଇ	-	ମାଟି ପାତ୍ରର ଘୋଡ଼ଣି, ବଡ଼ ଦୀପାଳି
ସଲଗା	-	ଏକ ପଣ ବସ୍ତୁର ଦୃଷ୍ଟାନ୍ତ
ସଲଗଡ	-	ସୁରୁଖୁରରେ (ସମାପ୍ତ)
ସଡ଼ଷଡ୍	-	ଅତିଶୟଭାବେ ଆକୃଷ୍ଟ ହେବା
ସାଗୁବାଡି	-	ଉଠିଆ ଜମି
ଶିରା	-	ଦୁଆତ = କାଳିଘଡି
ଶଁପସାଇପ	-	ଅଭିଶାପ
ଶାନ୍ତା	-	ହାଟ, ଜଞ୍ଜାଳ
ଲଚ୍ଛମନ	-	ଗ୍ରାମର ଭୋଜି
ଲଟ	-	କୌତୁକ
ଲାଚାଣ୍ଡି	-	ନାଗବନ୍ଧ
ଲାଙ୍ଗତର	-	ଲଣ୍ଠନ
ଲାହାରି	-	ଟ୍ରକ୍
ଲିଗା	-	ସୁବିଧା
ଲୁଳି	-	ଅଳଙ୍କାର ବିଶେଷ

ଶବ୍ଦ		ଅର୍ଥ
ଲୁଟିକାଟା	-	ଯାତ୍ରା ସମୟରେ ଧରିଥିବା ଜିନିଷପତ୍ର
ଲୁଣ୍ଡିବତା	-	ଚାଳଘରର ପାଣି ପାଟିଆ
ହକ	-	ଦାବି
ହକନାଳ	-	ଅକାରଣରେ
ହଡ଼ପିଦାର	-	ଲଟପଟିଆ, ନଟକୁଟିଆ
ହସଲଟା	-	ଅସଲଟା
ହାଇପ	-	ଥଣ୍ଡା ପବନ
ହାଉଲେ ହାଉଲେ	-	ଧୀରେ ଧୀରେ
ହାଟୁଆ	-	ପାଟିତୁଣ୍ଡ କରିବା
ହାଡ଼ିକେ ପାଡ଼ିକେ	-	ପାଉନାହିଁ (ନନୀର ନତୀର)
ହିରିବିରି	-	ସହି ନ ପାରିବା
ହୁଣ୍ଡିକୁ ଝୁଣ୍ଟିକୁ	-	ଟିକକୁ , ଅଳ୍ପକେ
ହୁରୁଜୁରୁ	-	ନଷ୍ଟ କରିବା
ହୁରି	-	ହୁଲସ୍ଥୁଲ
ହେତୁ	-	ସ୍ମରଣ
ହେପା	-	କ୍ଷାନ, ମନେପକାଇବା

ସପ୍ତମ ଅଧ୍ୟାୟ

କ୍ରିୟାରୂପ ଓ ଧାତୁସମ୍ଭାର

କ୍ରିୟାରୂପ

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାର କ୍ରିୟାରୂପ ରଚନାରେ କେତେକ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ। ଏହାର ସମ୍ୟକ ସୂଚନା ଦେଇ ପରେ ଧାତୁସମ୍ଭାର ଏକ ଶବ୍ଦସୂଚୀ ପ୍ରଦାନ କରାଯିବ।

ବାର ପ୍ରତ୍ୟୟ

ଦକ୍ଷିଣାଞ୍ଚଳ କଥିତଭାଷାର ଏହା ସ୍ୱତନ୍ତ୍ର ବ୍ୟବହୃତ ପ୍ରତ୍ୟୟ। ସାଧାରଣତଃ କ୍ରିୟା ପଦ ସହ ଏହାର ସଂଯୋଗ ହୋଇ ବ୍ୟବହାରଭେଦରେ ଅର୍ଥ ପରିବର୍ତ୍ତନ ଦେଖାଯାଇଥାଏ। ଡକ୍ଟର ବେଣୀମାଧବ ପାଢ଼ୀଙ୍କ ମତରେ-ଏହି 'ବାର' ପ୍ରତ୍ୟୟର ରୂପ ଯେପରି ଶାବର ଗୁଣ ସେପରି ଦ୍ରାବିଡ଼ୀୟ ମଧ୍ୟ। ଅର୍ଥାତ୍ ଶବ୍ଦଟି ଶାବର ଭାଷାଗୋଷ୍ଠୀରୁ ଆହୁତ ହେଲେ ସୁଦ୍ଧା ଦ୍ରାବିଡ଼ୀୟ ତେଲେଙ୍ଗା ଭାଷାରେ ପ୍ରଚଳିତ ଡଂ ବା ଅଡ଼ଂ ଅନୁକରଣରେ ଏହାର ଆର୍ଥିକ ପ୍ରୟୋଗ ରହିଆସିଛି। ଏହା ଶୁଦ୍ଧ ବା ପ୍ରୟୋଜନ କ୍ରିୟାରେ ଯେପରି ପ୍ରଚଳିତ ସେହିପରି ସଂପୃକ୍ତ କ୍ରିୟା ରୂପରେ ମଧ୍ୟ ଦୃଷ୍ଟ ହୁଏ। ଏହା ଯୋଗରେ ଧାତୁର 'ର' କାର ଆଗମ ହୁଏ ଏବଂ ନିଷ୍ପନ୍ନ 'କ୍ରିୟା' ନିତ୍ୟବୃତ୍ତ ଅତୀତ କାଳର ଅର୍ଥ ପ୍ରକାଶ କରେ।

ଧାତୁ ପ୍ରତ୍ୟୟ	କ୍ରିୟାରୂପ	ଅର୍ଥ
କର+ଇ+ବାର	(ମୁଁ) କରିବା	କରୁଥିଲି
ଖା+ଇ+ବାର	(ତୁ) ଖାଇବାର	ଖାଉଥିଲୁ
ଯା+ଇ+ବାର	(ସେ) ଯିବାର	ଯାଉଥିଲା

ବାର' ପ୍ରତ୍ୟୟାନ୍ତ କ୍ରିୟାପଦର ବିଶେଷତ୍ୱ ହେଉଛି ଏହା ପୁରୁଷବଚନ ଭେଦରେ ରୂପାନ୍ତର ଧାରଣ କରେ ନାହିଁ। ସବୁ ପୁରୁଷ ଓ ବଚନରେ ଏହାର ରୂପ ସମାନ। (୧) ଦକ୍ଷିଣ

ଓଡ଼ିଶାରେ 'ର' ପ୍ରତ୍ୟୟ କ୍ରିୟା ପଦରେ ନିତ୍ୟ ବର୍ତ୍ତମାନ କାଳରେ ବ୍ୟବହୃତ ହୁଏ। ଯଥା : 'ଆମେ କରୁ' ଅର୍ଥରେ ଆମେ କରିବାର' ଓଡ଼ିଆ ଭାଷାର କେତେକ ମୌଳିକ ଶବ୍ଦ ଓ ରୀତି ଅଦ୍ୟାବଧି କେତେକ ଅଞ୍ଚଳର ବ୍ୟବହାର କରନ୍ତି। (୨) ଅଧ୍ୟାପକ ଡ. ଖଗେଶ୍ୱର ମହାପାତ୍ର ଏହି'ର' କ୍ରିୟା ପ୍ରତ୍ୟୟାନ୍ତ ଇର୍ଷ୍ଟକୁ ଭବିଷ୍ୟତ କାଳର ସମାପିକା କ୍ରିୟା ପରିବର୍ତ୍ତେ ବିଶେଷ୍ୟର ସମୃଦ୍ଧକାରକରେ ଅନ୍ତର୍ଭୁକ୍ତ କରିଛନ୍ତି।

'କଲେ ସିନା ହେବାର'- 'କଲେ ସିନା ହୁଏ'

ମୋର ଆଜିକାଲି ଯିବାର ଆସିବାର ନାହିଁ-

'ମୋର ଆଜିକାଲି ଯା'ଆସ ନାହିଁ'(୩)

୨. 'ଥା' ଧାତୁ :

ଦକ୍ଷିଣ ଓଡ଼ିଶାର କ୍ରିୟାରେ ଅନିୟନିତ କ୍ରିୟା 'ଥା' ଧାତୁରେ ଅନ୍ୟାନ୍ୟ କ୍ରିୟାଧାତୁ ସାଦୃଶ୍ୟରେ ବିବିଧ ରୂପାବଳୀ (ଯଥା:- ଥାଉଛି, ଥାଉଥିବାର, ରହିଥାଉଛି ଇତ୍ୟାଦି) ବ୍ୟତୀତ ଅନ୍ୟ ସହାୟକ କ୍ରିୟା ସଂଯୁକ୍ତ ଯୌଗିକ କ୍ରିୟାରୂପ ନିଷ୍ପନ୍ନ ହୁଏ ନାହିଁ।

୩. ଆଇ, ଆଇବା

ସକର୍ମ ଧାତୁର ଏକ ବିଶେଷ ଧରଣର ପ୍ରେରଣାର୍ଥକ କ୍ରିୟା ପ୍ରତିପାଦକ ବ୍ୟୁତ୍ପାଦନ ଦକ୍ଷିଣ ଓଡ଼ିଶାର ଆଉ ଏକ ବୈଶିଷ୍ଟ୍ୟ। ଏହି ପ୍ରକ୍ରିୟା ତେଲୁଗୁରେ ଏବଂ ଦେଶିଆ ଉପଭାଷାରେ ପରିଲକ୍ଷିତ ହୋଇଥାଏ; କିନ୍ତୁ ଓଡ଼ିଶାରେ ସୁଲଭ୍ୟ ନୁହେଁ। ଉଦାହରଣ ସ୍ୱରୂପ-

ପଠାଇବା = ପଠିଆଇବା

ରହିବା = ରୁହାଇବା

ଧାଇଁବା = ଧୁଆଁଇବା

୪. ପୁନଶ୍ଚ ଦକ୍ଷିଣ ଓଡ଼ିଶାର କଥିତଭାଷାରେ କେତେକ ପ୍ରକାର୍ଯ୍ୟାତ୍ମକ ଶବ୍ଦର ବହୁଳ ବ୍ୟବହାର ହେବା ଦେଖାଯାଏ। ସେଥିମଧ୍ୟରୁ କେତେକ ଦୃଷ୍ଟାନ୍ତ-

ଟି-ଉଦ୍‌ବୋଧନାତ୍ମକ

ହେଲେ-ବିକଳ୍ପ ଓ ସର୍ତ୍ତସୂଚକ

ବୋଇଲେ-ଉଦ୍ଧୃତବୋଧକ

ଏକ୍‌କା-ନିଶ୍ଚିତ ଓ ନିର୍ଦ୍ଧାରଣାର୍ଥକ (୪)

ଶବ୍ଦ		ଅର୍ଥ
ଅପିବା	-	ସ୍ୱୀକାର କରିବା
ଅମୁଛୁକୁ	-	ରକବକ ହେବା, ହଜାଇବା ଜିନିଷକୁ ସ୍ମରଣ କରି ଦୁଃଖ କରିବା
ଅଲଗା	-	ଅସ୍ତବ୍ୟସ୍ତ କରିବା
ଆଇବା	-	ଆସିବା
ଆଗରେ ପଡ଼ିବା	-	ସମ୍ମୁଖୀନ ହେବା
ଆକ୍ରମଣ	-	ଅନ୍ୟାୟ ଦଖଲ
ଆଟଙ୍ଗ	-	ଅଟକାଇବା, ମନାକରିବା
ଆଗୁଳ	-	ବାଟ ଅଟକାଇବା, ଆଗୁଳିବା
ଆଡୁ	-	ଆଡୁଖା, ଅବରୋଧ
ଆଡ଼ଛଡା	-	ଅଲଗା କରିବା
ଆଦିଆ	-	ଘରଭଡ଼ା ଦେବା
ଆଲବାଟ	-	ଅଭ୍ୟାସ
ଆଲ୍‌ଚନା	-	ଆଲୋଚନା-ବିଚାର, ଚିନ୍ତା କରିବା
ଆଖି ଲିଭିଯିବା	-	ଆଶ୍ଚର୍ଯ୍ୟ ହେବା
ଇଚ୍ଛାଳିବା	-	ସମ୍ଭାଳିବା
ଇଲଇଲି କରିବା	-	ଖତେଇବା
ଉଜାରି	-	ଉଲେଇ ହେବା
ଉଖୁରାଇବା	-	ବିଷୟ ପୁନରୁତ୍‌ଥାନ କରିବା
ଉଠାଣ	-	ପ୍ରଚାର, ପ୍ରଘଟ
ଉବୁଡ଼ା ପଡ଼ିବା	-	ଆଗରେ ପଡ଼ି କହିବା, ଯାତ ହେବା
ଉସୁକେଇବା	-	ଉତ୍ତେଜିତ କରିବା
ଉଲିବା	-	ଓହ୍ଲିବା, ତଳକୁ ଖସିବା
ଉଲୁଗୁଣା	-	ଦେଖେଇ ଚାହିଁ କହିବା
ଉଲୁଫା	-	ମହାଳିଆ
ଉପିକା, ଓପିକା	-	ରାଜିହେବା

ଶବ୍ଦ		ଅର୍ଥ
ଓଳମିବା	-	ଓହଳିବା, ତଳକୁ ଲମ୍ବିବା
କଟାଳ କରିବା	-	ବାଧ କରିବା
କଦଲେଇବା	-	ହଲେଇବା
କଟିପକାଇବା	-	କଥା ନ କହିବା (ଶିଶୁବଚନ)
କଣ୍ଟା କୁଦିବା	-	ପାଦରେ କଣ୍ଟା ଗଳିବା, କୌଣସି କାର୍ଯ୍ୟର ପ୍ରାରମ୍ଭରେ ପ୍ରତିବନ୍ଧକ ସୃଷ୍ଟି।
କଣ୍ଠାଗ୍ରତ	-	କୃପଣ, କୁଣ୍ଠିତ
କରିଆସେ	-	କରିବା ଅଭ୍ୟାସ, କରିବା ଉଚିତ୍
କାଡିଝାଡି ହେବା	-	ରାଗରେ ଇୟାଡୁସିଆଡୁ କହିବା
କାଟୁ ବାନ୍ଧିବା	-	ଜୁଆଖେଳରେ ଟଙ୍କା ବାନ୍ଧିବା
କାକୁଈଆ	-	ତରତର ହେବା
କାକଚ୍ଛାନିଆ	-	ଅତ୍ୟନ୍ତ ବିସ୍ମିତ ହେବା
କିନ୍ଦ୍ରିବା	-	ଘୂରିବା, ବୁଲିବା
କୁଦିବା	-	ଗୋଡ଼ରେ ଚକଟିବା, ଗୋଡ଼ରେ ପିନ୍ଧିବା (ଜୋତା)
କୁଦେଇ	-	ନଷ୍ଟ, ଧ୍ୱଂସ ହେବା
କୁପହେବା	-	ରାଗିବା
କୋକନ୍ଦି	-	କନ୍ଦି କନ୍ଦି ବୁଲିବା
ଖଟିବା	-	କଷ୍ଟପଡ଼ିବା, ଯୋଗଦେବା
ଖଳତ କାଡ଼ିବା	-	ଗଣ୍ଡଗୋଳ କରିବା
ଖଳମ୍ବ, ଖଳବ	-	କଳହ
ଖାପ୍‌ଚା	-	କୌଶଳ
ଖାପମାରିଯିବା	-	ଦୃଢ଼ରୂପେ ରହିଯିବା, ଆସ୍ଥାନ ଜମେଇ ରହିବା
ଖୁପୁଁରାଇବା	-	ଉତ୍ତେଜିତ କରିବା, ଜାଣି ଶୁଣି ଅନ୍ୟ ସଙ୍ଗେ ଲାଗିବା
ଖୁଡୁ ଖୁଡୁ ନାହିଁ	-	ନିଃଶବ୍ଦ
ଖୁଜୁମୁଜୁ	-	ବ୍ୟସ୍ତ
ଖେଡ଼	-	ଖେଳ

ଶବ୍ଦ		ଅର୍ଥ
ଖେଟିବା	-	ପହଞ୍ଚିବା
ଖେଷ୍ଟଇବା	-	ଜଣକ ଦୋଷ ଅନ୍ୟକୁ ମିଛ ସତ ମିଶାଇ କହିବା
ଗମିଯିବା	-	ଗନ୍ଧିଯିବା
ଗ୍ୟାପ, ଗିଆପ ଗିହାଳାପ	-	ଗାଳି ବିଶେଷ
ଗିଟିଗିଟା	-	କୁତୁକୁତୁ କରିବା
ଗୁଜୁ ଗୁଜୁ ହେବା	-	ଗୁଣୁ ଗୁଣୁ କରି କହିବା
ଗୁଡିଦେବା	-	ଭାପ ଦେବା, ଶସ୍ୟକ୍ଷେତ୍ରକୁ ଭାଗରେ ଲଗାଇବା
ଗୁଞ୍ଜି କାଢ଼ିବା	-	ବସ୍‌ଉଠ୍ ହେବା
ଗୁବୁକିନା	-	ହଠାତ୍ ମାଡ଼ିଯିବା
ଗୁରୁଗୋଛିଆ	-	ଅପର୍ଯ୍ୟାପ୍ତ (ମାଡ଼), ଅଗଣିତ
ଗେଇଁଦେବା	-	ଗାଳି ବା ଅଶ୍ଳୀଳ ଅର୍ଥରେ ବ୍ୟବହୃତ, କିନ୍ତୁ ଏହାର ଅନ୍ୟ ଅର୍ଥ ବ୍ୟଞ୍ଜିତ ହେଉଛି- ଜଣକୁ ଜିନିଷ ଦେଇ ଫେରି ପାଇବା ଆଶା ନ କରିବା (ନେଇଗଲା ଫେରିପାଇବାର ଆଶା ଅଛି, ଗେଇଁଦେଲା- ଫେରି ପାଇବାର ଆଶା କିଛି ନାହିଁ।)
ଗୋଚରା	-	ସଂଧାନ
ଘାବରା ହେବା	-	ଭୟ କରିବା
ଘଷିପାରିବା	-	ଘଷିମାରିବା
ଘିନିଆଣିବା	-	ନେଇଆସିବା
ଘୁଚିବା	-	ଘୁଞ୍ଚିବା
ଚଗିବା, ଚଘିବା	-	ଆରୋହଣ କରିବା, ଚଢ଼ିବା
ଚକାପୀଡ଼ାମାରି ବସିବା	-	ଚକାମାରି ବସିବା
ଚଡ଼	-	ଚାପଡ଼ା
ଚଦିବା	-	ରାଗିବା, ଧମକେଇବା
ଚନ୍ଦେଇବା	-	ଠକିବା
ଚା'	-	ଚାଇ

ଶବ୍ଦ		ଅର୍ଥ
ଚାବିବା	-	କାମୁଡ଼ିବା
ଚାହିଦା	-	ଆବଶ୍ୟକତା
ଚିଇଁବା	-	ଶୋଷିବା
ଚିକା	-	ଆଶା, ଲୋଭ
ଚିତ୍ତକୁ ଆଣିବା	-	ବିବେଚନା କରିବା
ଚୁଣ୍ଟିବା	-	ବନ୍ଦ କରିବା, ଖାଇବା ବା ଗେଞ୍ଜିବା
ଚୁଡୁବୁଡୁ	-	ସନ୍ତପ୍ତ
ଚୁଲୁଚୁଲିଆ	-	ଚଞ୍ଚଳିଆ
ଚେତିବା	-	ସ୍ମରଣ କରିବା
ଚେଦିରିଯିବା	-	ଗଣ୍ଡଗୋଳ, ପଥଭ୍ରଷ୍ଟ ହେବା
ଛିଡ଼ିଯିବା	-	ନାଶହେବା (ଗାଳି)
ଛିଣ୍ଡେଇରାମ୍ପୁଡି ହେବା	-	ରକବକ ହେବା
ଛୋଡିବା	-	ଅଶ୍ଳୀଳ କିମ୍ବା ଗାଳି ଅର୍ଥରେ ବ୍ୟବହୃତ। କିନ୍ତୁ ଏହାର ବ୍ୟଞ୍ଜିତ ଅର୍ଥ ହେଲା - କିଛି କରିପାରିବା।
ଜକଲା ମାତିବା	-	ଓଦାହେବା
ଜଗିବା	-	ଅପେକ୍ଷା କରିବା
ଜଟିବା, ଜଟେଇଦେବା	-	ଠକିବା
ଜାଇଣ୍ଟ	-	ଯୋଡ଼ିବା
ଜାଗର୍ତ	-	ଜାଗ୍ରତ, ସାବଧାନ, ହୁସିଆର, ଧମକ ଦେବା
ଝଜକିବା	-	ଫୁଟିଉଠିବା, ଚକିତ କରିବା
ଝିକା	-	ଝିଙ୍କିବା-ସବଳରେ ଟାଣିବା, ଲୋଭ
ଝିକାଝିକି	-	ଟଣାଟଣି
ଝୁଲାଇବା	-	ହଲାଇବା
ଟିକଇ	-	ଥଟ୍ଟା, ପରିହାସ କରିବା
ଟିରିକି ଫଟ୍ଟାଇବା	-	ଗାଳି ବିଶେଷ
ଠୁଁକିବା	-	ଠକ୍‌ଠକ୍ କରିବା
ଡଗରେଇବା	-	ଅନ୍ୱେଷଣ କରିବା, ଖୋଜିବା

ଶବ୍ଦ		ଅର୍ଥ
ଡ୍ର କରିବା	-	ମାସିକ ବେତନ ଆଣିବା
ଡାବା ମାରିବା	-	ମିଛ କହିବା
ଜୁକୁରା	-	ଢୁଲେଇବା
ଜାଂପିବା	-	ବନ୍ଦ କରିବା
ତରଭୁଜା	-	ଡରିଯିବା
ତଡ଼ାତାବୁତ	-	ଧନ୍ଦା, କାର୍ଯ୍ୟବ୍ୟସ୍ତତା
ତନଖା	-	ବନ୍ଧକ ଦେଇ ଋଣ ଆଣିବା
ତନ୍ତ୍ର	-	କୂଟକପଟ ଆଚରଣ
ତନ୍ଦ୍ରା, ତନ୍ଦରା	-	ଶୀଘ୍ର, ଅସ୍ଥିରତା, ଚଞ୍ଚଳ
ତାପୁ	-	ଦୋଷ
ତାଡ଼ପା ପଡ଼ିବା	-	କାନ ଅତଡ଼ା ପଡ଼ିବା
ତିଆରି	-	ପ୍ରସ୍ତୁତ
ତିଆରଣ	-	ଉପଦେଶ
ତିରିଗି ତିରିଗି	-	ଏଣେତେଣେ ଘୂରିବୁଲିବା
ତିରିଗି ପାଟୁ	-	ଗାଳିବିଶେଷ
ତୀର୍ଥ କରିବା	-	ପରୀକ୍ଷାରେ ଫେଲ୍ ସମ୍ଭାବନା କରି ଅସତ୍ ଉପାୟରେ ପରୀକ୍ଷକଙ୍କ ନିକଟକୁ ସୁପାରିସ କରିବା ପାଇଁ ଅନ୍ୟ ସ୍ଥାନକୁ ଭ୍ରମଣ କରିବା
ତେଣ୍ଡିବା	-	ପିଇବା
ତେଣ୍ଡିହେବା	-	ପଡ଼ିଯିବା, ହାରିବା
ଥକାଇବା	-	ରହିବା
ଦଗା, ଦେଗାଦେବା	-	ଠକିବା, ପ୍ରବଞ୍ଚନ, ଶଠତା
ଦଣ୍ଡା	-	ସିଦ୍ଧ, ଅଭ୍ୟସ୍ତ
ଦୟାପଡ଼ିବା	-	ଦୟା ବସିବା
ଦିବାଲା, ଦିବାଳିଆ	-	ନଷ୍ଟ, କ୍ଷୟକ୍ଷତି
ଦୁଆଦୁଇ	-	ଛେଦନ (ଧାନକାଟିବା)
ଦୁମୁକାଣି, ଦୁମୁକିବା	-	ଉପରକୁ ଲମ୍ଫ ଦେବା

ଶବ୍ଦ		ଅର୍ଥ
ଦୁମ୍ବାଳି	-	ଗହଳି କରିବା
ଧକ୍କିଆ	-	ଧକ୍କା ମାରିବା
ଧକିଆ	-	ଧକ୍କା ଦ୍ୱାରା ଆଘାତ କରିବା
ଧାକ୍କା	-	ଧମକ ଦେବା
ଧରାକ	-	ଶ୍ରେଷ୍ଠ, ପରୀକ୍ଷକ
ଧାରାଦଉ	-	ଦାନ କରିବା
ଧୁପିବା	-	ମାରିବା
ଧୁମାଧୁମି	-	ଉତ୍ପାତ ହେବା
ନ'ଥା	-	ଅନୁପସ୍ଥିତ ରହିବା
ନାକ	-	ଲାଖ-ଲକ୍ଷ୍ୟ
ନାଗନାଡ଼ି	-	କୁସମ୍ପର୍କ
ନାମସିକ	-	ଅପଖ୍ୟାତି, ନିନ୍ଦା, ବଦ୍‌ନାମ
ନାମିବା	-	ବିଶ୍ୱାସ କରିବା
ନିଘା	-	ତତ୍ତ୍ୱାବଧାନ, ଦୃଷ୍ଟି, ଅଳସ
ନିଝାନ ମାରିବା	-	ବେଉଷଣ କରିବା
ନିଦାନ	-	ସଠିକ୍
ନିର୍ଘାତିଆ	-	ନିଷ୍ଠୁର, ନିଦାରୁଣ (ମାଡ଼ଦେବା)
ନିକେଇବା	-	ସଫାକରିବା
ନିହଲ	-	ସସ୍ତିରେ, ସୁବିଧାରେ
ନିସତ	-	ଅଳସପଣିଆ
ପଇନ୍ତରା	-	ଇତସ୍ତତଃ ବୁଲିବା
ପଖାଇବା	-	ପାଖେଇବା, ଏକପାର୍ଶ୍ୱକୁ ଘୁଞ୍ଚିଯିବା
ପଖାକାଡ଼ିବା	-	ଗାଡ଼ିକୁ ରାସ୍ତାର ଏକ ଦିଗକୁ ଚଳାଇବା, ଏକ ପାର୍ଶ୍ୱକୁ ଆଡ଼େଇଯିବା
ପଙ୍ଖେଇବା	-	ଝାଳିବା, ଦାଢ଼ କରିବା
ପଟାପଟି	-	କଳହ, ଠକିବା, ସୁତୁରେଇବା
ପରଜଣା/ପରଜିବା	-	ତର୍କାରିକୁ ଛୁଁକଦେବା, ଫୁଟେଇବା

ଶବ୍ଦ		ଅର୍ଥ
ପରିଶ୍ରମ ପଡ଼ିବା	-	ପରିଶ୍ରମ କରିବା
ପଳାଇବା	-	ସ୍ଥାନ ଛାଡ଼ି ଚାଲିଯିବା
ପ୍ରମାଣ କରିବା	-	ନିୟମ କରିବା, ପ୍ରତିଜ୍ଞା କରିବା
ପାଇବା	-	ପ୍ରସବ କରିବା
ପାଙ୍ଗିବା	-	ଗୁଣିଗାରେଡ଼ି ଦ୍ୱାରା ବଶୀଭୂତ କରିବା
ପାଛୁଡିବା	-	ସ୍ୱତନ୍ତ୍ର ବ୍ୟାୟାମ ପ୍ରଦର୍ଶନ (ବଳୁଆ ଯୁବକମାନେ ଶଗଡ଼ର ଚକର ତୁମୁକ ନିଜର ଲାହି ପାଖରେ ଲଗାଇରଖି ଶଗଡ ପହିକୁ ଦୁଇ ହାତରେ ଧରି ଚକକୁ କୁଲା ପାଛୋଡ଼ିବା ପରି ଉପରକୁ ଓ ତଳକୁ ସଞ୍ଚାଳିତ କରି ବ୍ୟାୟାମ ପ୍ରଦର୍ଶନ କରିବା)
ପାଟି ବାନ୍ତୁଳି ଯିବା	-	ପାଟି ଖନିମାରିବା, ଥଙ୍ଗ ଥଙ୍ଗ ହୋଇ କହିବା
ପାଟୁଳ	-	କୁମ୍ଭଣା, ବାଛକୁଟି
ପାଡ଼ାକା	-	ଶୋଇବା ଶେଯ ପକାଇବା
ପାଣ୍ଟେଇ କୁଦିବା	-	ଜୋତା ପିନ୍ଧିବା
ପାମିବା	-	ମନ୍ଥିବା, ଅନୁନୟ ହେବା
ପାରୁ , ପାରୁକୁ	-	ମର୍ଯ୍ୟାଦା, ମହତ୍ତ୍ୱ
ପାଲା	-	ଗହଳି
ପିଆଦା	-	ଅଧିକାର
ପୁଚି	-	ଦାୟିତ୍ୱ, ନ୍ୟସ୍ତ
ପୁଡୁକା	-	ଛତୁ, ଚୁନାମାଛ ପ୍ରଭୃତିର ପତରପୋଡ଼ା
ପୁଡମଗୁଡ଼ିଖାଇ	-	ପୁତଖାଇ (ଗାଳିବିଶେଷ)
ପୁରୁଡ଼ା	-	ଖାଲ ପୋତିବା, ସମତଳ କରିବା
ପୁଚୁକା, ପୋଚକା	-	ପଚିସଡ଼ି ଦୁର୍ଗନ୍ଧମୟ ହୋଇଯିବା ଖାଦ୍ୟ
ପୋଟାଳିବା ପୁଟାଳିବା	-	ଆଲିଙ୍ଗନ କରିବା, କୁଣ୍ଢେଇବା
ପୋଲାନ୍ତ	-	ହାଇକା, ଉଶ୍ୱାସ
ପ୍ରମାଣ	-	ସାକ୍ଷର, ଅଶିକ୍ଷିତ ବ୍ୟକ୍ତିର ସନ୍ତକ

ଶବ୍ଦ		ଅର୍ଥ
ଫତୁଆ	-	ହଟହଟା, ଲଜ୍ଜିତ କରିବା
ଫଦା, ଫଦି	-	କୂଟକପଟ ଆଚରଣ
ଫାଷାଣ୍ଡ	-	ବ୍ୟର୍ଥ, ପଣ୍ଡକରିବା
ଫେଉ	-	ବାହାର କରିବା
ବଦାରିବା	-	ଗଦା କରିବା
ବଳିଯିବା	-	ଅତିରିକ୍ତ ହେବା, ସୀମାଲଙ୍ଘନ କରିବା
ବକିବା	-	ଗାଳିକରିବା
ବଳାଇବା	-	ଅନୁରୋଧ କରିବା, ଅଡ଼ାଇବା, ପ୍ରବର୍ତ୍ତାଇବା
ବଲି	-	ବୋଲି
ବସାପଡ଼ିବା	-	ହଠାତ୍ ଏକ ସ୍ଥାନରୁ ଆସି ଅନ୍ୟ ଏକ ସ୍ଥାନରେ ବସା କରି ରହିବା
ବାଡ଼ି	-	ବିନା ସୁଧରେ ଟଙ୍କା ଧାର ଦେବା (ଓଡ଼ିକା-ତେ)
ବାଡ଼ିକା	-	ମାସିକ ଧାର କରିବା
ବାଡ଼ିବଜେଇବା	-	ହାଡ଼ିଜାତିର ଲୋକଙ୍କ ଦୁଇଟି କାଠିରେ ଆଘାତ କରିବା ଏକ ପ୍ରକାର ବାଦ୍ୟ ବିଶେଷ।
ବାଦାକାମୁ	-	ଆଳସ୍ୟ
ବାନ୍ଧିବା	-	ଟଙ୍କା ଜମା କରିବା, ଦାଖଲ କରିବା
ବାଡ଼ିକି ଯିବା	-	ଝାଡ଼ା ଫେରିଯିବା
ବାର	-	(ପ୍ରତ୍ୟୟ ବିଶେଷ) - ଖାଇବାର ଯିବାର
ବାନ୍ତୁଳିଯିବା	-	ଅଶୁଦ୍ଧ ଉଚ୍ଚାରଣ କରିବା
ବାଟ ବାନ୍ଧିବା	-	ବାଟ ବନ୍ଦ କରିବା
ବାହିକା	-	ତଳାଇବା
ବିଜାର	-	ବିରକ୍ତି
ବିଥୁଡ଼ା	-	ଟଙ୍କା କାଢ଼ିବା
ବିଚିକିଟିଆ	-	ଅସୁକୁ, ଅତୃପ୍ତିକର
ବୁଲିପଡ଼ିବା	-	କଥା ନ ରଖିବା
ବେଗି	-	ଚଞ୍ଚଳ

ଶବ୍ଦ		ଅର୍ଥ
ବେଙ୍ଗ ଚାଙ୍ଗଡ଼ା	-	ବିଶୃଙ୍ଖଳା
ବେଟିବା	-	ଗୋଟାଇବା, ସଂଗ୍ରହ କରିବା
ଭାସକୁଟି	-	ପର ଛିଦ୍ର ବାଛିବା
ଭାଗିଲା	-	ଭାଙ୍ଗିଲା, ଚାଲିଗଲା
ଭିଲ୍ଲା	-	ପରିହାସ
ମାମୁଲୁ	-	ଦଶହରାଦି ପର୍ବରେ ଛୋଟ କର୍ମଚାରୀମାନେ ବାର୍ଷିକ ଚାନ୍ଦା ସଂଗ୍ରହ କରିବା
ମିସା, ମିସାରୁ	-	ମଧ୍ୟ, ଆଦୌ
ମିଶିବା	-	ସଙ୍ଗହେବା
ମୁଦା	-	କାଠୁଆ, ସଙ୍କୁଚିତ
ମୁଲାଦା	-	ଠିକ୍ କଥା
ମୁଲୁମୁଲୁ	-	ବିଳମ୍ବ
ମେଡ଼ିବା	-	ବାକ୍ୟ ଲଙ୍ଘନ କରିବା
ଯିବାର	-	ଯାଉଛନ୍ତି
ରକବକ ହେବା	-	କୌଣସି ଜିନିଷ ହଜାଇ ଦୁଃଖ କରିବା, ଛିଣ୍ଡେଇ ରାମ୍ପୁଡି ହେବା
ରଜଡ଼ିଯିବା	-	କ୍ଷୀଣକାୟ ହେବା
ରଟକା	-	ଅଭିମାନୀ
ର'ଲା	-	ଥିଲା
ରାଗପଡ଼ିବା	-	ରାଗିବା, କ୍ରୋଧହେବା
ରାଢ଼ୀ	-	ନିର୍ଦ୍ଦୟହେବା
ରାଇକାଞ୍ଜିଆ	-	ବ୍ୟତିବ୍ୟସ୍ତ, ଅଣନିଶ୍ୱାସୀ
ରାଟୁ	-	ପାଟି କରିବା, ଗୋଳ କରିବା
ରାବାଡି	-	ଆୟ, ଆଦାୟ
ରିମା	-	କ୍ରୋଧ
ରିଷା	-	ରାଗ
ରିଝାଇବା	-	ରଞ୍ଜିତ କରିବା

ଶବ୍ଦ		ଅର୍ଥ
ରୁଗ୍‌ଗ	-	ରୋଗ
ରୁଜୁଦେବା	-	ମୁକାବିଲା କରିବା, ପ୍ରମାଣିତ କରିବା
ଲଟ	-	କୌତୁକ
ଲାଇବା	-	ପୂରାଇବା, ଭର୍ତ୍ତି କରିବା
ଲାଏକ	-	ଉପଯୁକ୍ତ
ଲାବୁ	-	ପ୍ରେମ
ଲୁକିବା	-	ଲୁଚିବା
ଲୁଛି(ବା)	-	ସ୍ନେହରେ ଗଳିଯିବା
ଲେଖା	-	ପରି, ସମାନ (ଅବ୍ୟୟ)
ଲେହୁଣିଆ ଛାଟିବା	-	ମାଙ୍କଡ଼ଚିତ୍ ମାରିବା
ସଡ଼ସଡ଼ ହେବା	-	ଅତିଶୟ ଆକୃଷ୍ଟ ହେବା
ସତର୍ପଣ	-	ସାବଧାନ, ଜାଗ୍ରତ
ସପୁର	-	ସରୁ
ସରି	-	ଯଥେଷ୍ଟ
ସଲ୍ଲୁ	-	ମନ୍ତ୍ରଣା
ସହଣି କରିବା	-	ମାନସିକ କରିବା (ସହଣିକ)
ସାଙ୍ଗିବା	-	ଡାକିବା, କହିବା
ସିଲ	-	ଛୁଟି
ସୁକୁଟ କରିବା	-	କପଟ କରିବା
ହକ	-	ଦାବି
ହଟତିରଣ୍ଟ	-	ଅବାଧ ହେବା
ହରବର	-	ହଇରାଣ
ହାଇରେ ରହିବା	-	ମୁକ୍ତଭାବେ ସୁଖରେ ରହିବା
ହାରମାନି ଲାଗିବା	-	ବିସୁଖ ଲାଗିବା
ହୁରି	-	ହୁଲସ୍ଥୁଲ ପଡ଼ିବା
ହୁଡ଼ାହୁଡ଼ି	-	ସୋଧାଶୋଧି, ପରସ୍ପର ଗାଳିଦେବା
ହେତୁ/ହେପା	-	ସ୍ମରଣ

ସପ୍ତମ ଅଧ୍ୟାୟର ପାଦଟୀକା

୧। ଓଡ଼ିଆ ଭାଷାର ରୂପତତ୍ତ୍ୱ, ଡ. ବେଣୀମାଧବ ପାଢ଼ୀ, ପୃ-୨୦୧-୨୦୨

୨। ଓଡ଼ିଆ ଭାଷାର ଉପଭାଷା, ଡ. ସତ୍ୟନାରାୟଣ ରାଜଗୁରୁ, ପୃ-୬୮

୩। ଦକ୍ଷିଣାଞ୍ଚଳୀୟ ଓଡ଼ିଆ, ଡ. ଖଗେଶ୍ୱର ମହାପାତ୍ର, ପୃ-୧୦

୪। ତତ୍ରୈବ : ପୃ-୧୧

□

ଅଷ୍ଟମ ଅଧ୍ୟାୟ

ଅବ୍ୟୟ, ସର୍ବନାମ ଓ ଯୁଗ୍ମଶବ୍ଦ

ଅବ୍ୟୟ

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ କେତେକ ସ୍ୱତନ୍ତ୍ର ଅବ୍ୟୟପଦର ପ୍ରଚଳନ ଦେଖାଯାଏ । ଓଡ଼ିଆ ଭାଷାରେ ସାଧାରଣଭାବେ ବ୍ୟବହୃତ ହେଉଥିବା ଅବ୍ୟୟ ବ୍ୟତୀତ ଏଠାରେ ଆଉ କେତେକ ଆଞ୍ଚଳିକ ବିଶେଷତ୍ୱ ଦେଖାଯାଏ। ନିମ୍ନରେ ସେଗୁଡିକ ପ୍ରଦାନ କରାଗଲା।

ଆକା, କା, ଏକା :

ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାରେ 'ଆକା', 'କା', 'ଏକା'ର ବ୍ୟବହାର ବହୁଳ ପରିମାଣରେ ହୋଇଥାଏ। ମୁଖ୍ୟତଃ ଏହା ନିଶ୍ଚିତାର୍ଥରେ ପ୍ରକାଶ ପାଇଥାଏ। ଯଥା:-

ତୁ ଖାଇବାର ଆକା - ତୁ ଖାଇବାର ଅଛି

ରାମ କା ସିଠିକି ଯାଇଥିଲା - ରାମହିଁ ସେଠାକୁ ଯାଇଥିଲା

ମୁଁ କା କଲି - ମୁଁ ହିଁ କଲି

ଭଲ ପାଇଟିକା' - ଭଲ କାମ

ଆସିକି ଆସିକି - ବେଳେ

କୌଣସି କ୍ରିୟା ପଦ ସହ ସଂଯୋଗ ହୋଇଥାଏ।

ବଇଲା ଆସିକି, ଶୁଣିଲାନି - କହୁଥିଲା ବେଳେ ଶୁଣିଲା ନାହିଁ

ଗଲା ଆସିକି ଗାଡି ପଳେଇଲା - ଯାଉ ଯାଉ ଗାଡ଼ି ଚାଲିଗଲା

ଏବର : ଏବର ଶବ୍ଦର ଅର୍ଥ ବର୍ତ୍ତମାନ।

ଏବର ପିଲାମାନଙ୍କୁ ବଡ଼ ରିଷା - ବର୍ତ୍ତମାନ ପିଲାମାନେ ବଡ଼ ରାଗୀ ।

(୧) କାନି କାନି = ପାର୍ଶ୍ୱ, ପାଖରେ, ନିକଟ

କାନୁକାନି ସିଟା ପକେଇଦେ - କାନ୍ଥ ପାଖରେ ସେଇଟା ପକାଇଦେ ।

(୨) କାନି = ଶେଷରେ

କାନିକୁ ଯିବୁ - ଶେଷକୁ ଯିବୁ

କି କି = କାହିଁକି, କିଁ କି କି

କି' କ'ଣ ହେଲା କି ? - କାହିଁକି, କ'ଣ ହେଲା କି ?

କିଅଣ, କ୍ୟଣ କିଅଣ = କଅଣ, କ'ଣ

ବ୍ରହ୍ମପୁରଠାରୁ ଆରମ୍ଭ କରି ଭଞ୍ଜନଗର ପର୍ଯ୍ୟନ୍ତ ସେହି ଦିଗଟିରେ ସାଧାରଣ ଜନତାଙ୍କ ମୁଖରେ ଏହି ପଦର ଅଧିକ ବ୍ୟବହାର ଦେଖାଯାଇଥାଏ। ଏହି ପଦର ଟା', ବା, ପ୍ରତ୍ୟୟ ମଧ୍ୟ ଯୋଗହୋଇ 'କ୍ୟଣଟା, 'କ୍ୟଣବା' ଉଚ୍ଚାରିତ ହୋଇଥାଏ।

କ୍ୟଣ, କଉନୁ କାଇଁକି - କ'ଣ, କହୁନୁ କାହିଁକି

କିସ କିସ = କ'ଣ

ଦକ୍ଷିଣ ଓଡ଼ିଶାରେ ସର୍ବସାଧାରଣଙ୍କ ମୁଖରେ ଏହି ଅବ୍ୟୟ ପଦର ବ୍ୟବହାର ଦେଖାଯାଏ। ଅନ୍ୟାନ୍ୟ ଅଂଚଳରେ ଲୋକେ ଦକ୍ଷିଣାଚଂଳର ଲୋକଙ୍କୁ 'କିସ' ର ବହୁଳ ପ୍ରୟୋଗକୁ କେନ୍ଦ୍ରକରି ଆପେକ୍ଷ କରିଥା'ନ୍ତି। ଏପରିକି ଶିକ୍ଷିତମହଲରେ ମଧ୍ୟ ଏହା ପରିଦୃଷ୍ଟ। ବାସ୍ତବରେ ଏହା ଭୁଲ। କାରଣ ଶବ୍ଦାଦିର ବ୍ୟବହାରକୁ ନେଇ ଆକ୍ଷେପ କରିବା ସଂକୀର୍ଣ୍ଣତାର ପରିଚୟ ବ୍ୟତୀତ ଅନ୍ୟ କିଛି ନୁହେଁ। ଭାଷା, ମଣିଷର ମନ ରୁଚି, ଅଭ୍ୟାସ ଭଳି ଆପେକ୍ଷିକ ଶବ୍ଦ ନୁହେଁ, ଏହାର ପରିଭାଷା ସ୍ୱତନ୍ତ୍ର। ଏହି 'କିସ' ରେ ଆଉ କେତେକ ପ୍ରତ୍ୟୟ ମିଶି ନୂତନ ଶବ୍ଦ ସୃଷ୍ଟି ହୁଏ।

କିସ + ତି=କିସତି - କିସ୍ତି ହେଲା - କ'ଣ ନା ହେଲା

କିସ + ଟା=କିସଟା-ଇଟା କିସ୍‌ଟା-ଏଇଟା କ'ଣ

କିସ + ମ=କିସମ୍-କ୍ରୋଧ, ରାଗରେ ଏପ୍ରକାର ସମ୍ବୋଧନାତ୍ମକ ଦେଖାଦିଏ ।

କିସମ୍ - କ'ଣ ମ

କିସ+ରେ = କିସରେ-ସ୍ନେହ, ବିରକ୍ତି, ରାଗ ଆଦି ସମୟରେ ଏ ଭଳି ସମ୍ବୋଧନ କରିଥା'ନ୍ତି।

କିସ + କି = କିସକି-କିସକି ମୁଁ ଜାଣିନି- କଣକି ମୁଁ ଜାଣିନି

କିସ+ ହେ=କିସ', ହେ -ଶ୍ରଦ୍ଧା, ହାସ୍ୟ, ଅବଜ୍ଞାଭାବରେ ଏ ଶବ୍ଦ ବ୍ୟବହାର କରିଥାନ୍ତି।

କିସ୍ ହେ କୁଆଡ଼େ-କଣ କୁଆଡ଼େ

କିସ + ଲ = କିସଲ-ଇତର ସ୍ତ୍ରୀଲୋକଙ୍କ ମୁଖରେ ବହୁଳ ପ୍ରଚଳନ ଦେଖାଯାଏ। ଅଶିକ୍ଷିତ ପୁରୁଷମାନେ ମଧ୍ୟ ନିଜ ସ୍ତ୍ରୀ, ବେପାର କରିବା ସ୍ତ୍ରୀମାନଙ୍କ ସହ କଥାବାର୍ତ୍ତା ହେଲାବେଳେ ନିର୍ଲିପ୍ତ ଭାବରେ କହିଥାନ୍ତି।

ଯାହା ହେଉନା କାହିଁକି 'କିସ' ଶବ୍ଦର ଉତ୍ପତ୍ତି ହେଉଛି କିଦୃଶ> କିଇସ> କିସ। ଏବଂ ମଧ୍ୟ-ଯୁଗୀୟ ଓଡ଼ିଆ କାବ୍ୟସାହିତ୍ୟରେ ଏହାର ବ୍ୟବହାର ଅଧିକ। ଏଭଳି ଆଞ୍ଚଳିକତାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଆକ୍ଷେପ କରି କହିବା ବ୍ୟକ୍ତିର ଅଜ୍ଞତା ବୋଲିବା ଯୁକ୍ତିଯୁକ୍ତ।

କିରି

କିରି=କରି

ସେବାଟ ହେଇକିରି ଯିବୁ'-'ସେ ବାଟ ଦେଇ (କରି) ଯିବୁ'

ପୁଣି ଏହା 'କିମିତି' ଓ ସିମିତି'ରେ ମିଶି "କିଁତିକିରି" ଓ "ସିଁତିକିରି" ହୋଇଥାଏ।

କିମିତି+କିରି=କିମିତିକରି ବା କିଁତିକିରି=କିପରି

"ସିଁତିକିରି କରୁନୁ'- 'ସେପରି କରୁନୁ'

କେମିତ>କିମିତି, ସେମିତି>ସିମିତି

କୁଲୁ ଏହି ଅବ୍ୟୟଟି ତେଲୁଗୁ ଧ୍ୱନ୍ୟାଗତ ପ୍ରଭାବ ଭଳି ମନେହୁଏ।

ପେଂଚ+କୁଲୁ-ପେଂଚକୁଲୁ=ହଇରାଣ

'ବଡ଼ ପେଂଚକୁଲୁ ପାଇଟି' - 'ବଡ଼ ହଇରାଣ କାମ'

ବିତି+ କୁଲୁ-ବିତିକୁଲୁ=ବ୍ୟତିବ୍ୟସ୍ତ

ମତେ ବିତିକୁଲୁ ଲାଗିଲାଣି'- 'ମୋତେ ବ୍ୟତିବ୍ୟସ୍ତ ଲାଗିଲାଣି'

ତେରିକା ତେରିକା=କେବେ, ଆଦୌ

'ତେରିକା ଆସିବାକୁ ହବନି'- ଆଦୌ ଆସିବାକୁ ହେବନାହିଁ

ନିକି ନିକି=ନାହିଁକି

ସାଧାରଣତଃ ପ୍ରଶ୍ନ ଅର୍ଥରେ ବ୍ୟବହୃତ ହୋଇଥାଏ।

'ତୁ ଯିବୁନିକି' - ତୁ ଯିବୁ ନାହିଁକି

ପାରୁ ପର୍ଯ୍ୟନ୍ତ ପାରୁ + ପର୍ଯ୍ୟନ୍ତ-ପାରୁପର୍ଯ୍ୟନ୍ତ=ଶେଷପର୍ଯ୍ୟନ୍ତ

'ପାରୁପର୍ଯ୍ୟନ୍ତ ଚେଷ୍ଟା କର'- 'ଶେଷପର୍ଯ୍ୟନ୍ତ ଚେଷ୍ଟା କର'

ପିଣି ପିଣି=ମଧ୍ୟ ସମ୍ଭାବନା,ସମ୍ଭାବନା ଅର୍ଥରେ ପ୍ରକାଶ ପାଇଥାଏ।

ସେ ସିଠିକି ଯିବପିଣି-'ସେ ସେଠିକି ଯିବା ସମ୍ଭାବନା'

'ସେ ମଧ୍ୟ ସିଠିକି ଯିବ'

ପୁନଃ> ପୁଣ> ପୁଣି> ପିଣି

ପିରି ପିରି = ଭଳି

ତା' ପରି ସିଏ ହୋଇଛି'-'ତା'ଭଳି ସେ ହୋଇଛି'

ବା : ବା'ର ସ୍ୱତନ୍ତ୍ର ଅର୍ଥ କିଛି ନାହିଁ। ଏହା ଶବ୍ଦ ବା ବାକ୍ୟ ଶେଷରେ ଲାଗିଥାଏ। ବ୍ରହ୍ମପୁରରୁ ଭଞ୍ଜନଗର ଯିବା ଦିଗଟିରେ ଏହାର ବହୁଳ ପ୍ରୟୋଗ ଜନମୁଖରୁ ଶୁଣାଯାଇଥାଏ।

ଏତାଟା କିବା-ଏଇଟା କି- ଆଶ୍ଚର୍ଯ୍ୟାତ୍ମକ

କ୍ୟଣଟା କରୁଚବା-କ'ଣ କରୁଛ-ପ୍ରଶ୍ନବାଚୀ

ସ୍ଥଳବିଶେଷରେ,ପଲ୍ଲୀଅଞ୍ଚଳର ଅଶିକ୍ଷିତ ଲୋକମାନେ ଏହି ପଦକୁ 'ୟା' ରୂପେ ଉଚ୍ଚାରଣ କରିଥାନ୍ତି।

ଆସୁନ କାଇକିଁୟା-ଆସୁନ କାହିଁକି

ହଇକିୟା, ହସୁଛକିୟା- ହଇକିହେ, ହସୁଛ

ମଣେ, ମନେ ମଣେ, ମନେ=ମାନେ

ମାନେ' ଓଡ଼ିଆ ଭାଷାରେ ବହୁବଚନ ଅର୍ଥରେ ବ୍ୟବହାର ହୁଏ। ଏଠାରେ ମଣେ, କିମ୍ବା ମନେ ଠିକ୍ ସେହି ଅର୍ଥରେ ହିଁ ବ୍ୟବହାର ହୁଏ । କେବଳ ଉଚ୍ଚାରଣର ସରଳ ପଦ୍ଧତିକୁ ଅନୁସରଣ କରୁଛି।

ତାଙ୍କ ମଣେ ଆସିଥିଲେ-ସେମାନେ ଆସିଥିଲେ ।

କୋ'ମନେ ଗଲେ- କେଉଁମାନେ ଗଲେ ?

ମିସା ମିସା = ମଧ୍ୟ ବି

ତୁ ମିସା କଇବୁ- ତୁ ମଧ୍ୟ କହିବୁ ।

ସେ ମିସା ଯିବ-ସେ ବି ଯିବ ।

ମୁଁ ମିସା ଖାଇବି-ମୁଁ ବି ଖାଇବି ।

ଏଥିରେ 'ରୁ' ମିଶି 'ମିସାରୁ' ହୋଇ ଉପରୋକ୍ତ ଅର୍ଥରେ ପ୍ରଚଳନ ହୁଏ।

ରୋଜୁ ରୋଜୁ=ନିତି, ପ୍ରତିଦିନ

ଏହା ତେଲୁଗୁ ପ୍ରଭାବରେ ପ୍ରଭାବିତ।

ରୋଜୁ ଆସିବାଟା ଭଲ ନାହିଁ-ପ୍ରତିଦିନ ଆସିବା ଭଲ ନୁହେଁ

ବନ୍ଧରେ ରୋଜୁ ଫୁଲ ଫୁଟୁଛି- ପୋଖରୀରେ ପ୍ରତିଦିନ ଫୁଲ ଫୁଟୁଅଛି

ସରି ସରି-(ଭଲି, ପରି), ଯଥେଷ୍ଟ

ସାଧାରଣତଃ ଏହା ଭଳି କିମ୍ବା ପରି ଅର୍ଥରେ ବ୍ୟବହୃତ ହୋଇଥାଏ।

ତା' ସରି କିଏ ହେବେ ନି- ତାପରି କିଏ ହେବେ ନାହିଁ ?

କିନ୍ତୁ ଦକ୍ଷିଣାଞ୍ଚଳ କଥିତଭାଷାରେ 'ସରି' ଯଥେଷ୍ଟ ଅର୍ଥରେ ବ୍ୟବହୃତ। କୌଣସି ପଦାର୍ଥ ଦେଲାବେଳେ 'ଥାଉ' କିମ୍ବା ' ଆଉ ଦରକାର ନାହିଁ' ବୋଲି କହିବା ପାଇଁ ଏମାନେ 'ସରି ସରି' କହିଥା'ନ୍ତି।

ସରିକି ସରିକି-ବେଳକୁ , ବେଳେ

ସକାଳ ସରିକି ଆସିବ - ସକାଳବେଳେ ଆସିବ

କୋ' ସରିକି ଯିବ- କେତେବେଳକୁ ଯିବ ?

ହଇ ହଇତ ହଇ=ହଁ, ନିଶ୍ଚିତ ଅର୍ଥରେ

ହଇ' ସିଏ ଗଲାପିଣି-ହଁ, ସେ ଗଲାଣି

ହଇତ, ଗଲାବେଳକୁ କଇବା କଥା-

ହଁ ତ, ଗଲାବେଳେ କହିବା କଥା

ହଁ ହଇ, ହଇ+ତ = ହଇତ

ହେନି ହେନି-ସହ, ଲାଗି

ମୁଁ ଭାତ ଶୁଖୁଆହେନି ଖାଇଦେବି-ମୁଁ ଭାତ ଶୁଖୁଆ ସହ ଖାଇଦେବି

ତା ହେନି ସିଏ ଗଲା-ତାଲାଗି ସିଏ ଗଲା

ହେରି ହେରି=ପରେ

ମୁଇଁ ଆସିଲେ ହେରି ଯିବ-ମୁଁ ଆସିଲା ପରେ ଯିବ

ସର୍ବନାମ :

ଦକ୍ଷିଣାଞ୍ଚଳୀୟ କଥିତ ଓଡ଼ିଆ ଭାଷାରେ କେତୋଟି ସ୍ୱତନ୍ତ୍ର 'ସର୍ବନାମ' ପରିଲକ୍ଷିତ। ନିମ୍ନରେ କେତୋଟିର ଦୃଷ୍ଟାନ୍ତ ପ୍ରଦାନ କରାଗଲା।

ତୁଇ ତୁହି>ତୁଇ=ତୁ, ତୁମେ

ତୁଇ ଓ ତୁଇ 'ତୁ'ର ରୂପାନ୍ତର ମାତ୍ର। ପ୍ରଥମା ଏକବଚନରେ 'ତୁ'ରେ ହି' ଯୁକ୍ତ ହେବାରୁ 'ତୁହି' ହୋଇଛି ଏବଂ ପରେ 'ହ'ର ଅପଭ୍ରଂଶ ହେବାରୁ 'ତୁଇ' ହୋଇଛି। ଏହି କ୍ରମ ପ୍ରଥମେ ପ୍ରାକୃତରେ ହୋଇଥିଲା ପରେ ଓଡ଼ିଆରେ ଚଳିଅଛି। (୧)

ତୁଇ ଖାଇଲୁ-ତୁ ଖାଇଲୁ

ତୁଇକା ମର ଭାଇ-ତୁ କେବଳ ମୋର ଭାଇ

ମୁଇ ମୁହି ମୁଇ-ମୁଁ

'ତୁଇ' ଭଳି 'ମୁଇ'ର ପ୍ରଚଳନ ଏ ଅଞ୍ଚଳରେ ଅଧିକ ଦେଖାଯାଏ ।

ମୁଇ ଆଇବିନି ମୁଁ ଆସିବି ନାହିଁ

ମୁଇ ଲୁକୁଟି ମୁଁ ଲୁଚୁଛି

ତିକି ଆମ ତାଙ୍କ ଆଦି ସର୍ବନାମରେ 'ତିକି' ପ୍ରତ୍ୟୟ ଯୋଗ ହୋଇଥାଏ।

ଆମ+ତିକି=ଆମତିକି

ତାଙ୍କ+ତିକି=ତାଙ୍କତିକି

ଅର୍ଥଭେଦରେ ଏହା ଏକବଚନ ଓ ବହୁବଚନରେ ପ୍ରୟୋଗ ହୋଇଥାଏ। ଏଥିରେ ତିନିଗୋଟି ପ୍ରତ୍ୟୟ ଲକ୍ଷିତ ହୁଏ ଯଥା:- ଅନ୍ତ, ଇ, କି। 'ଅନ୍ତ' ସଂସ୍କୃତ 'ଆନ୍‌ର'ର

ରୂପାନ୍ତର । ଇ ପ୍ରାକୃତ ଦ୍ୱିତୀୟା ବିଭକ୍ତି ପ୍ରତ୍ୟୟ, 'ଇଁ'ର ଅପଭ୍ରଂଶ 'କି' ଓଡ଼ିଆ ୨ୟ ବିଭକ୍ତିର ପ୍ରାକୃତରେ ଆମ୍ଭତିକି ତୁମ୍ଭତିକି ହେବାର ଥିଲା । କିନ୍ତୁ ଏ ଅଞ୍ଚଳର ଲୋକଙ୍କ ମୁଖରେ ଅନୁସ୍ୱାର ବିବର୍ଜିତ ହୋଇ ଆମତିକି, ତୁମତିକି ହୋଇଅଛି । (୨)

ଆମତିକି ଦିଅ	ଆମକୁ ଦିଅ	କିମ୍ବା ମୋତେ ଦିଅ
ତାଙ୍କତିକି ଦିଅ-	ତାଙ୍କୁ ଦିଅ ବା	ସେମାନଙ୍କୁ ଦିଅ

ତୋକେ, ମୋକେ ତୋକେ=ତୋତେ

ମୋକେ=ମୋତେ

ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଅପେକ୍ଷା କୋରାପୁଟ ଜିଲ୍ଲାରେ ଏହାର ପ୍ରଚଳନ ଅଧିକ। ଦେଶିଆ ଭାଷାରେ ଏ ଦୁଇଟି ସର୍ବନାମ ବ୍ୟବହାର ଅନ୍ତର୍ଭୁକ୍ତ। ଡ. ସତ୍ୟନାରାୟଣ ରାଜଗୁରୁଙ୍କ ମତରେ - ତେଲୁଗୁ ଭାଷାରେ 'ମାକୁ' ଶବ୍ଦର ଅର୍ଥ 'ମୋତେ', 'ମାକୁ' ଶବ୍ଦର ଅର୍ଥ ତୁମକୁ, ସେପରି ଓଡ଼ିଆରେ 'ମୁକୁ' ଓ 'ତୁକୁ' ସାରଳାଦାସ ସ୍ୱରଚିତ ମହାଭାରତ ଗ୍ରନ୍ଥରେ ବ୍ୟବହାର କରିଛନ୍ତି। (୩)

ତାଙ୍କେ ୟାଙ୍କେ :

ଦାକ୍ଷିଣାଞ୍ଚଳୀୟ କଥିତ ଓଡ଼ିଆ ଭାଷାର ଦୁଇଟି ସର୍ବନାମ ହେଲା - ତାଙ୍କେ ୟାଙ୍କେ। ଏ ଅଞ୍ଚଳରେ ସେ ପରିବର୍ତ୍ତେ ଗୌରବ ଅର୍ଥରେ କେହି କେହି ତାଙ୍କେ, ୟାଙ୍କେ ବ୍ୟବହାର କରିଥାନ୍ତି। ଷଷ୍ଠୀ ବିଭକ୍ତିର ତାଙ୍କ, ୟାଙ୍କ ସହିତ ବହୁବଚନ ପ୍ରତ୍ୟୟ 'ଏ' ଲାଗି ୟାଙ୍କେ; ତାଙ୍କେ ହୋଇଥିବାର ଅନୁମେୟ। (୪) ଅଧ୍ୟାପକ ଡକ୍ଟର ଖଗେଶ୍ୱର ମହାପାତ୍ର ଆଲୋଚ୍ୟ ସର୍ବନାମ ସମ୍ପର୍କରେ ଯେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି ଅତ୍ୟନ୍ତ ଯୁକ୍ତିଯୁକ୍ତ। ତାହାହେଲା - ତୃତୀୟ ପୁରୁଷବାଚକ ମାନ୍ୟାର୍ଥକ ସର୍ବନାମ ପଦ 'ତାଙ୍କେ' ଦକ୍ଷିଣ ଓଡ଼ିଶାର ଏକ ପ୍ରଧାନ ବୈଶିଷ୍ଟ୍ୟ। ଏହି ପଦଟିର ସୃଷ୍ଟି ମୂଳରେ ନିହିତ ରୂପ - ପ୍ରକ୍ରିୟା ବିଶ୍ଳେଷଣ ପରି ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ କହନ୍ତି - ଓଡ଼ିଆ 'ତାଙ୍କ' ଶବ୍ଦ ସହିତ କାରଣକାରକ ପ୍ରତ୍ୟୟ 'ଏ' ସଂଯୋଗରେ ଏହା ଗଠିତ ଏବଂ ଏହାର ଆକ୍ଷରିକ ଅର୍ଥ 'ତାଙ୍କ ଦ୍ୱାରା' । କିନ୍ତୁ ଏହାଠାରୁ 'ଏ' ପ୍ରତ୍ୟୟଟିକୁ କର୍ତ୍ତୃକାରକରେ ମାନ୍ୟାର୍ଥକ ଏକବଚନାତ୍ମକ ପ୍ରତ୍ୟୟ ରୂପେ ଚିହ୍ନିତ କରିବା ସମୀଚୀନ। ଇଂରାଜୀ His Highness ପ୍ରବନ୍ଧର 'ତାଙ୍କ' ଯେଉଁ ଅର୍ଥରେ ବ୍ୟବହୃତ ହୁଏ ଦକ୍ଷିଣ ଓଡ଼ିଶାରେ 'ତାଙ୍କେ' ସର୍ବନାମ ପଦରେ ତାହାର ସାଦୃଶ ପରିଲକ୍ଷିତ ହୁଏ।

ଓଡ଼ିଆରେ ପ୍ରଥମ ଓ ଦ୍ୱିତୀୟପୁରୁଷ ସର୍ବନାମ ପଦରେ ମାନ୍ୟାର୍ଥରେ ବହୁବଚନାତ୍ମକ ପଦର ଏକବଚନାତ୍ମକ ପ୍ରୟୋଗ ହୁଏ; କିନ୍ତୁ ତୃତୀୟପୁରୁଷ କ୍ଷେତ୍ରରେ ଏପରି ହୋଇ ନଥାଏ। ଯଥା :-'ମୁ', 'ଆମ୍ଭେ', ତୁ' 'ତୁମେ' ପଦଯୁଗରେ ଆମ୍ଭେ, ତୁମ୍ଭେ ଉଭୟେ ଏକବଚନ ଓ ବହୁବଚନରେ ପ୍ରୟୋଗ ହୋଇପାରେ, କିନ୍ତୁ 'ସେ' 'ସେମାନେ' ପଦଯୁଗ୍ମରେ 'ସେମାନେ'

ଏକବଚନରେ ପ୍ରୟୋଗ ହେବାରେ ରୂପଗତ ବୈଶିଷ୍ଟ୍ୟ ହିଁ (ବହୁବଚନାତ୍ମକ 'ମାନେ'ର ଉପସ୍ଥିତି) ପ୍ରତିବନ୍ଧକ ହୁଏ। ତେଣୁ ଏହି ପରିସ୍ଥିତିରେ ଦକ୍ଷିଣ ଓଡ଼ିଶାରେ ତ୍ରିବିଧ ପୁରୁଷବାଚକ ସର୍ବନାମ ପଦର ରୂପାବଳୀରେ ସମତା ସୃଷ୍ଟି ପାଇଁ ତୃତୀୟପୁରୁଷ ସର୍ବନାମ ପଦର ବହୁବଚନାତ୍ମକ ତୀର୍ଯ୍ୟକ୍‌ରୂପ 'ତାଙ୍କ' ଗୃହୀତ ହୋଇଛି ଏବଂ ତାହାକୁ 'ଆମେ' 'ତୁମେ' ସାଦୃଶ୍ୟରେ 'ଏ' କାରାନ୍ତ କରାଯାଇଛି। ପୁଣି ଏହା ସାଦୃଶ୍ୟର ନିକଟବର୍ତ୍ତୀ ତୃତୀୟପୁରୁଷ ନିର୍ଦ୍ଦେଶକ 'ୟାଙ୍କେ' ପଦର ସୃଷ୍ଟି ହୋଇଛି।

ସର୍ବନାମିକ ବ୍ୟୁତ୍ପାଦିତ ଆଉ କେତେକ ପଦରେ ମଧ୍ୟ ଦକ୍ଷିଣ ଓଡ଼ିଶାର ବ୍ୟତିକ୍ରମ ଦେଖାଯାଏ। ଯଥା:-

ଏଠାରେ - ଇଠାରେ ଏଥିରୁ-ଏହିରୁ
ସେଥିରୁ - ତହିଁରୁ ଏଟା - ଏଇଟା
ସେଟା - ସେଇଟା କାହିଁକି - କେଣେ
କିପରି - କେହି କେଉଁ - କୋ
ଯେଉଁ - ଯୋ ଇତ୍ୟାଦି(୫) କେଉଁ - କୋ
ତାଙ୍କେ ଆସିଥିଲେ - ସେ ଆସିଥିଲେ
ୟାଙ୍କୁ ଦେଇକା - ତାଙ୍କୁ ଦେଇପକା

ଇଏ, ଇହା, ୟା ଇଏ - ଏହି
ୟା, ଇହା - ଏହା

ଘରର ସ୍ୱାମୀମାନେ ସ୍ୱାମୀମାନଙ୍କ ନାଁ ନଧରି ପାରି 'ଇଏ' ବୋଲି କହୁଥାନ୍ତି।
ଇଏ ଗାଁକୁ ଆସିଛନ୍ତି - ସେ (ସ୍ୱାମୀ) ଗାଁକୁ ଆସିଛନ୍ତି
ଇହାଟା ଉପରେ ସିଟା ଅଛି - ଏହା ଉପରେ ସେଇଟା ଅଛି ।
ୟାକୁ ଦେଇ ଦେ - ତାକୁ ଦେଇଦେ ବା ଏହାକୁ ଦେଇଦେ

ଏତା **ଏତା = ଏହା**

ସାଧାରଣ ଲୋକଙ୍କ ବ୍ୟବହାରିକ ଭାଷାରେ 'ଏହା' ପଦର ବଦଳରେ 'ଏତା' ପଦ ଶୁଣାଯାଏ। ଏହିଟି ଏତତ୍ ପଦର ଅନୁକରଣରେ ଚଳିଅଛି। ଏତତ୍ -ଏତା, ହଳନ୍ତ ଲୋପରେ ପୂର୍ବପରି ଏଠାରେ ଦୀର୍ଘ ହେଲା ବୋଲି ପଣ୍ଡିତ ଗୋପୀନାଥ ନନ୍ଦ ମତବ୍ୟକ୍ତ କରିଥାନ୍ତି । (୬) ବ୍ରହ୍ମପୁର, ଆସିକା ଓ ଭଞ୍ଜନଗର ଏ ତିନୋଟି ସହର ଓ ଏହାର ନିକଟବର୍ତ୍ତୀ ପଲ୍ଲୀ ଅଞ୍ଚଳଗୁଡ଼ିକରେ 'ଏତା' ଶ ଶବ୍ଦର ପ୍ରଚଳନ ଅଧିକ ଜଣାଯାଏ।

ଏତାଟା କରିବୁଟି - ଏଇଟା କରିବୁଟି
ଏତାଟା ଦେଲା - ସେଇଟା ଦେଲା

ଏତା ଭଳି ଆଉ କେତେ ସର୍ବନାମର ବ୍ୟବହାର ଦେଖାଯାଏ, ଯଥା :- ସେତା, କୋ'ତା ।

ପ୍ରାଥମିକ ବିଦ୍ୟାଳୟରେ ବାଳକ ବାଳିକାମାନଙ୍କୁ ଶିକ୍ଷାଦାନ କଲାବେଳେ, ଶିକ୍ଷକମାନେ ଉପରୋକ୍ତ ଦୁଇଟି ସର୍ବନାମ 'ଏତା' ଓ 'ଇଏ' ପ୍ରତି ସତର୍କତା ଅବଲମ୍ବନ କରିବାପାଇଁ ଡକ୍ଟର ବିଜୟ ପ୍ରସାଦ ମହାପାତ୍ର କହିଛନ୍ତି। ତାଙ୍କରି ଭାଷାରେ-'ଏତା' ଆଉ 'ଇଏ' ଏହି ଶବ୍ଦ ଦୁଇଟି ଭାଷା ଶିକ୍ଷାର ପ୍ରଧାନ ଶତ୍ରୁ । 'ଇୟେଟା ଟିକିଏ ଦେବୁଟି' ବାକ୍ୟ ପିଲାମାନେ ଯେପରି କେବେ ବ୍ୟବହାର ନ କରନ୍ତି ସେଥିପାଇଁ ଶିକ୍ଷକଙ୍କର ଦୃଷ୍ଟି ରହିବା ଉଚିତ୍। କାରଣ 'ଇଏ' ହେଉଛି ଫମ୍ପାଶବ୍ଦ, ଅର୍ଥହୀନ, ଅପରିଚ୍ଛନ୍ନ ଚିନ୍ତାଧାରା ଓ ଅପକ୍ୱ ଅନୁଭୂତିର ପ୍ରତୀକ। ପିଲା ଯେତେବେଳେ 'ଇଏ' ଲଗାଇ କୁହେ, ତା'ର ଉଦ୍ଦେଶ୍ୟ ବୁଝିହେଉଥିଲେ ମଧ୍ୟ, ପ୍ରକୃତ ଶବ୍ଦ ଦେଇ କହିବା ପାଇଁ ତାକୁ ବାଧ କରାଯିବା ଉଚିତ୍। ଶବ୍ଦ ଖାଲି ନିଚ୍ଛକ ଗଣ୍ଡଗୋଳ ନୁହେଁ, ଏହା ଚିନ୍ତାର । ଏଣୁ ବସ୍ତୁତଃ ଚେତନାର ପ୍ରଥମ ଓ ପ୍ରଧାନ ପ୍ରମାଣ। ଭଗବାନ୍, ସୁନ୍ଦର ପାଇଁ, ସହଜ, ଶପଥ, ଅତୀତ, ଭବିଷ୍ୟତ ପରି ହଜାର ହଜାର ଶବ୍ଦ ଅଛନ୍ତି। ଯେଉଁମାନଙ୍କ ସ୍ଥିତି ଭାଷା ବ୍ୟତୀତ ଅନ୍ୟ କେଉଁଠି ଅଛି କି ନାହିଁ ସନ୍ଦେହଜନକ। ଏହା ଅଜସ୍ର ଅବସ୍ତୁବାଚକ ଶବ୍ଦ, ଯେଉଁମାନଙ୍କୁ ଶବ୍ଦରେ ପ୍ରକାଶ ନ କଲା ପର୍ଯ୍ୟନ୍ତ ସେମାନଙ୍କର ସ୍ଥିତି ସୂଚିତ ହୋଇପାରେ ନାହିଁ, ସେମାନେ ଯଦି ନିର୍ଦ୍ଦିଷ୍ଟଭାବେ ଉଚ୍ଚାରିତ ନ ହୁଅନ୍ତି ତାହାହେଲେ ବକ୍ତାର ଉଦ୍ଦେଶ୍ୟ ହୃଦୟଙ୍ଗମ କରିବା ଅସମ୍ଭବ। (୭)

ଯୁଗ୍ମଶବ୍ଦ :

ସାଧାରଣତଃ ଦୁଇଟି ଶବ୍ଦର ମିଶ୍ରଣରେ ଯୁଗ୍ମଶବ୍ଦ ଗଠିତ ହୋଇଥାଏ। ଏହି ଦୁଇଟି ଶବ୍ଦ ସଂଯୋଗରେ ଦୁଇଟି ଅର୍ଥ ପ୍ରକାଶ ନ ହୋଇ ଏକ ଅର୍ଥ ହିଁ ପ୍ରକାଶ ହୋଇଥାଏ। କଥନଭଙ୍ଗୀର ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସ୍ୱତଃପ୍ରବୃତ୍ତ ଭାବେ ଯୁଗ୍ମଶବ୍ଦ ସୃଷ୍ଟି ହେବା ଅନୁମେୟ। ଏହି ଶବ୍ଦଗୁଡ଼ିକର ସାଧାରଣ ଲକ୍ଷଣ ହେଲା ପୂର୍ବଶବ୍ଦ ଅର୍ଥପୂର୍ଣ୍ଣ ଏବଂ ପରଶବ୍ଦ ଅର୍ଥହୀନ। କେତେକ ସ୍ଥଳରେ ଏହାର ବ୍ୟତିକ୍ରମ ମଧ୍ୟ ପରିଲକ୍ଷିତ। ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ ଅନେକ ଯୁଗ୍ମଶବ୍ଦ ପ୍ରଚଳିତ ହେଉଅଛି। ନିମ୍ନରେ ଏହାର କେତେକ ନମୁନା ଦିଆଗଲା ।

୧। ଫଁ' ବର୍ଣ୍ଣ ପରଶବ୍ଦରେ ଯୁକ୍ତ ହୋଇଥାଏ

ଆତାଫାତା	ତାଟିଆଫାଟିଆ
ଖିରଫିର	ପେନୁଫେନୁ
ଚାରୁଫାରୁ	

୨। ଶବ୍ଦର ପୁନରାବୃତ୍ତି

କୁପାକୁପା	ଥଙ୍ଗଥଙ୍ଗ
କୁନ୍ଥୁକୁନ୍ଥୁ	ବାଲୁବାଲୁ

ଖାଡ଼ାଖାଡ଼ା	ବିଜିବିଜି
ଖେଜାଖେଜା	ଭଡରଭଡ଼ର
ଗିଲିଗିଲି	ସଲସଲ
ତଡ଼ତଡ଼	ସଡ଼ସଡ଼
ତିରିଗିତିରିଗି	ରୁଆରୁଆ

୩। ପୂର୍ବଶବ୍ଦର ସାମାନ୍ୟ ସ୍ୱରଗତ ପରିବର୍ତ୍ତନ ହୋଇ ପରଶବ୍ଦ ଯୁକ୍ତ ହୁଏ

କାଞ୍ଚକାଞ୍ଚିଆ	ଝିକାଝିକି
କୁଳକୁଳା	ଧଡ଼ାଧଡ଼
ଖେଣ୍ଟାଖେଣ୍ଟି	ଧୁମାଧୁମି
ଗଡ଼ଗଡ଼ା	ପଟାପଟି
ଗିତିଜତା	ବିତିବିତା
ଗୋଚଗାତ	ଭୁରୁଭୁରା
ଘୁ'ଘା	ମୁରୁମୁରିଆ
ଜଟାଜଟି	ହୁଡ଼ାହୁଡ଼ି

୪। ପ୍ରଥମ ଶବ୍ଦରେ ଏକ ବର୍ଣ୍ଣର ଦ୍ୱିତ୍ୱ ସହ ପରଶବ୍ଦର ଅନ୍ୟ ଏକ ବର୍ଣ୍ଣର ଦ୍ୱିତ୍ୱଯୋଗ

ଚିତିପାପା	ଥାଥାମାମା

୫। ପୂର୍ବଶବ୍ଦ ଅର୍ଥପୂର୍ଣ୍ଣ, ପରଶବ୍ଦ ସମ୍ପୂର୍ଣ୍ଣ ଅର୍ଥହୀନ

କନ୍ଦାକଟା	ଧାଡ଼ିଧକଡ଼
ଖାଦିପିଦି	ପିଲାପିଚିକା
ଛୁଆଁଛୁତା	ଭାରଥୋର
ଠିକ୍‌ଠାକ୍	

୬। ପରଶବ୍ଦରେ 'ମ' ବର୍ଣ୍ଣଯୁକ୍ତି

ଆଉଣ୍ଟମାଉଣ୍ଟ	ଝଜିମଜି	
ଆଣିମାଣି	ଠୁକୁମୁକୁ	
ଖୁଜୁମୁଜୁ	ତନ୍ତମନ୍ତ	
ଝଜାମଜା	ତାରୁମାରୁ	ସୁସାରମୁସାର

୭ । ପରଶବ୍ଦ 'ବ' ବର୍ଣ୍ଣଯୁକ୍ତ

ଅଲରାବଲରା	ରକବଳ
ଉଖିରିବିଖିରି	ହରବର
ଚୁଡୁବୁଡୁ	ହିରିବିରି
ଚଡ଼ବଡ଼	ଲଡ଼ବଡ଼

୮ । ଅନ୍ୟାନ୍ୟ ଯୁଗ୍ମଶବ୍ଦ

ଅଟଜଟ	ଯୋଗାଡ଼ଯନ୍ତର
ଆଇଁଷଅଣ୍ଡଳ	ଦାବାଦରବାର
ଆଲକାଲ	ପାଇଟିପଟର
ଆଇକୁଡୁସିଦି ପକୁଡୁ	ପୁସ୍ତକମୁଗିସ୍ତକମୁ
ଉଲୁପିସୁଲୁପି	ସଁପଗାଇପ
ଓଳନାଳ	ହୁଣ୍ଡକୁଣ୍ଡୁକୁ
କାକର ଛାନିଆ	ହୁରୁଜୁରୁ
ଖୁରେଇଟୁରେଇ	ହୁଲୁସୁଲୁ

ଅଷ୍ଟମ ଅଧ୍ୟାୟର ପାଦଟୀକା

୧ । ଓଡ଼ିଆ ଭାଷାତତ୍ତ୍ୱ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ପୃ ୪୧୪

୨ । ପ୍ରବନ୍ଧାବଳୀ, ଶ୍ୟାମସୁନ୍ଦର ରାଜଗୁରୁ, ପୃ ୧୩୮

୩ । ଓଡ଼ିଆ ଭାଷାର ଉପଭାଷା, ଡ. ସତ୍ୟନାରାୟଣ ରାଜଗୁରୁ, ପୃ ୫୮

୪ । ପ୍ରବନ୍ଧାବଳୀ, ଶ୍ୟାମସୁନ୍ଦର ରାଜଗୁରୁ, ପୃ ୧୩୯

୫ । ଦକ୍ଷିଣାଞ୍ଚଳୀୟ ଓଡ଼ିଆ, ଡ. ଖଗେଶ୍ୱର ମହାପାତ୍ର, ପୃ-୯

୬ । ଓଡ଼ିଆ ଭାଷାତତ୍ତ୍ୱ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ପୃ-୩୯୬

୭ । ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ, ଡ. ବିଜୟ ପ୍ରସାଦ ମହାପାତ୍ର ପୃ-୩୭

□

ନବମ ଅଧ୍ୟାୟ

ସାହିତ୍ୟ ସୃଷ୍ଟିରେ ଦକ୍ଷିଣାଞ୍ଚଳ ଶବ୍ଦ ପ୍ରୟୋଗର ଦୃଷ୍ଟାନ୍ତ

ଅଭିଲେଖ ସାହିତ୍ୟ :

ଯେକୌଣସି ଭାଷାର ଆଦ୍ୟ ଉନ୍ମେଷ ନିମିତ୍ତ ଅଭିଲେଖ- ସାହିତ୍ୟର ଐତିହାସିକ ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଦକ୍ଷିଣ ଓଡ଼ିଶାର ନିକଟବର୍ତ୍ତୀ ଆନ୍ଧ୍ରପ୍ରଦେଶର କେତେକ ମନ୍ଦିର ଗାତ୍ର (ମୁଖଲିଙ୍ଗମ, ଶ୍ରୀକୂର୍ମମ୍, ସିମାଞ୍ଚଳମ୍ ପ୍ରଭୃତି)ରେ ଖୋଦିତ ଶିଳାଲେଖଗୁଡ଼ିକରେ ଓଡ଼ିଆ ଭାଷା ଓ ଲିପିର ଆଦ୍ୟ ସଂକେତ ମିଳିଥାଏ। ସାଧାରଣତଃ କୌଣସି ରାଜାଙ୍କ ଆଦେଶପତ୍ରର ସ୍ଥାୟିତ୍ୱ ବଜାୟ ରଖିବା ଉପଲକ୍ଷ୍ୟରେ ମନ୍ଦିରମାଳିନୀର ପ୍ରସ୍ତର ଦେହରେ ଶିକ୍ଷିତ ରାଜଶିଳ୍ପୀମାନଙ୍କ ଦ୍ୱାରା ଏହି ଶିଳାଲେଖଗୁଡ଼ିକ ଖୋଦିତ ହୋଇଥାଏ। ଶିଳାଲେଖଗୁଡ଼ିକର ବିଷୟବସ୍ତୁ ବ୍ୟତୀତ ଖୋଦିତ ଲିଖିତ ଭାଷାର ରଚନା କୌଶଳ ଓ ଭାଷାତାତ୍ତ୍ୱିକ ମୂଲ୍ୟକୁ କେବଳ ଗ୍ରହଣ କରିବା ବାଞ୍ଛନୀୟ । କାରଣ ଏଗୁଡ଼ିକର ଭାଷା-ସମସାମୟିକ ପ୍ରଚଳିତ ଶୁଦ୍ଧ କଥିତଭାଷାକୁ ଅନୁସରଣ କରିଥିବା ବିଶ୍ୱାସଯୋଗ୍ୟ।

ଅଭିଲେଖ ବ୍ୟବହୃତ ଭାଷା ଅନୁଧ୍ୟାନ କଲେ ମନେହୁଏ ଦକ୍ଷିଣ ଓଡ଼ିଶାର କଥିତଭାଷାର ସ୍ୱାତନ୍ତ୍ର ପ୍ରାଚୀନକାଳରୁ ଚଳିଆସୁଅଛି । ସମୟାନୁକ୍ରମେ ରାଜାମାନେ ନିଜ ନିଜ ଶିଳାଲେଖଗୁଡ଼ିକରେ ଶୁଦ୍ଧ ଓଡ଼ିଆ କିମ୍ବା ଶୁଦ୍ଧ ତେଲୁଗୁ ବ୍ୟବହାର ନକରି ଦୁଇଟି ଭାଷାର ବିକୃତ ଉଚ୍ଚାରଣ ସମ୍ବଳିତ ଶବ୍ଦ ସମୂହ ପ୍ରୟୋଗ କରୁଥିଲେ। ଦକ୍ଷିଣାଞ୍ଚଳରୁ ପ୍ରାପ୍ତ କେତେକ ଶିଳାଲେଖର ବ୍ୟବହୃତ ଲିଖିତ ଭାଷା ସମ୍ପର୍କରେ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଡକ୍ଟର ସତ୍ୟନାରାୟଣ ରାଜଗୁରୁ ମତ ପ୍ରଦାନ କରି କହନ୍ତି- ଓଡିଶାର ଦକ୍ଷିଣାଂଶରେ ଅର୍ଥାତ୍ ପ୍ରାଚୀନ ମଠର ଓ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରେ କଳିଙ୍ଗାଧିବାସୀମାନଙ୍କ ଭାଷା ସଙ୍ଗେ ତତ୍‌ସନ୍ନିକଟ ରାଜ୍ୟମାନଙ୍କରେ ପ୍ରଚଳିତ ଦ୍ରାବିଡ଼ୀୟ ଭାଷାରେ ସଂସ୍କୃତ ଶବ୍ଦାବଳୀ ବହୁପରିମାଣରେ ପରିଲକ୍ଷିତ ହେଲେ ସୁଦ୍ଧା ତାହା ବିକୃତ (ଅପଭ୍ରଂଶ) ଆକାରରେ ଧ୍ୱନିତ ହେଉଥିଲା । ଯଥା :-

ସଂ	ତ୍ର	୍ର
ମାତା	ଆମ୍ମା (ତେ)	ମା
ନୀର	ନିଲୁଂ (ତେ)	ନୀର
ପେଟିକା	ପେଟ୍ଟି (ତେ)	ପେଡ଼ି (୧)

ପୁଣି ଗଙ୍ଗବଂଶୀୟ ରାଜତ୍ୱକାଳରେ ଓଡ଼ିଆମାନେ ତେଲୁଗୁ ଭାଷାରେ ଏତେଦୂର ଅଭ୍ୟସ୍ତ ହୋଇଯାଇଥିଲେ ଯେ, କେତେକ ଶିଳାଲେଖରେ ସେହି ମିଶ୍ରିତ ଭାଷା ଆତ୍ମପ୍ରକାଶ କରିଅଛି। ସିଂହାଞ୍ଚଳ (ସୀମାଞ୍ଚଳ) ଶ୍ରୀଲକ୍ଷ୍ମୀ ନୃସିଂହ ମନ୍ଦିରସ୍ଥ ଏକ ଶିଳାଲିପିରେ ଏହାର ଦୃଷ୍ଟାନ୍ତ ମିଳିଥାଏ। ଯଥା:-

ତେ	ଓ
ସମସ୍ତରଂବୁଲୁ	ସମସ୍ତର
ଶନିବାର ସୁନାଣ୍ଡ	ଶନିବାର ଦିନ
କଟକା ନନୁ	ଙ୍କଟକଠାରୁ ଇତ୍ୟାଦି

ଏପରି ବହୁ ଶିଳାଲେଖରେ ଓଡ଼ିଆ-ତେଲୁଗୁ ଓ ସଂସ୍କୃତ-ତେଲୁଗୁ ମିଶ୍ରିତ ଭାଷା ଦେଖିବାକୁ ମିଳେ। ଧର୍ମ ସଂକ୍ରାନ୍ତ ବ୍ୟବସ୍ଥାପତ୍ରଗୁଡ଼ିକ ମନ୍ଦିରମାନଙ୍କରେ ନିଯୁକ୍ତ 'ଶ୍ରେଷ୍ଠକରଣ' ବା 'ଶ୍ରୀକରଣ' ନାମକ ରାଜକର୍ମଚାରୀମାନଙ୍କ ଦ୍ୱାରା ଲେଖାଯାଉଥିଲା। ଦକ୍ଷିଣ ଓଡ଼ିଶାର ବିଶେଷତଃ ମୁଖଲିଙ୍ଗମ୍ ଓ ସେହି ନିକଟବର୍ତ୍ତୀ କୋଟବମ୍ମାଳୀ, ସାନବମ୍ମାଳି ପ୍ରଭୃତି ଗ୍ରାମରେ 'ଶିଷ୍ଟକରଣ' ନାମକ ଗୋଟିଏ ଜାତି ବାସ କରନ୍ତି। ସେମାନେ ମାତୃଭାଷା ରୂପେ ଅଧା ଓଡ଼ିଆ ଓ ଅଧା ତେଲୁଗୁ ଅଦ୍ୟାବଧି ବ୍ୟବହାର କରୁଥିବା ଜଣାଯାଏ। ସେଇ 'ଶ୍ରେଷ୍ଠ-କରଣ (ଶିଷ୍ଟକରଣ)ମାନେ ହିଁ ଏହି ଶିଳାଶାସନଗୁଡ଼ିକର ଲେଖକ। ତେଣୁ ଅଧିକାଂଶ ସ୍ଥଳରେ ଏପରି ମିଶ୍ରିତ ଭାଷା ବ୍ୟବହୃତ ହୋଇଅଛି। (୨) ମୁଖଲିଙ୍ଗ ମନ୍ଦିରର ଗୋଟିଏ ଶିଳାଲେଖରେ ସଂସ୍କୃତ ମିଶ୍ରିତ ଓଡ଼ିଆ ଶବ୍ଦ କିପରି ବ୍ୟବହୃତ ହୋଇଛି, ତା'ର ଉଦାହରଣ ନିମ୍ନୋକ୍ତ ଶ୍ଲୋକ ପାଦରୁ ପ୍ରକଟିତ ହୁଏ "ଗଙ୍ଗା ନାରାୟଣ ବେଲି ଦୀପପ୍ରାବାଦଖଣ୍ଡକମ୍''। ବେଲି (ବୋଲି) ଶବ୍ଦର ବ୍ୟବହାର ଦକ୍ଷିଣ ଓଡ଼ିଶାରେ ଅଦ୍ୟାପି ପ୍ରଚଳିତ ହେଉଅଛି। ତୈଳପବଂଶୀୟ 'ରାଣକ' (ଜରଦ ରାଜା) ରାମ ଦେୱବ ଦେବଙ୍କ ପାରଳାଖେମୁଣ୍ଡି ନିକଟସ୍ଥ ଉପଲଡ଼ା ତାମ୍ରଶାସନରେ ସଂସ୍କୃତ ସଙ୍ଗେ ଓଡ଼ିଆ ଅପଭ୍ରଂଶ (ଦକ୍ଷିଣାଞ୍ଚଳୀୟ କଥିତ ଓଡ଼ିଆ) ଶବ୍ଦଗୁଡିକ ବ୍ୟବହୃତ ହୋଇଅଛି। ଯଥା : ଉପଲବଡ଼ା=ଗୋଟିଏ ଗ୍ରାମର ନାମ। ଏହାର ଅର୍ଥ ହେଉଛି ପଥର ଖଣ୍ଡରେ ତିଆରି ପଡ଼ାଗ୍ରାମ, ଗାଛି = ଗଛ, ତିତଳ = ତେନ୍ତୁଳି ଇତ୍ୟାଦି। (୩)

ନରସିଂହଦେବ (୪ର୍ଥ)ଙ୍କ ତାମ୍ର ଶାସନର ଭାଷା ଯେଉଁ ସମୟରେ ମଧ୍ୟ ଓଡ଼ିଶାରେ ବ୍ୟବହୃତ ହେଉଥିଲା, ସେହି ସମୟରେ ଦକ୍ଷିଣ ଓଡ଼ିଶାରେ ତେଲୁଗୁ ପ୍ରଭାବିତ

ଓଡ଼ିଆ ଭାଷାର ସ୍ୱରୂପ କିପରି ଥିଲା, ତା'ର ଏକ ନମୁନା ସିଂହାଞ୍ଚଳ (ସୀମାଞ୍ଚଳ) ମନ୍ଦିର ଗାତ୍ରରେ ଖୋଦିତ ଭାନୁଦେବ (୪ର୍ଥ) ଙ୍କ ୮ମ ଅଙ୍କ (ଖ୍ରୀ:୧୪୨୦)ର ନିମ୍ନୋକ୍ତ ଲିପିରୁ ପ୍ରକଟିତ ହୋଇଥାଏ।

ବୀରଶ୍ରୀ ବାଣୁଦେବ ରାଜୁଲ ସମସ୍ତ ୮ ସ୍ରା (ହି) ମକରକୁ ୧୧ ସୀ ରବିବାରେ କଳିଙ୍ଗ ଦଣ୍ଡପଟ ପରୀକ୍ଷ ମହାପାତ୍ର ଭୁବନାନନ୍ଦ ସନ୍ଧି ବିଗ୍ରାଙ୍କର ଅଧ୍(କା)ରେ କଳିଙ୍ଗ ପରିକ୍ଷା ପରିହାରାନନ୍ଦ ସନ୍ଧିବିଗ୍ର(ହେ)ଙ୍କର ଅଧ୍ଜାରେ ମାଜି ସମସ୍ତ ବେହରଣ ବିଦ୍ୟମାନେ ଟାକରଙ୍କର ଆୟୁଷ୍ଟାମାର୍ତେ ଶ୍ରୀ ନରସିଙ୍ଗନାତ ଦେଉଙ୍କର ଅମୃତ ମଣହି (ଭି) ଆଇଲା ନିଶଙ୍କ ଭାଣୁ ଭୋଗ ୧ଇ ଆରୁ ୪ ବା ପୁଳି କୋରଡ଼ ବଡ଼ା ଜେଉଟ (ପା) ଲୁ ଲା (ନା) ଡି ବ ୧- ପଣା କଳସି ୨ ପାନୁ (ନ) ବିଡ଼ିୟା ୫ ଗୁ (ଆ) ଗୋ ୫ ଦୋଣ୍ଡାମାଳ ୧ ପତ୍ରିଫଳ ୨ କପୁରମିଶା ଚନ୍ଦନ କଳସି ୧ ତିଗୁଣ ଦୁଧ କୁଞ୍ଚା ୧ ଖଣ୍ଡ ମେଞ୍ଚେ ଏତକ ନିତ୍ୟ ପ୍ରସାଦକୁ ମଦ୍ୟେ।"

ଉପରୋକ୍ତ ଲେଖାରେ ନିମ୍ନୋକ୍ତ ଶବ୍ଦ ତେଲୁଗୁ ପ୍ରଭାବହେତୁ ବିକୃତଭାବେ ଉଚ୍ଚାରିତ ହେଉଥିଲା:-

ଅଶୁଦ୍ଧ	**ଶୁଦ୍ଧ**
ବାଣୁଦେବ	ଭାନୁଦେବ
ସନ୍ଧିବିଗ୍ରାଙ୍କର	ସଂଧିବିଗ୍ରହଙ୍କର
ଟାକୁରଙ୍କର	ଠାକୁରଙ୍କର
ଆୟୁଷ୍ଟାମାର୍ତେ	ଆୟୁଷ୍ଟାମାର୍ଥେ
ଶ୍ରୀନରସଙ୍ଗନାତ	ଶ୍ରୀ ନରସିଂହନାଥ
ଦେଉଙ୍କର	ଦେବଙ୍କର
ଅମୃତ ମଣହି	ଅମୃତମଣୋହି
ପାନୁ	ପାନ
ଦୋଣ୍ଡାମାଳ	ଧଣ୍ଡାମାଳ
କପୁର	କର୍ପୂର
ମଦ୍ୟେ	ମଧ(୪)

ପ୍ରଦତ୍ତ ଦୃଷ୍ଟାନ୍ତଗୁଡ଼ିକରୁ ଜଣାଯାଏ ଯେ, ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ ତେଲୁଗୁ ଭାଷାର ସଂସ୍ରବ ରହିଥିଲା। ଓଡ଼ିଆ-ତେଲୁଗୁ ଭାଷାର ମିଶ୍ରଣରେ ଏହାର ଯେଉଁ ଆଞ୍ଚଳିକତାର ଉନ୍ମେଷ ଘଟିଥିଲା, ତାହା ଅନ୍ୟୂନ ଆଜିକୁ ସାତଶହ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ସହଜରେ ଅନୁମେୟ।

ଗଦ୍ୟ-ସାହିତ୍ୟ :

ଓଡ଼ିଆ ଗଦ୍ୟସାହିତ୍ୟ ସୃଷ୍ଟି ପ୍ରାଚୀନ ନୁହେଁ। ତଥାପି ଏହାର ସଂପ୍ରତି ବିସ୍ତୃତି ଅନନ୍ୟ। ଅନ୍ୟ ସାହିତ୍ୟ ଭଳି ଓଡ଼ିଆ ଗଦ୍ୟସାହିତ୍ୟର କ୍ରମବିକାଶ ସମୟାନୁକ୍ରମେ ପରିବର୍ତ୍ତିତ ହୋଇଚାଲିଛି। ଦକ୍ଷିଣାଞ୍ଚଳ କଥିତ ଓଡ଼ିଆ ଭାଷାର ରୂପରେଖ ଗଦ୍ୟସାହିତ୍ୟରେ କିପରି ପ୍ରତିବିମ୍ବିତ ହୋଇଛି, ତା'ର କେତେକ ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା।

ଖଲିକୋଟ୍‌ର ଜଣେ ରାଜଭ୍ରାତା-ନୀଳାମ୍ବର ବିଦ୍ୟାଧରଙ୍କ ରଚିତ 'ପ୍ରସ୍ତାବ ଚିନ୍ତାମଣି' ଗଦ୍ୟ ଗ୍ରନ୍ଥରେ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଶବ୍ଦସମ୍ଭାରର ପ୍ରୟୋଗ ଦେଖିବାକୁ ମିଳିଥାଏ। ଏହି ଗ୍ରନ୍ଥର ରଚନାକାଳ ଅଷ୍ଟାଦଶ ଶତାବ୍ଦୀ ବୋଲି ସଂକଳକ ଦୃଢଭାବେ ଯୁକ୍ତି ପ୍ରଦର୍ଶନ କରିଛନ୍ତି। ଏହି ଗ୍ରନ୍ଥର ଏକ ସ୍ଥାନରେ ବର୍ଣ୍ଣିତ ଅଛି-

"ଏଥି ଉତ୍ତାରୁ **ନଅର ବ୍ୟବସ୍ଥା** କହିବା। ଡାଲିମ ପଥରରେ ଚଉରସ ହୋଇ ବାହିକ ପନ୍ଦରସ ହାତ ଲେଖାରେ ପାଚେରୀ ବୁଲୁଛି। ଉପରେ କମ କାଙ୍ଗୁରା ଗଢା ହୋଇଛି। ପିମ୍ପୁଡି **ଭେଦିବାକୁ** ରନ୍ଧ୍ର ନାହିଁ। ଏମନ୍ତ ହୋଇ ଯେଉଁ ପାଚେରୀ ତହିଁର ପୂର୍ବ ଭାଗରେ ସିଂହଦ୍ୱାର ନିର୍ମାଣ ହୋଇଛି। ଏ ଦ୍ୱାର ଦୁଇପାଖେ ମୁଗୁନି ବେଦୀ ଉପରେ ସ୍ଫଟିକ ସିଂହ ଦୁଇଗୋଟା ଗଢ଼ା ହୋଇ ବସିଅଛନ୍ତି ମଧ୍ୟରେ ଶାଣ ପଥରରେ **ଘୋଷଡ଼ା ପାଆଛ** ଗୋଟାଏ ହୋଇଛି। **ପାଆଛ** ଦୁଇ ପାଖରେ ଦୁଇଗୋଟା ପଥର କଳସୀ ବସା ହୋଇଛି।"(୫) ପୁଣି ଏଥିରେ ଶ୍ଳେଷୋକ୍ତି ତଥା ଚଢି ପ୍ରୟୋଗ ଦେଖାଯାଇଥାଏ। ସେଗୁଡ଼ିକ ହେଲା । -

ପାଇକେ ବୋଲୁଛି-ଜଣେ ପାଇକ କହୁଛି
ଗୋଡ଼ ପାଇଗଲାନି-ପାରଙ୍ଗମ ହୋଇଗଲାଣି
ଚଇତନ ଥିବଟି-ସଚେତ ହୋଇଥିବଟି
ଏଠାରେ କେଉଁ ସ୍ଥାନ-ଏହା କେଉଁ ସ୍ଥାନ
ପହଞ୍ଚିବା ସରିକି-ପହଞ୍ଚିବା ବେଳକୁ
ଏ ନଜାଣିବା ବିଦ୍ୟାମାତ୍ରକେ ନଥିବ- ଏ ଜାଣି ନଥିବା ବିଦ୍ୟା ନାହିଁ
ନ ବୋଇଲେ ଚଳିଲା- ନ କହିଲେ ଚଳିବ ନାହିଁ
ଗାଣ୍ଡିଆ ବୋଲିବେ-ଭୀରୁ ବୋଲିବେ

ଏପରି ବହୁ ପ୍ରବଚନ ଏହି ପୁସ୍ତକରୁ ପ୍ରକାଶ ପାଇଛି, ଯାହାକି ଦକ୍ଷିଣ ଓଡ଼ିଶାରେ ୧୮ ଶତାବ୍ଦୀରେ ବ୍ୟବହୃତ ହେଉଥିଲା। ଏବେ ମଧ୍ୟ କେତେକ ଅଞ୍ଚଳରେ ଏଥିରୁ ଅନେକ ପ୍ରଚଳିତ ହେଉଅଛି। (୬)

ପାରଳାର ରାଜା ଶ୍ରୀ ଗୌରଚନ୍ଦ୍ର ନାରାୟଣଦେବ ଧ୍ରୁବ ନାଟକର ରଚୟିତା । ଏହି ନାଟକରେ ନାଟ୍ୟକାର ସାଧାରଣ ପାତ୍ରପାତ୍ରୀଙ୍କ ମୁଖରେ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାର ପ୍ରୟୋଗ

କରିଛନ୍ତି । ଏହି ନାଟକର ଆଞ୍ଚଳିକ ଭାଷା ବ୍ୟବହାରକୁ କେନ୍ଦ୍ରକରି ତତ୍‌କାଳୀନ ସମ୍ବାଦପତ୍ରଗୁଡିକ ସମାଲୋଚନା କରିଥିଲେ । ପାରଳାର ଶ୍ୟାମସୁନ୍ଦର ରାଜଗୁରୁ ନିର୍ଭୀକଭାବେ ଏହାର ଯଥାର୍ଥ ଉତ୍ତର ପ୍ରଦାନ କରିଥିଲେ ।

ଏହି ନାଟକରେ ନ ଜାଣି ଯାହା ପାରୁ ତାହା ବୋଲି ଦେନ୍ତି' "କୋଠାରେ ଥିଲୁ', 'କୋଆଡ଼େ', 'ହେଟି', 'ବିଜେ ହେନ୍ତୁ', 'କେ ନ ଦେଖୁଣୁ', 'ଆଉରି' ପରି, ପେରି ପ୍ରଭୃତି ଆଞ୍ଚଳିକ ବିଶେଷତ୍ୱ ପୂର୍ଣ୍ଣ ଶବ୍ଦପ୍ରୟୋଗ ରହିଥିଲା । ଉତ୍କଳ ସାହିତ୍ୟ ପତ୍ରିକାର ସଂପାଦକ ସଂକ୍ଷିପ୍ତ ସମାଲୋଚନା ପର୍ଯ୍ୟାୟରେ ଏ ନାଟକର ସମାଲୋଚନା ଲେଖିଥିଲେ । (ଉତ୍କଳ ସାହିତ୍ୟ, ୫/୧୧-୧୨ ସଂଖ୍ୟା) ନାଟକରେ ଚରିତ୍ରମାନଙ୍କ ବୈଶିଷ୍ଟ୍ୟହୀନତା ଭାଷାରେ ପ୍ରାଦେଶିକତାର ଆଧିକ୍ୟ ପ୍ରସଙ୍ଗକ୍ରମେ ସମାଲୋଚିତ ହୋଇଥିଲା । ପାରଳାର ଶିକ୍ଷାବିତ୍ ଶ୍ୟାମସୁନ୍ଦର ରାଜଗୁରୁ ଏହାର ଉତ୍ତର ଦେବାକୁ ଯାଇ "ପ୍ରାଦେଶିକତାର ବ୍ୟବହାର ଦୋଷାବହ ନୁହେଁ" ଏହା ପ୍ରତିପାଦନ କରିଥିଲେ । ସ୍ୱକୀୟ ଆଲୋଚନାରେ ସେ ମାକ୍‌ସୁମଲାରଙ୍କ Science of language.... ଓ ହ୍ୱିଟ୍‌ନିଙ୍କର Life and Growth of Languageରୁ ବିସ୍ତୃତ ଉଦ୍ଧୃତି ସହ ପ୍ରାଦେଶିକତା ଭାଷାର ପ୍ରାଣ- ଏହି ଦୃଢ଼ ଯୁକ୍ତି ଉତ୍‌ଥାପିତ କରିଥିଲେ । ପତ୍ରିକାର ସମସଂଖ୍ୟାରେ ସଂପାଦକ ରାଜଗୁରୁଙ୍କ ପ୍ରତିବାଦର 'ଉତ୍ତର' ଦେଇଥିଲେ । ଆତ୍ମପକ୍ଷ ସମର୍ଥନପୂର୍ବକ ସେ ଲେଖିଥିଲେ- ଆମ୍ଭେମାନେ ଘରୁଆ ଭାଷା ବ୍ୟବହାର ବିରୋଧୀ ନୋହୁଁ । ବରଂ ନାଟକ ଉପନ୍ୟାସାଦିରେ ବ୍ୟକ୍ତିବିଶେଷଙ୍କ ମୁଖରେ ସେପରି ଭାଷାର ବ୍ୟବହାର ଏକାନ୍ତ ବାଞ୍ଛନୀୟ ବୋଲି ମନେକରୁ । ତଦ୍‌ଭାବରେ ଲିଖିତଭାଷା ଅପୂର୍ଣ୍ଣ ରହିବ ଏବଂ ଅନେକ ସ୍ଥଳରେ ବିଷୟ ସହିତ ଭାଷାର ସଂହତ ରକ୍ଷା ହେବ ନାହିଁ । କିନ୍ତୁ ପ୍ରାଦେଶିକତା ସର୍ବଥା ପରତ୍ୟଜ୍ୟ ଓ ଲିଖିତଭାଷାର ଏକ ଆଦର୍ଶ ରକ୍ଷିତ ହେବା ଉଚିତ । ସମ୍ପାଦକଙ୍କ ସିଦ୍ଧାନ୍ତ ହେଲା- "ସର୍ବାଞ୍ଚଳ ପ୍ରଚଳିତ ଓ ସର୍ବଜନବୋଧ ବିଶୁଦ୍ଧ ଓଡ଼ିଆ ଗ୍ରାମ୍ୟ କଥା ଓ idioms ରକ୍ଷାକରି ଅଧିକ ପରିମାଣରେ ସଂସ୍କୃତମୂଳକ ସହଜ ଶବ୍ଦମାନ ବ୍ୟବହାର କଲେ କାହାର କୌଣସି ଆପତ୍ତି ରହିବ ନାହିଁ ।" (ଉତ୍କଳ ସାହିତ୍ୟ ୫/୧୧-୧୨, ପୃ-୧୩୮) ପରେ ପରେ ରାଜଗୁରୁ ମହାଶୟ ଆଉ ଖଣ୍ଡେ "ପ୍ରତିବାଦପତ୍ର" ଓ ମତବୈଷମ୍ୟର ନିଦର୍ଶନ ନିମନ୍ତେ "ଓଡ଼ିଆ ଭାଷାର ଆଦର୍ଶ" ଶୀର୍ଷକ ପ୍ରବନ୍ଧ ପ୍ରକାଶ କରିଥିଲେ । (ଉତ୍କଳ ସାହିତ୍ୟ୬/୭-୮ ସଂଖ୍ୟାରେ ଦୁଇଟି ଲେଖା ପ୍ରକାଶିତ) ରାଜଗୁରୁଙ୍କ ମତରେ -ନିମ୍ନଶ୍ରେଣୀର ଲୋକମାନଙ୍କ କଥା ବା ଅପଭ୍ରଂଶ ପ୍ରାଦେଶିକତା ନୁହେଁ । ବରଂ ଓଡ଼ିଆ ଭାଷାର ବଳିଷ୍ଠ ସମ୍ପାଦନା ନିମନ୍ତେ କଟକ, ବାଲେଶ୍ୱର, ସମ୍ବଲପୁର ପ୍ରଭୃତି ଅଞ୍ଚଳର ଲୋକସାଧାରଣ ବ୍ୟବହୃତ ଅର୍ଥପୂର୍ଣ୍ଣ ପ୍ରୟୋଗଗୁଡ଼ିକ ବ୍ୟବହୃତ ହେବା ଉଚିତ । (୭)

(ଗଞ୍ଜାମ ନିବାସୀ) ପଣ୍ଡିତ କୃଷ୍ଣ ଦାସଙ୍କ ରଚିତ ଲାବଣ୍ୟବତୀ ଟୀକାର (୧୮୫୭) ନିମ୍ନ ଉଦ୍ଧୃତାଂଶରୁ କଥିତଭାଷାର ପ୍ରୟୋଗର ଏକ ନିଦର୍ଶନ ଏଠାରେ ଦିଆଯାଇପାରେ-

"ଜୟ ଶବ୍ଦ ଥରେ ପ୍ରୟୋଗ କରି କବି ପୁନଃ ପୁନଃ ପ୍ରୟୋଗ **କରିବାକୁ କି ହେତୁ** । ଏମନ୍ତ **କୋଲୋକ** ଅବା ବୋଲିବ । କବି ଏଠାରେ ଆଦରାର୍ଥ କରି ବହୁବାର ପ୍ରୟୋଗ କଲା । x x x ଆଜ୍ଞାପତ୍ରିକା **ଘୋନିମାରୁ** ପ୍ରଥମେ ନିଉଛାଳି କଲା । ତହିଁ ଉତ୍ତାର ପାହାଡ଼ କଲା । ତହିଁ ଉତ୍ତାରୁ ଶିରରେ ଲଗାଇଲା । ଏ ରୂପେ ମର୍ଯ୍ୟାଦା ଲୋକିକରେ ଅଛି । କାକଟ ଚିଟାଉ ହେବାରୁ ଶସୀ ଯେ ସେ କରଗଡ଼ ହେଲା, ଏମନ୍ତ ମଣିଲା କାତର ଶବ୍ଦ ହେବାରୁ ଏଠାରେ **କି ପ୍ରୟୋଜନ** । ଭଲ ଅବା ଲେଖିଛି । ମନ୍ଦ ଅବା ଲେଖିଛି । (୮)

କେବଳ ସମାଲୋଚନା ସାହିତ୍ୟରେ ନୁହେଁ, ଓଡ଼ିଆ ଗଦ୍ୟସାହିତ୍ୟର ଅନ୍ୟାନ୍ୟ ବିଭାଗରେ ମଧ୍ୟ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ । ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା ଫକିରମୋହନ ସେନାପତି, ସ୍ୱରଚିତ "ମାମୁଁ" ଉପନ୍ୟାସରେ ଜନୈକ ତୈଲଙ୍ଗ ପଣ୍ଡିତଙ୍କ ମୁଖରେ ଦକ୍ଷିଣାଞ୍ଚଳ ଓଡ଼ିଆର ଏକ କ୍ଷୁଦ୍ର ବିବୃତ୍ତି ପ୍ରଦାନ କରିଛନ୍ତି-

"ବଡଗଡ଼ ରାଜସଭା ପଣ୍ଡିତ ରଙ୍ଗା ଭଟଲା ଭେଙ୍କଟା ପାନ୍ତୁଲୁ କହିଲେ-ଦର୍ଶନ-ଶାସ୍ତ୍ର ବଡ଼ କଠିନ ତୀବ୍ର **ଥାଉଥିବାର**-ହେଲେ-ଅତି ଭଲ ଜ୍ଞାନ-ପ୍ରଦ **ଥାଉଛି**, ଯେମନ୍ତ **ମିରିପିକାଇଲୁ** ବୋଇଲେ ଲଙ୍କାମରିଚ ତୀବ୍ର **ଥାଉଛି**, ମାତ୍ର ପୃଥିବୀର ସର୍ବଶ୍ରେଷ୍ଠ ଖାଦ୍ୟ **ଥାଉଛି** ଲଙ୍କାମରିଚ ଆଉ ଦର୍ଶନଶାସ୍ତ୍ର ନଥିଲେ **ମାନବାଲୁ** ରକ୍ଷା ପାଇବାର ନାହିଁ, ଏକଲା ।" (୯)

ସଂପ୍ରତି ଓଡ଼ିଆ ଗଦ୍ୟ ସାହିତ୍ୟରେ ଆଞ୍ଚଳିକ ଭାଷାର ପ୍ରୟୋଗ ପୂର୍ବାପେକ୍ଷା ବୃଦ୍ଧି ହେବାରେ ଲାଗିଛି । ମୂଳତଃ ରମ୍ୟରଚନା ସୃଷ୍ଟିରେ ଆଞ୍ଚଳିକ ଶବ୍ଦ ସମ୍ଭାର ଓ ବାକ୍ୟ ବ୍ୟବହାର କରିବା ଦିଗରେ ସ୍ରଷ୍ଟାମାନଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ । ନାଟକ ଓ ଉପନ୍ୟାସାଦିରେ ଏହାର ଦୃଷ୍ଟାନ୍ତ କିଛି କମ୍ ନୁହେଁ । ଆଜିକାଲି ଚଳଚ୍ଚିତ୍ରଗୁଡ଼ିକରେ (ସିନ୍‌ରବିନ୍ଦୁ) ମଧ୍ୟ ଏହାର ପ୍ରୟୋଗ ଦେଖାଯାଇଥାଏ ।

କେତେକ ଶବ୍ଦ କଥିତ ଓଡ଼ିଆରୁ ସାହିତ୍ୟିକ ଓଡ଼ିଆକୁ ପ୍ରବେଶ କରିବା ପାଇଁ ଅଧିକାର ପାଇଅଛି । ଏ ସବୁ ଶବ୍ଦ କେବଳ କଥିତ ଓଡ଼ିଆରେ ପ୍ରଚଳିତ ଥିଲା; କିନ୍ତୁ ବିଭିନ୍ନ କାରଣରୁ ସାହିତ୍ୟିକ ଓଡ଼ିଆ ଭାଷାକୁ ଆସିପାରୁ ନଥିଲା କିମ୍ବା ଏହାର ବିଶେଷ ବ୍ୟବହାର ହେଉ ନ ଥିଲା । ପରବର୍ତ୍ତୀ କାଳରେ ସେସବୁ ସାହିତ୍ୟରେ ସ୍ଥାନ ପାଇଛି । ଏ ଦୁଇ ଭାଷାର ସମ୍ପର୍କ ବିଷୟରେ ଡକ୍ଟର ଗଗନେନ୍ଦ୍ର ଦାଶ କହନ୍ତି- କଥିତଭାଷା ସହ ସାହିତ୍ୟିକ ଭାଷାର ବ୍ୟବଧାନ କେତେକ କ୍ଷେତ୍ରରେ କମିଯିବା ସଙ୍ଗେସଙ୍ଗେ ଆଉ କେତେକ କ୍ଷେତ୍ରରେ ବଢ଼ିଚାଲିଛି । ତେବେ ମୋଟାମୋଟି ସାହିତ୍ୟିକ ଭାଷା ଓ କଥିତଭାଷା ପରସ୍ପରର ନିକଟବର୍ତ୍ତୀ ହେଉଛନ୍ତି ବୋଲି ମନେହେଉଛି । ନୂତନ ପ୍ରଚଳିତ ଶବ୍ଦର ପ୍ରାଥମିକ ଅନୁଶୀଳନରୁ ଦେଖାଯାଉଛି ଉଭୟେ ଉଭୟଙ୍କୁ ପ୍ରଭାବିତ କରୁଛନ୍ତି । କଥିତଭାଷା ସାହିତ୍ୟିକ ଭାଷାରୁ ଶବ୍ଦ ସଂଗ୍ରହ କରି ଓ ସାହିତ୍ୟିକ ଭାଷା କଥିତଭାଷାରୁ ଶବ୍ଦସଂଗ୍ରହ କରି ଆପଣାକୁ ପୁଷ୍ଟ କରୁଛନ୍ତି । (୧୦)

ପଦ୍ୟ ସାହିତ୍ୟ :

ସଂସ୍କୃତାଭିମୁଖୀ ଦରବାରୀ ସାହିତ୍ୟ ସମ୍ମୁଖରେ ପ୍ରାକୃତ ତଥା ଅପଭ୍ରଂଶ ସାହିତ୍ୟର ସ୍ଥାନ ଗୌଣ ଥିଲା; କିନ୍ତୁ ସମାଜରେ ପ୍ରାକୃତଭାଷାର ସମାଦର ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସ୍ୱୀକୃତି ପରେ ହିଁ ପ୍ରତ୍ୟେକ ପ୍ରାଦେଶିକ ସାହିତ୍ୟସମ୍ପଦ ବିକଶିତ ହୋଇଥିଲା। ଓଡ଼ିଆ ସାହିତ୍ୟ ମଧ୍ୟ ଏଥିରୁ ବାଦ୍ ଯାଇନାହିଁ, କାରଣ ସାରଳା ଯୁଗ ଓ ପଞ୍ଚସଖା ଯୁଗର ସାହିତ୍ୟ ସୃଷ୍ଟି ଏହାର ପ୍ରକୃତ ଉଦାହରଣ । ପୁଣି ରୀତିଯୁଗରେ ଓଡ଼ିଆ କାବ୍ୟସାହିତ୍ୟ ସଂସ୍କୃତାଭିମୁଖୀ ହେଲା। ସମସାମୟିକ ଯୁଗର କେତେକ କବିଗଣ ସ୍ୱରଚିତ ଚଉପଦୀ, ଚଉତିଶାଗୁଡ଼ିକରେ କଥିତଭାଷାକୁ ସନ୍ନାନ ପ୍ରଦର୍ଶନ କରି ପ୍ରୟୋଗ କରିଥିଲେ। ଏ ପରିପ୍ରେକ୍ଷୀରେ ଓଡ଼ିଆ ପଦ୍ୟସାହିତ୍ୟରେ ଦକ୍ଷିଣାଞ୍ଚଳ ଓଡ଼ିଆ ପ୍ରୟୋଗର ଦୃଷ୍ଟାନ୍ତ ପ୍ରଦାନ କରିବା ଆମର ଉଦ୍ଦେଶ୍ୟ ।

ମଧ୍ୟଯୁଗୀୟ ଓଡ଼ିଆ ପଦ୍ୟସାହିତ୍ୟ ସୃଷ୍ଟିର କେନ୍ଦ୍ରସ୍ଥଳୀ-ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲା ବୋଲି କହିବା ବାହୁଲ୍ୟ ମାତ୍ର। କାରଣ ଏଭଳି ସାଂସ୍କୃତିକପୀଠରେ ଜନ୍ମଗ୍ରହଣ କରିଥିଲେ-କବିସମ୍ରାଟ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତକବି ଗୋପାଳକୃଷ୍ଣ, ମହାଭାରତ ରଚୟିତା କବି କୃଷ୍ଣ ଦାସ ଓ କେଶବ ପ୍ରଭୃତି ମହାମନୀଷୀବୃନ୍ଦ। ଓଡ଼ିଶାର ଶେଷ ଦକ୍ଷିଣ ସୀମାନ୍ତରେ ଅବସ୍ଥିତ କ୍ଷୁଦ୍ର ସହର ପାରଳାଖେମୁଣ୍ଡିର ବରପୁତ୍ରଗଣ-ବରେଣ୍ୟକବି ଗୋପାଳକୃଷ୍ଣ, ପ୍ରାବନ୍ଧିକ ଶ୍ୟାମସୁନ୍ଦର ରାଜଗୁରୁ, ଭାଷାତାତ୍ତ୍ୱିକ ସମାଲୋଚକ-ଅଭିଧାନିକ ପଣ୍ଡିତ-ଶ୍ରେଷ୍ଠ ଗୋପୀନାଥ ନନ୍ଦ ଶର୍ମା, ଛାନ୍ଦରସିକ ପ୍ରଥମ ନାଟ୍ୟକାର କବିଚନ୍ଦ୍ର ରଘୁନାଥ ପରିଚ୍ଛା, ଐତିହାସିକ ସତ୍ୟନାରାୟଣ ରାଜଗୁରୁ ପ୍ରଭୃତିଙ୍କର ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତିକୁ ମହତ ଦାନରାଜିର କଥା ଚିନ୍ତାକଲେ, ପ୍ରକୃତରେ ବିସ୍ମୟରେ ଅଭିଭୂତ ହେବାକୁ ହୁଏ। (୧୧) ଓଡ଼ିଆ ପଦ୍ୟ-ସାହିତ୍ୟର ବିଖ୍ୟାତ କବିଦ୍ୱୟ କବିସୂର୍ଯ୍ୟ ବଳଦେବ ରଥ ଏବଂ କବି କଳହଂସ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଲେଖନୀ ମଧ୍ୟରେ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଶବ୍ଦସମ୍ଭାର କିପରି ପ୍ରୟୋଗ ହୋଇଛି, ତା'ର ଯତ୍‌କିଞ୍ଚିତ୍ ଉଦାହରଣ ନିମ୍ନରେ ପ୍ରଦାନ କରଗଲା ।

କବିସୂର୍ଯ୍ୟ ବଳଦେବ ରଥ :

କବିସୂର୍ଯ୍ୟଙ୍କ ରଚିତ କାବ୍ୟ-ଗ୍ରନ୍ଥାଦିରେ ଭାଷାର ପ୍ରୟୋଗ ଅତୁଳନୀୟ। ସେଥିଲେ ଏକାଧାରରେ କବି, ସଙ୍ଗୀତଜ୍ଞ, ବ୍ରହ୍ମଶାସ୍ତ୍ରଦର୍ଶୀତା, ବହୁଭାଷାବିଜ୍ଞ ଓ ଓଡ଼ିଆ ଶବ୍ଦ ପ୍ରୟୋଗ ଶୈଳୀର ପ୍ରଥମ ଦିଗ୍‌ଦର୍ଶକ । କାବ୍ୟ କବିତାରେ ବ୍ୟବହୃତ ତତ୍‌ସମ ଓ ତଦ୍‌ଭବ ଶବ୍ଦକୁ ବାଦ୍ ଦେଲେ ଦେଶଜ ଓ ବୈଦେଶିକ ଶବ୍ଦଗୁଡ଼ିକର ପ୍ରୟୋଗ ମଧ୍ୟ ଦେଖାଦେଇଥାଏ । ଏହି ଦେଶଜ ଶବ୍ଦମାନଙ୍କର ବିଶ୍ଳେଷଣ କରିବାକୁ ହେଲେ ପ୍ରଥମେ ତାକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ, ଯଥା : ଦ୍ରାବିଡ଼ ମୂଳ, ଶାବର ମୂଳ, ଅବ୍ୟୁତ୍ପନ୍ନ ଓ ଅନ୍ୟାଗତ। ଦ୍ରାବିଡ଼ ମୂଳ : ଏହି ଶବ୍ଦଗୁଡ଼ିକ ମଧ୍ୟରୁ କେତେକ ସିଧାସଳଖ ଓ ଆଉ କେତେ ବିକୃତ ରୂପରେ କବି ବ୍ୟବହାର

କରିଛନ୍ତି। ଯଥା :

୧। **ତେଣ୍ଟାରେ** ଜାଣି ଜାଣି ପଡ଼ିଲିରେ
ଘଣ୍ଟାରବ ପଥ ମୁଁ ହୁଡିଲିରେ।

୨। **ଗୋଡ଼** ଖସି ଖେଦ **ହେବାର** ଦରଦ
ଯିବାର ଉପାୟ କହରେ ।

ଏହିଭଳି ହିନ୍ଦୀ, ତେଲୁଗୁ, ପାରସ୍ୟ ଶବ୍ଦଗୁଡ଼ିକ ନିଜ ରଚନାରେ କବି ଚମତ୍କାରଭାବେ ପର୍ଯ୍ୟବସିତ କରିଛନ୍ତି।

ଏତଦ୍‌ବ୍ୟତୀତ କବିସୂର୍ଯ୍ୟଙ୍କ ଲେଖନୀରେ, ଦକ୍ଷିଣାଞ୍ଚଳୀୟ ଶବ୍ଦ ସମ୍ଭାର ଚିତ୍ର ଅତ୍ୟନ୍ତ ଉପଭୋଗ୍ୟ । କବିଙ୍କ ଜନ୍ମସ୍ଥାନ ଗଞ୍ଜାମରେ। ତେଣୁ ଗଞ୍ଜାମ ଅଞ୍ଚଳର ବ୍ୟବହୃତ ଶବ୍ଦ ଓ ପ୍ରୟୋଗ ପ୍ରଣାଳୀର ବିଶିଷ୍ଟତା ରକ୍ଷା କରି କବିତାକୁ କିପରି ରମଣୀୟ ତଥା ହୃଦୟଗ୍ରାହୀ କରିପାରିଛନ୍ତି, ଲକ୍ଷ୍ୟ କରିବା କଥା-

୧। ଫାଟିପଡିବାର ନିକୁଞ୍ଜ ସଞ୍ଚାର ଶ୍ରମୁ ମୋ ଚରଣ ତଳ
ଫୁତରିଖୋର **ଆଖରକୁ ହେବାର** ଏହା ଏକା ଏଥୁ ଫଳରେ ।

୨। ରେ କିଶୋର, ଫୁକାର ନୋହ ଜଗତେ
ଫତୁଆ ନୁହଁଟି ବୋଲେ ଜଗଦ୍ଦେବ ହରିଚଂଦନ ଏ ଗୀତେ।

୩। ପରାଣ ଛାରକି ଲୋଡ଼ାରେ
ପ୍ରିୟଜନ ପ୍ରୀତି ପୀୟୂଷ ପ୍ରବାହ
ହୁଅଇ ଯେବେ ଖଦଡ଼ାରେ।

୪। ଠଣା ଠୁଙ୍କି ତାପ-ତ୍ରାସ ମୁଣ୍ଡେ
ମନମଥ ପାଶ ବନ୍ଧନ କର ତୁ ପରମ ଚିତ୍ତରେ।

କବିସୂର୍ଯ୍ୟ ସାହିତ୍ୟର ଭାଷା ପ୍ରୟୋଗ ସମ୍ବନ୍ଧରେ ଡକ୍ଟର ବେଣୀମାଧବ ପାଢ଼ୀ ଯଥାର୍ଥରେ କହିଛନ୍ତି-ଏହା ଓଡ଼ିଆଭାଷା ରୂପର ସମସ୍ତ ବୈଭବ ଓ ସାତନ୍ତ୍ର୍ୟ ଧରି ଆତ୍ମପ୍ରକାଶ କରିଛି। ଏଥିରେ ଆର୍ଯ୍ୟ, ଦ୍ରାବିଡ଼ ଓ ଶାବର ଭାଷା ଗୋଷ୍ଠୀର ସୂକ୍ଷ୍ମସୂତ୍ରମାନ ଯେପରି ଗୁନ୍ଥି ହୋଇ ରହିଛି ସେହିପରି ତତ୍‌ସମ, ତଦ୍‌ଭବ, ଦେଶ୍ୟ ଓ ବୈଦେଶିକ ଶବ୍ଦ କୌଶଳର ସହିତ ଗୁନ୍ଥିତ ରହିଛି।(୧୨) ପୁଣି କବିଙ୍କ ଶ୍ରେଷ୍ଠକୃତି "କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ"ରେ ଦକ୍ଷିଣାଞ୍ଚଳୀୟ କଥିତ ଓଡ଼ିଆ ନିମ୍ନଶବ୍ଦାବଳୀଗୁଡ଼ିକ ପ୍ରୟୋଗ କରିଛନ୍ତି।

ଶବ୍ଦ	ଅର୍ଥ
ଅନାଣି	ଅନାଇବା
ଆରପାର	ଅସ୍ତବ୍ୟସ୍ତ

ଶବ୍ଦ	ଅର୍ଥ
ଆବୁର	ମହତ୍ତ୍ୱ
ଏକା	ଏକମାତ୍ର
କଷିବା	ପରୀକ୍ଷା କରିବା
ଖଳୀକାର	ସାପୁଆ
ଖାରା	ତୀକ୍ଷ୍ଣ, ଟାଣ
ଚହଲାଇ	ବିଚଳିତ କର
ଝିମୁଟି	ମୁହୂର୍ତ୍ତ
ଟପାଥିବା	ସମାଦବାହକ
ଟପାଇ	ଚିଠିପତ୍ର
ଡୁଇଁଦେବା	ଦୁହିଁଦେବା
ଥାପି	ସ୍ଥିରକରି
ଧୂପିଦେବା	ଆକ୍ରମଣ କରିବା
ପାଳିଏ	ଥରେ
ସରି	ଯଥେଷ୍ଟ
ସୁସାର	ଭଲ, ଧୀରସ୍ଥିର
ହଟି	ଜିଦ୍‌ଧରିବା (୧୩)

କବିସୂର୍ଯ୍ୟଙ୍କ କୃତିରେ ଲୌକିକ ତଥା କଥିତଭାଷାର ପ୍ରୟୋଗକୁ କେନ୍ଦ୍ର କରି ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର ଯଥାର୍ଥରେ କହିଛନ୍ତି-ହୃଦୟର ସୁଖଦୁଃଖ ଜଡ଼ିତ ସକଳ ଅନୁଭବକୁ ସୁକୋମଳ ରସାଳୀ ଲୌକିକଭାଷାରେ ବ୍ୟକ୍ତ କରିବା ଯେତେ ସହଜସାଧ୍ୟ ଯେତେ ସ୍ୱାଭାବିକ, ପାଣ୍ଡିତପିଣ୍ଡିତ କଠିନ ନାରିକେଳୀ ଭାଷାରେ ତେତିକି ଦୁରୁହ। ପାଠକର ଏକାନ୍ତ ଆତ୍ମୀୟଭାବେ ଭାବପ୍ରକାଶ ପାଇଁ କବିପକ୍ଷେ ପାଠକର ନିତ୍ୟବ୍ୟବହୃତ ଲୌକିକଭାଷାର ଅଲଙ୍ଘ୍ୟ ପ୍ରୟୋଜନ ରହିଛି। ଏଣୁ କବି ବଳଦେବ ରଥ ନିଜର ପାଣ୍ଡିତ୍ୟ ବିଷୟରେ ସଦା ସଚେତନ ଥିବା ସତ୍ତ୍ୱେ ଏବଂ ସେ ଯେଉଁ ରାଜସଭାମଣ୍ଡଳ ପଣ୍ଡିତମଣ୍ଡଳୀ ଗହଣରେ ଚଳପ୍ରଚଳ ହେଉଥିଲେ, ତହିଁ ଲୌକିକଭାଷା ପ୍ରତି ପରଂପରାଗତ ତାତ୍ସଲ୍ୟ ସତ୍ତ୍ୱେ ତାହାଙ୍କ ରଚନାବଳୀରେ ଲୌକିକଭାଷାକୁ ସମଧିକ ପ୍ରାଧାନ୍ୟ ଦେଇଛନ୍ତି। (୧୪)

ଗୋପାଳକୃଷ୍ଣ ପଟ୍ଟନାୟକ :

ଭକ୍ତକବି ଗୋପାଳକୃଷ୍ଣଙ୍କ ଜନ୍ମ ପାରଳାଖେମୁଣ୍ଡିରେ। କବିଙ୍କ ପଦ୍ୟାବଳୀର ଅନେକ ପଦ୍ୟରେ ଦକ୍ଷିଣାଞ୍ଚଳୀୟ ଶବ୍ଦସମ୍ଭାର ପ୍ରୟୋଗ ପରିଦୃଷ୍ଟ ହୁଏ। ତନ୍ମଧ୍ୟରୁ କେତେକର ଉଦାହରଣ ପ୍ରଦାନ କରାଗଲା ।

୧। **ମୋ ଘେନି** ଦୁଃଖ ପାଉଥିଲ କେତେ ଯେ ତୁମ୍ଭ ବାଞ୍ଛା ପୂର୍ଣ୍ଣ କଲି।
୨। ବିଜେ **କରିବାର** ଦେଖି ମୋ ଆଖିର ସୁଖ ଅକୂପାର ଉଛୁଳିବ କି ?
୩। ଅଇଲି ସେ ସମୟ **ହେଜି** ମୁଁ କିସ
ପାଇଁ ସୁବଳଙ୍କୁ ଦଉଡାଇଲାରେ।
୪। ଗଳି **ପଡ଼ିଥିବାର** ତଳେ ମୁକୁତାହାର
ଗୋଟାଇ ଗୁନ୍ଥୁ ସ୍ରଜରେ, ମାନସ ।
୫। ରାସରେ **ତାତୁଲେ ପଳାଇ ଯିବାର**
କେତେ ନ ଥିଲେ କି ଗୋପବନ୍ଧୁ।
୬। ସୁଖେ **ଦିଆଇଲୁ** ତୋର ଆନର, ବରାଙ୍ଗି ।
୭। **ଫରଚାରେ** ମୁଁ, ଜାଣିଛି ଏତେ।
୮। **ଫରମାସ** କଲେ କରନ୍ତା ଘେନ।
୯। ଯେ ତାଙ୍କ ମନୋହରୀ ତା **ନଉକର** କରି
ଦିନ ନେବି ପଛକେ ଗୁମାନ ନାରେ ।
୧୦। ଦ୍ୱିତୀୟ **ବୋଲିବାର** କେହି ନାହିଁ ।
୧୧। ତୋତେ **ପଠିଆଇ** ଦେବ କେହି ବନରେ ।
୧୨। **ରୁହାଇଲା କେ** ତାଙ୍କୁ ବର୍ଣାକରି ।
୧୩। **ହସିହେବାର** କଥା କୁହାକୁହି।
୧୪। ଜଣ ଜଣାକୁ **କାଖିଆଇ** ପହଁରି ଏ ପାଖରେ ଛାଡିଦେଲା।
୧୫। କଞ୍ଚେ ଜିଇଥିଲେ **କିସ** କରିବାରେ।
୧୬। ଚାଲୁପାଦ କଣ୍ଟି କଣ୍ଟି ପଡୁଛି ନାନା **ଅରଷ୍ଟି**
ତୁଚ୍ଛାକୁ ଲୋକ ତରକି ବାନ୍ଧୁଛନ୍ତି ବାଟ।
୧୭। କେ **କିସ** କହି କି **ବିଗିଡ଼ାଇଲା** ରେ।
୧୮। ଆଗେ ମିଳିଗଲା କେଡ଼େ **ବେଗିରେ** ।
୧୯। **କୋପାଇଲା** ଯେ ସେ କି ପାଇଲା ମା ।
୨୦। ଜୀବ ଯିବାର **ଆଖର** ହେଲାନି ରସିକା ବର ।
୨୧। ଅଙ୍ଗାଳିରେ **ତୁ ଥିବାରୁ** କାନକୁ ସେ ଆସିବାର ।
ଅନାଅନି ଚମତ୍କାର ଭାବନା ତୋର ବାହାର ।
୨୨। ଅଙ୍ଗୀକାର କରି ଥରେ **ପଠିଆଅ** ଦୂତୀକି ।
୨୩। ନାରୀମଣୀ ଗୋ କହିଲେ ଫାଟଇ **ବୁକୁ** ।

୨୪। ଦିଅ ଉଡ଼ାଇଣ ପିଞ୍ଜରାଟି ଖୋଲି
ଆଖିରୁ **ହେନ୍ତୁ** ଅନ୍ତରରେ ।
୨୫। ବନରୁ **ଆସିବାର** କେବେହେଲେ ଉଚ୍ଛୁର
ନୀର ପୂରୁଛି ଯା'ର ନେତ୍ର ଯୁଗଳ ।
୨୬। ଯଶୋବନ୍ତୀ ଗୋ ସବୁ କଥା ଦିଏ **ଫାଙ୍କି** ।
୨୭। **ତବ ତବ** ପ୍ରେମ ଅଶ୍ରୁଧାର ।
୨୮। ରୁଣୁଝୁଣୁ ବାଜେ ନୂପୁର ପୟରେ ଘାଙ୍ଗୁଡି ସଙ୍ଗେ।
୨୯। ବନେ ଯିବା ପାଇଁ ବହା ହୋଇଲେଣି **ଚଙ୍ଗ ଚଙ୍ଗ** ।
୩୦। ଆଗେ ମୋ ବେପାର **ଘେନି**
ତାଙ୍କରି ହାତେ **କରିବି ବଇନି** ଗୋ,
କାଠ ଦେଖି ମନ ଯିବ ମାନି।
୩୧। ଗେଲେ ସିନା ଅଭିମାନ ଜଲ୍ପୁ,
କି ଘଟିବ ପଛେ ନ **ଚେତିଲୁ** ।
୩୨। ପଡ଼ିଯିବ ଝୁଣ୍ଟି ନ ପକାଇ ଦୃଷ୍ଟି
ଆଗରେ ରହିଛି **ଖଣାରେ** ମାନସ।
୩୩। ଗୁଳି ବାଜି ଯେହ୍ନେ **ଗଣ୍ଡିଯାଏ** ଫୁଟି।
୩୪। **କରୁଥିବାର** କେତେ ପରି ବୁଦ୍ଧି।
୩୫। ମୋହନ ରୀତି ଚିହ୍ନା ପଡ଼ିଲା **ମା** ।

ଓଡ଼ିଆ ଭାଷାର ଧାରାବାହିକ ଇତିହାସ ନିମିତ୍ତ ପ୍ରାଚୀନ ସାହିତ୍ୟର ମୌଳିକ ରଚନାର (ଶୁଦ୍ଧ ସଂସ୍କରଣ ନୁହେଁ) ଭାଷାନୁଧ୍ୟାନ ଅପରିହାର୍ଯ୍ୟ । ସ୍ଥାନ କାଳର ସୂଚନା ସମସାମୟିକ ସୃଷ୍ଟିରେ ପ୍ରତିବିମ୍ବିତ ହେବା ସ୍ୱାଭାବିକ। କିନ୍ତୁ ବର୍ତ୍ତମାନ ପ୍ରାଚୀନ ଗଦ୍ୟ କିମ୍ବା ପଦ୍ୟ ସୃଷ୍ଟିର ଶୁଦ୍ଧ ସଂସ୍କରଣ ଛାପିବାର ଚେଷ୍ଟା ଏତେ ତୀବ୍ର ହୋଇପଡ଼ିଛି ଯେ, ପ୍ରାଚୀନ ସାହିତ୍ୟରୁ ଭାଷାର ଇତିବୃତ୍ତକୁ ଉଦ୍ଧାର କରିବା ପ୍ରାୟ ଅସମ୍ଭବ ହୋଇପଡ଼ିଛି । ଏହାଦ୍ୱାରା ଖାଲି ଯେ ଭାଷାର କ୍ଷତି ହେଉଛି, ସେତିକି ନୁହେଁ, ସାହିତ୍ୟର ପ୍ରାଚୀନତା ମଧ୍ୟ ଲୋପ ପାଇଯାଉଛି। ପ୍ରାଚୀନ ସାହିତ୍ୟରୁ ଓଡ଼ିଆ ଭାଷାର ଇତିହାସ ଉଦ୍ଧାର କରିବା ଦିଗରେ ବା ଭାଷାତାତ୍ତ୍ୱିକ ତଥ୍ୟ ସଂଗ୍ରହ କରିବା ଦିଗରେ ଅତ୍ୟନ୍ତ ଉପାଦେୟ। ଗୋଟିଏ ଓଡ଼ିଆ ପୋଥିର ପ୍ରାଚୀନତାକୁ ପ୍ରତିଷ୍ଠିତ କରିବାକୁ ହେଲେ ପ୍ରଥମେ ପୋଥି ଭାଷାର ପ୍ରାଚୀନତାକୁ ଲକ୍ଷ୍ୟ କରିବାକୁ ହେବ। (୧୫)

ସାଧୀନତା ପରବର୍ତ୍ତୀ ଲିଖିତ ସାହିତ୍ୟରେ କଥିତଭାଷାର ପ୍ରୟୋଗ ଯେଉଁ ଭଳିଭାବେ ପରିଦୃଷ୍ଟ, ସେହି ତୁଳନାରେ ପ୍ରାଚୀନ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ପ୍ରାକୃତ ଭାଷାର ବହୁଳ ପ୍ରୟୋଗ

ପରିଲକ୍ଷିତ। ଲିଖିତ ସାହିତ୍ୟିକ ଭାଷା ଓ ଲୋକମୁଖର କଥିତଭାଷା - ଦୁଇଟି ଭିତରେ କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ହୋଇନାହିଁ। ସାହିତ୍ୟିକମାନେ ସୃଷ୍ଟି-ବୈଚିତ୍ର୍ୟକୁ ଚମତ୍କୃତ କରିବା ପାଇଁ କୃତ୍ରିମ (ତତ୍‌ସମ, ତଦ୍‌ଭବ, ବୈଦେଶିକ) ଶବ୍ଦର ଆଶ୍ରୟ ଗ୍ରହଣ କରିଥା'ନ୍ତି। ତେଣୁ ପାଠ୍ୟ-ପୁସ୍ତକ ଓ ସାହିତ୍ୟିକ ଭାଷାକୁ ଭାଷାରୂପେ ଗ୍ରହଣ କରିବାକୁ ଏମାନେ କୁଣ୍ଠିତ। କଥିତଭାଷା ପ୍ରତି ଏମାନେ ସଂପୂର୍ଣ୍ଣ ଅବହେଳା ପ୍ରଦର୍ଶନ କରିଥାନ୍ତି। ବାସ୍ତବରେ ସବୁ ଭାଷାରେ କଥିତ ଓ ମାନ୍ୟଭାଷା ଭିତରେ ଫାଙ୍କ ଅଛି। କିନ୍ତୁ ଯେଉଁ ଭାଷାରେ ଏହି ଫାଙ୍କ କମ୍ ଯେଉଁଠି ମାନ୍ୟଭାଷା ଓ କଥିତଭାଷା ମଧ୍ୟରେ ଚଳାଚଳ ସ୍ୱଚ୍ଛନ୍ଦ। ସେ'ଠି ମାନ୍ୟଭାଷା ବହୁଜନ ସମ୍ପଦ। (୧୬)

ଲିଖିତ ସାହିତ୍ୟରେ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଶବ୍ଦ ପ୍ରୟୋଗର ସାମାନ୍ୟ ସୂଚନା ଏଠାରେ ପ୍ରଦାନ କରାଗଲା। ଲୋକମୁଖ ପ୍ରଚଳିତ ଶବ୍ଦ(ସମ୍ଭାର)ର ଅର୍ଥ ବୈଚିତ୍ର୍ୟକୁ କ୍ଷୁଣ୍ଣ ନକରି, ଲିଖିତ ସାହିତ୍ୟକୁ ଜନପ୍ରିୟ କରିବା ଦିଗରେ କବି ତଥା ଲେଖକମାନଙ୍କ ଉଦ୍ୟମ ପ୍ରଶଂସନୀୟ। କାରଣ କଥିତଭାଷାର ଶବ୍ଦ ଆହରଣ କରିବା ସହଜ ହୋଇପାରେ, କିନ୍ତୁ ସେଗୁଡିକର ସଠିକ ପ୍ରୟୋଗରେ ହିଁ ଆହରଣର ସାର୍ଥକତା।

ନବମ ଅଧ୍ୟାୟର ପାଦଟୀକା

୧। ଓଡ଼ିଆ ଭାଷାର ଉପଭାଷା, ଡ. ସତ୍ୟନାରାୟଣ ରାଜଗୁରୁ, ପୃ ୧୬-୧୭

୨। ତତ୍ରୈବ, ପୃ ୨୩

୩। ତତ୍ରୈବ, ପୃ ୫୮

୪। ତତ୍ରୈବ ପୃ ୮୧-୮୨

୫। ପ୍ରସ୍ତାବ ଚିନ୍ତାମଣୀ, ସଙ୍କଳନ ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୭୭ ପୃ ୪୫

୬। ଓଡ଼ିଆ ଭାଷାର ଉପଭାଷା, ଡ. ସତ୍ୟନାରାୟଣ ରାଜଗୁରୁ, ପୃ ୯୫-୯୬

୭। ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ (୧୮୧୨-୧୯୦୦) ଶ୍ରୀନିବାସ ମିଶ୍ର, ବିଦ୍ୟାପୁରୀ, କଟକ, ୧୯୭୮, ପୃ ୨୮୭-୨୮୮

୮। ଓଡ଼ିଆ ସାହିତ୍ୟର ଇତିହାସ (୪ର୍ଥ ଭାଗ) ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ (୧୯୭୧)

୯। ମାମୁଁ, ଫକୀର ମୋହନ ସେନାପତି।

୧୦। ଝଙ୍କାର (ଡିସେମ୍ବର, ୧୯୮୩), ସ୍ୱାଧୀନତା ପରବର୍ତ୍ତୀ କାଳରେ ସାହିତ୍ୟିକ ଭାଷାର ପରିବର୍ତ୍ତନ ଓ କଥିତଭାଷା ସହ ସାହିତ୍ୟିକ ଭାଷାର ସମ୍ପର୍କ, ଡକ୍ଟର ଗଗନେନ୍ଦ୍ର ଦାସ, ପୃ. ୮୩୮

୧୧। ଶ୍ରୀ ରାଧାକୃଷ୍ଣ ପ୍ରେମାମୃତ ସିନ୍ଧୁ, ମୁକୁନ୍ଦ ପାଢୀ, ପାରଳାଖେମୁଣ୍ଡିର ଏହି ଦାନ ଡ. ମାୟାଧର ମାନସିଂହ, ପୃ ୧

୧୨। Post Graduate Magazine, Berhampur University, 1972-73, ଓଡ଼ିଆ ଶବ୍ଦପ୍ରୟୋଗ ଶୈଳୀର ଦିଗ୍‌ଦର୍ଶକ-କବିସୂର୍ଯ୍ୟ, ଡ. ବେଣୀମାଧବ ପାଢୀ, ପୃ ୧୫

୧୩। ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ, ଡକ୍‌ଟର କୁଞ୍ଜବିହାରୀ ତ୍ରିପାଠୀ, ପୃ ୧୩୭

୧୪। ବଳଦେବ ରଥ ଅଧ୍ୟୟନ, ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର (୧୯୮୧) ପୃ ୧୧୮

୧୫। ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ ଡ. ବିଜୟ ପ୍ରସାଦ ମହାପାତ୍ର, ପୃ ୧୩୧

୧୬। ଆସନ୍ତାକାଲି (ମାର୍ଚ୍ଚ ୧୯୮୧), ପ୍ରଥମ ଓ ଦ୍ୱିତୀୟ ଭାଷାରୂପେ ଓଡ଼ିଆ ଶିକ୍ଷା, ଡକ୍‌ଟର ଦେବୀପ୍ରସନ୍ନ ପଟ୍ଟନାୟକ, ପୃ ୭

□

ଦଶମ ଅଧ୍ୟାୟ

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ

ଦକ୍ଷିଣାଞ୍ଚଳୀୟ କଥିତ ଓଡ଼ିଆ ଭାଷାର ସ୍ୱରୂପ ଓଡ଼ିଶାର ପଶ୍ଚିମ କିମ୍ବା ଉତ୍ତରାଞ୍ଚଳୀୟ ଭାଷା ତୁଳନାରେ କିଞ୍ଚିତ ଭିନ୍ନ । ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଓ ଓଡ଼ିଶାର ରାଜନୈତିକ ଇତିହାସ ଭଳି ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାର ବ୍ୟବହାର ମଧ୍ୟ ପ୍ରାଚୀନ। ଏହାର ଉତ୍ପତ୍ତି ସମୟ ସଠିକଭାବେ ନିରୂପଣ କରିବା ସହଜ ନୁହେଁ । ଦକ୍ଷିଣ ଓଡ଼ିଶାର ପ୍ରଚଳିତ ଭାଷାରେ ଓଡ଼ିଆ, ତେଲୁଗୁ ଓ ଆଦିବାସୀ ଭାଷାର ମିଶ୍ରଣ-କଥିତଭାଷାରେ ଉଚ୍ଚାରଣଗତ, ବ୍ୟାକରଣଗତ ଓ ନୂତନ ଶବ୍ଦ ସମ୍ଭାର ସୃଷ୍ଟିରେ ଯଥେଷ୍ଟ ସହାୟକ ହୋଇଛି କହିବା ବାହୁଲ୍ୟ ମାତ୍ର। ସତନ୍ତ୍ରଭାବେ ପ୍ରତ୍ୟେକ ଭାଷାର ଆଲୋଚନା ଏଠାରେ କରାଯାଇ ନାହିଁ। କେବଳ କଥିତ ଓଡ଼ିଆ ଭାଷାରେ ଅନ୍ୟ କେଉଁ କେଉଁ ଭାଷାର ଶବ୍ଦସମୂହ ସଚ୍ଛନ୍ଦରେ କେଉଁ ଅର୍ଥରେ ବ୍ୟବହୃତ ହୋଇଛି ତା'ର ରୂପରେଖ ପୂର୍ବ ଅଧ୍ୟାୟଗୁଡ଼ିକରେ ସମ୍ୟକଭାବେ ବର୍ଣ୍ଣନା କରାଯାଇଅଛି।

ଦକ୍ଷିଣ ଓଡ଼ିଶାର ଅନ୍ତର୍ଗତ ଗଞ୍ଜାମ ଓ କୋରାପୁଟ ଉଭୟ ଜିଲ୍ଲାର ସମସ୍ତ ଅଞ୍ଚଳରେ ଜନସାଧାରଣଙ୍କ କଥିତ ଓଡ଼ିଆ ଭାଷାର ଉଚ୍ଚାରଣ ପଦ୍ଧତି ସମାନ ନୁହେଁ। ଅଞ୍ଚଳଭେଦରେ ପ୍ରାୟତଃ ଭାଷା ଓ ଉଚ୍ଚାରଣ ମଧ୍ୟରେ ପାର୍ଥକ୍ୟ ରହିବା ସ୍ୱାଭାବିକ। ଏ ଦୃଷ୍ଟିରୁ ବିଚାର କଲେ ଗଞ୍ଜାମ ଜିଲ୍ଲାକୁ ତିନିଭାଗରେ ବିଭକ୍ତ କରିବା ଯଥାର୍ଥ।



ବ୍ରହ୍ମପୁର ହେବ କେନ୍ଦ୍ରସ୍ଥଳୀ

(୧) ବ୍ରହ୍ମପୁରଠାରୁ ଛତ୍ରପୁର, ଗଞ୍ଜା, ରମ୍ଭା, ଖଲ୍ଲିକୋଟ ପର୍ଯ୍ୟନ୍ତ

(୨) ବ୍ରହ୍ମପୁରଠାରୁ ହିଞ୍ଜଳିକାଟୁ, ଆସିକା, ଭଞ୍ଜନଗର ପର୍ଯ୍ୟନ୍ତ

(୩) ବ୍ରହ୍ମପୁରଠାରୁ ଚିକିଟି, ଜରଡ଼ା, ସୁରଙ୍ଗି, ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ଠିକ୍ ସେହିଭଳି କୋରାପୁଟ ଜିଲ୍ଲା ଦୁଇ ଭାଗରେ ବିଭକ୍ତ ହେବ ।



ରାୟଗଡା ହେବ କେନ୍ଦ୍ରସ୍ଥଳୀ ।

(୧) ରାୟଗଡ଼ଠାରୁ କୋଇନାରା, ରାମନାଗୁଡ଼ା, ଗୁମୁଡା, ଗୁଣୁପୁର ପର୍ଯ୍ୟନ୍ତ

(୨) ରାୟଗଡ଼ଠାରୁ ଜୟପୁର, ଅମରକୋଟ, କୋଟପାଡ଼, ମାଲକାନଗିରି ପର୍ଯ୍ୟନ୍ତ ।

କିନ୍ତୁ ଆନ୍ଧ୍ରପ୍ରବାସୀ ଓଡ଼ିଆମାନଙ୍କ ଉଚ୍ଚାରଣ ଦୁଇଜିଲ୍ଲା ତୁଳନାରେ ସାମାନ୍ୟ ଭିନ୍ନତ ।



(ସାତନ୍ତ୍ର୍ୟ) ବହନ କରିଥାଏ। ଏଠାରେ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷାର ଆଞ୍ଚଳିକ ବିଶେଷତ୍ୱ ଉପରଲିଖିତ ବିଭାଗଗୁଡ଼ିକୁ ସ୍ୱତନ୍ତ୍ରଭାବେ ବିଶ୍ଳେଷଣ ନ କରି, ସାମଗ୍ରିକଭାବେ ସଂକ୍ଷିପ୍ତରେ ନିମ୍ନରେ ଦର୍ଶାଇଦିଆଯାଇଛି ।

(୧) ଓଡ଼ିଶାର ଅଧିକାଂଶ ଲୋକେ ଦକ୍ଷିଣାଞ୍ଚଳୀୟ ଓଡ଼ିଆକୁ 'ଗଞ୍ଜାମୀ' ଭାଷା ରୂପେ ଅଭିହିତ କରିଥାନ୍ତି । ଏଥିରେ ଗଞ୍ଜାମ ଲୋକଙ୍କ ଉଚ୍ଚାରଣ ପ୍ରାଧାନ୍ୟ ଥିବା କାରଣରୁ ବୋଧହୁଏ, ଏହିଭଳି କହିଥାନ୍ତି ।

(୨) ଏହି କଥିତ ଭାଷାକୁ କେତେକ 'ଦକ୍ଷିଣୀ' ଭାଷା ରୂପେ ନାମଙ୍କିତ କରିଥାନ୍ତି । ଆଞ୍ଚଳିକ ଭାଷା ଭିତ୍ତିଭୂମିରେ 'ଦକ୍ଷିଣୀ' ଶବ୍ଦର ପ୍ରୟୋଗ କେବଳ ଓଡ଼ିଆରେ କାହିଁକି, ଅନ୍ୟାନ୍ୟ ଭାଷାରେ ସୁଦ୍ଧା ଏହି ଶବ୍ଦର ପ୍ରଚଳନ ଦେଖାଯାଏ । ନିଗମଙ୍କ ଭାଷାରେ କହିବାକୁ ଗଲେ, 'ଦକ୍ଷିଣୀ' ଶବ୍ଦ ହେଉଛି- Apparently a spunious name as a mother tongue. According to Language Survey of India its name is given to serveral language according to the indication of direction by the people under reference. As for example for Punjabi's Jajpuri or for Awadhis Oriya were named Dakhini speeches. Similarly Marathy of Deccan was also known as Dakhini. (Census of India, 1971, Language hand book on Mother Tongues in census R.C.Nigam, Office of the Register General, India, Language Division Page-55)

(୩) ଦକ୍ଷିଣ ଓଡ଼ିଶାର ଲୋକଙ୍କ କଥନଭଙ୍ଗୀ ସ୍ୱତନ୍ତ୍ର । ଏମାନେ ସ୍ପଷ୍ଟଭାବେ ଉଚ୍ଚାରଣ କରିଥାନ୍ତି । ଏମାନଙ୍କ କଣ୍ଠରେ ଦୃଢ଼ୋକ୍ତି ପ୍ରକାଶ ପାଇଥାଏ । ତେଣୁ କେତେକ ଭାଷାବିତ୍ ଏହି ଅଞ୍ଚଳର ଉଚ୍ଚାରଣ ପଦ୍ଧତିକୁ 'ଦକ୍ଷିଣୀ ଟାଣ' (ଦକ୍ଷିଣାଞ୍ଚଳୀୟ ଓଡ଼ିଆ: ଡ. ଖଗେଶ୍ୱର ମହାପାତ୍ର, ପୃ-୧) ରୂପେ ପରିଚିତ କରିଥା'ନ୍ତି । ଲୋକଙ୍କ ଉଚ୍ଚାରଣ ପଦ୍ଧତିର ଦାମ୍ଭିକତା ହିଁ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

(୪) ସାଧାରଣତଃ ଏମାନଙ୍କ ଉଚ୍ଚାରଣ କର୍କଶ ମନେହୋଇଥାଏ । ଭାଷା ବ୍ୟବହାରର ନମ୍ରତା ଏମାନଙ୍କଠାରେ ଦେଖାଯାଏ ନାହିଁ । ଅବଶ୍ୟ "ପାଟିରେ ଗୋଟେ ପେଟରେ ଗୋଟେ" ଭଳି ଏମାନେ କଥାକୁ ବକ୍ରୋକ୍ତି କରନ୍ତି ନାହିଁ କିମ୍ବା ଏମାନଙ୍କ କଥାରେ ଛଳନାର ଆଚରଣ ନଥାଏ । ସ୍ପଷ୍ଟ ସହଜରେ ଭାବବ୍ୟକ୍ତ କରିବାକୁ ଏମାନେ ସକ୍ଷମ ହୋଇଥାନ୍ତି । ଯଥା :

ଜଣେ ଅନ୍ୟଜଣକୁ ଅଭିମାନଜନିତ ଅନୁରୋଧ କଣ୍ଠରେ କହୁଛି,- ମୁଇ କଉଟି ପଳିଆ, ଭଲରେ ଆଇବୁ ତ ଆ, ନ ଆଇବୁ ବଇଲେ ମାତ୍ର, କେବେ ମିସା ଆସିବାକୁ ହେବନି । (ଅର୍ଥ:- ମୁଁ କହୁଛି, ଚାଲିଆସ, ଭଲରେ ଆସିବୁ ଯଦି ଆସ । ନ ଆସିଲେ କେବେ ବି ଏଠାକୁ ଆସିବାକୁ ହେବ ନାହିଁ ।)

ଏବଂ ଏମାନେ ଶବ୍ଦ ଶେଷରେ 'ମ' ଅଧିକ ବ୍ୟବହାର କରିଥାନ୍ତି-

୧ମ-ତୁଇ ଆଇବୁ ନା ନାଇମ ?

୨ୟ-ନାଇ ।

୧ମ-ନ ଆଇଲେ ନାଇମ, କା'କୁ ଡରାଣି ଡରଉଛୁ ।

୨ୟ-ଯା' ଯା'ମ, ତତେ କିଏ ତରୁଛି ?

ଉପରୋକ୍ତ ଦୁଇଟି ଉଦାହରଣ ଦେଖିଲେ ବାହ୍ୟତଃ ଏହା କ୍ରୋଧପ୍ରକାଶିତ ଭଳି ମନେ ହୋଇଥାଏ, କିନ୍ତୁ ବାସ୍ତବରେ ସେ ଉଦ୍ଦେଶ୍ୟରେ ଏମାନେ ବ୍ୟବହାର କରିନଥାନ୍ତି । ଏମାନଙ୍କ କହିବାଭଙ୍ଗୀ ଏମିତି, ଏହା ହିଁ ବିଶେଷତ୍ୱ ।

(୫) ଏ ଅଞ୍ଚଳଗୁଡ଼ିକରେ କେତେକ ନୂତନ ମୌଳିକ ଶବ୍ଦ ପ୍ରୟୋଗ ଦେଖାଯାଏ, ଯଥା : ମିସା, ଏକ୍‌କା, ସଟିଆଦି ଅବ୍ୟୟ ଏବଂ ୟାଙ୍କେ, ତାକେ, ଏତାଭଳି ଅନେକ ସର୍ବନାମ ପଦ ।

(୬) ଏପରିକି ଅକୃତ୍ରିମ ଓଡ଼ିଆ ଭାଷା କେବଳ ଗଞ୍ଜାମରେ ହିଁ ମିଳିବା ସମ୍ଭବ । ସେସବୁ କେବଳ ଢଙ୍ଗରେ ମାତ୍ର ଯାହା ଦକ୍ଷିଣୀ । (ଓଡ଼ିଆ ଲୋକନାଟ୍ୟ, ଗଞ୍ଜାମ ଲୋକନାଟ୍ୟ ଓ ନାଟକ ଶ୍ରୀ ତାରିଣୀ ଚରଣ ପାତ୍ର, ପୃ-୨୭୧)

(୭) ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ଶାସନୀ ଗ୍ରାମଗୁଡ଼ିକର ବ୍ରାହ୍ମଣମାନଙ୍କ ଉଚ୍ଚାରଣରେ କିଞ୍ଚିତ୍ ଭିନ୍ନତା ପରିଲକ୍ଷିତ ହୁଏ । ସଂସ୍କୃତାନୁସାରି ଶୁଦ୍ଧ ଉଚ୍ଚାରଣବ୍ୟାକୁଳତା ଏମାନଙ୍କ କଥିତଭାଷାକୁ ସମୟେ ସମୟେ ବିକୃତ କରିଥାଏ ।

(୮) ବିଶେଷତଃ 'ଲ', 'ଲୋ'ର ପ୍ରୟୋଗ ଏଠାରେ ଅଧିକ ଦେଖାଯାଇଥାଏ, ଯଥା : କି-ଲ, ଆଲ,' ଯା-'ଲ' । ଆଉ କେତେ ସ୍ଥଳରେ ବାପ-ଲ, ମା-ଲ ବୋଲି ମଧ୍ୟ କହିଥା'ନ୍ତି ।

(୯) ସମୟେ ସମୟେ ଏମାନଙ୍କ ଭାଷାରେ 'ଗୁରୁଚଣ୍ଡାଳ ଦୋଷ' ପରିଦୃଶ୍ୟ ହୁଏ । ଯଥା : 'ବିଶାଲ ଶସ୍ୟଶ୍ୟାମଳ କ୍ଷେତରେ ନାକାଟି ଧାବୁଡି ପଳେଇଲା' ।
ନାକା-ବିଲୁଆ, ଧାବୁଡି-ଧାଇଁ, ପଳେଇଲା-ଚାଲିଗଲା ।

(୧୦) ଦକ୍ଷିଣାଞ୍ଚଳୀୟ ଓଡ଼ିଆରେ 'ଉ'କାର ଉଚ୍ଚାରଣ ବହୁଳ ପ୍ରୟୋଗ ଦେଖାଯାଏ । ସାଧାରଣତଃ ଏମାନେ ହଳନ୍ତ ପଦକୁ ତେଲୁଗୁ ଭାଷାରେ ଧ୍ୱନିଗତ ପରୋକ୍ଷ ପ୍ରଭାବରେ ପ୍ରଭାବିତ ହୋଇ 'ଉ'କାର ଉଚ୍ଚାରଣ କରିଥିବା ମନେହୁଏ ।
ବାସୁଟା ବଡ଼ ରାସୁ-ବସ୍‌ଟି ଖୁବ୍ ଭିଡ଼
Bus-ବସ/ବାସୁ, Rush -ରସ୍/ରାସୁ

(୧୧) ଇଂରାଜୀ ଭାଷାର ବ୍ୟଞ୍ଜନସନ୍ଧିଯୁକ୍ତ ଶବ୍ଦଗୁଡିକୁ ଏମାନେ ଶୁଦ୍ଧଭାବେ ଉଚ୍ଚାରଣ କରିପାରନ୍ତି ନାହିଁ । ଯଥା:-
Lodge -ଲାଡ୍‌ଜ, ଲଡ୍‌ଜ
Budget- ବାଡ୍‌ଜେଟ

(୧୨) ଏମାନଙ୍କ କଥିତଭାଷାରେ କେତେକ ତତ୍ ସମ ଶବ୍ଦ, ତା'ର ପ୍ରକୃତ ଅର୍ଥ ପ୍ରକାଶ ନ କରି, ଏହାର ଠିକ୍ ବିପରୀତ ଅର୍ଥ ପ୍ରକାଶ କରିଥା'ନ୍ତି ।

ତନ୍ଦ୍ରା : ସଂସ୍କୃତରେ ଅର୍ଦ୍ଧମୁଦ୍ରିତ ନୟନ କିମ୍ବା ଆଳସ୍ୟ ଅର୍ଥରେ ଏହା ବ୍ୟବହୃତ । କିନ୍ତୁ ଦକ୍ଷିଣ

ଓଡ଼ିଶାରେ ଏହି (ତନ୍ଦ୍ରା) ଶବ୍ଦଟି ଶୀଘ୍ର ବା ତତ୍ପର ଅର୍ଥରେ ପ୍ରକାଶ ପାଇଥାଏ।
- ତନ୍ଦ୍ରା କାଇଁକି କରୁଛ ?

ଅପ୍ରବଳ: କୋରାପୁଟ ଜିଲ୍ଲାରେ ଏହାର ପ୍ରଚଳନ। ତତ୍‌ସମ ପ୍ରବଳ ଶବ୍ଦର ରୂପାନ୍ତର ଘଟି 'ଅ' ଆଗମ ହୋଇଛି। ଏହା ପ୍ରବଳ ବା ଅଧିକ ଅର୍ଥରେ ବ୍ୟବହୃତ।
- ଅପ୍ରବଳ ଲୁକ ହୋଇଛନ୍ତି ।

(୧୩) 'ନା' ଦିଆ ବା 'ନା' ଭାଙ୍ଗିବା ଦକ୍ଷିଣାଞ୍ଚଳ ଓଡ଼ିଆର ଆଉ ଏକ ବିଶେଷତ୍ୱ। ସାଧାରଣତଃ ଲୋକମାନେ ଆକ୍ଷେପମୂଳକ ଭାବେ, କୌଣସି ଅପ୍ରୀତିକର ଘଟଣାକୁ କେନ୍ଦ୍ରକରି ବ୍ୟକ୍ତିବିଶେଷକୁ ବ୍ୟଙ୍ଗରେ ବିଭିନ୍ନ ନାମ ପ୍ରଦାନ କରିଥା'ନ୍ତି। ଏହି ନାମଗୁଡ଼ିକର ମହତ୍ତ୍ୱ ଯେତିକି ମର୍ମସ୍ପର୍ଶୀ, ଏହାର ସ୍ଥାୟିତ୍ୱ ମଧ୍ୟ ସେହି ଅନୁପାତରେ ବଢ଼ିଥାଏ। ଉଦାହରଣ ସ୍ୱରୂପ ଏଠାରେ ଗୋଟିଏ ନାମର ପ୍ରଦାନ କରାଗଲା।

ମାର୍ଗୁଲି :

ବର୍ତ୍ତମାନ 'ମାର୍ଗୁଲି ଗର' କହିଲେ ଗୋଟିଏ ସ୍ୱତନ୍ତ୍ର ଘରକୁ ବୁଝାଏ। ଏଠାରେ ରାମ, ଦାମ ଭଳି ମାର୍ଗୁଲି କୌଣସି ବ୍ୟକ୍ତିର ପ୍ରକୃତ ନାମ ନୁହେଁ। ଏହି ନାମଟି ପଛରେ ଛୋଟ ଘଟଣାଟିଏ ଲୁକ୍‌କାୟିତ ରହିଛି। ସେହି "ମାର୍ଗୁଲି ଘର" ପୂର୍ବପୁରୁଷର କୌଣସି ବ୍ୟକ୍ତି ପ୍ରତି କଥାରେ 'ଗୁଲି-ମାର' ଶବ୍ଦଟି ପୁନଃ ପୁନଃ କହିଥାଏ। ଖାତିରି ନ କରିବା, ଉଡ଼େଇ ଦବା, ଅର୍ଥରେ ଏହି ଶବ୍ଦଟି ସେ ବ୍ୟବହାର କରୁଥିଲେ। ତା'ର ହାସ୍ୟରସିକ ବନ୍ଧୁଗଣ ତାକୁ 'ମାର୍ଗୁଲି' ବୋଲି ଡାକିଲେ। କାରଣ 'ଗୁଲିମାର' ଶବ୍ଦଟି ବୋଧହୁଏ ସେମାନଙ୍କୁ ଶ୍ରୁତିକଟୁ ବୋଧ ହୋଇଥିବ। ତେଣୁ ଏହାକୁ ଆଗପଛ କରି 'ମାର-ଗୁଲି' ବା "ମାର୍ଗୁଲି" ପରିବର୍ତ୍ତନ କରିଦେଲେ। ସେହି ବ୍ୟକ୍ତି ପଚାଶ ବର୍ଷ ପୂର୍ବରୁ ମଲେଣି ଅଥଚ ତାଙ୍କ ନାତିନାତୁଣୀମାନଙ୍କୁ ପଡ଼ୋଶୀଗଣ 'ମାର୍ଗୁଲି ଘରର ପିଲାମାନେ' ବୋଲି କହିଥା'ନ୍ତି। 'ମାର୍ଗୁଲି ଭଳି ଅନେକ ଶବ୍ଦ ପରବର୍ତ୍ତୀ ସମୟରେ ଅର୍ଥହୀନ ହୋଇ ପ୍ରଚଳିତ ହୋଇଆସୁଛି। ଏହାର ମଧ୍ୟ କ୍ରମଶଃ ବିଲୋପ ଘଟିଛି। ଏପରିକି ସଂପୂର୍ଣ୍ଣ ଲୋପପାଇଥିବା ଶବ୍ଦକୁ ସ୍ମରଣ କରିବାକୁ ସୁଯୋଗ ପାଇ ନ ଥାଉ। ଏହି ଶବ୍ଦଗୁଡିକ ଲୋକମୁଖରେ ସୃଷ୍ଟି ହୋଇ କୌଣସି କାରଣବଶତଃ ପରେ ପରେ ଲୋପ ହୋଇଯାଆନ୍ତି।

(୧୪) ଶବ୍ଦ ପରିବର୍ତ୍ତନ ପାଇଁ ରାଜନୈତିକ କାରଣ ହେଉଛି ଅନ୍ୟତମ। ସମସ୍ତଙ୍କ ଜ୍ଞାତସାରରେ ଗୋଟିଏ ଶବ୍ଦ ରୂପଗତ ଓ ଅର୍ଥଗତ ପରିବର୍ତ୍ତନ ହୋଇଯାଇଥାଏ। ଏଠାରେ ଗୋଟିଏ ଗ୍ରାମର ଦୃଷ୍ଟାନ୍ତ ପ୍ରଦତ୍ତ ହେଲା। ପାରଳା ସବ୍‌ଡିଭିଜନର ଅନ୍ତର୍ଗତ ଏକ ଗ୍ରାମର ନାମ ଥିଲା - 'ଲହୁଣିଆଗଡ଼'। ଦୁଧ, ଦହି, ଛେନା ପ୍ରଚୁର ପରିମାଣରେ ଏହି ଅଞ୍ଚଳରେ ମିଳିବା ହେତୁ ଗ୍ରାମର ନାମ 'ଲହୁଣିଆଗଡ଼' ଥିବା ଯଥାର୍ଥ। ପରବର୍ତ୍ତୀ ସମୟରେ

ଅଣଓଡ଼ିଆମାନେ ସର୍ଭେ କରିବା ବେଳେ ଏହି ଶବ୍ଦଟିକୁ ଠିକ୍ ଅର୍ଥ ବା ଠିକ୍ ଉଚ୍ଚାରଣ କରି ନ ପାରି 'ଲାଉନିଆଗଡ଼'(Launia Garh) ରୂପେ ପରିବର୍ତ୍ତିତ କରି ଲିପିବଦ୍ଧ କଲେ। ପରେ ଓଡ଼ିଆ କର୍ମଚାରୀମାନେ ଏହି ଦାୟିତ୍ୱ ଗ୍ରହଣ କରି 'ଲାଉନିଆ' ଶବ୍ଦକୁ ଅର୍ଥହୀନ ମନେ କରି ଏହାକୁ 'ଲାବଣ୍ୟଗଡ଼' ରୂପେ ସଂଶୋଧିତ କରିଥିଲେ। କିଛି ବର୍ଷତଳର ଅର୍ଥପୂର୍ଣ୍ଣ 'ଲହୁଣିଆଗଡ଼' ନାମଟି ଆଜି 'ଲାବଣ୍ୟଗଡ଼' ରୂପେ ପରିଚିତ।

ପ୍ରକୃତ ଶବ୍ଦ	ଅର୍ଥହୀନ ରୂପାନ୍ତର	ସଂଶୋଧିତ ଶବ୍ଦ
ଲହୁଣିଆ ଗଡ଼	ଲାଉନିଆ ଗଡ଼	ଲାବଣ୍ୟ ଗଡ଼
LAUNIA GARH		
ଉଦ୍ଦେଶ୍ୟ ଓ ଅର୍ଥପୂର୍ଣ୍ଣ	ଅର୍ଥହୀନ	ସଂଦେହାତ୍ମକ ସଂଶୋଧନ

(୧୫) ଅଶ୍ଳୀଳ ଶବ୍ଦ ପ୍ରୟୋଗ-ଦକ୍ଷିଣାଞ୍ଚଳ କଥିତ ଓଡ଼ିଆର ଅନ୍ୟ ଏକ ବୈଶିଷ୍ଟ୍ୟ। ସ୍ଥାନ, କାଳ, ପାତ୍ର, ସୌଜନ୍ୟତାକୁ ଭ୍ରୂକ୍ଷେପ ନ କରି ନିର୍ବିକାର ଭାବେ ଏହି ଶବ୍ଦଗୁଡିକୁ ଏମାନେ ବ୍ୟବହାର କରିଥାନ୍ତି। ଅବଶ୍ୟ ଏହା ଶୁତିକଟୁ ଓ ଅଶିକ୍ଷା। ଏପରିକି ଛୋଟ ଶିଶୁ କଥା କହିବା ଆରମ୍ଭରେ ଯେତେବେଳେ ଏହି ଅଶ୍ଳୀଳାର୍ଥକୁ ଶବ୍ଦଗୁଡିକ ଦରୋଟି ବଚନରେ ଉଚ୍ଚାରଣ କରନ୍ତି, ସେତେବେଳେ ସେ ଦୃଶ୍ୟ ଶିଶୁର ଗୁରୁଜନମାନଙ୍କ ପାଇଁ ଆମୋଦର ବସ୍ତୁ ହୋଇଥାଏ ଏବଂ ସେମାନେ ଅଧିକ କହିବା ପାଇଁ ଉତ୍ସାହ ପ୍ରଦାନ କରନ୍ତି। ଅଶିକ୍ଷିତ, ଗ୍ରାମ୍ୟ, ଛୋଟ ଜାତିର ଯୁବକ, ବୟସ୍କ ଓ ବୃଦ୍ଧମାନଙ୍କ ସାଧାରଣ କଥାବାର୍ତ୍ତାରେ ଶତକଡ଼ା ୩୦/୪୦ ଭାଗ ଅଶ୍ଳୀଳ ଶବ୍ଦ ପ୍ରୟୋଗ ହୋଇଥାଏ। ଏଥିପାଇଁ ଗୁରୁଜନ ଶ୍ରେଣୀୟ ବ୍ୟକ୍ତିମାନେ ହିଁ ମୁଖ୍ୟତଃ ଦାୟୀ। କାରଣ ସେମାନଙ୍କ କଥନଭଙ୍ଗୀକୁ ଅଳ୍ପ ଶିଶୁ-ସମାଜ ଅନୁକରଣ କରିଥାନ୍ତି। ଯଦି ଏମାନେ ଏହି ଶବ୍ଦ ପ୍ରୟୋଗର ମୂଳପୋଛ ପାଇଁ ଶିଶୁମାନଙ୍କୁ ଆଦ୍ୟରୁ ଶାସନ କରିଥା'ନ୍ତେ, ତେବେ ବର୍ତ୍ତମାନ ଭଳି ବହୁଳ ଶବ୍ଦ ପ୍ରୟୋଗ ରହିନଥା'ନ୍ତା ।

ବାସ୍ତବ ଦୃଷ୍ଟିକୋଣରୁ ବିଚାରକଲେ ଜଣାଯାଏ ଯେ, ସମସ୍ତେ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ଅଶ୍ଳୀଳ ଅର୍ଥରେ ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରିନଥା'ନ୍ତି। କେତେକ ବ୍ୟକ୍ତି କ୍ରୋଧରେ, କେତେକ ଗାଳି ଦେବା ସମୟରେ, ଆଉ କେତେ ଅନ୍ତରଙ୍ଗ ବନ୍ଧୁମାନଙ୍କୁ ସ୍ନେହ ଓ ଶ୍ରଦ୍ଧାରେ ଏହି ଶବ୍ଦଗୁଡ଼ିକ କଥା କହିଲା ବେଳେ ପ୍ରୟୋଗ କରିଥା'ନ୍ତି। ସବୁ ସମୟରେ ଏମାନେ ଏ ଶବ୍ଦଗୁଡ଼ିକ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରନ୍ତି ନାହିଁ, ଯେକେହି ହେଲେ ଏହା ସ୍ୱୀକାର କରିବ।

ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାରେ କେତୋଟି ଅଶ୍ଳୀଳ-ଅର୍ଥ-ବୋଧକ ଶବ୍ଦ ଭଲ ଅର୍ଥରେ ବ୍ୟବହାର ହୋଇଥାଏ। ଯଥା :-

ଗେଇଁଦେଲା= ନେଇଗଲା (ଜିନିଷକୁ ନିଜେ ପ୍ରଦାନ କରି ଫେରି ପାଇବାର ଆଶା ନ ରଖିବା ବା ଜଣେ ଅନ୍ୟଜଣାଙ୍କଠାରୁ ଠକି ନେଇଯିବା କିମ୍ବା ନ ପଚାରି ନେଇଯିବା)
ଚୁକି ଗଲା=ନଷ୍ଟ ହୋଇଗଲା

ସାମାଜିକ ଶୃଙ୍ଖଳା କିମ୍ବା ଶିଷ୍ଟାଚାର ଦୃଷ୍ଟିକୋଣରୁ ହେଉ କଥିତଭାଷାରେ ଅଶ୍ଳୀଳ ଅର୍ଥପ୍ରକଟିତ ଶବ୍ଦଗୁଡିକର ବ୍ୟବହାରକୁ ବିସ୍ତାର କରିବାପାଇଁ ସୁଯୋଗ ଦେବା ଅନୁଚିତ। କାରଣ ଏହାଦ୍ୱାରା ଭାଷାରେ ଶବ୍ଦସଂକୁଚିତ ହେବାର ସମ୍ଭାବନା ଯଥେଷ୍ଟ ରହିଛି। ଏତଦ୍‌ବ୍ୟତୀତ ଗୁରୁଜନ ଶ୍ରେଣୀୟ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିବୃନ୍ଦ ଘରର ଅନ୍ୟାନ୍ୟ ଛୋଟମାନଙ୍କ ସମ୍ମୁଖରେ ସହଜ ଓ ସ୍ୱାଭାବିକ ଭାବରେ ଏ ଶବ୍ଦଗୁଡ଼ିକ ବ୍ୟବହାର କରିବା ବାଞ୍ଛନୀୟ ନୁହେଁ।

□

ପରିଶିଷ୍ଟ

ସହାୟକ ଗ୍ରନ୍ଥସୂଚୀ :

ଓଡ଼ିଆ

୧। ଆଧୁନିକ ଓଡ଼ିଆ ଗଦ୍ୟ-ସାହିତ୍ୟ (୧୮୨୧-୧୯୨୦) ଡ. ଶ୍ରୀନିବାସ ମିଶ୍ର, ବିଦ୍ୟାପୁରୀ, ୧୯୭୮।

୨। ଓଡ଼ିଆ ଭାଷାତତ୍ତ୍ୱ, ପଣ୍ଡିତ ଗୋପୀନାଥ ନନ୍ଦଶର୍ମା, ମୁକୁର ପ୍ରେସ, ୧୯୨୭।

୩। ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ, ଗୋପୀନାଥ ନନ୍ଦଶର୍ମା ।

୪। ଓଡ଼ିଆ ଭାଷାର ଇତିହାସ, ପଣ୍ଡିତ ବିନାୟକ ମିଶ୍ର, ୧୯୨୭।

୫। ଓଡ଼ିଆ ଭାଷାର ରୂପତତ୍ତ୍ୱ, ଡକ୍ଟର ବେଣୀମାଧବ ପାଢୀ, ପୁସ୍ତକଭଣ୍ଡାର, ୧୯୭୨।

୬। ଓଡ଼ିଆ ଭାଷାର ଉପଭାଷା, ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୧୯୮୨।

୭। ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ, ଡକ୍ଟର ବିଜୟ ପ୍ରସାଦ ମହାପାତ୍ର, ଗ୍ରନ୍ଥମନ୍ଦିର, ୧୯୮୩।

୮। ଓଡ଼ିଆ ଶବ୍ଦସମ୍ଭାର, ଡକ୍ଟର ଦେବେନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୭୯।

୯। ଓଡ଼ିଆ ଆନ୍ଦୋଳନର ଇତିହାସ, ପଣ୍ଡିତ ବାଇକୋଳି ମହାପାତ୍ର, ଗୋପବନ୍ଧୁ ସାହିତ୍ୟ ମନ୍ଦିର, ୧୯୭୯।

୧୦। ଓଡ଼ିଆ ଲିପି ଓ ଭାଷା ସଂକଳନ- ଓଡ଼ିଆ ସାହିତ୍ୟ ଏକାଡ଼େମୀ, ୧୯୮୨।

୧୧। ଓଡ଼ିଆ ଲିପି ଓ ଭାଷା, ଡକ୍‌ଟର ଖଗେଶ୍ୱର ମହାପାତ୍ର, ଗ୍ରନ୍ଥମନ୍ଦିର, ୧୯୮୦।

୧୨। ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ, ଡକ୍‌ଟର କୁଞ୍ଜବିହାରୀ ତ୍ରିପାଠୀ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୭୭।

୧୩। ଓଡ଼ିଆ ସାହିତ୍ୟର ଇତିହାସ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ (୪ର୍ଥ ଭାଗ), ୧୯୭୧।

୧୪। ଓଡ଼ିଆ ଭାଷାର ବ୍ୟାକରଣ, ଗଦାଧର ବିଦ୍ୟାବାଗୀଶ (ଖ୍ରୀ:୧୮୦୬) ସଂକଳକ ମହେଶ ଚନ୍ଦ୍ର ମହାପାତ୍ର, ଗୋପବନ୍ଧୁ ସାହିତ୍ୟ ମନ୍ଦିର, ୧୯୮୨।

୧୫। ଗୋପାଳକୃଷ୍ଣ ଗ୍ରନ୍ଥାବଳୀ, ସଂକଳକ-ସରୋଜ କୁମାର ପାଣିଗ୍ରାହୀ, ଓଡ଼ିଶା କୋହୀନୂର ପ୍ରେସ।

୧୬। ଦକ୍ଷିଣାଞ୍ଚଳୀୟ ଓଡ଼ିଆ, ଡକ୍‌ଟର ଖଗେଶ୍ୱର ମହାପାତ୍ର, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା , ୧୯୭୬।

୧୭। ଧ୍ୱନି ବିଜ୍ଞାନ, ଗୋଲକ ବିହାରୀ ଧଳ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୧୯୭୪।

୧୮। ନିବନ୍ଧମାଳା (୨ୟ ଖଣ୍ଡ)- ରବୀନ୍ଦ୍ର ଠାକୁର, ଅନୁବାଦକ-ଶ୍ରୀ ଚିନ୍ତାମଣି ବେହେରା, ଗ୍ରନ୍ଥମନ୍ଦିର, ୧୯୭୭।

୧୯। ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଗୋପାଳଚନ୍ଦ୍ର ପ୍ରହରାଜ, ୧୯୩୦-୪୦ (ସାତଟି ଖଣ୍ଡ)।

୨୦। ପ୍ରବନ୍ଧ ପ୍ରବାହ-ଶଶିଭୂଷଣ ରାୟ, ୧୯୫୮।

୨୧। ପ୍ରବଚନ ଓ ପ୍ରବାଦ ସଂଗ୍ରହ- ଅଧ୍ୟାପକ ସର୍ବେଶ୍ୱର ଦାସ, ଗ୍ରନ୍ଥମନ୍ଦିର ୧୯୬୧।

୨୨। ପ୍ରବନ୍ଧାବଳୀ, ଶ୍ୟାମସୁନ୍ଦର ରାଜଗୁରୁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ।

୨୩। ପ୍ରସ୍ତାବ ଚିନ୍ତାମଣି, ସଂ-ଡକ୍‌ଟର ସତ୍ୟନାରାୟଣ ରାଜଗୁରୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ୧୯୭୭।

୨୪। ବଳଦେବ ରଥ ଅଧ୍ୟୟନ, ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର, ଗ୍ରନ୍ଥମନ୍ଦିର, ୧୯୮୧

୨୫। ବଲାଙ୍ଗୀର ଉପଭାଷା ଏକ ପର୍ଯ୍ୟବେକ୍ଷଣ, (ଅପ୍ରକାଶିତ), ସନ୍ତୋଷିନୀ ପଣ୍ଡା (ଏମ୍.ଫିଲ୍. ଡିସରଟେସନ୍)

୨୬। ମାମୁଁ- ଫକୀର ମୋହନ ସେନାପତି।

୨୭। ସରଳ ଭାଷାତତ୍ତ୍ୱ-ଶ୍ରୀ ଗିରିଜାଶଙ୍କର ରାୟ,୧୯୦୬ ।

ହିନ୍ଦୀ

୧। ଭାଷାବିଜ୍ଞାନ-ଡକ୍‌ଟର ଶ୍ୟାମସୁନ୍ଦର ଦାସ, ୧୯୬୬

୨। ରାଷ୍ଟ୍ରଭାଷା ରଜତ ଜୟନ୍ତୀ ଗ୍ରନ୍ଥ।

ଇଂରାଜୀ

1. A Report on the Mamools in Ganjam Agency-Shri Udayanath Patnaik, Part 1,1947.
2. A Statistical Atlas of the Madras Presidency, Chatles Benson, 1895.
3. An Anchalika-Sadbakosh of the Oriya Language,Vol-1 (Western and Southern Oriya), Dr. K.B.Tripathy, Berhampur University.
4. An Introduction to Linguistics for Language Teachers, N.Krishnaswamy, Somaiya publications Pvt. Ltd., Bombay Reprint-1975
5. Census of India-1971, Orissa, Series-16, Part-11 C(i)
6. Encyclopaedea of the social sciences, Vol.-5-6; Dialect-Edward sapir, The Macmillan Company, 15th print,1963

7. Gazetters of India, Orissa, Koraput,-N.Senapati and Dr. N. K.Sahu,1966.
8. History of Orissa; Dr. K. C. Panigrahi, Kitab, Kitab Mahal, 1981
9. Language; Leonard Bloomfield, Motilal Banarasidass Reprint - 1980
10. Language in the Modern World, Simemon potter.
11. Linguistic survey of India; G. A. Grierson, Vol-V, Part-II, Reprint - 1968.
12. Orissa History Congress-1977
13. Orissa District Gazetteers, Koraput- R. C. S. Bell, 1945
14. Saura-English Dictionary-Rao Sahib G.V.Rammurty,1933.
15. Telgu phonetic Readers; J.Venkateswara Sastri,Central Institute of Indian language, Mysore-6,1972
16. The Linguistic Science and language Teaching; M.A.K Haliday, Angus Mclntosh and P.Strevens, ELBS, 1970
17. The Evolution of Oriya language and script; Dr. K.B. Tripathy, Utkal University,1962.
18. The History of Language, Henry Sweet, 1916
19. The Ganjam District Mannual; T. J. Maltby, 1918
20. Tribal Koraput; P. G. Sinha.

ପତ୍ରପତ୍ରିକା

ଆସନ୍ତାକାଲି କବିଗବି କୋରାପୁଟ
ଗଞ୍ଜାମ କଳାପରିଷଦ ରଜତ ଜୟନ୍ତୀ ଝଙ୍କାର ପଞ୍ଚଶର
ସ୍ମରଣିକା ମାନସ

□ X □

ISBN 81 - 7586 - 174 - 6

ଓଡ଼ିଶା ସାହିତ୍ୟ ଏକାଡେମୀ